

ସମ୍ବିଧାନ ପ୍ରଣେତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



'ଛାଭା'ରେ ନଜର ଆସିବେ ଭିକି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୩୭ Vol. 21 No-237 26 NOVEMBER 2024 TUESDAY BHUBANESWAR ମଙ୍ଗଳବାର, ୨୬ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଆଜିଠୁ ବିଧାନସଭା ଶୀତ ଅଧିବେଶନ

# ପ୍ରଥମ ଦିନରେ ଅତିରିକ୍ତ ବଜେଟ୍

**ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ**

**ବିରୋଧୀ ଦଳଙ୍କ ରଣନୀତି ଚୂଡ଼ାନ୍ତ**

**ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ**

**ବିରୋଧୀଙ୍କ ସବୁ ପ୍ରଶ୍ନର ଜବାବ ପାଇଁ ପ୍ରସ୍ତୁତ: ସଂସଦୀୟ ବ୍ୟାପାର ମନ୍ତ୍ରୀ**



ଭୁବନେଶ୍ୱର, ୨୫।୧୧ (ଭାସ୍କର ନ୍ୟୁଜ): ୧୭ତମ ବିଧାନସଭାର ଶୀତକାଳୀନ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟ ଦିବସ ରହିଛି। ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ। ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ବିଧାନସଭା ସୁରକ୍ଷା ବ୍ୟବସ୍ଥାର • ପୃଷ୍ଠା ୫ ଦେଖନ୍ତୁ

## ସଂସଦ ଶୀତକାଳୀନ ଅଧିବେଶନ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ସଂସଦ ଆମର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ

ନୂଆଦିଲ୍ଲୀ, ୨୫।୧୧: ସଂସଦ ହେଉଛି ଆମପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସଂସଦ ପାଇଁ ସୁସ୍ଥ ଆଲୋଚନା କରିବା ଜରୁରି। ଯେଉଁଠାରେ ଯଥାସମ୍ଭବ ଅଧିକରୁ ଅଧିକ ଲୋକ ଯୋଗଦାନ କରିପାରିବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସୋମବାର ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭରେ ବିବୃତି ରଖି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ ସଂସଦର ଏହି ଅଧିବେଶନ ବହୁ ଦୃଷ୍ଟିରୁ ସ୍ୱତନ୍ତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ। ମଙ୍ଗଳବାର ଆମେ ମିଳିତଭାବେ ସମ୍ବିଧାନର ୭୫ତମ ବାର୍ଷିକୀ ପାଳନ ଆରମ୍ଭ କରିବା। ସମ୍ବିଧାନ ପ୍ରଣୟନକାରୀମାନେ ସମ୍ବିଧାନ ରଚନା କରିବା ସମୟରେ ପ୍ରତ୍ୟେକ ପ୍ରସଙ୍ଗରେ ବିସ୍ତୃତଭାବେ ବିତର୍କ କରିଥିଲେ। ଯାହାର ଫଳସ୍ୱରୂପ ସମ୍ବିଧାନ ପ୍ରସ୍ତୁତ ହୋଇଥିଲା। ତେବେ • ପୃଷ୍ଠା ୫ ଦେଖନ୍ତୁ



# ମା' ବିରଜାଙ୍କ ପୀଠର ଉନ୍ନତିକରଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୫।୧୧ (ଭାସ୍କର ନ୍ୟୁଜ): ଯାଜପୁରର ବିରଜା କ୍ଷେତ୍ର କେବଳ ଓଡିଶାର ନୁହେଁ, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ପୀଠ। ଓଡିଶାର ଜନସାଧାରଣଙ୍କ ଧାର୍ମିକ ଓ ଆଧାତ୍ମିକ ଚେତନାରେ ଏହା ଏକ ପ୍ରମୁଖ ତୀର୍ଥ କ୍ଷେତ୍ର। ମହାଭାରତ, ଆଦି ଶଙ୍କରାଚାର୍ଯ୍ୟଙ୍କ ଶକ୍ତି ପୀଠ ସ୍ତବ ଏବଂ ବାମନ ପୁରାଣରେ ମଧ୍ୟ ମା' ବିରଜାଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ନାଭି ଗୟା ଭାବରେ ବିରଜା ପୀଠର ପ୍ରସିଦ୍ଧି ରହିଛି। ମା' ବିରଜାଙ୍କ ପ୍ରତି ସାରା ଓଡିଶାର ଜନସାଧାରଣଙ୍କ ପ୍ରଗାଢ ଭକ୍ତି ଓ ନିଷ୍ଠା ରହିଛି। ଏହି ପ୍ରାଚୀନ ପ୍ରସିଦ୍ଧ ଶକ୍ତି ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ମଞ୍ଜୁର କରାଯାଇଥିବା ପ୍ରକଳ୍ପ ଗୁଡିକ ଜାରି ରହିଛି। ଏହା ସହିତ ମନ୍ଦିରର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକ ପଡିଲେ ନୂତନ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ କରାଯିବ। ବିରଜା ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଯେଉଁ ସବୁ ପ୍ରକଳ୍ପ ହାତକୁ ନିଆ ଯାଇଛି, ସେ ସବୁ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ସଂସଦ ଅଧିବେଶନ ଆରମ୍ଭରୁ ହୋହଲ୍ଲା

# ୨୭ ପର୍ଯ୍ୟନ୍ତ ମୁଲତବୀ



ନୂଆଦିଲ୍ଲୀ, ୨୫।୧୧: ସଂସଦର ଶୀତକାଳୀନ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ବାଚସ୍ପତି ଓମ୍ ବିର୍ଲା ଅଧିବେଶନ ଆରମ୍ଭରେ ଲୋକସଭାରେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ନୀରବପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧିବେଶନ ଆରମ୍ଭରୁ ବିରୋଧୀଦଳ ଆଦାନୀ ଗ୍ରୁପ ବିରୋଧରେ ଆମେରିକା ଆଣିଥିବା ଲାଞ୍ଚ ଅଭିଯୋଗ ସମେତ ମଣିପୁର ହିଂସା, ଓ୍ୱାକ୍‌ଫ ସଂଶୋଧନ ବିଲ ଉପରେ ତୁରନ୍ତ ଆଲୋଚନା ପାଇଁ ଦାବି କରି ଉଭୟ ଗୃହରେ ହଟ୍ଟଗୋଳ କରିଥିଲେ। ଏ ନେଇ ବାଚସ୍ପତି ଉଭୟ ଗୃହକୁ ସ୍ଥଗିତ କରିଥିଲେ। ମଙ୍ଗଳବାର ସମ୍ବିଧାନ ଦିବସ ଅବସରରେ ଗୃହକାର୍ଯ୍ୟ ବନ୍ଦ ରହିବ। ତେଣୁ ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିବା ବାଚସ୍ପତି ଘୋଷଣା କରିଥିଲେ।

## ଆଇନମନ୍ତ୍ରୀଙ୍କ ସୂଚନା

# ଓଡ଼ିଶାରେ ୩ ଦିନ ରହିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୫।୧୧ (ଭାସ୍କର ନ୍ୟୁଜ): ଆସନ୍ତା ୨୯ ତାରିଖରୁ ଭୁବନେଶ୍ୱରରେ ଆରମ୍ଭ ହେଉଛି ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ। ଓଡ଼ିଶାରେ ହେବାକୁ ଥିବା ଏହି ତିନିଦିନିଆ ସମ୍ମିଳନୀରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଥିପାଇଁ ସେ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଡିଜିପି ସମ୍ମିଳନୀରେ ଯୋଗ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ଓଡ଼ିଶା ଆସିବେ। ସେ ୩୦ ଓ ଡିସେମ୍ବର ୧ ତାରିଖରେ ଡିଜିପି ସମ୍ମିଳନୀରେ ଭାଗ ନେବେ। ଏଥିପୂର୍ବରୁ ପୋଲିସ ମହାନିର୍ଦ୍ଦେଶକ ଓ୍ୱାଇ ବି ଖୁରାନିଆ କହିଥିଲେ ଯେ ୨୯ ତାରିଖରୁ ରାଜ୍ୟରେ ଚାଲିବାକୁ ଥିବା ୩ ଦିନିଆ ଡିଜିପି ସମ୍ମିଳନୀ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ • ପୃଷ୍ଠା ୫ ଦେଖନ୍ତୁ

## ଗଞ୍ଜେଇ ଚାଷ ରୋକିବାକୁ ସ୍ୱତନ୍ତ୍ର ଅଭିଯାନ

# ଗଞ୍ଜେଇମୁକ୍ତ ହେବ ଓଡ଼ିଶା: ଡିଜିପି



କଟକ, ୨୫।୧୧ (ଭାସ୍କର ନ୍ୟୁଜ): ରାଜ୍ୟର ୯ଟି ଜିଲ୍ଲାରେ କରାଯାଉଛି ଗଞ୍ଜେଇ ଚାଷ। କନ୍ଧମାଳ, ବୌଦ୍ଧ, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ସମେତ ଅନ୍ୟ କେତେକ ଜିଲ୍ଲାରେ ଏହି ଚାଷ ବ୍ୟାପକ ପରିମାଣରେ କରାଯାଉଛି। ଏହାସହ ପଡ଼ୋଶୀ ଜିଲ୍ଲାଗୁଡ଼ିକ ମଧ୍ୟ ଗଞ୍ଜେଇ ଚାଷର କେନ୍ଦ୍ରବିନ୍ଦୁ • ପୃଷ୍ଠା ୫ ଦେଖନ୍ତୁ






ଫୁଲନଖରା, (ଭାସ୍କର ନ୍ୟୁଜ): ବିଡିଓ ଧର୍ମ ରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ୩୩ ନଂ ଜୋନ୍ ସାଇଁଶୋ ଗ୍ରାମ ପଞ୍ଚାୟତରେ ବିଶ୍ୱ ଶୌଚାଳୟ ଦିବସ ସରପଞ୍ଚ ସରୋଜ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଲୋକମାନଙ୍କୁ ଶୌଚାଳୟ ନିୟମିତ ବ୍ୟବହାର କରିବା ଓ ଶୌଚାଳୟରୁ ବାଦ ପଡିଥିବା ପରିବାରକୁ ଚିହ୍ନଟ କରି ସେମାନଙ୍କୁ ଅନୁମତିପତ୍ର ପ୍ରଦାନ କରିବା ସହ ସମସ୍ତ ଅନୁଷ୍ଠାନ, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଥିବା ଶୌଚାଳୟର ରକ୍ଷଣାବେକ୍ଷଣ କରି କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମିତି ସଭ୍ୟ ଅବଦୁଲ ତୋହିଦ ଖାଁ, ୱାର୍ଡସଭ୍ୟ, ଯୁବକ ସଂଘ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପାଇଖାନା ନଥିବା ପରିବାରକୁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା । ବାରଙ୍ଗ ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ଏହା ବିଭିନ୍ନ ଗ୍ରାମ ପଞ୍ଚାୟତରେ ପାଳନ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ବୋଲି କହିଥିଲେ ।

# ଚମ୍ପୁଆ ବନାଞ୍ଚଳରେ ୭୬ବଣୁଆ ହାତୀଙ୍କ ଉପଦ୍ରବ

## ଚିନ୍ତାରେ ବନ ବିଭାଗ



କେନ୍ଦୁଝର,(ଭାସ୍କର ନ୍ୟୁଜ): ଚମ୍ପୁଆ ବନାଞ୍ଚଳରେ ୭୬ଟି ବଣୁଆ ହାତୀଙ୍କ ଉପଦ୍ରବରେ ଗ୍ରାମାଞ୍ଚଳର ଚାଷୀମାନଙ୍କ ସହିତ ବନ ବିଭାଗ ଏବେ ଚିନ୍ତାରେ । ସନ୍ଧ୍ୟା ହେଲେ ଏହି ହାତୀପଲ ବିଭିନ୍ନ ଗ୍ରାମାଞ୍ଚଳ ରେ ଚାଷୀ କରିଥିବା ଧାନ ଫସଲ, ଯାହାକି ଅମଳ ସମୟ । ଏହି ପାଚିଲା ଧାନ ସବୁକୁ ଖାଇ ଦଳି ଚକଟି ନଷ୍ଟ କରି ଦେଉଛନ୍ତି ବଣୁଆ ହାତୀ ପଲ । ଯାହାଫଳରେ ଚାଷୀ ଭିତରେ ଅସନ୍ତୋଷ ଦେଖାଦେଇଛି । ଏକର ଏକର ଫସଲ ନଷ୍ଟ ଯୋଗୁ କିଛିଚାଷୀ ବନବିଭାଗ ସହିତ ପାଟିତୁଣ୍ଡ ମଧ ହେଉଥିବା ଦେଖାଦେଇଛି । ଅଧିକାଂଶ ଅଞ୍ଚଳରେ ହାତୀ ଭୟରେ ଅଧା ପାଚିଲା ଧାନକୁ ଚାଷୀ କାଟି ଖଳାକୁ ନେଉଥିବା ନଜର ରହିଛି । ଏହି ହାତୀ ପଲ ଝାରଖଣ୍ଡ ଓ ମୟୂରଭଞ୍ଜ ପଟୁ ବୈତରଣୀ ନଦୀରେ ପାର୍ ହୋଇ ଚମ୍ପୁଆ ବନାଞ୍ଚଳର ବିଭିନ୍ନ ସେକ୍ସନରେ ରହିଥିବା ସୂଚନା ମିଳିଛି । ଚମ୍ପୁଆ ସେକ୍ସନର ଶଶାଙ୍ଗ, ପତଳା, ରଜିଆ, କାଳିକାପ୍ରସାଦ, ବସିରା, କସିରା, ଅସନବାହାଳି ଟୁଣ୍ଡୁଟୁଣା, ସରେଇ, ସାତହଳିଆ, ମୁକୁନ୍ଦପୁର, ମିରିଗିସୀଙ୍ଗା, ସେହିପରି ଉଖୁଣ୍ଡା ସେକ୍ସନର କାଟୁଳିକଣା ଜ୍ୟୋତିପୁର, ବର୍ଦ୍ଧନା, ବନିକା, ରଙ୍ଗାମାଟିଆ, ପଦ୍ମପୁର, କେମୁଣ୍ଡିଆ, ରରୁଆଁଗୋଡା ଅଞ୍ଚଳ ଗୁଡିକରେ ଫସଲ କ୍ଷତି କରିଥିବା ଅଞ୍ଚଳ ବାସୀ ବନବିଭାଗକୁ କ୍ଷତିପୂରଣ ପାଇଁ ଅଭିଯୋଗ କରିଥିବା ଜଣାପଡ଼ିଛି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଡି.ଡି ହନୁମନ୍ତଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ସେକସନର ବନପାଳ, ବନରକ୍ଷୀ, ହାତୀସ୍କ୍ୱାର୍ଡମାନଙ୍କୁ ହାତୀମାନଙ୍କର ଗତିବିଧି ଉପରେ ନଜର ରଖିବା ସହିତ ହତୀମାନେ ରହୁଥିବା ଜଙ୍ଗଲ ପାଖ ଗ୍ରାମାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ସୂଚନା ଦିଆଯାଉଛି । ଏପରିକି ବଣୁଆ ହାତୀପଲ ଯେପରି ଘରମୁହାଁ, ଧନ ଜୀବନ ନଷ୍ଟ ନକରିବେ, ସେଥିପ୍ରତି ବନବିଭାଗ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି । ଚମ୍ପୁଆ ବନାଞ୍ଚଳ ଅଧୀନ ଚମ୍ପୁଆ ସେକ୍ସନର ରଜିଆ ଗ୍ରାମ ନିକଟ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୩୦ଟି, ବାଲିବନ୍ଧ ସେକ୍ସନର କାଞ୍ଜିପାଣି ଖେସେରା ଜଙ୍ଗଲରେ ୧୯ଟି, ସେହି ସେକ୍ସନର ଲକ୍ଷ୍ମୀପଶି ସଂରକ୍ଷିତ ଜଙ୍ଗଲ ଅସୁରିଆ ନିକଟରେ ୨୭ଟି ହାତୀ, ଏପରିକି ସର୍ବମୋଟ ୭୬ଟି ବଣୁଆ ହାତୀ ରହିଥିବା ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି । ଏପରିକି ଚମ୍ପୁଆ ସେକ୍ସନ ବନପାଳ ସୁନୀତା ବାଘେଲ, ଯୋଡ଼ା ବନପାଳ ତ୍ରିନାଥ ଜେନା, ବାମେବାରି ସେକ୍ସନ ବନପାଳ ରାଜେନ୍ଦ୍ର ଜେନା, ବାଲିବନ୍ଧ ସେକ୍ସନ ବନପାଳ ବୁଲୁ ନାହାକ, ଉଖୁଣ୍ଡା ବନପାଳ ପ୍ରମୋଦ ବେହେରାଙ୍କ ସହିତ ସମସ୍ତ ସେକ୍ସନର ବନରକ୍ଷୀ ଓ ବନବିଭାଗରେ କାର୍ଯ୍ୟରତ ହାତୀସ୍କ୍ୱାର୍ଡ ଉପସ୍ଥିତ ରହି ବଣୁଆ ହାତୀମାନଙ୍କ ଗତିବିଧିକୁ ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି ।

# ପଲିଥିନ ଛପର ଘରେ ବିତୁଛି ରେଣୁବାଳାଙ୍କ ଜୀବନ

ରଘୁନାଥପୁର, (ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କ ନିକଟରେ କିପରି ସରକାରଙ୍କ ମୌଳିକ ଯୋଜନାଗୁଡିକ ସହଜରେ ପହଞ୍ଚିପାରିବ ସେଥିପାଇଁ ସରକାର ଯୋଜନା ଉପରେ ଯୋଜନା ପ୍ରସ୍ତୁତ ସାଙ୍ଗକୁ ତୁହାକୁ ତୁହା ଜିଲ୍ଲାପାଳଙ୍କ ଜନଶୁଣାଣି ଠାରୁ ଆରମ୍ଭକରି ବ୍ଲକସ୍ତରୀୟ ଜନଶୁଣାଣି ସୁବିଧା କରିଥିଲେ ସୁଦ୍ଧା ଗରିବ ଲୋକଙ୍କର ସମସ୍ୟା କିନ୍ତୁ ଦୂର ହେଉନି । ଏପରି ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଅଧୀନ ଶାଳିଜଙ୍ଗା ଗ୍ରାମରେ । ଏହି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ବିଧବା ପତ୍ନୀ ରେଣୁବାଳା ଦାଶଙ୍କ ଜୀବନ ବିତୁଛି ଭଙ୍ଗାଚାଳ ପଲିଥିନ ଛପର ଘରେ । ସେ ଜଣେ ବିପିଏଲ୍‌ଧାରୀ ଗରିବ ଲୋକ ହୋଇଥିଲେ ବି ସରକାରଙ୍କ



ଯୋଜନା ପହଞ୍ଚି ପାରୁନି ତାଙ୍କ ନିକଟରେ । ଏହାକୁ ନେଇ ସେ ସୋମବାର ରଘୁନାଥପୁର ଠାରେ ହେଉଥିବା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରର ଦ୍ୱାରସ୍ଥ ହୋଇ ପକ୍କାଘରେ ଖଣ୍ଡେ ପାଇଁ ଗୁହାରୀ କରିଥିବାର ଜଣାଯାଇଛି ।

# ଡେରଙ୍ଗରେ ସଭାପତି ଚୟନ ସଭା

କଣିହାଁ, (ଭାସ୍କର ନ୍ୟୁଜ): ଅନୁଗୁଳ କଣିହାଁ ବ୍ଲକ ଡେରଙ୍ଗ ଗ୍ରାମରେ ୩ ମାସିଆ ସଭାପତି ଚୟନ ସଭା ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନ ୧୧ ଟାରେ, ଗ୍ରାମର ସଭା ଗୃହ ଠାରେ ଗ୍ରାମର ପୁରୁଷୋତ୍ତମ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସେଥିରେ ଡେରଙ୍ଗର ଗ୍ରାମର ପ୍ରଶ୍ନ କୁମାର ନାୟକଙ୍କୁ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଗ୍ରାମର ସୁଜିତ କୁମାର ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ଦୀପକ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନନୀତ କରାଯାଇଥିଲା । ଏଥିରେ ଚୟନ ହୋଇଥିବା ୩ ଜଣଙ୍କ କାର୍ଯ୍ୟ କାଳ ସୀମା ତିନି ମାସ ଭିତରେ ରହିବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସୂତ୍ରରୁ ପ୍ରକାଶ ଗ୍ରାମର ସମସ୍ତ ନିତି ନିୟମ ଅନୁଯାୟୀ କାର୍ଯ୍ୟ କରିବା ସହିତ ଗ୍ରାମର ଉନ୍ନତି ପାଇଁ ନୂତନ କାର୍ଯ୍ୟ ପନ୍ଥା ଅବଲମ୍ବନ କରିବୁ ବୋଲି ପ୍ରକାଶ କରିଥିଲେ ।

# ରାଜ୍ୟ ସ୍ତରୀୟ ଉତ୍ସବ 'ମହକ'

ମାଲକାନଗିରି,(ଭାସ୍କର ନ୍ୟୁଜ): ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'ରେ ଜିଲ୍ଲାର ୩ଟି ଶିଶୁଗୃହର ୨୩ ଅନ୍ତେବାସୀ ଅଂଶଗ୍ରହଣ କରିବା ପାଇଁ ଭୁବନେଶ୍ୱର ଗସ୍ତ କରିଛନ୍ତି । ସେମାନେ କୋରକୁଣ୍ଡା ବ୍ଲକ ନୀଳାଞ୍ଚଳ ଆଦିବାସୀ ସେବାଶ୍ରମ, ମାଲକାନଗିରି ବ୍ଲକ ପରିବର୍ତ୍ତନ ଶିଶୁଗୃହ, ଖଇରପୁଟ ବ୍ଲକ ଜୟ ଚିଲ୍ଡ୍ରେନ୍ସ ହୋମର ଛାତ୍ରଛାତ୍ରୀ । ବିଭାଗୀୟ ଅଧିକାରୀ ଗଙ୍ଗାଧର ଗଙ୍ଗାଧର ଶବର, ନୃତ୍ୟ ଶିକ୍ଷୟିତ୍ରୀ ରଶ୍ମିତା ମଡକାମୀ, ନୀଳାଞ୍ଚଳ ସେବାଶ୍ରମ ପରିଚାଳକ ରଞ୍ଜିତଙ୍କ ତତ୍ତ୍ୱାବଧାନରେ ପିଲାଙ୍କୁ ଭୁବନେଶ୍ୱର ପଠାଯାଇଛି । ସୂଚନାଯୋଗ୍ୟ, କିଛିଦିନ ତଳେ ଜିଲ୍ଲାସ୍ତରୀୟ ଶିଶୁଉତ୍ସବ ମହକରେ ବିଭିନ୍ନ ପ୍ରତିଯୋଗିତାରେ ଏହି ଛାତ୍ରଛାତ୍ରୀମାନେ କୃତିତ୍ୱ ହାସଲ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

# ଓଡିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ରାଜ୍ୟ ସମ୍ମିଳନୀ

କୋରାପୁଟ, (ଭାସ୍କର ନ୍ୟୁଜ): ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଓଡିଶାର ରାଜ୍ୟ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ଅନୁଷ୍ଠିତ ହୋଇଯାଇଛି । ଆବାହକ ଶଶିଭୂଷଣ ଦାଶଙ୍କ ଆହ୍ୱାନକ୍ରମେ ବିଭିନ୍ନ ଜିଲ୍ଲାର ଶତାଧିକ କର୍ମଚାରୀ ଉକ୍ତ ସମ୍ମିଳନୀରେ ଯୋଗ ଦେଇଥିଲେ । ଆବାହକ ଶ୍ରୀ ଦାଶ ଏଥିରେ ସଭାପତିତ୍ୱ କରିଥିଲେ । ଏଥିରେ ଅତିଥି ଭାବେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ରାଜ୍ୟ ସଦସ୍ୟ ଲକ୍ଷ୍ମଣ ମଲ୍ଲିକ, ଓଡ଼ିଶା ଅମଲା ସଂଘର ସୁନାକର ରାଉତ, ଜଗତସିଂହପୁର ଜିଲ୍ଲା ଅମଲା ସଂଘ ସମ୍ପାଦକ ନଳିନୀକାନ୍ତ ଓଝା, ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ସାଙ୍ଗଠନିକ ସମ୍ପାଦକ ପର୍ଶୁରାମ ପାତ୍ର, ଦୟାନିଧି ପାଢି, ସୟ କୁମାର ପଣ୍ଡା, କୈଳାସ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସଂଘର ନିର୍ବାଚନ ନିମନ୍ତେ ଏକ ନିର୍ବାଚନ କମିଟି ଗଠନ କରାଯାଇଥିଲା । ନିର୍ବାଚନ କମିଟି ଅଧକ୍ଷ ଭାବେ ସୁନାକର ରାଉତ, ସଞ୍ଜୟ କୁମାର ପଣ୍ଡା କୈଳାସ ସାମନ୍ତରାୟ ନିର୍ବାଚନ ପରିଚାଳନା କରିଥିଲେ । କୋରାପୁଟ ଜିଲ୍ଲାର ଶଶିଭୂଷଣ ଦାଶଙ୍କୁ ରାଜ୍ୟ ସଭାପତି ଓ ନଳିନାକାନ୍ତ ଓଝାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଏହି କମିଟି ଘୋଷଣା କରିଥିଲା । ଏଥିସହ ୩୫ଜଣ ରାଜ୍ୟ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଥିବା ପ୍ରେସ ବିବୃତ୍ତିରେ ସଭାପତି ଶ୍ରୀ ଦାଶ ଜଣାଇଛନ୍ତି ।

# ଗୋପାଳପୁର ବନ୍ଦରରେ ନୌସେନାର ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ 'କୁଠାର'



ଛତ୍ରପୁର, (ଭାସ୍କର ନ୍ୟୁଜ): ଗୋପାଳପୁର ବନ୍ଦରରେ ନୌସେନାର ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ 'କୁଠାର' ବନ୍ଦର ନିକଟ ବର୍ଥ ନଂ. ୧ରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ରବିବାର ଲଙ୍ଗର ପକାଇଛି । ଏହି ଜାହାଜକୁ ଦେଖିବାକୁ ସକାଳ ୯ଟାରୁ ଅପରାହ୍ନ ସାଢେ ୪ ଟା ଯାଏ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା ଏବଂ ଛାତ୍ରଛାତ୍ରୀ ନିମନ୍ତେ ଖୋଲା ରଖାଯାଇଛି । ନୌସେନା ସପ୍ତାହ ପାଳନ ଅବସରରେ ବିଶାଖାପାଟଣାରୁ ଭାରତୀୟ ନୌସେନାର ଦୁଇଟି ଜାହାଜ ପାରାଦୀପ ବନ୍ଦର ଓ ଗୋପାଳପୁର ବନ୍ଦରକୁ ଆସିଛି । ଜାହାଜର ଯୁଦ୍ଧ କ୍ଷମତା ଓ ଶକ୍ତି ବିଷୟରେ ଗାଇଡ୍‌ଙ୍କଠାରୁ ସମସ୍ତ ବିଷୟ ପଚାରି ବୁଝିବା ସହ ବିଭିନ୍ନ ପରିସ୍ଥିତରେ କେଉଁ ଭଳି ଜାହାଜ ଏବଂ ଏହାର କର୍ମଚାରୀ କିଭଳି କାର୍ଯ୍ୟ କରନ୍ତି ତାହା ବୁଝି ପାରୁଛନ୍ତି । ଏଥିରେ ଏନ୍‌ସିସି, ସ୍କାଉଟ୍ ଏବଂ ଅନ୍ୟାନ୍ୟ ଛାତ୍ରୀଛାତ୍ର ଏଠାରୁ ବିଭିନ୍ନ ଶିକ୍ଷା ଲାଭ କରିପାରୁଛନ୍ତି । ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା ଡିସେମ୍ବର ୪ରେ ପୁରୀ ଠାରେ ଆୟୋଜିତ ନୌସେନା ଦିବସରେ ସାମିଲ ହେବ ଏହି ଜାହାଜ । ତେବେ ପ୍ରଥମ ଥର ପାଇଁ କୌଣସି ଏକ ଯୁଦ୍ଧ ଜାହାଜକୁ ନିକଟରେ ଦେଖିବାର ସୁଯୋଗ ପାଇଥିଲେ ଜନସାଧାରଣ । ସେଥିପାଇଁ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କ ତରଫରୁ ଏକ ସ୍ୱତନ୍ତ୍ର ବସ ବ୍ୟବସ୍ଥା କରାଯାଇ ଲୋକଙ୍କୁ ଜାହାଜ ନିକଟକୁ ଅଣାଯାଉଥିଲା । ଏହା ସହ ସ୍କୁଲ ପିଲାମାନେ ମଧ ଯୁଦ୍ଧ ଜାହାଜ ବୁଲି ଏହାର କାର୍ଯ୍ୟଶୈଳୀ ବିଷୟରେ ପଚାରି ବୁଝି ଥିଲେ । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ଯୁଦ୍ଧ ଜାହାଜ ଟି ୧୯୯୦ ମସିହା ଜୁନ ୭ ତାରିଖରେ ଭାରତୀୟ ନୌସେନାରେ ନିୟୋଜିତ ହୋଇଥିଲା । ଯାହାର କ୍ଷମତା ୧୪୦୦ ଟନ ଥିବା ବେଳେ ଦୈର୍ଘ୍ୟ ୯୧ ମିଟର, ୧୨ ଜଣ ଅଫିସର ଏବଂ ୧୨୦ ଜଣ ନାବିକଙ୍କ ଦ୍ୱାରା ପରିଚାଳିତ ଏହି ଜାହାଜଟି ଅସ୍ତ୍ରଶସ୍ତ୍ର ଏବଂ ସେନ୍ସର ସଜିତ ହୋଇରହିଛି । ସରଫେସ ଟୁ ସରଫେସ ମିସାଇଲ ସହ ଚାଫ ଲଞ୍ଚର, ମିଡିୟମ ଏବଂ କ୍ଲୋଜ ରେଞ୍ଜ ବନ୍ଧୁକ, ଚାଫ ଲଞ୍ଚର ଏଥିରେ ଅନ୍ତର୍ଭୁକ୍ତ ହୋଇରହିଛି । ଏହା ସହ ଚେତକ ବିମାନ ଚଳାଇବାରେ ମଧ ସକ୍ଷମ ଏହି ଜାହାଜ । ଉପକୂଳ ତଥା ଅଫଶୋର ପାଟ୍ରୋଲିଂ, ସମୁଦ୍ର ତଦାରଖ ଏବଂ ସାଗର ଲାଇନ୍ ଅଫ୍ କମ୍ୟୁନିକେସନ୍, ଆତଙ୍କବାଦ ବିରୋଧୀ ତଥା ଡକାୟତି ବିରୋଧୀ କାର୍ଯ୍ୟ ସହିତ ବିଭିନ୍ନ ଭୂମିକା ତୁଲାଇବାରେ ସକ୍ଷମ ଅଟେ । ଜାହାଜର ଉଦ୍ଦେଶ୍ୟ 'ଭଗବାନଙ୍କୁ ଭୟ କର ଏବଂ ଭୟ କର ନାହିଁ' 'ପ୍ୟାନ୍ ଇଣ୍ଡିଆ' କୋଷ୍ଟାଲ୍ ଡିଫେନ୍ସ ବ୍ୟାୟାମ 'ସାଗର ଭିଜିଲ୍ -୨୪'ର ଚତୁର୍ଥ ସଂସ୍କରଣରେ' ଆଇଏନ୍‌ଏସ୍ କୁଠାର' ଅଂଶଗ୍ରହଣ କରିଥିଲା । ଯାହାଦ୍ୱାରା ସାମୁଦ୍ରିକ ସୁରକ୍ଷା ବିଷୟରେ ଉପକୂଳବର୍ତ୍ତୀ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି ହୋଇଥିଲା । ଏହିପରି ଭାବରେ ମତ୍ସ୍ୟ ସମ୍ପ୍ରଦାୟ, ଉପକୂଳବର୍ତ୍ତୀ ଜନସାଧାରଣ ଏବଂ ଏନ୍‌ସିସି ଏବଂ ଭାରତର ଛାତ୍ରଛାତ୍ରୀଙ୍କ ମଧ ସମ୍ପୃକ୍ତି ରହିଥିଲା ।

# ପୋଲିସର ମଦୁଆ ବାଇକ୍ ଚାଳକ ଧରା ଅଭିଯାନ

# ୭ବାଇକ୍ ଜବତ, ଚାଳକ ଅଟକ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଟାଉନ ଥାନା ପୋଲିସ ପକ୍ଷରୁ ଆରଟିଓ କାର୍ଯ୍ୟାଳୟ ଛକ, ରେଳବାଇ କଲୋନି ଛକ, ବାଟାସାପ୍ ଗଳି, ବୟନିକା ପାର୍ଶ୍ୱ ପାର୍କିଂ, ପୁଜାରିପୁଟ, ଏସ୍‌ବିଆଇ ସମ୍ମୁଖ ଭଳି ଅଞ୍ଚଳରେ ଯାନବାହାନ ଯାଞ୍ଚ କରିଥିଲେ । ଏହି ସମୟରେ ନିଶାସକ୍ତ ଅବସ୍ଥାରେ ବାଇକ ଚଳାଉଥିବା ୭ଜଣ ଚାଳକଙ୍କୁ ପୋଲିସ କାବୁ କରିବା ସହ ୭ଟି ବାଇକ୍ ଜବତ କରିଥିଲା । ବାଇକ୍ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି । ସହରର ଚତୁଃପାର୍ଶ୍ୱର ବିଭିନ୍ନ ଛକରେ ଯାଞ୍ଚ ଆରମ୍ଭ ହୋଇଥିବା କହିଛନ୍ତି ଟାଉନ ଥାନା ଅଧିକାରୀ । ବିନା ଡ୍ରାଇଭିଂ ଲାଇସେନ୍ସଧାରୀ କିମ୍ବା ନାବାଳକ, ନାବାଳିକା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିନା ଲାଇସେନ୍ସରେ ଧରା ପଡିଲେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ସହ ଅଭିଭାବକଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ଏହି ଯାଞ୍ଚ ସମୟରେ ଟାଉନ ଥାନା ଅଧିକାରୀଙ୍କ ସହିତ ଏସ୍‌ଆଇ ରଣଜିତ ମିଶ୍ର, ବିଷ୍ଣୁ ଚରଣ ବେହେରା, ରାଜେଶ କୁମାର ନାୟକ, ଏଏସ୍‌ଆଇ ସେକ୍ ମୁକ୍ତାଜ, ସୁବାଶ ଶିଶା, ଶରତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# କଣାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରେଡକ୍ରସ ୟୁନିଟର ସମାୟୋଜନ କାର୍ଯ୍ୟକ୍ରମ

କଣାସ, (ଭାସ୍କର ନ୍ୟୁଜ୍) : କଣାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ରେଡକ୍ରସ ଶାଖାର ସମାୟୋଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ରେଡକ୍ରସ ଶାଖାର ଉପଦେଷ୍ଟା ଇଂରାଜୀ ଅଧ୍ୟାପକ ନିରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ତଥା ପୁରୀ ଜିଲ୍ଲା ରେଡକ୍ରସ ସଂଯୋଜକ ରବିନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ବରିଷ୍ଠ ଇଂରାଜୀ ଅଧ୍ୟାପକଦ ବୃନ୍ଦାବନ ପାତ୍ର, ବରିଷ୍ଠ ଅଧ୍ୟାପିକା ସଂଯୁ ପଟ୍ଟନାୟକ, ସୁନୀଲ କୁମାର ମିଶ୍ର, ପ୍ରାକ୍ତନ ତର୍କଶାସ୍ତ୍ର ଅଧ୍ୟାପକ ପ୍ରଫୁଲ୍ଲ କୁମାର ଯେନା ତଥା ଅଧ୍ୟାପକ ପ୍ରଭାସ କୁମାର ମଙ୍ଗରାଜଙ୍କ ଉପସ୍ଥିତିରେ ୧୫୦ଜଣ ଛାତ୍ରଛାତ୍ରୀ ଅତିଥିମାନଙ୍କ ଅଭିଭାଷଣରେ ଉଦବୁଦ୍ଧ ହୋଇଥିଲେ । ଉପଦେଷ୍ଟା ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ତାଙ୍କ ପ୍ରାରମ୍ଭିକ ଅଭିଭାଷଣରେ ରେଡକ୍ରସରେ ସଦସ୍ୟ ହେବାର ଉପଯୋଗୀତା ବିଷୟରେ ଆଲୋକପାତ କରିଥିଲେ । ପ୍ରଫୁଲ୍ଲକୁମାର ଯେନା ତାଙ୍କର ଓଜସ୍ୱିନୀ ଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ରବିନ୍ଦ୍ର କୁମାର ସାହୁ ରେଡକ୍ରସର ବିଭିନ୍ନ କଳାକୌଶଳ ଉଦାହରଣ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ । ଶେଷରେ ଅଧ୍ୟାପକ ପ୍ରଭାସ କୁମାର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବେକାନନ୍ଦ ପବ୍ଲିକ ସ୍କୁଲର ଷଷ୍ଠ ବାର୍ଷିକୋତ୍ସବ

କରଞ୍ଜିଆ, (ଭାସ୍କର ନ୍ୟୁଜ) : କରଞ୍ଜିଆ ସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲର ସଭାପତି ବିଷ୍ଣୁ କୁମାର ଅଗ୍ରୱାଲାଙ୍କ ଅଧକ୍ଷତାରେ ରବିବାର ସନ୍ଧ୍ୟାରେ ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କରଞ୍ଜିଆ ଏନ୍‌ଏସିର ଉପାଧ୍ୟକ୍ଷ ସରୁପ କୁମାର ପରିଜା, ଅବସରପ୍ରାପ୍ତ ଏବିଓ ବିପିନ ବିହାରୀ ବାରିକ, ବିଦ୍ୟାଳୟ ପରିଚାଳନ ସମ୍ପାଦିକା ରେଖା ଅଗ୍ରୱାଲା, ସଞ୍ଜୟ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବ୍ୟ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ଦକ୍ଷତାବୃଦ୍ଧି ଉପରେ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ଅତିଥିମାନେ ବିଭିନ୍ନ



କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅଧ୍ୟାପକ ମିଷ୍ଟର ସୁମନ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରରେ ଅବିଭାବକମାନେ ଉପସ୍ଥିତ ରହି ନିଜ ନିଜ ପିଲାମାନଙ୍କ ଦକ୍ଷତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖିଥିଲେ ଓ ଖୁସି ଜାହିର କରିଥିଲେ । ଶେଷରେ ଉପାଧକ୍ଷ ଇଲା ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ଭାରତୀୟ ଶିକ୍ଷା ଓ ସାଂସ୍କୃତିକ ପରିଷଦ ତରଫରୁ ଆଲୋଚନାଚକ୍ର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଭାରତୀୟ ଶିକ୍ଷା ଓ ସାଂସ୍କୃତିକ ପରିଷଦ ତରଫରୁ ଆଧୁନିକ ଶିକ୍ଷା ନୀତି ଓ ଶିକ୍ଷକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ସହିତ ଓଡ଼ିଆ ଭାଷାର ଉନ୍ନତି, ଶିକ୍ଷା ଓ ସଂସ୍କୃତିକର ଉନ୍ନତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇ.ଟି.ଇ.ଆଇ. ସମ୍ମିଳନୀ କକ୍ଷରେ ପରିଷଦର ସଭାପତି ଶିକ୍ଷାବିତ ଓ ଆଇନଜୀବୀ ପ୍ରକୃତି ବନ୍ଧୁ ପ୍ରତାପ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଇଟିଇଆଇର ଅଧକ୍ଷା ରଶ୍ମିତା ପାଢୀଙ୍କ ସମେତ ଅନୁଷ୍ଠାନର ୧୫୦ଜଣ ଛାତ୍ରୀ ଭାଗ ନେଇଥିଲେ । ଆଲୋଚନାଚକ୍ର ପରେ ବକ୍ତୃତାରେ ୩ଜଣ, ନୃତ୍ୟରେ ୪ଜଣ ଓ ସଙ୍ଗୀତରେ ୩ଜଣ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଜର୍ଜ ହିମାଂଶୁ ଶେଖର ବ୍ରହ୍ମା, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. ଭାଗିରଥୀ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ଲାଇବ୍ରେରିଆନ ଅର୍ଚ୍ଚନା କୁମାରୀ ବାଡତ୍ୟା, ସବ୍ ରେଜିଷ୍ଟର ସମରଜିତ୍ ତ୍ରିପାଠୀ, ପରିଷଦର ଉପଦେଷ୍ଟା ଓଡ଼ିଶା ଉଚ୍ଚ ନ୍ୟାୟଳୟର ଆଇନଜୀବୀ ପ୍ରଦୀପ ଚନ୍ଦ୍ର ଦାଶ, ସମାଜସେବୀ ତଥା ପ୍ରାକ୍ତନ୍ ଷ୍ଟେଟବ୍ୟାଙ୍କ ଅଧିକାରୀ କୃଷ୍ଣ ଚନ୍ଦ୍ର ପାଢୀ, ବ୍ରହ୍ମପୁର ଉପ-ନିବନ୍ଧକ ସମରଜୀତ ତ୍ରିପାଠୀ, ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇଥିଲେ ଏବଂ ସମସ୍ତଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ସହ-ସମ୍ପାଦକ ତଥା ଯୁବ ଉଦ୍ୟୋଗି ୱାଇ. ମାଧବ ରାଓ, ଉପ-ସଭାପତି ଆଇନଜୀବୀ ସୁଶ୍ରୀ ପ୍ରଖ୍ୟାତୀ ଦାଶ ଓ ଉପ-ସଭାପତି ରବି ନାରାୟଣ ସାବତ ପ୍ରମୁଖ ସମସ୍ତ କାର୍ଯ୍ୟକୁ ସକ୍ରିୟ ଭାବେ ସହଯୋଗ କରଥିଲେ ଏବଂ ଶେଷରେ ଉପ-ସଭାପତି ସାବତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ମନିଷା ପ୍ରଧାନ ଓ ମନସ୍ୱିନୀ ନନ୍ଦ ସଂଯୋଜନା କରିଥିଲେ ।



# ବରପାଲିରେ ୫୦ତମ ଗୋକୁଳାଷ୍ଟମୀ ଯାତ୍ରା





ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ଚାନ୍ଦିନୀମାଳ ପଞ୍ଚାୟତ ଅନ୍ତର୍ଗତ ବରପାଲି ଗ୍ରାମରେ ସୁବର୍ଣ୍ଣ ଜୟନ୍ତୀ ଗୋକୁଳାଷ୍ଟମୀ ଯାତ୍ରା ପାଳିତ ହୋଇଯାଇଛି । ଗ୍ରାମର ଗୌତୀୟା ନିର୍ମଳ ସିଂଦେଓ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ସକାଳୁ ଯାତ୍ରା ମଣ୍ଡପରେ ରାଧାକୃଷ୍ଣ ବିଗ୍ରହଙ୍କୁ ପଣ୍ଡିତ ମନୋଜ ମିଶ୍ର ଶୃଙ୍ଗାର ବେଶ କରିବା ପରେ ଅଖଣ୍ଡ ଦୀପ ସ୍ଥାପନ, ହୋମ, ଆଳତି ଏବଂ ପୁଷ୍ପାଞ୍ଜଳି କରାଇଥିଲେ । ପୂଜା ସମାପନ ପରେ ଶ୍ରଦ୍ଧାଳୁମାନେ ଅପରାହ୍ନରେ ରାଧାକୃଷ୍ଣ ବିଗ୍ରହଙ୍କୁ ମଣ୍ଡପରୁ ଏକ ସୁସଜ୍ଜିତ ପାଲିଙ୍କିରେ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ । ଗଉର ବାଡି, ଝାଞ୍ଜର ନୃତ୍ୟ, ସିଂହ ବାଜା, ଉଡଁରଖୋଲ ସମ୍ପ୍ରଦା ମଣ୍ଡଳୀ ଏହି ଶୋଭାଯାତ୍ରାରେ ସାମିଲ ଥିଲେ । ଗ୍ରାମର ହନୁମାନ ମନ୍ଦିରର ପଡ଼ିଆରେ ଗୋ' ଆରାଧନା କରାଯାଇଥିଲା । ରାଧାକୃଷ୍ଣଙ୍କ ବିଗ୍ରହ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ଏବଂ ଆଳତି କରାଯାଇଥିଲା ଓ ପରେ ଗାଇଗୋରୁଙ୍କୁ ଖେଚୁଡ଼ି ଭୋଗ ଦିଆଯାଇଥିଲା । ରାଧାକୃଷ୍ଣଙ୍କୁ ବନ୍ଦାପନା କରି ଗୋ'କୁଳର ସୁରକ୍ଷା, ଅଞ୍ଚଳର ସମୃଦ୍ଧି ସହିତ ନିରୋଗ କାମନା କରାଯାଇଥିଲା । ସେଠାରୁ ପୁଣି ରାଧାକୃଷ୍ଣଙ୍କ ବିଗ୍ରହଙ୍କୁ ବଡ଼ାଇ ପଡ଼ା, ତେନ୍ତୁଳି ପଡ଼ା, ଉପର ପଡ଼ା, ସ୍କୁଲ ପଡ଼ା, ଗୋବିନ୍ଦପୁର ପରିକ୍ରମା କରାଯାଇ ଯାତ୍ରା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । ଏହି ଅବସରରେ ବରପାଲି ଠାରେ ମୀନାବଜାର, ଜଳପାନ ଦୋକାନ ସାଙ୍ଗକୁ ବିଭିନ୍ନ ଦୋକାନ ବଜାର ଖୋଲାଯାଇଥିଲା । ରାତିରେ ସଞ୍ଚାର, ବରଗଡ଼ର ବିଶ୍ୱ ଭାରତୀ ଗଣନାଟ୍ୟ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଯାତ୍ରା ଦେଖିବାକୁ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶରତ ସିଂଦେଓ, ସୁନିଲ ସିଂ ଲାଲୁ, ହେମନ୍ତ ଧୁରୁଆ, ହେମନ୍ତ ବଗାର, ଉମେଶ ବଡ଼ାଇ, ଯୁବରାଜ ବିଶି, କର୍ଣ୍ଣ ରାଉତ, ସୁଶିଲ ବଡ଼ାଇ, ଶୁଭେନ୍ଦୁ ସିଂଦେଓ, ଠାକୁର ପ୍ରଧାନ, ମନୋଜ ବଡ଼ାଇ, ଗଦାଧର ବଡ଼ାଇ, ପିଣ୍ଟୁ ନାଏକ, ଶେଷଦେବ ପ୍ରଧାନ, ଫକୀର ସେଟ, କେଶବ ବିଶି, ଜୟନ୍ତ ବଡ଼ାଇ ପୂର୍ଣ୍ଣ ରାଉତ, କୈଳାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଗୋପବନ୍ଧୁ ସେବା ସଂଗଠନ ସମ୍ବର୍ଦ୍ଧିତ

ତିହିଡି, (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ଛତିଆ କଲେଜ ସ୍ଥିତ ଐତିହାସିକ ମାଳିକା ପ୍ରସିଦ୍ଧ ଅମରାବତୀ ମଠର କଲ୍ୟାଣ ମଣ୍ଡପରେ ସାମାଜିକ ଅନୁଷ୍ଠାନ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବରେ ତିହିଡି ବ୍ଲକର ଗୋପବନ୍ଧୁ ସେବା ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଛି । ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବେ ଲୋକଙ୍କ ସେବା କରି ବିପଦରେ ଥିବା ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବାରୁ ସଂଗଠନକୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପ୍ରଦୀପ୍ତ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସୁମନ୍ତ ସ୍ୱାଇଁ ମୁଖ୍ୟବକ୍ତା ଡା. ଅଶ୍ୱିନି କୁମାର ଲେଙ୍କା ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ମଧୁମିତା ରାୟଚୌଧୁରୀ, ଅଧ୍ୟାପକ ସନ୍ତୋଷ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ସୁଧାଂଶୁ ଶେଖର ରାଉତ ଓ ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇଥିଲେ । ମଞ୍ଚ ଉପସ୍ଥାପକ ଶୁଭମ ମହାନ୍ତି, ମଞ୍ଚ ଉପସ୍ଥାପିକା ଉର୍ମିଳା ଦଳାଇ ଓ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ସଭାପତି ମଙ୍ଗୁ ସାହୁ, ସାମ୍ବାଦିକା ପ୍ରମିଳା ସିଂହ, କୋଷାଧ୍ୟକ୍ଷ ସୁମିତ୍ରା ସାହୁ, ଉପସଭାପତି ପ୍ରିୟଙ୍କା ବିଶ୍ୱାଳ, ସହସମ୍ପାଦକ ଦୀପକ ନାୟକ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ ।



## କୈବର୍ତ୍ତ ମହାସଂଘର ସମାବେଶ

# ଜୀବନ ଜୀବିକା ଉପରେ ସଙ୍କଟକୁ ନେଇ କ୍ଷୋଭ

ପାରାଦୀପ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ର ବିଶ୍ୱାଳି ଗ୍ରାମ ଠାରେ କୈବର୍ତ୍ତ ମହାସଂଘର ଏକ ସମାବେଶ ଆୟୋଜିତ ହୋଇଯାଇଛି । କୁଜଙ୍ଗ ର ପୂର୍ବତନ ସରପଞ୍ଚ କୈଳାସ ବେହେରା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସମାବେଶରେ ନିଖିଳ ଓଡିଶା କୈବର୍ତ୍ତ ସଙ୍ଘ ର କାର୍ଯ୍ୟକାରୀ ସଭାପତି ମନୋଜ ବେହେରା ଓ ସମ୍ପାଦକ ପ୍ରସନ୍ନ ବେହେରା, ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ,ଚିଲିକା କୈବର୍ତ୍ତ ସଙ୍ଘ ସଭାପତି ଦିଲ୍ଲୀପ ବେହେରା,ସାରଳା ମଣ୍ଡଳ କୈବର୍ତ୍ତ ସଙ୍ଘ ର ସମ୍ପାଦକ ଅକ୍ଷୟ ବେହେରା,କେନ୍ଦ୍ରାପଡ଼ା ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ନଗେନ୍ଦ୍ର ବେହେରା,କୁଜଙ୍ଗ ବ୍ଲକ ୪ ନମ୍ବର ଜୋନ ଜିଲ୍ଲାପରିଷଦ ପ୍ରତିନିଧି ସଞ୍ଜୟ ବେହେରା, କୈବର୍ତ୍ତ ନେତା ଶ୍ରୀଧର ବେହେରା, ରଞ୍ଜନ ମାଝୀ, ହରେକୃଷ୍ଣ ମାଝୀ, ଗଙ୍ଗାଧର ସାମଲ, ପରୀକ୍ଷିତ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି କୈବର୍ତ୍ତ ସମାଜ ର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ କ୍ଷ
ଏହି ସମାବେଶରେ ପୁରାତନ କୁଜଙ୍ଗ ରାଜ୍ୟର ୯୯ ମୌଜାର ମତ୍ସ୍ୟଜୀବୀ ଏକତ୍ରିତ ହୋଇ ସେମାନଙ୍କ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ମହାନଦୀ ସମେତ ସାହାରାପେଣ୍ଠ ମତ୍ସ୍ୟଦିଆ ୫୭ କିତା ନଦୀ ଉପରେ କୈବର୍ତ୍ତମାନଙ୍କର ଥିବା ମାଛଧରା ଅଧିକାର ଏବେ କ୍ଷୁର୍ଣ୍ଣ ହେଉଥିବା ସେମାନେ ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ । ଅଣକୈବର୍ତ୍ତ ତଥା ବାଂଲାଦେଶୀ ଲୋକମାନେ ଚଞ୍ଚକତା କରି ଅସାଧୁ ସରକାରୀ କର୍ମଚାରୀଙ୍କୁ ହାତ କରି ଏବଂ ରାଜନେତାଙ୍କ ଛତ୍ରଛାୟା ତଳେ ରହି କୈବର୍ତ୍ତଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ବାଟମାରଣା କରି ନେବା ସହ ନଦୀରୁ ମାଛ ମାରି ନେଉଥିବା ସେମାନେ ଅଭିଯୋଗ କରି ଚିନ୍ତା ପ୍ରକଟ କରିଛନ୍ତି । ଏଥିସହ ଶିଳ୍ପ କାରଖାନାର ବର୍ଜ୍ୟବସ୍ତୁ ଦ୍ୱାରା ମହାନଦୀ ଏବଂ ଏହାର ଶାଖା ନଦୀ ପ୍ରଦୂଷିତ ହେବାରୁ ମାଛବଂଶ ଲୋପ ପାଇବାରୁ କୈବର୍ତ୍ତଙ୍କ ଜୀବନ ଜୀବିକା ଉପରେ ସଙ୍କଟ ଆସିଥିବା ଅଭିଯୋଗ ମଧ କରିଛନ୍ତି । ଏସବୁ ସମ୍ପର୍କରେ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବାରୁ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୈବର୍ତ୍ତ ନେତାମାନେ ଚେତାବନୀ ଦେଇଛନ୍ତି ।



କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ କବି, ଗାଳ୍ପିକ, ବ୍ୟଙ୍ଗ ଲେଖକ, ସାମ୍ବାଦିକ ଗୋଦାବରୀଶ ମହାପାତ୍ରଙ୍କ ୫୯ତମ ଶ୍ରାଦ୍ଧବାର୍ଷିକୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖାନନଗରସ୍ଥ ସମିତି ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଥାକାର ଓ ବ୍ୟଙ୍ଗ ସାହିତ୍ୟିକ ଭାବେ ଜଣାଶୁଣା ନିଆଁଖୁଣ୍ଟା ପତ୍ରିକା ପ୍ରକାଶ କରି ସାମାଜିକ ଶୃଙ୍ଖଳା ପ୍ରତିଷ୍ଠାରେ ସହାୟକ ହେଉଥିଲେ। ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କ ଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ଼ଃ ତରୁଣ ସାହୁ ଓ ମୁଖ୍ୟବକ୍ତା ଭାବେ ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇଥିଲେ। ସର୍ବଶ୍ରୀ ପ୍ରମୋଦ ମିଶ୍ର, ଶ୍ୟାମସୁନ୍ଦର ସାହୁ, ଭୁବନାନନ୍ଦ ମହାନ୍ତି, ବୈଷ୍ଣବ ପରିଡ଼ା, ନିବାସ ଚନ୍ଦ୍ର ମିଶ୍ର, ବିମଳ ଦାଶ, ସୁଧାଂଶୁ ଓଝା, ଅଶ୍ୱିନୀ ସେଠୀ, ରାଜକିଶୋର ସ୍ୱାଇଁ, ସଚ୍ଚିଦାନନ୍ଦ କର, ଦେବେନ୍ଦ୍ର ପରିଡ଼ା, ନମିତା ମହାନ୍ତି, ଅରୁଣ ଅଗ୍ରୱାଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠକ ସଂପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



### ଚତୁର୍ଥ ଆଇସିସି ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ

# ଜଳ, ଜଙ୍ଗଲ ଓ ଜମିକୁ ସୁରକ୍ଷା ଦେବା ଜରୁରି: ଜଙ୍ଗଲ ମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ମାନବ ସମାଜ ସାମ୍ନା କରୁଥିବା ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ଜଳବାୟୁ ପରିବର୍ତ୍ତନ କିମ୍ବା ଗ୍ଲୋବାଲ ୱାର୍ମିଂ। ମାନବ ସମାଜ ଉପରେ ଏହାର ପରିଣାମ ଅତ୍ୟନ୍ତ ଉଦ୍‌ବେଗଜନକ ଏବଂ ଚାଷ ଓ ପରିବେଶ ଉପରେ ଏହାର ପ୍ରଭାବ ଯଥେଷ୍ଟ କ୍ଷତିକାରକ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ଜଳ, ଜଙ୍ଗଲ ଓ ଜମିକୁ ସୁରକ୍ଷା ଦେବା ଅତ୍ୟନ୍ତ ଜରୁରୀ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି। ସୋମବାର ଭାରତୀୟ ବାଣିଜ୍ୟ ମହାସଂଘ (ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ) ଓଡ଼ିଶା ଶାଖା ଆନୁକୂଲ୍ୟରେ ଆୟୋଜିତ ଚତୁର୍ଥ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ କହିଲେ ଯେ ବିଶ୍ୱର ଅନ୍ୟ ସମସ୍ତ ଦେଶ ପରି ଭାରତ ମଧ୍ୟ ଜଳବାୟୁ ପରିବର୍ତ୍ତନ ବା ଗ୍ଲୋବାଲ ୱାର୍ମିଂର ଶୀକାର ହୋଇଛି । ବିନାଶକାରୀ ଉତ୍ତାପ, ପ୍ରବଳ ବର୍ଷା ଓ ବାରମ୍ବାର ବାତ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଉଛି । ଓଡ଼ିଶା ମଧ୍ୟ ବହୁ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇଛି। ଜମିର ଅବକ୍ଷୟକୁ ରୋକିବା, ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ଓ ବର୍ଜ୍ୟବସ୍ତୁର ପ୍ରଭାବୀ ପରିଚାଳନା କରିବା ପାଇଁ ଆମେ ସମସ୍ତେ ପ୍ରତିବଦ୍ଧ ହେବା ଆବଶ୍ୟକ । କୃଷି, ପରିବହନ, ଇସ୍ପାତ ଓ ଖଣି ଏବଂ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ରାଜ୍ୟରେ ସ୍ଥାୟୀ ଜଳବାୟୁ କାର୍ଯ୍ୟକ୍ରମ ସମ୍ଭବପର ହେବ । ବର୍ତ୍ତମାନ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ଉଭା ହୋଇଛି ଏବଂ ୨୦୩୦ ସୁଦ୍ଧା ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀନରେନ୍ଦ୍ର ମୋଦୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ରଖିଛନ୍ତି ବୋଲି ଜଙ୍ଗଲ ମନ୍ତ୍ରୀ ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଉପ ମହାନିର୍ଦ୍ଦେଶକ ଏ. ଟି. ମିଶ୍ର ଯୋଗଦେଇ କହିଲେ ଯେ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଯୋଗୁଁ ଆମ ଦେଶ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ପ୍ରଭାବିତ ହେବାର ଆଶଂକା ରହିଛି। ପ୍ରେମ କୁମାର ଝା, ନିର୍ଦ୍ଦେଶକ, ପରିବେଶ ତଥା ସ୍ୱତନ୍ତ୍ର ଶାସନ ସଚିବ, ଡ. କେ. ମୁରୁଗେସନ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ଡ. ଏନ୍. ଆର୍. ସାହୁ, ସଂଯୋଜକ, ଇଏସ୍ଏଚ୍ କମିଟି, ଆଇସିସି ଓଡ଼ିଶା ରାଜ୍ୟ ପରିଷଦ, ରାଜୀବ ସାହୁ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ, ରାଜେଶ କାନୁନ୍‌ଗୋ, ସଦସ୍ୟ, ଇଏସ୍ଏଚ୍ କମିଟି, ଆଇସିସି ଓଡ଼ିଶା ରାଜ୍ୟ ପରିଷଦ, ଏସ୍ଏନ୍ଏମ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ଡ. ମଳୟ କୁମାର ପ୍ରଧାନ, ଉପ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ପରାମର୍ଶ ଦେଇଥିଲେ।



ବିଧାନସଭାର ଶୀତ ଅଧିବେଶନର ଅବ୍ୟବହିତ ପୂର୍ବରୁ ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

# ବିଏମ୍‌ସିର ୨୬ତମ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୨୬ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ, ସସ୍ମିତା ସାହୁ ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ମଂଚାସୀନ ଥିଲେ । ଆଜିର ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ଆସନ୍ତା ମାସରେ ମହାନଗର ନିଗମର ୩ଟି ଜୋନ୍‌ରେ ପଥ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ମଧ୍ୟ ପ୍ରସ୍ତାବ ଆଗତ ହୋଇଥିଲା। ଏବେ ରାଜଧାନୀରେ ସୌନ୍ଦର୍ଯ୍ୟକରଣ କାମ ଜାରି ରହିବ । କାରଣ ଆସନ୍ତା ୨୯ ତାରିଖରେ ସର୍ବଭାରତୀୟ ଡିଜି ସମ୍ମିଳନୀରେ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଆସିବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୩ରେ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବା ବଳେ ଜାନୁଆରୀ ୧ ତାରିଖରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ତେଣୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । ଏହି ବୈଠକରେ ଷ୍ଟାଣ୍ଡିଂ କମିଟର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ସମସ୍ତ କର୍ପୋରେଟର, ଲାଇନ୍ ଡିପାର୍ଟମେଣ୍ଟ ଓ ବିଏମ୍‌ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ।

# ଦେହ ବ୍ୟବସାୟ ଚାଲିଥିବା ନେଇ ସତ ମାନିଲେ ଦମ୍ପତି, ଆଉ ୨ ଗିରଫ

**ବାଂଲାଦେଶୀ ନାବାଳିକା ପ୍ରସଙ୍ଗ**

କଟକ/ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବାଂଲାଦେଶରୁ ଜଣେ ନାବାଳିକାଙ୍କୁ ଓଡ଼ିଶା ଆଣି ଦେହ ବ୍ୟବସାୟରେ ଲଗାଇଥିବା ଅଭିଯୋଗରେ ଦମ୍ପତିଙ୍କୁ ମଧୁପାଟଣା ପୋଲିସ ଗିରଫ କରିଛି । ଅଭିଯୁକ୍ତ ଦୁହେଁ ହେଲେ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ରହୁଥିବା ରାଜସ୍ଥାନର ୫୫ ବର୍ଷୀୟ ବୀରା ଗୁଜର ଚୌଧୁରୀ ଓ ତାଙ୍କ ପତ୍ନୀ ୩୬ ବର୍ଷୀୟ ଜସମିନ। ଅଭିଯୁକ୍ତ ଦମ୍ପତି କିଛିଦିନ ହେବ ନାବାଳିକାଙ୍କୁ ଅନ୍ୟ ଜଣେ ଦଲାଲଙ୍କ ଠାରୁ ଆଣିଥିଲେ । ତେବେ ଏହି ଘଟଣାରେ ପିଡ଼ିତାଙ୍କ ଡାକ୍ତରୀ ମାଏନା କରାଯିବ ବୋଲି ପୋଲିସ ସୂଚନା ଦେଇଛି । ପୋଲିସ ନିକଟରେ ପିଡ଼ିତା ଦେଇଥିବା ବୟାନ ଅନୁସାରେ, ଦଶହରା ପୂର୍ବରୁ କିଛି ଦଲାଲ ବାଂଲାଦେଶରୁ ତାଙ୍କୁ ବେଆଇନ ଭାବେ ସୀମାପାର କରି କୋଲକତା ଆଣିଥିଲେ । ସେଠାରୁ କିଛି ଯୁବକ ପୀଡ଼ିତାଙ୍କୁ ବସ ଯୋଗେ ଭୁବନେଶ୍ୱର ଆଣିଥିଲେ । ଭୁବନେଶ୍ୱରରେ ସେ ପ୍ରାୟ ୧୫ ଦିନରୁ ଅଧିକ ସମୟ ରହିଥିଲେ। ପରେ ତାଙ୍କୁ ବାରିପଦା ନିଆଯାଇଥିଲା । ଏହାପରେ ପୁଣି ସେ ଭୁବନେଶ୍ୱର ଆସିଲେ। ସେଠାରେ ମସାଜ ସେଣ୍ଟରରେ ରଖିବା ବାହାନାରେ ଦେହ ବ୍ୟବସାୟରେ ନିୟୋଜିତ କରାଯାଇଥିଲା । ଗତ ୭ ତାରିଖରେ ଭୁବନେଶ୍ୱରର ଦଲାଲ ନାବାଳିକାଙ୍କୁ ଗୋପାଳପୁରରେ ରହୁଥିବା ବୀରା ଓ ଜସମିନକୁ ବିକି ଦେଇଥିଲେ। ପୀଡ଼ିତାଙ୍କୁ ସ୍ୱାମୀ-ସ୍ତ୍ରୀ ନେଇ ଗୋପାଳପୁର ଆସିଲେ । ମାତ୍ର ସେଠାରେ ଦମ୍ପତି ନାବାଳିକାଙ୍କୁ ଦେହ ବ୍ୟବସାୟରେ ଲଗାଇଲେ । ହେଲେ ନାବାଳିକା ଜଣକ ରାତି ଅଧରେ ଲୁଚି ଘରୁ ପଳାଇ ଆସିଲେ । କାଠଯୋଡ଼ି ପୋଲ ପାରି ହୋଇ ମଧୁପାଟଣା ଥାନା ନିକଟରେ ଯାଉଥିବା ବେଳେ ପିସିଆର ଟିମ ପିଡ଼ିତାଙ୍କୁ ଉଦ୍ଧାର କରି ବସୁନ୍ଧରାରେ ଛାଡ଼ିଥିଲା । ସେଠାରେ କାଉନସେଲିଂରେ ପିଡ଼ିତା ସବୁକଥା କହିଥିଲେ । ସିଡବ୍ଲୁସି ପିଡ଼ିତାଙ୍କ ଠାରୁ ସବୁ ଶୁଣିବା ପରେ ଚିଠି ଯୋଗେ କଟକ ଡିସିପିଙ୍କୁ ଅବଗତ କରାଇଥିଲେ। ଏହି ଅନୁସାରେ ମଧୁପାଟଣା ଥାନାରେ ମାମଲା ରୁଜୁ କରାଯାଇଥିଲା । ଅପରପକ୍ଷରେ ଏହି ଘଟଣାରେ ପୁଣି ସୋମବାର ରାତିରେ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିବାରେ ସଫଳ ହୋଇଛି। ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ୨ ଅଭିଯୁକ୍ତଙ୍କୁ ପୋଲିସ୍ ଉଠାଇ ନେଇଥିବା ସ୍ପଷ୍ଟ ହୋଇଛି। କଟକ ମଧୁପାଟଣା ଥାନା ପୋଲିସ୍ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚାର ଜାରି ରଖିଛି।

## କୁଆଖାଇ ନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ତ୍ରିଶୁଳିଆ କୁଆଖାଇ ନଦୀ ଭିତରୁ ସୋମବାର ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତ ବ୍ୟକ୍ତି ଜଣକ କିଏ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ଛାନଭିନ ଆରମ୍ଭ କରିଥିଲା । ମୃତ ବ୍ୟକ୍ତି ଜଣକ ଅନେକ ସମୟ ହେବ ପାଣିରେ ପଡ଼ି ରହିଥିବା ହେତୁ ସଠିକ ଭାବେ ତାଙ୍କର ପରିଚୟ ଜଣା ପଡ଼ିନାହିଁ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ୧୭୭ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୭୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ସୋମବାର ଭୁବନେଶ୍ୱର ଏକ ଘରୋଇ ହୋଟେଲରେ ଆୟୋଜିତ ହୋଇଛି । ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରୁ ଆରମ୍ଭ ହୋଇଥିବା ଏହି ଏକ ଦିବସୀୟ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ୟୁକୋବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି, ଓଡିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତ୍ତି କାମ୍ବଲେ, କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଡଃ ଶାରଦା ପ୍ରସନ୍ନ ମହାନ୍ତି, ମହାପ୍ରବନ୍ଧକ, ୟୁକୋ ବ୍ୟାଙ୍କ୍ ଏବଂ ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି, ଓଡ଼ିଶା ଗୌତମ ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ବୈଠକରେ ରାଜ୍ୟର ବିଭିନ୍ନ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ଏବଂ ରାଜ୍ୟ ପ୍ରଶାସନର ଉଚ୍ଚ ପଦାଧିକାରୀ ଉପସ୍ଥିତ ରହିଛନ୍ତି । ଏହି ବୈଠକରେ ବ୍ୟାଙ୍କର୍ସ କମିଟିର ରହିଥିବା ବିଭିନ୍ନ ଏଜେଣ୍ଡା ବା କାର୍ଯ୍ୟସୂଚୀ ମଧ୍ୟରେ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଏବଂ ହିତାଧିକାରୀଙ୍କୁ ବ୍ୟାଙ୍କ ସୁବିଧା ପ୍ରଦାନ ସଂପର୍କିତ ବ୍ୟାପକ ଆଲୋଚନା ଜାରି ରହିଛି ।



ଶୀତ ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକଦଳ ବୈଠକ

## ସଠିକ୍ ତଦନ୍ତ ପାଇଁ ୩ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି: ଡିଜିପି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଯାଜପୁରରେ ବିଧାୟକଙ୍କୁ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଡିଜିପି। ୩ ଟି ସ୍ଥାନରେ ଘଟଣା ଘଟିଛି। ସଠିକ୍ ତଦନ୍ତ ପାଇଁ ୩ଟି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ବିଧାୟକଙ୍କୁ ଆକ୍ରମଣ, ରାସ୍ତାରୋକ ଓ ଟାଉନ୍ ଥାନା ଘେରାଉ ମାମଲାରେ ତଦନ୍ତ ହେବ। ପୋଲିସ ପକ୍ଷପାତିତା ଅଭିଯୋଗ ଏଡ଼ାଇବାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। କାହିଁକି ଘଟିଲା, କେମିତି ଘଟିଲା କେଉଁ ପରିସ୍ଥିତିରେ ଘଟିଲା ସେନେଇ କ୍ରାଇମବ୍ରାଞ୍ଚ ତଦନ୍ତ କରିବ।

## ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ । କାରାଦଣ୍ଡ ଶୁଣାଇଲେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲା ଜଜ-୩ । ୨୦୧୭ ମାର୍ଚ୍ଚ ୧୮ ତାରିଖ ସନ୍ଧ୍ୟା ବେଳେ ଧଉଳି ଅଂଚଳରେ ଘଟିଥିଲା ଘଟଣା । ଅଭିଯୁକ୍ତ ସ୍ୱାମୀ ଜଗଦୀଶ ସାହୁ ସ୍ତ୍ରୀ ନିର୍ମଳା ସାହୁଙ୍କ ଚରିତ୍ରକୁ ସନ୍ଦେହ କରି ତଣ୍ଟି ଚିପି ହତ୍ୟା କରିଥିଲା । ନିଜେ ମୂଷା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲା । ୧୦ଜଣ ସାକ୍ଷୀ ଓ ୨୩ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଲେ କୋର୍ଟ ।

## ଲୁଟ୍ ପାଇଁ ମହିଳାଙ୍କୁ ହତ୍ୟା ଘଟଣା, ଲୁଟେରା ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଲୁଟ ପାଇଁ ମହିଳାଙ୍କୁ ହତ୍ୟା ଘଟଣା। ଗିରଫ ହେଲା ଜଣେ ଲୁଟେରା। ଗିରଫ ଅଭିଯୁକ୍ତ ରାଜୁ ନାଇଡୁ। ଝାଡଖଣ୍ଡରୁ ଅଭିଯୁକ୍ତକୁ ଗିରଫ କଲା ପୋଲିସ। ଗତ ୧୧ ତାରିଖରେ ବିଷ୍ଣୁ ପାତ୍ର ସ୍ୱାମୀଙ୍କ ସହ ଯାଉଥିବା ବେଳେ ଦୁଇଜଣ ଲୁଟେରା ଲୁଟ ଉଦ୍ୟମ କରିଥିଲେ। ଲୁଟ ବେଳେ ଗାଡିରୁ ପଡି ଯାଇଥିଲେ ମହିଳା। ଘଟଣାର ତଦନ୍ତ ପାଇଁ ୨୬୮ଟି ସିସିଟିଭି ଯାଞ୍ଚ କରିଥିଲା ପୋଲିସ। ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛି।

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ସ୍ୱାଗତ କଲେ ପ୍ରମିଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାଜପୁର ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ସ୍ୱାଗତ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି କ୍ରାଇମବ୍ରାଞ୍ଚ ତଦନ୍ତ ହେବା ଭଲ। ଦୋଷୀ ଯିଏ ସେ ଦଣ୍ଡ ପାଇବ। କିନ୍ତୁ ଆମକୁ ଘଟଣାରେ ଯାହା ଅନୁଭବ ହେଉଛି ସେ ନେଇ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଜଣାଇବୁ ବୋଲି ସେ କହିଛନ୍ତି।

# ରାଜ୍ୟ ପୋଲିସ ପକ୍ଷପାତିତା ନକରୁ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ପୋଲିସ ଡିଜିପିଙ୍କୁ ଭେଟି ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ପୋଲିସ ସରକାରୀ ଦଳର ହାତବାରିସୀ ନସାଜି ନିରପେକ୍ଷତା ଅବଲମ୍ବନ କରୁ ବୋଲି ଦୃଢ଼ ଦାବି ଜଣାଇଛନ୍ତି। ଏହି ସମ୍ବନ୍ଧରେ ବିଜେଡି ତରଫରୁ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ପୋଲିସ ଡିଜିପିଙ୍କ ସହିତ ଆଲୋଚନା କରି ଫେରିବା ପରେ, ପ୍ରତିନିଧି ମଣ୍ଡଳୀରେ ଥିବା ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ଃ ଅରୁଣ ସାହୁ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଗତ ପାଞ୍ଚ ମାସର ବିଜେପି ଶାସନ କାଳରେ ରାଜ୍ୟରେ ୧୨୫୬ ମହିଳା ଅତ୍ୟାଚାରର ଶିକାର ହୋଇଛନ୍ତି। ସେହିପରି ରାଜ୍ୟରେ ଚୋରି, ଡକାୟତି ଇତ୍ୟାଦି ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଛିନତାୟୀ ଓ ସମ୍ବଲପୁରରେ ଡକାୟତି ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ଅପରପକ୍ଷରେ, ରାଜ୍ୟ ପୋଲିସ ସରକାରୀ ଦଳର ବୋଲକରା ସାଜିଛି, ଯାହା ଫଳରେ ଶାସକ ଦଳର କର୍ମୀ ସମର୍ଥକ ମାନେ ଯେତେ ବଡ଼ ଅପରାଧ କଲେ ମଧ୍ୟ ତାଙ୍କୁ ପୋଲିସ ଗିରଫ କରୁନାହିଁ। ଉଦାହରଣ ସ୍ୱରୂପ, ଯାଜପୁରରେ ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣାରେ, ବିଜେଡିର ୧୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବିଧାୟକଙ୍କ ସମର୍ଥକ, ଯେଉଁମାନେ ସେଠାକୁ ଲାଠି ଓ ଅନ୍ୟ ମାରାଣାସ୍ତ୍ର ନେଇ ଯାଇଥିବାର ଭିଡିଓ ଫୁଟେଜ ରହିଛି, ସେମାନଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଅପରପକ୍ଷରେ, ବିଧାୟକଙ୍କ ସୁନାଚେନ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚକୁ ଅନୁସନ୍ଧାନ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ନିଜ ପୋଲିସ ପ୍ରତି ସରକାରଙ୍କ ଭରସା ନାହିଁ। ବିଜେଡି ନେତା ଭବପ୍ରସାଦ ଦାସ ଅସୁସ୍ଥ ଥିବା ବେଳେ, ତାଙ୍କୁ ଏହି ଘଟଣାରେ ଗିରଫ କରିବା ଅତ୍ୟନ୍ତ ଅମାନବୀୟ କାର୍ଯ୍ୟ ବୋଲି ଡ଼ଃ ସାହୁ କହିଥିଲେ। ବିଜେଡି ତରଫରୁ ଦିଆଯାଇଥିବା ଦାବି ପତ୍ରରେ ଏକାଧିକ ଘଟଣାରେ ରାଜ୍ୟରେ ପୋଲିସର ପକ୍ଷପାତିତା କରି ବିଜେଡି କର୍ମୀଙ୍କୁ ଗିରଫ କରିଥିବା ଦର୍ଶାଯାଇଛି। ବିଜେଡି ପ୍ରତିନିଧି ମଣ୍ଡଳୀରେ, ଦଳର ବରିଷ୍ଠ ସଦସ୍ୟ ମାନେ ଯଥା, ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଡ଼ଃ ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମିଡ଼ିଆ ସଂଯୋଜକ ଡ଼ଃ ପ୍ରିୟବ୍ରତ ମାଝୀ, ମିଡ଼ିଆ ସଂଯୋଜକ ତଥା ମୁଖପାତ୍ର ଡ଼ଃ ଲେନିନ ମହାନ୍ତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜୟ ନାୟକ, ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର, ଯୁବ ନେତା ସଂଜିତ ମହାନ୍ତି, ପୃଥ୍ୱୀରାଜ ସାହୁ ଇତ୍ୟାଦି ଉପସ୍ଥିତ ରହି ଡିଜିପିଙ୍କ ସହ ଆଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ବାତିଲ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ବାତିଲ। ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଦେହାନ୍ତ ପାଇଁ ଦିଲ୍ଲୀ ଗସ୍ତ ବାତିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ବିୟୋଗ ଯୋଗୁ ଶେଷ ଦର୍ଶନ ପାଇଁ କେନ୍ଦୁଝର ଯିବେ ମୁଖ୍ୟମନ୍ତ୍ରୀ। ସମବେଦନା ଜଣାଇବା ସହ ପରିବାର ଲୋକଙ୍କୁ ଭେଟି ସାନ୍ତ୍ୱନା ଜଣାଇବେ।

### ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା

## ସବୁ ଦିଗକୁ ନଜର ରଖିଛୁ: ଡିଜିପି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର-କଟକରେ ବାଂଲାଦେଶୀ ନାବାଳିକାଙ୍କୁ ଉଦ୍ଧାର ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଡିଜିପି ୱାଇବି ଖୁରାନିଆ। ପୋଲିସ କେସ୍ ରେଜିଷ୍ଟର କରି ତଦନ୍ତ କରୁଛି। ଆମେ ସବୁ ଦିଗ ଉପରେ ନଜର ରଖିଛୁ। ଯେଉଁମାନେ ଏଭଳି କାମ କରିଛନ୍ତି ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଡିଜିପି କହିଛନ୍ତି।





"ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।"

-ସ୍ୱାମୀ ବିବେକାନନ୍ଦ



"ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।"

-ମଧୁସୂଦନ ରାଓ

## ନିର୍ବାଚନରେ ମହିଳା ଭୋଟରଙ୍କ ଗୁରୁତ୍ୱ

# ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ନିର୍ଣ୍ଣାୟକ ଭୂମିକା

ସଦ୍ୟ ସମାପ୍ତ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଫଳାଫଳକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ମହିଳା ଭୋଟରମାନେ ହିଁ ଏହି ଦୁଇ ରାଜ୍ୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି କ୍ଷମତାସୀନ ମେଣ୍ଟକୁ ବିଜୟର ମୁକୁଟ ପିନ୍ଧାଇବାରେ ସହାୟକ ହୋଇଛନ୍ତି। ଏକଦା ଭୋଟଗ୍ରହଣ କେନ୍ଦ୍ରକୁ ଆସି ମତଦାନ କରିବାକୁ ଅନିଚ୍ଛୁକ ଥିବା ମହିଳା ଭୋଟରଙ୍କ ମନୋଭାବ ଏବେ ସମ୍ପୂର୍ଣ୍ଣ ବଦଳି ଯାଇଛି ଏବଂ ସେମାନେ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟାରେ ଆସି ଭୋଟ ଦେବାକୁ ଲମ୍ବାଧାଡ଼ିରେ ଛିଡ଼ା ହୋଇ ରହୁଛନ୍ତି। ଆଦର୍ଶ ଓ ବିଚାରଧାରା ନିର୍ବିଶେଷରେ କୌଣସି ରାଜନୈତିକ ଦଳର ଯୋଗ୍ୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ମହିଳା ଭୋଟରଙ୍କ ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି, ନିକଟ ଅତୀତରେ ଅନେକ ନିର୍ବାଚନରୁ ତାହା ପ୍ରମାଣିତ ହୋଇଛି। ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିବା ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନରେ ମଧ୍ୟ ମହିଳା ଭୋଟରଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା, ଯାହାକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଏବେ ଚର୍ଚ୍ଚା ଜାରି ରଖିଛନ୍ତି। ମହାରାଷ୍ଟ୍ରର ମୋଟ ୨୮୮ଟି ବିଧାନସଭା ମଧ୍ୟରୁ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ୨୩୩ ଆସନ ଦଖଲ କରିବାକୁ ସକ୍ଷମ ହୋଇଛି। ଏହି ଫଳାଫଳ ରାଜନେତାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କୁ ବିସ୍ମିତ କରିଛି। କାରଣ ମହାୟୁତିକୁ ଏବେ ଅଧିକ ଆସନ ମିଳିବ ବୋଲି କେହି ଭାବି ନଥିଲେ। ମହାରାଷ୍ଟ୍ର ଶାସକ ମେଣ୍ଟର ଏହି ସଫଳତା ପାଇଁ ଯେଉଁସବୁ କାରଣ ରହିଛି, ସେଥିମଧ୍ୟରୁ ମହିଳା ଭୋଟରଙ୍କ ଭୂମିକା ସର୍ବାଧିକ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ମହିଳା ସାମିଲ ହେବା ସହିତ ମତଦାନ କରିବାକୁ ଆଗେଇ ଆସିବା ପଛରେ ସେମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ମୁଖ୍ୟ କାରଣ ବୋଲି କୁହାଯାଉଛି। ମହାରାଷ୍ଟ୍ର ନିର୍ବାଚନର ଠିକ୍ ପୂର୍ବରୁ ଏକନାଥ ସିନ୍ଦେଙ୍କ ସରକାର ମଧ୍ୟପ୍ରଦେଶ ଢ଼ାଞ୍ଚାରେ ମହିଳାଙ୍କ ପାଇଁ 'ଲାଡ୍‌ଲୀ ବେହନ୍' ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ପରିବାରର ମୁରବୀ ମହିଳାଙ୍କ ଆକାଉଣ୍ଟକୁ ମାସିକ ୧୫୦୦ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ନିର୍ବାଚନ ପରେ ଏହି ଅର୍ଥରାଶି ୨୧୦୦ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ମଧ୍ୟ କୁହାଯାଇଥିଲା। କେବଳ ଏହି ଯୋଜନା ନୁହେଁ, କମ୍ ବୟସର ମହିଳାଙ୍କ ଶିକ୍ଷା ଓ ବୃତ୍ତିଗତ ଦକ୍ଷତା ବଢ଼ାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ସଶକ୍ତିକରଣ ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ଯୋଗାଯାଉଥିଲା। ଏହାଦ୍ୱାରା କେବଳ ଗ୍ରାମାଞ୍ଚଳର ନୁହନ୍ତି, ସହରାଞ୍ଚଳ ମହିଳାମାନେ ମଧ୍ୟ ଉପକୃତ ହେବା ସଙ୍ଗେ ସଙ୍ଗେ ମହାୟୁତି ମେଣ୍ଟକୁ ସମର୍ଥନ କରିବାକୁ ଆଗେଇ ଆସିଥିଲେ। ଅନୁରୂପ ଢ଼ାଞ୍ଚାରେ ଝାଡ଼ଖଣ୍ଡ ନିର୍ବାଚନରେ ମଧ୍ୟ ସମସ୍ତ ଆକଳନ ଭୁଲ୍ ପ୍ରମାଣିତ ହୋଇ ଜେଏମ୍ଏମ୍ ମେଣ୍ଟ ସରକାର ପୁଣିଥରେ କ୍ଷମତାସୀନ ହୋଇଛି ଏବଂ ରାଜ୍ୟର ମହିଳା ଭୋଟରଙ୍କ ଦୃଢ଼ ସମର୍ଥନ ଯୋଗୁଁ ଏହା ସମ୍ଭବପର ହୋଇଥିବାର କୁହାଯାଉଛି। ଏହି ଆଦିବାସୀ ଅଧ୍ୟୁଷିତ ରାଜ୍ୟରେ ନିର୍ବାଚନ ପୂର୍ବରୁ ହେମନ୍ତ ସୋରେନ୍ ସରକାର ଗତ ଅଗଷ୍ଟ ମାସରେ 'ମୟା ସମ୍ମାନ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ୧୮ରୁ ୫୦ବର୍ଷ ବୟସ୍କ ମହିଳାମାନଙ୍କୁ ମାସିକ ଏକ ହଜାର ଟଙ୍କା ପ୍ରଦାନ କରିବାକୁ ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ସ୍କୁଲକୁ ଯାଉଥିବା ଝିଅଙ୍କୁ ମାଗଣା ସାଇକେଲ, ସ୍ୱାମୀ ନଥିବା ମହିଳାଙ୍କୁ ଆର୍ଥିକ ସହାୟତା ଏବଂ କାମଧନ୍ଦା ନଥିବା ମହିଳାଙ୍କୁ ମାସିକ ଷ୍ଟାଇପେଣ୍ଡ ଦେବାର ବ୍ୟବସ୍ଥା ହୋଇଥିଲା। ଏହି କାରଣରୁ ମହିଳା ଭୋଟର ବହୁଳ ସଂଖ୍ୟାରେ ହେମନ୍ତ ସୋରେନ୍ ସରକାର ସପକ୍ଷରେ ମତ ରଖିଛନ୍ତି। କେବଳ ମହାରାଷ୍ଟ୍ର ବା ଝାଡ଼ଖଣ୍ଡ ନୁହେଁ ପୂର୍ବରୁ ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁରେ ମଧ୍ୟ ବହୁ ରାଜନୈତିକ ଦଳ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଲୋଭନୀୟ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଥିବାର ଦୃଷ୍ଟାନ୍ତ ରହିଛି। ଭାରତୀୟ ନିର୍ବାଚନ ପ୍ରକ୍ରିୟାରେ ମହିଳା ଭୋଟର ହିଁ କ୍ରମଶଃ ପରିବର୍ତ୍ତନର ମୁଖ୍ୟ ମାଧ୍ୟମ ହୋଇଥିବାର ଲକ୍ଷ୍ୟ କରାଯାଉଛି ଏବଂ ସେମାନଙ୍କ ମୂଲ୍ୟବାନ ମତଦାନ ନିର୍ଣ୍ଣାୟକ ଫଳାଫଳ ଆଣିବାରେ ସହାୟକ ହେଉଛି।

# ପୁରୁଷଙ୍କ ଅସ୍ତିତ୍ୱ ଓ ସୁରକ୍ଷା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଏବେ ବିଶ୍ୱରେ ୩୦ରୁ ଅଧିକ ଦେଶରେ ପୁରୁଷ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ନଭେମ୍ବର ୧୯ ତାରିଖରେ ଏହି ଦିବସ ପାଳନ କରାଯାଇଥିଲା। ନଭେମ୍ବର ୧୯ ତାରିଖରେ ପୁରୁଷ ଦିବସ ପାଳନ କରାଯିବାର କାରଣ ହେଉଛି ୧୯୯୯ ମସିହା ନଭେମ୍ବର ମାସ ୧୯ ତରିଖରେ ଡକ୍ଟର ଜେରୋମ ତିଳକ ତ୍ରିନିଦାନ ଏବଂ ଟୋବୋଗୋ ଠାରେ ପ୍ରଥମେ ପୁରୁଷ ଦିବସ ପାଳନ କରିଥିଲେ ଯାହା ଏବେ ବିଶ୍ୱର ଅନେକ ଦେଶରେ ପାଳନ କରାଯାଉଛି। ପୁରୁଷଙ୍କ ସକାରାତ୍ମକ ଯୋଗଦାନ ଏବଂ ଉପଲବ୍ଧିକୁ ନେଇ ଏହି ଉତ୍ସବ ପାଳନ କରାଯାଇଥାଏ। ଏଥିସହ ପୁରୁଷଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଲିଙ୍ଗଗତ ସମାନତାକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରୀତ କରାଯାଇଥାଏ। ଏହି ଦିନ ପୁରୁଷଙ୍କ ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟର ଚର୍ଚ୍ଚା ଏବଂ କାର୍ଯ୍ୟକୁ ଆଗକୁ ବଢ଼ାଇବା ଉପରେ ମାନସ ମନ୍ଥନ କରାଯାଇଥାଏ। ଏହିଦିନ ପୁରୁଷଙ୍କୁ ଏକ ସକାରାତ୍ମକ ରୋଲ ମଡ଼େଲରେ ପରିଣତ କରିବା ପାଇଁ ପ୍ରୋତ୍ସାହିତ କରିଥାଏ ଓ ଏକ ସମାବେଶୀ ସମାଜ ଗଠନ ପାଇଁ ଅବସର ପ୍ରଦାନ କରିବା ପାଇଁ ପ୍ରେରିତ କରିଥାଏ। କିଛିବର୍ଷ ପୂର୍ବେ ଭାରତରେ ପୁରୁଷମାନଙ୍କ ସ୍ୱର ଉଠାଉଥିବା ଅଖିଳ ଭାରତୀୟ ପୁରୁଷ ଆସୋସିଏସନ ପକ୍ଷରୁ ମହିଳା ବିକାଶ ମନ୍ତ୍ରାଳୟ ଭଳି ଏକ ସ୍ୱତନ୍ତ୍ର ପୁରୁଷ ବିକାଶ ମନ୍ତ୍ରାଳୟ ଗଠନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ସେହିଭଳି ଉତ୍ତର ପ୍ରଦେଶରେ କିଛି ବିଜେପି ସାଂସଦ ମହିଳା କମିଶନ ଢ଼ାଞ୍ଚାରେ ପୁରୁଷ କମିଶନ ଗଠନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏ ବାବଦରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ କେତେକ ସାଂସଦ ପତ୍ର ଲେଖିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁରୁଷ କମିଶନ ଗଠନ କରିବା ପାଇଁ ପତ୍ର ଲେଖିଥିବା ସାଂସଦମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସାଂସଦ ହରିନାରାୟଣ ରାଜଭରା ସାଂସଦ ରାଜଭର ଯୁକ୍ତି ଦର୍ଶାଇଥିଲେ ଯେ ପତ୍ନୀଙ୍କ ଦ୍ୱାରା ପ୍ରତାଡ଼ିତ ଅନେକ ପୁରୁଷ ଜେଲରେ ଦିନ କାଟୁଛନ୍ତି। ଆଇନର ଏକତରଫା ମାନସିକତା ଏବଂ ସମାଜରେ ସମାଲୋଚିତ ହେବା ଡ଼ରରେ ପୁରୁଷମାନେ ଘରୋଇ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇ ପାରୁନାହାନ୍ତି। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ପୁରୁଷ ଏଭଳି ପ୍ରକାରର ଘଟଣା ବାବଦରେ ଚୁପ୍ ରହୁଛି କାହିଁକି? ଏପରିକି ପୁରୁଷ କମିଶନ ଗଠନ କଥା ଚାହୁଁଛି କାହିଁକି? ବୋଧହୁଏ ପୁରୁଷ ଏବେ ଏଭଳି ପରିସ୍ଥିତିରୁ ମୁକୁଳିବା ପାଇଁ ଚାହୁଁଛନ୍ତି। ମହିଳାଙ୍କ ସପକ୍ଷରେ ସରକାର ଯେଉଁସବୁ ଆଇନ୍ ପ୍ରଣୟନ କରିଛନ୍ତି ତାହା ଦ୍ୱାରା ପୁରୁଷଙ୍କ ଅସ୍ତିତ୍ୱ ଏବଂ ଅସ୍ମିତା ଏବେ ସଙ୍କଟରେ। ଏବେ ସମୟ ବଦଳିବା ସହ ପୁରୁଷମାନେ ଅଧିକ ଦାୟିତ୍ୱବାନ ଏବଂ ସମ୍ବେଦନଶୀଳ ହୋଇ ଯାଇଛନ୍ତି। ଅନେକ ଯୁବ (ପୁରୁଷ) ସମାଜ ନିର୍ମାଣର ଉତ୍ତରଦାୟିତ୍ୱ ମଧ୍ୟ ନେଇଛନ୍ତି ଏବଂ ନିଜର ଦକ୍ଷତାରେ ଏହାମଧ୍ୟ ପ୍ରଦର୍ଶିତ କରୁଛନ୍ତି। ଆଜିର ପୁରୁଷ ମହିଳାଙ୍କ ସହ ତାଳ ମିଳାଇ ଆଗକୁ ବଢ଼ି ଚାଲିଛି। ମହିଳାଙ୍କ ସହ ଯେମିତି ଭେଦଭାବ ନହେବ ସେକଥା ମଧ୍ୟ ସୁନିଶ୍ଚିତ କରୁଛି। ଏକଥା ସରକାରୀ ସଂସ୍ଥା, ଉଦ୍ୟୋଗ, ମେଡିକାଲ, ବ୍ୟାଙ୍କ, ମିଡିଆ ଓ ବ୍ୟବସାୟ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଅନେକ କ୍ଷେତ୍ରରେ ମହିଳାମାନେ ମଧ୍ୟ ଶୀର୍ଷ ପଦ ପଦବୀରେ ରହି କାମ କରୁଛନ୍ତି।

ପୁରୁଷ ଏବେ ମହିଳାଙ୍କ ନେତୃତ୍ୱ (ଅଧିନ)ରେ କାର୍ଯ୍ୟ କରିବାକୁ ମଧ୍ୟ ସଙ୍କୋଚ କରୁନାହାଁନ୍ତି। ଜାତିସଂଘ ପୁରୁଷ ଦିବସ ପାଳନକୁ ମଧ୍ୟ ମାନ୍ୟତା ଦେଇଛି ଓ ଏହି ଉତ୍ସବ ପାଳନର ଆବଶ୍ୟକତାକୁ ମଧ୍ୟ ସ୍ୱୀକୃତି ଦେଇଛି। ଗୋଟିଏ ପଟେ ଯେତେବେଳେ ମହିଳାମାନେ ସଶକ୍ତ ହେଉଛନ୍ତି ଅନ୍ୟପଟେ ପୁରୁଷଙ୍କ ମାନସିକତା ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। କିଛି ବର୍ଷ ପୂର୍ବେ ସମାଜରେ ପୁରୁଷଙ୍କୁ ନେଇ ସମାଜରେ ଅନେକ ରଢ଼ିବାଦୀ ବିଚାର ଥିଲା ଓ ମହିଳାଙ୍କୁ ଶୋଷଣ ଏବଂ ସେମାନଙ୍କୁ ଅଣଦେଖା କରାଯାଉଥିବାର ଅଭିଯୋଗ ଉଠୁଥିଲା। ଏବେ ଏହି ରଢ଼ିବାଦୀ ବିଚାରଧାରାରେ ପରିବର୍ତ୍ତନ ହେବାରେ ଲାଗିଛି। ପୁରୁଷ ଏକ ଏମିତି ଶବ୍ଦ ଯାହା କିନା କାହାରି ଜୀବନର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ। ନାରୀ/ ମହିଳା ଜୀବନକୁ ପରିପୂର୍ଣ୍ଣତା ଦେଇଥାଏ କିନ୍ତୁ ପୁରୁଷ ହେଉଛି ଏହାର ଆଧାର। ନାରୀ ଜନ୍ମଦାତ୍ରୀ ହେଲେ ପୁରୁଷ ଜୀବନ ନିର୍ମାତା।

ଭାରତୀୟ ସମାଜରେ ପୁରୁଷଙ୍କୁ ସଂଘର୍ଷଶୀଳ ଏବଂ କଠୋର ଆଖ୍ୟା ଦିଆଯାଉଥିଲା। କିନ୍ତୁ ଏକ ପ୍ରମୁଖ ପ୍ରଶ୍ନ ହେଉଛି ପୁରୁଷ କିଏ? କ'ଣ ଯିଏ ଘୋଡ଼ା ଚଢ଼େ, ଗାଡିରେ ଯିବା ଆସିବା କରେ, ଶିକାର କରେ ବା ଭଲ ସୁଟ୍‌ବୁଟ୍ ପିନ୍ଧି କାର୍‌ରେ ବସି ଅଫିସ୍ ଯାଏ ଏବଂ ଘରେ ନିଜର ପ୍ରଶଂସା ଶୁଣିବାକୁ ଚାହେଁ। ପୁରୁଷଙ୍କୁ ଯେଉଁ ଅତ୍ୟାଚାରୀ ଶୋଷକ, ଆକ୍ରାନ୍ତ ଏବଂ ଅସମ୍ବେଦନଶୀଳ ଭାବେ ଚିତ୍ରଣ କରାଯାଉଥିଲା ତାହା କ'ଣ ପୁରୁଷର ବାସ୍ତବିକ ଛବି? ବିଗତ କିଛିବର୍ଷ ହେବ ଗାଉଁଲି ଭାଷାରେ କୁହାଯାଉଥିବା ମରଦ ବା ପୁରୁଷର ପରିଭାଷାରେ ଏକ ଉଦାରବାଦୀ ଏବଂ ସମ୍ବେଦନଶୀଳ ପରିବର୍ତ୍ତନ ଦେଖିବାକୁ ମିଳୁଛି। ପୂର୍ବାଗ୍ରହୀ ରଢ଼ିବାଦୀ ମାନସିକତାର ପୁରୁଷ ଆଉ ଏବେ ନାହିଁ ବରଂ ଏହାର ଊର୍ଦ୍ଧ୍ୱରେ ଏମିତି ଏକ ଆଧାରସ୍ତମ୍ଭ ପାଲଟି ଯାଇଛି ଯିଏ ଉତ୍ତରଦାୟୀତ୍ୱ ନିର୍ବାହ କରିବା ସହ ସମାଜ ଓ ଦେଶର ବିକାଶ ପାଇଁ କାର୍ଯ୍ୟ ଓ ପରିବାରର ଦାୟିତ୍ୱକୁ ସଠିକ୍ ଭାବେ ତୁଲାଇବାରେ ସକ୍ଷମ ହୋଇଥାଏ।

ଆନ୍ତର୍ଜାତୀୟ ପୁରୁଷ ଦିବସ ଏକ ବାର୍ଷିକ କାର୍ଯ୍ୟକ୍ରମ ଯେଉଁଠି ପୁରୁଷମାନେ ସାମ୍ନା କରୁଥିବା ଚାଲେଞ୍ଜ ଏବଂ ସେମାନଙ୍କ ଅନୁଭବ ବାବଦରେ ଜାଣିବା ଏବଂ ତା'ର ସମାଧାନ କରାଯିବା ଦିଗରେ ଗୁରୁତ୍ୱ ଦେଇ ସମାଧାନ ପ୍ରସଙ୍ଗରେ ଚିନ୍ତନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଲିଙ୍ଗଗତ ଅସମାନତାକୁ ରୋକିବା ଦିଗରେ ମଧ୍ୟ ଆଲୋଚନା କରାଯାଇଥାଏ। ସମାଜ ରୂପି ଗାଡିକୁ ଚଲାଇବା ପାଇଁ ମହିଳାମାନେ ପୁରୁଷଙ୍କୁ ସହଯୋଗ କରିବା ଆବଶ୍ୟକ। ମାନବୀୟ ସମ୍ପର୍କ ଅନୁସାରେ ଦୁନିଆରେ ସବୁଠାରୁ ଉଚ୍ଚସ୍ଥାନ ମା' ରୂପରେ ନାରୀକୁ ଦିଆଯାଇଥାଏ। କିନ୍ତୁ ସନ୍ତାନ ସନ୍ତତିକୁ ବଡ଼ କରିବା ଏବଂ ସଭ୍ୟ କରିବା ପାଇଁ ପିତା ରୂପରେ ପୁରୁଷର ଯୋଗଦାନ କମ୍ ନୁହେଁ। ନାରୀ/ମହିଳା ମମତାର ସାଗର ହେଲେ ପୁରୁଷ ହେଉଛି ତା'ର କୂଳ। ମହିଳା ଘରକୁ ସଜାଇଥାନ୍ତି ହେଲେ ପୁରୁଷ ଘରର ସାହାରା। ଏଣୁ ଏହି ପୁରୁଷଙ୍କ ସମ୍ମାନ ପାଇଁ ପରୁଷ ଦିବସ ପାଳନ କରାଯାଇଥାଏ। ବିଶ୍ୱର ଅନ୍ୟ ଦେଶମାନଙ୍କ ଭଳି ଭାରତରେ ମଧ୍ୟ ଘରୋଇ ହିଂସା ରହିଛି। ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ ପାଇଁ କଠୋର ଆଇନ ଅଛି କିନ୍ତୁ ଘରୋଇ ହିଂସାର ଶିକାର ହେଉଥିବା ପୁରୁଷଙ୍କ ପାଇଁ ଆଇନ୍ ନାହିଁ। କ'ଣ ଖାଲି ମହିଳାମାନଙ୍କ ଉପରେ ପୁରୁଷ ଅତ୍ୟାଚାର କରୁଛନ୍ତି? ପୁରୁଷ କ'ଣ ମହିଳାଙ୍କ ଦ୍ୱାରା ଅତ୍ୟାଚାରିତ ହେଉନାହିଁ?

# ସମ୍ବିଧାନ ଦେଶର ରକ୍ଷା କବଚ



ମୋହନ ଚରଣ ବିଷି
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୪୧

ଉତ୍ତରରେ ହିମାଳୟ ପର୍ବତମାଳା, ଦକ୍ଷିଣରେ ଭାରତ ମହାସାଗର, ପଶ୍ଚିମରେ ଆରବ ସାଗର ଓ ପୂର୍ବରେ ବଙ୍ଗୋପ ସାଗର ମଧ୍ୟବର୍ତ୍ତୀ ଭୂଖଣ୍ଡ ହେଉଛି ଭାରତ ଦେଶ। ଭାରତ ଏକ ବହୁ ପୁରାତନ ଜନବସତି। କେଉଁ କାଳରୁ ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କୃଷ୍ଣା, କାବେରୀ ପରି ଅସଂଖ୍ୟ ନଦୀ ଭାରତକୁ ଜୀବନ୍ତ କରି ରଖିଛି। ଭାରତର ଅଧିବାସୀଙ୍କର ଜୀବିକାରେ ଯେତିକି ପାର୍ଥକ୍ୟ ପରିଦୃଷ୍ଟ ହୁଏ, ସେମାନଙ୍କ ଜୀଇଁବା ଶୈଳୀରେ ମଧ୍ୟ ସେହି ପରିମାଣରେ ସାଦୃଶ୍ୟ ରହିଛି। ସେମାନଙ୍କ ଭାଷାରେ, ଲିପିରେ, ଯେତିକି ଭିନ୍ନତା ପରିଲକ୍ଷିତ ହୁଏ ସେମାନଙ୍କ ଅନୁଭବରେ, ସେମାନଙ୍କ ସାହିତ୍ୟରେ ଓ ସଂସ୍କୃତିରେ କିନ୍ତୁ ସମାନତା ପ୍ରଦର୍ଶନ କରନ୍ତି। ଭାରତୀୟଙ୍କ ମନ, ପ୍ରାଣ, ଅନୁଭବ, ଅନୁଭୂତି ସବୁଥିରେ ଯେମିତି ଗୋଟିଏ ମାତ୍ର ଚେତନା ପ୍ରବାହିତ ହୋଇଥାଏ। କେଉଁ ଏକ ଅଜ୍ଞାତ ଚୁମ୍ବକୀୟ ସ୍ପର୍ଶରେ ସେମାନେ ପରସ୍ପର ସହିତ ସଂପର୍କିତ ହୋଇ ରହିଥାନ୍ତି।

ପ୍ରତ୍ୟେକ ଜାତିର ଏକ ନିଜସ୍ୱ ଶାସନ ଖସଡା ବା ସମ୍ବିଧାନ ରହିବା ଆବଶ୍ୟକ। ଏହା ରାଷ୍ଟ୍ରକୁ ଶକ୍ତିଶାଳୀ କରିଥାଏ ଓ ଆତ୍ମ ନିର୍ଦ୍ଧାରଣ ଅଧିକାର ସାବ୍ୟସ୍ତ କରେ। ଇଂରେଜ ସରକାର ଭାରତୀୟମାନଙ୍କ ଆଗରେ ମୁଣ୍ଡ ନୁଆଁଇ ଭାରତ ଛାଡିଦେବା ପାଇଁ ସ୍ଥିର କଲେ। ଭାରତୀୟମାନେ ଏକ ଶାସନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସମ୍ବିଧାନ ପ୍ରଣୟନ ସଭାର ଆୟୋଜନ କଲେ। ଏହି ସମ୍ବିଧାନ ପ୍ରଣୟନ ପାଇଁ ପ୍ରଥମ କରି ୬ ଡିସେମ୍ବର ୧୯୪୬ ମସିହାରେ ଚିନ୍ତନ କରାଗଲା। ୯ଡିସେମ୍ବର ୧୯୪୬ ମସିହାରେ ସମ୍ବିଧାନ ପ୍ରଣୟନ ସଭା ବସିଲା। ସଚ୍ଚିଦାନନ୍ଦ ସିହ୍ନା ସଭାପତିତ୍ୱ କରିଥିବା ବେଳେ ଜେବି କ୍ରିପାଲିନି ମଧ୍ୟ ସଭାକୁ ସମ୍ବୋଧିତ କରିଥିଲେ। ୧୧ଡିସେମ୍ବର ୧୯୪୬ ମସିହାରେ ରାଜେନ୍ଦ୍ର ପ୍ରସାଦ ସଭାପତି, ଏଚ୍ ସି ମୁଖାର୍ଜୀ ଉପ ସଭାପତି ଓ ବି ଏନ୍ ରାଓ ଆଇନ ପରାମର୍ଶଦାତା ହେଲେ। ଏହି ସଭାରେ ବିଭିନ୍ନ ବର୍ଗର ୩୮୯ ସଦସ୍ୟ ନିର୍ବାଚିତ ହେଲେ। ୧୩ ଡିସେମ୍ବର ୧୯୪୬ ମସିହାରେ ଅବଜେକ୍‌ଟିଭ ରେଜୁଲେସନ ଉପସ୍ଥାପିତ କଲେ ଜବହାରଲାଲ ନେହେରୁ ଯାହା ପରବର୍ତ୍ତି ସମୟରେ ସମ୍ବିଧାନର ମୁଖବନ୍ଧ ହୋଇଥିଲା। ୨୨ଜାନୁଆରୀ ୧୯୪୭ ମସିହାରେ ଏହି ଅବେଜେକଟିଭ ରେଜୁଲେସନକୁ ସାମ୍ବିଧାନିକ ସଭାରେ ଗ୍ରହଣ କରାଗଲା। ୨୨ଜୁଲାଇ୧୯୪୭ମସିହାରେ ଜାତୀୟ ପତାକାକୁ ସ୍ୱୀକୃତି ଦିଆଗଲା। ୧୫ଅଗଷ୍ଟ ୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କଲା। ୨୯ ଅଗଷ୍ଟ ୧୯୪୭ ମସିହାରେ ଚିଠା କମିଟିର ଅଧ୍ୟକ୍ଷ ଭାବେ ଡ. ବିଆର ଅମ୍ବେଦକର ନିଯୁକ୍ତ ହେଲେ। ତାଙ୍କ ସହ ଅନ୍ୟ ଛ'ଜଣ ସଦସ୍ୟ ମଧ୍ୟ ନିଯୁକ୍ତି ପାଇଲେ ସେମାନେ ହେଲେ ମୁନସୀ, ମହମ୍ମଦ ସାଦୁଲା, ଆଲାଦି କ୍ରିଷ୍ଣା ସ୍ୱାମୀ ଆୟର, ଏନ ଗୋପାଳ ସ୍ୱାମୀ ଆୟାନଗର, ଖାଇତାନ ଓ ମିତର। ୨୬ ନଭେମ୍ବର ୧୯୪୯ ମସିହାରେ ସମ୍ବିଧାନ ପ୍ରଣୟନ ସଭା ସମ୍ବିଧାନକୁ ସର୍ବସମ୍ମତି କ୍ରମେ ଅନୁମୋଦନ ଓ ଗ୍ରହଣ କଲା। ୨୪ଜାନୁଆରୀ ୧୯୫୦ମସିହାରେ ସମ୍ବିଧାନ ପ୍ରଣୟନ ସଭାର ଶେଷ ବୈଠକ ବସିଥିଲା, ସେହି ବୈଠକରେ ୩୯୫ ଧାରା, ୮ ଅନୁଚ୍ଛେଦ ଓ ୨୨ଗୋଟି ଅଧ୍ୟାୟ ଉପରେ ସମସ୍ତେ ଦସ୍ତଖତ କରିଥିଲେ। ୨୬ ଜାନୁଆରୀ ୧୯୫୦ ମସିହାରେ ସମ୍ବିଧାନ କାର୍ଯ୍ୟକାରୀ ହେଲା। ସମ୍ବିଧାନ ତିଆରି କରିବାକୁ ମୋଟ ଦୁଇ ବର୍ଷ ଏକଗାର ମାସ ଓ ଅଠର ଦିନ ସମୟ ଲାଗିଥିଲା।

ସାର୍ ବେଙ୍ଗଲ ନରସିଂହ ରାଓ ସାମ୍ବିଧାନିକ ଉପଦେଷ୍ଟା ଭାବରେ ୧୯୪୬ ମସିହାରେ ନିଯୁକ୍ତ ହୋଇଥିଲେ। ସେ ୨୪୩ ଧାରା ଓ ୧୩ ଅନୁଚ୍ଛେଦର ଏକ ଡ୍ରାଫଟ୍ ପ୍ରସ୍ତୁତ କରିଥିଲେ। ଏହି ଡ୍ରାଫ୍ଟ ଉପରେ ଡ. ବି ଆର୍ ଆମ୍ବେଦକରଙ୍କ ଗଠିତ କମିଟି ପୁନଶ୍ଚ ଡ୍ରାଫ୍ଟ ପ୍ରସ୍ତୁତ କରି ୪ ନଭେମ୍ବର ୧୯୪୭ମସିହାରେ ସମ୍ବିଧାନ ପ୍ରଣୟନ ସଭାରେ ଉପସ୍ଥାପିତ କରିଥିଲେ। ଡ. ବି ଆର୍ ଅମ୍ବେଦକର ୨୫ ନଭେମ୍ବର ୧୯୪୯ ମସିହାରେ ସମ୍ବିଧାନ ପ୍ରଣୟନ ସଭାକୁ ସମ୍ବୋଧିତ କରିଥିଲେ। ୨୬ ନଭେମ୍ବର ୧୯୪୯ ମସିହାରେ ୨୮୪ଜଣ ସଦସ୍ୟ ଡ.ଆମ୍ବେଦକରଙ୍କ ଦ୍ୱାରା ପ୍ରସ୍ତୁତ ଡ୍ରାଫ୍ଟକୁ ଦସ୍ତଖତ କରି ଅନୁମୋଦନ କଲେ। ଏହି ଦିବସକୁ ଆମେ ସମ୍ବିଧାନ ଦିବସ ଭାବରେ ପାଳନ କରୁ। ସମ୍ବିଧାନ ତିଆରିରେ ଡ.ବି ଆର୍ ଆମ୍ବେଦକରଙ୍କ ସୁଦୂରପ୍ରସାରୀ କାର୍ଯ୍ୟ ପାଇଁ ସମ୍ବିଧାନର ଜନକ ବୋଲି କୁହାଯାଏ।

ମୂଳ ସମ୍ବିଧାନ ହେଉଛି ହସ୍ତ ଲିଖିତ ସମ୍ବିଧାନ। ଶାନ୍ତି ନିକେତନର ବେହୋର ରାମ ଭନୋହର ସିହ୍ନା ଓ ନନ୍ଦଲାଲ ବୋଷ ସମ୍ବିଧାନକୁ ହାତରେ ଲେଖିଥିଲେ। ଏହାର ଅଳଙ୍କରଣ କରିଥିଲେ ପ୍ରେମ ବିହାରୀ ନାରିନ ରାଇଜାଦା। ଏହା ଡେରାଡୁନରୁ ପବ୍ଲିଶ ହୋଇଥିଲା ଓ ଏହାର ଫଟୋଲିଥୋ ସର୍ଭେ ଅଫ ଇଣ୍ଡିଆ କରିଥିଲା। ହାରାହାରି ୬.୩କୋଟି ଟଙ୍କା ସମ୍ବିଧାନ ତିଆରି ପାଇଁ ଖର୍ଚ୍ଚ ହୋଇଥିଲା।

ପୃଥିବୀର ସର୍ବ ବୃହତ୍ତ ସମ୍ବିଧାନ ଭାବରେ ଭାରତୀୟ ସମ୍ବିଧାନର ମାନ୍ୟତା ରହିଛି। ଭାରତୀୟ ସମ୍ବିଧାନ ୩୯୫ ଧାରା ୨୨ଅଧ୍ୟାୟ ସହ ୮ଗୋଟି ଅନୁସୂଚୀ ରହିଥିବାବେଳେ ବର୍ତ୍ତମାନ ମୁଖବନ୍ଧ ସହ ୪୪୮ଧାରା ୨୫ଗୋଟି ଅଧ୍ୟାୟ ୧୨ଗୋଟି ଅନୁସୂଚୀ ରହିଛି। ଭାରତୀୟ ସମ୍ବିଧାନର ମୁଖବନ୍ଧ ଦେଶର ଜାତକ ଅଟେ। ଏହି ମୁଖବନ୍ଧରେ ସମ୍ବିଧାନର ମୂଖ୍ୟ କଥନ ରହିଛି। ଭାରତକୁ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ସାଧାରଣତନ୍ତ୍ର, ଗଣତାନ୍ତ୍ରିକ ରାଷ୍ଟ୍ର ସହ ନ୍ୟାୟ, ସ୍ୱାଧୀନତା, ସମାନତା, ଭାତୃତ୍ୱ ଭାବ ସହ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସମ୍ବିଧାନର ମୁଖବନ୍ଧ ଗୁରୁତ୍ୱ ଆରୋପ କରିଛି।

ଭାରତୀୟ ସମ୍ବିଧାନ ଭାରତର ନାଗରିକମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରେ। ଯାହା ସମ୍ବିଧାନର ତୃତୀୟ ଭାଗରେ ବର୍ଣ୍ଣିତ। ଏହିସବୁ ଅଧିକାର ଭାରତୀୟ ନାଗରିକଙ୍କ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରିଥାଏ। ସମ୍ବିଧାନର ୧୨ ଧାରାରୁ ୩୫ ଧାରାରେ ୬ ଗୋଟି ମୌଳିକ ଅଧିକାର ବର୍ଣ୍ଣିତ ହୋଇଛି। ପୂର୍ବରୁ ୭ ଗୋଟି ମୌଳିକ ଅଧିକାର ଥିଲା ଯାହା ୧୯୭୯ ମସିହା ୪୪ତମ ସମ୍ବିଧାନ ସଂଶୋଧନ ବ୍ୟବସ୍ଥାରେ ସଂପତ୍ତି ଗତ ଅଧିକାରକୁ ବାଦ ଦିଆଗଲା। ଏବଂ ବର୍ତ୍ତମାନ ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ଧର୍ମୀୟ ସ୍ୱାଧୀନତା ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ଓ ସାମ୍ବିଧାନିକ ପ୍ରତିକାର ଅଧିକାର ପରି ଛଗୋଟି ମୌଳିକ ଅଧିକାର ରହିଛି। ଏହି ଅଧିକାର ଗୁଡିକ ଅଦାଲତରେ ସାବ୍ୟସ୍ତଶୀଳ ହୋଇଥାଏ। ଚତୁର୍ଥ ଭାଗରେ ଥିବା ଧାରା ୩୬ରୁ ୫୧ବର୍ଣ୍ଣିତ ରାଷ୍ଟ୍ରୀୟ ନିର୍ଦ୍ଦେଶ ମୂଳକ ନୀତି ଦେଶକୁ ଶ୍ରେଣୀ ମୁକ୍ତ, ସହଯୋଗ ମୂଳକ, ଜନମଙ୍ଗଳ ରାଷ୍ଟ୍ର ଗଠନରେ ଏକ ପ୍ରସ୍ତାବ ଅଟେ। ଏହା ଭାରତକୁ ସୁଦୃଢ଼ କରିବାରେ ଯେତିକି ସହଯୋଗ କରେ ୫୧(କ) ଧାରାରେ ବର୍ଣ୍ଣିତ ୧୧ଗୋଟି ମୌଳିକ କର୍ତ୍ତବ୍ୟ ନାଗରିକଙ୍କୁ ଦେଶ ପ୍ରତି କର୍ତ୍ତବ୍ୟ କରିବାକୁ ଆହ୍ୱାନ ଦେଇଥାଏ। ସମ୍ବିଧାନର ୪୨ତମ ସଂଶୋଧନ ୧୯୭୬ମସିହାରେ ଦଶ ଗୋଟି ମୌଳିକ କର୍ତ୍ତବ୍ୟ ଯୋଗ କରାଯାଇଥିଲା ଏବଂ ୨୦୦୨ମସିହାରେ ୮୬ତମ ସମ୍ବିଧାନ ସଂଶୋଧନ ବ୍ୟବସ୍ଥାରେ ଆଉ ଏକ ମୌଳିକ କର୍ତ୍ତବ୍ୟକୁ ଯୋଗ କରିବା ଫଳରେ ବର୍ତ୍ତମାନ ଆମର ୧୧ଗୋଟି ମୌଳିକ କର୍ତ୍ତବ୍ୟ ରହିଛି।

ଆମ ଭାରତୀୟ ସମ୍ବିଧାନର ଏହି ବିଶାଳତା ଭାରତକୁ ପୃଥିବୀରେ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ସମ୍ବିଧାନରେ ସନ୍ନିବେଶିତ ପ୍ରତିଟି ନିୟମ ପ୍ରଣୟନ ପଛରେ କେବଳ ଭାରତୀୟ ନୁହନ୍ତି ବିଦେଶୀମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରେ। ସମ୍ବିଧାନ ସମସ୍ତଙ୍କୁ ସୁରକ୍ଷା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସମ୍ବିଧାନର ସୁରକ୍ଷା ଆମ ସମସ୍ତଙ୍କର ସୁରକ୍ଷା। ସମ୍ବିଧାନ ସବୁବେଳେ ନାଗରିକର ରକ୍ଷା କବଚ ପରି କାମ କରିଥାଏ।

# ଶ୍ୱେତ କ୍ରାନ୍ତିର ଜନକ : ଭର୍ଗିଜ କୁରିଅନ୍



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଶ୍ୱେତକ୍ରାନ୍ତିର ଜନକ ଭାବେ ସାରା ଦେଶ ଭର୍ଗିଜ୍ କୁରିଅନ୍‌ଙ୍କୁ ଜାଣେ। ତାଙ୍କରି ଉଦ୍ୟମ ଯୋଗୁଁ ଭାରତ ବିଶ୍ୱର ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶରେ ପରିଣତ ହୋଇଥିଲା। ବ୍ରିଟିଶ ଶାସିତ ମାଡ୍ରାସ୍ ପ୍ରେସିଡେନ୍ସି ଅଧିନରେ ଥିବା କାଲିକଟ (ବର୍ତ୍ତମାନ କେରଳର କୋଝିକୋଡ଼) ଠାରେ ୧୯୨୧ ମସିହା ନଭେମ୍ବର ୨୬ ତାରିଖରେ ଏକ ପାର୍ସୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଭର୍ଗିଜ୍ କୁରିଏନ୍। ପ୍ରଥମେ ମାଡ୍ରାସ୍‌ରୁ ଇଞ୍ଜିନିୟରିଂ ଶିକ୍ଷା ସମାପ୍ତ କରିବା ପରେ ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଭାରତ ଫେରିବା ପରେ ତାଙ୍କୁ ଗୁଜୁରାଟର ଖେଡ଼ା ଜିଲ୍ଲା ଅନ୍ତର୍ଗତ ଆନନ୍ଦ ଠାରେ ଥିବା ଲହୁଣୀ କାରଖାନାରେ ଭାରତ ସରକାର ଅବସ୍ଥାପିତ କରିଥିଲେ। କୁରିଅନ୍ ସେହିଠାରେ ହିଁ ଜନ୍ମ ନେଇଥିଲା ବିଶାଳ ଦୁଗ୍ଧ ଉତ୍ପାଦନକାରୀ ସଂଗଠନ ଅମୁଲ।

ଅମୁଲ ଏବେ ଦୁଗ୍ଧଚାଷୀଙ୍କ ଦ୍ୱାରା ପରିଚାଳିତ ସର୍ବବୃହତ ସମବାୟ ଅନୁଷ୍ଠାନ। କୁରିଅନ୍‌ଙ୍କ ଦୂରଦୃଷ୍ଟି ଯୋଗୁଁ ଏହି ଅନୁଷ୍ଠାନ ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନରେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିବା ସହ ସଂଖ୍ୟାଧିକ ଚାଷୀଙ୍କୁ ସ୍ୱାବଲମ୍ବୀ କରିପାରିଛି। ଅମୁଲର ଜନ୍ମ ପରେ ଭର୍ଗିଜଙ୍କୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ତାଙ୍କୁ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡ଼ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲେ। ଦେଶର ବିକାଶ ପ୍ରତି ଯଥେଷ୍ଟ ଅବଦାନ ଦେଇଥିବା ଯୋଗୁଁ ଭର୍ଗିଜ ରମଣ ମାଗାସେସେ ପୁରସ୍କାର, ଓ୍ୱାର୍ଲଡ଼ ଫୁଡ୍ ପ୍ରାଇଜ୍ ଏବଂ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଥିଲା।

# ଓଡ଼ିଶାର ଶସ୍ୟକ୍ଷେତ୍ର ଅଭିବୃଦ୍ଧି ଜାତୀୟ ହାରଠୁ ବଢୁଛି

ଇଂ. ପ୍ରକାଶ କୁମାର ଭୂୟାଁ
ମେରାମୁଣ୍ଡଲି, ଢେଙ୍କାନାଳ

ରାଜ୍ୟରେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ବିଗତ ୧୦ ବର୍ଷରେ ଓଡ଼ିଶା ଶସ୍ୟ କ୍ଷେତ୍ରରେ ଜାତୀୟ ହାର ଠାରୁ ଦୁଇଗୁଣ ଅଧିକ ଅଭିବୃଦ୍ଧି ହାସଲ କରିଛି। ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଜାତୀୟ ହାର ଠାରୁ ଓଡ଼ିଶାର ଉତ୍ପାଦନ ୩୩% ଅଧିକ। ଅନୁରୂପ ଭାବରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାର ଠାରୁ ଯଥେଷ୍ଟ ଉନ୍ନତ ପ୍ରଦର୍ଶନ କରିଥିବା ଉଲ୍ଲେଖ କରି ନିକଟରେ ନିତି ଆୟୋଗର ସଦସ୍ୟ ରମେଶ ଚାନ୍ଦ ଓଡ଼ିଶାକୁ ଉଚ୍ଚ ପ୍ରଶଂସା କରିଛନ୍ତି।

କେବଳ ପଶୁଧନ କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ ସମସ୍ତ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଯଥେଷ୍ଟ ଆଗରେ ରହିଛି। ଆଗକୁ କୃଷି କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ପାଖରେ ପ୍ରଚୁର ସମ୍ଭାବନା ରହିଛି। କୃଷି କ୍ଷେତ୍ରରେ ଆଖି ଦୃଶିଆ ଅଭିବୃଦ୍ଧି ପାଇଁ ଅତୀତରେ କେନ୍ଦ୍ର ସରକାର ଓଡ଼ିଶାକୁ ପାଞ୍ଚଥର କୃଷି କର୍ମଣ ପୁରସ୍କାର ପାଇଛନ୍ତି।

ରାଜ୍ୟରେ କୃଷକ ଓ କୃଷି କ୍ଷେତ୍ରରେ ଉନ୍ନତି ପାଇଁ ପୂର୍ବତନ ସରକାର ଅନେକ ଯୋଜନା ହାତକୁ ନେଇଥିଲେ। ଚାଷ ଓ ଚାଷୀଙ୍କୁ ସର୍ବାଧିକ ଗୁରୁତ୍ୱ ଦେଇ ନବୀନ ସ୍ୱତନ୍ତ୍ର କୃଷି ବଜେଟ ଆଣିବା ସହ କାଳିଆ, ବଳରାମ ପରି ଯୋଜନା ପ୍ରଣୟନ କରିଥିଲେ। ଯାହା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ମଜଭୁତ କରିଥିବା ବେଳେ ଅଧିକରୁ ଅଧିକ ଚାଷ ପାଇଁ ସେମାନଙ୍କୁ ପ୍ରେରିତ କରିଥିଲା। ଖାଲି ଏତିକି ନୁହେଁ, ଚାଷୀଙ୍କୁ ବିନା ସୁଧ ଋଣ, ବିଦ୍ୟୁତ ଠାରୁ ଆରମ୍ଭ କରି ବିହନ ପ୍ରଦାନ ପର୍ଯ୍ୟନ୍ତ ଏକାଧିକ ରିଆତିର ବ୍ୟବସ୍ଥା, ଚାଷୀଙ୍କ ପାଇଁ ଉତ୍ତମ ବଜାର ବ୍ୟବସ୍ଥା ପରି ଉଲ୍ଲେଖନୀୟ ପଦକ୍ଷେପ ନେଇଥିଲେ ପୂର୍ବ ସରକାର। ସେହିପରି ଜଳସେଚନକୁ ବଳ ଦେବାକୁ ଯାଇ ଏକାଧିକ ବୃହତ, ମଧ୍ୟ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରି ଲକ୍ଷ ଲକ୍ଷ ହେକ୍ଟର ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରିଥିଲେ। ଯାହାର ସୁଫଳ ଭାବେ ରାଜ୍ୟରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଓଡ଼ିଶା ବିଗତ ଦଶ ବର୍ଷରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି ବୋଲି କୃଷି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ କୃଷି ଅଭିବୃଦ୍ଧିରେ ଓଡ଼ିଶା ଦେଶଠୁ ଆଗରେ ରହିବା ପୂର୍ବ ସରକାରଙ୍କ ସଫଳତାକୁ ପ୍ରତିପାଦନ କରୁଛି। ବିଦାୟୀ ସରକାରଙ୍କ ପରି ବର୍ତ୍ତମାନ ସରକାରଙ୍କୁ ସମ୍ମାନ ଭାବେ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ଦୂରଦର୍ଶୀ, ଦୀର୍ଘମିଆଦି ସୂତ୍ରରୁ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନ କରିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଛନ୍ତି କୃଷି ବିଶେଷଜ୍ଞ।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ରାଜ୍ୟ ସରକାର ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବାର ଲକ୍ଷ୍ୟ ରଖି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି। ରାଜ୍ୟର ଯୁବ ବର୍ଗ ବ୍ୟାପକ ଶିଳ୍ପାୟନରେ ସ୍ୱାବଲମ୍ବନର ସୁଯୋଗ ପାଇବେ ଓ ମୋଦିଜୀଙ୍କ ପୂର୍ବ ଭାରତର ବିକାଶ ମାନଚିତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ରହିବ। ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ପାଣ୍ଠି କ୍ଷେତ୍ରରେ ମୋଦିଜୀଙ୍କ ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ପ୍ରଦାନ କରିଛନ୍ତି। ଓଡ଼ିଶା ଆଜି ସର୍ବଭାରତୀୟ ସ୍ତରରେ ଏକ ପ୍ରଗତିର ବିକଶିତ ରାଜ୍ୟ ଭାବେ ସ୍ଥାନିତ ହୋଇପାରିଛି। ରାଜ୍ୟର ନବଗଠିତ ବିଜେପି ସରକାର ମଧ୍ୟ ଅନେକ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇ ସଫଳତା ପାଇବା ସହ ବିଭିନ୍ନ ଯୋଜନାକୁ ଯଥାର୍ଥ ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏ କ୍ଷେତ୍ରରେ ପ୍ରତିଟି ଓଡ଼ିଆଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଏକ ବିକଶିତ ଓଡ଼ିଶା ଗଠନରେ ଆସନ୍ତୁ ସମସ୍ତେ ନିଜ ନିଜ ସୀମିତ ସାଧ୍ୟ ମତେ ସମାଜ ପ୍ରତି, ଆମ ଦେଶ ପ୍ରତି ଥିବା ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା।

# ଜୀବନ ମନ୍ତ୍ର

ଦେବଦତ୍ତ ବିଶ୍ୱାଳ
କଟକ, ମୋ: ୯୮୬୧୯୪୪୫୯୪

ସୁଖ ଓ ଦୁଃଖ ଜୀବନର ଦୁଇଟି କ୍ରମ। ଖରା, ବର୍ଷା ଏବଂ ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଆକାଶ ଉପରେ କୌଣସି ପ୍ରଭାବ ପକାଇପାରନ୍ତି ନାହିଁ। ସେହିପରି ସୁଖ ଓ ଦୁଃଖକୁ ରଙ୍ଗମଞ୍ଚ ଭଳି ଭାବିବା ଉଚିତ୍। ଏହା ଈଶ୍ୱରଙ୍କ ବ୍ୟବସ୍ଥା। ନିସ୍ୱାର୍ଥ ଏବଂ ନିଷ୍କାମ ସେବାଭାବ ସହିତ ଭକ୍ତି ନକଲେ କର୍ମର ଫଳ ଅନୁକୂଳ ମିଳିବ ନାହିଁ। ଆଧ୍ୟାତ୍ମ ଅଭାବକୁ ଦୂର କରି ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖିପାରିଲେ ଆମ ସେବା ଧର୍ମ ଫଳବତୀ ହେବ। ମନକୁ ସୁଧାରି ନେଲେ ସବରୀ ଓ ବିଗାଡ଼ି ଦେଲେ ସେ ଆମକୁ ଶୁର୍ପଣଖା କରିଦେବ। ମନର ଅହଂକୁ ବିନାଶ କରିପାରିଲେ ଏବଂ କାମ, କ୍ରୋଧ, ଲୋଭ, ମୋହ ଭଳି ବିକାରକୁ ନଷ୍ଟ କରିପାରିଲେ ଜୀବନ ବଦଳି ଯିବ। ଭାଗବତ ଜ୍ଞାନର ଏକ ଉତ୍ତମ ମାର୍ଗ। ଭାଗବତ କଥା ଶୁଣିଲେ ଧର୍ମ ଏବଂ ଜ୍ଞାନ ମାର୍ଗ ପ୍ରଶସ୍ତ ହୋଇଥାଏ। ଏହି ଜ୍ଞାନ ଆମକୁ ପାପମୁକ୍ତ କରେ। ଗଙ୍ଗା ଯେମିତି ବିନା ଭେଦଭାବରେ ସଭିଙ୍କୁ ମୋକ୍ଷ ପ୍ରଦାନ କରେ, ଠିକ୍ ସେହିପରି ଭାଗବତ ମହାପୁରାଣ ଶ୍ରବଣ ମଧ୍ୟ ମୋକ୍ଷ ପ୍ରାପ୍ତିର ଏକମାତ୍ର ଉପାୟ। ଭାଗବତ ସମସ୍ତ ପୁରାଣ ଏବଂ ଧର୍ମଗ୍ରନ୍ଥଗୁଡ଼ିକର ମହାସମୁଦ୍ର ଅଟେ। ଏଥିରେ ଭରି ରହିଛି ଅମୃତରୂପୀ ଅଗାଧ ଜ୍ଞାନ। ଜୀବନର ପ୍ରତିଟି କ୍ଷେତ୍ର ଆହ୍ୱାନରେ ଭରା ଏବଂ ଆମମାନଙ୍କର ପ୍ରତିଟି ମୁହୂର୍ତ୍ତ ଈଶ୍ୱରଙ୍କ ପାଇଁ ସମର୍ପିତ ହେବା ଉଚିତ୍। ଜୀବନର ପ୍ରତିଟି ସମୟରେ ଈଶ୍ୱରଙ୍କ ନାମ ସ୍ମରଣ ପୂର୍ବକ ପରୋପକାରରେ ନିମଗ୍ନ ରହିବା ହିଁ ଜୀବନ ମନ୍ତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଦୋୟମ୍, ପରୋପକାରାୟ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍। ଏହି ଜ୍ଞାନ ଆମକୁ ମୋକ୍ଷପ୍ରାପ୍ତିର ମାର୍ଗ ଦର୍ଶାଏ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଦେଉଳସାହି ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସଂଜୟ କୁମାର ବେହେରାଙ୍କ ବଦଳିବାତିଲ କରିବା ଦାବିରେ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ସୋମବାର ସ୍କୁଲରେ ଶିକ୍ଷକ ସଂପୂର୍ଣ୍ଣ ବ୍ୟାଘାତ ଘଟିବା ସହିତ ମଧ୍ୟାନଭୋଜନ ପ୍ରସ୍ତୁତି ମଧ ହୋଇପାରି ନଥିଲା। ପ୍ରକାଶ ଥାଉକି, ଦେଉଳିସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସଂଜୟ ବେହେରାଙ୍କ ବଦଳି ରାମଚନ୍ଦ୍ରପୁର ସ୍କୁଲକୁ କରାଯାଇଛି। ଇତି ମଧ୍ୟରେ ସେ ଉକ୍ତ ସ୍କୁଲରେ ମଧ ଯୋଗଦାନ କରି ସାରିଛନ୍ତି। କିନ୍ତୁ ସେ ଜଣେ ଭଲ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ହୋଇଥିବାରୁ ତାଙ୍କୁ ପୂର୍ବ ସ୍ଥାନକୁ ଫେରାଇ ଆଣିବାକୁ ସ୍କୁଲ ଛାତ୍ରଛାତ୍ରୀମାନେ ସ୍କୁଲ ସମ୍ମୁଖରେ ଦାବୀ ଧରି ବସିଥିଲେ। ଖବରପାଇ ତିର୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଉକ୍ତ ସ୍ଥାନରେ ପହଞ୍ଚି ଶିକ୍ଷକ ଫେରାଇ ଆଣିବା ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବାଣ୍ଠିଆ ଜଗନ୍ନାଥ, ଦେବୋତ୍ତର ବିଭାଗ ଓ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନେଇ ଅଭିଯୋଗ

ବାରିପଦା(ଭାସ୍କର ନ୍ୟୁଜ): ବାରିପଦା ଶ୍ରୀ ଶ୍ରୀ ବାଣ୍ଠିଆ ଜଗନ୍ନାଥ ମନ୍ଦିର ମହାପ୍ରଭୁ ଜାଗାର ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ମଠ ମନ୍ଦିର ସୁରକ୍ଷା ସମିତି ମୟୁରଭଞ୍ଜ ବାରିପଦା ତରଫରୁ ନୂତନ ବିଜେପି ଡବଲ ଇଂଜିନ ସରକାର ଉପରେ ଭରଷା କରି ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗତ ୧୭ତାରିଖରେ ଏକ ଲିଖିତ ଅଭିଯୋଗ କରାଯାଇଛି। ମଠ ମନ୍ଦିର ସୁରକ୍ଷା କମିଟି ତରଫରୁ ଅଭିଯୋଗରେ ଦର୍ଶାଇ ଦିଆଯାଇଛି କି, ବାରିପଦା ସହରର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ଭୁ-ମାଫିଆଙ୍କ ଦ୍ୱାରା ମହାପ୍ରଭୁଙ୍କ ଜମି ଜବରଦଖଲ ହୋଇଛି କିନ୍ତୁ ଜିଲ୍ଲା ପ୍ରଶାସନ ଓ ବାରିପଦା ପୌରପାଳିକା ଏସବୁକୁ ସୁରକ୍ଷା ଦେବା ପରିବର୍ତ୍ତେ ଏକରକମର ଭୁ-ମାଫିଆଙ୍କ ନିକଟରେ ଅସହାୟ ହୋଇପଡୁଛି ଏହାର କାରଣ କିଛି ବୁଝାପଡୁନି। କିଛି ସ୍ଥାନରେ ନିଜେ ବାରିପଦା ପୌରପାଳିକା ଏହି ବେଆଇନ ଠାକୁର ଓ ସରକାରୀ ଜମି ଦଖଲ ଉପରେ ନିଜେ ସମ୍ପୃକ୍ତି ଥାଇ ସରକାରୀ ଟଙ୍କା ଖର୍ଚ୍ଚ କରି




ବେଆଇନ କୋଠା ନିର୍ମାଣ ଦେଖିବାକୁ ମିଳୁଛି। ଯାହାକି ବୁଦ୍ଧିଜୀବୀଙ୍କ ଅସନ୍ତୋଷର ମୁଳ କାରଣ ପାଲଟିଛି। ଉକ୍ତ ଅଭିଯୋଗ ଅନୁଯାଇ ବାରିପଦା ସହରର କୃଷ୍ଣ ଚନ୍ଦ୍ର ଗୋଲାଇଠାରୁ ବାରୁଣୀ ରୋଡ଼ ୱାର୍ଡ ନଂ ୯ ଆଇଡିଏଫ୍ସି ବ୍ୟାଙ୍କ ସମ୍ମୁଖରେ ବେଆଇନ ଦଖଲ କରାଯାଇ ବେଆଇନ ବ୍ୟବସାୟୀକ କୋଠା ନିର୍ମାଣ ଚାଲିଛି। ଆହୁରି ମଧ୍ୟ ବାରିପଦା ପୌରପାଳିକା ଅଞ୍ଚଳସ୍ଥିତ ବିଭିନ୍ନ ସ୍ଥାନରେ କୌଣସି ସଠିକ କାଗଜପତ୍ର ଓ ଟାଉନ ପ୍ଲାନ ନଥାଇ ବିଭିନ୍ନ ଶୋ ରୁମ, କମ୍ପ୍ଲେକ୍ସ, ବିଶାଳକାୟ କୋଠା, କମ୍ୟୁନିଟି ହଲ ଇତ୍ୟାଦି ପୂର୍ତ୍ତ ବିଭାଗ, ନୟନଜୋରୀ, ଜଙ୍ଗଲ କିସମ ସରକାରୀ ଜମି ଦଖଲ କରାଯିବା ସହିତ ବେଆଇନ ନିର୍ମାଣ କାମ ଚାଲିଛି ଯେମିତି ମୟୁରଭଞ୍ଜ ଜିଲ୍ଲାର ଆଇନକାନୁନ ବୋଲି କିଛିନାହିଁ ଲୋକେ ଚର୍ଚ୍ଚା କରୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ମହଲରୁ ବାରମ୍ବାର ଦାବି ସତ୍ତ୍ୱେ ଏକରକମ ଆଇନକୁ ଜିଲ୍ଲା ପ୍ରଶାସନ ଓ ପୌରପାଳିକା ଫୁ କରିଦେଇଛି ଯାହାକି ବୁଦ୍ଧିଜୀବୀଙ୍କ ମନରୁ ବ୍ୟବସ୍ଥା ଉପରୁ ଆସ୍ଥା କମିବାରେ ଲାଗିଛି। ମଠ ମନ୍ଦିର ସୁରକ୍ଷା ସମିତି ଦ୍ୱାରା ସଂଗୀନ ଅଭିଯୋଗ ହେଉଛି କି ଉକ୍ତ ବେଆଇନ କାର୍ଯ୍ୟରେ ବାରିପଦା ପୌରପାଳିକାର ଏକ୍ଜିକ୍ୟୁଟିଭ ଅଫିସର ଓ ଜିଲ୍ଲା ପ୍ରଶାସନ ସବୁକିଛି ଅବଗତ ଥାଇ ମଧ୍ୟ କିପରି ସମ୍ଭବ ହେଉଛି? ନା ମୋଟା ଅଙ୍କର ନେଣଦେଣ କାରବାର ହୋଇଥିବା କଥା ଜିଲ୍ଲାର ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି ବୁଦ୍ଧିଜୀବୀଙ୍କ ତୁଣ୍ଡରେ। ଲୋକଙ୍କଠାରୁ ସରକାର ୧୮% ଟ୍ୟାକ୍ସ ନେଇ ବିଭିନ୍ନ ଉନ୍ନୟନମୂଳକ ଜନହିତକର କାର୍ଯ୍ୟକ୍ରମରେ ଖର୍ଚ୍ଚ କରନ୍ତି, କିନ୍ତୁ ଏଠି ସରକାରୀ ଲୋକଙ୍କ ଅନୁମତି ନଥାଇ ମଧ୍ୟ ବେଆଇନ୍ ନିର୍ମାଣ ବୁଦ୍ଧିଜୀବୀଙ୍କୁ ତାଜୁବ୍ କରିଦେଇଛି। ଲୋକେ ଚର୍ଚ୍ଚା କରୁଛନ୍ତି ଯେ ବାରିପଦା ମ୍ୟୁନିସିପାଲିଟିରେ ଚଳିତ ପଞ୍ଚବାର୍ଷିକ ଯୋଜନାରେ ଅଧିକାଂଶ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଛି। ତେଣୁ ଲୋକେ କହିଛନ୍ତି ଯେହେତୁ ନଗର ଉନ୍ନୟନ ମନ୍ତ୍ରୀ ଆମ ମୟୂରଭଞ୍ଜ ଜିଲ୍ଲାରୁ ତେଣୁ କାର୍ଯର ସ୍ୱଚ୍ଛତା ନିଜର ପ୍ରିୟ ସହର ବାରିପଦାରୁ ପରଖିବାକୁ ଅନୁରୋଧ।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେଲେ ଉପ-ମୁଖ୍ୟମନ୍ତ୍ରୀ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ନିମାପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସାମରଥ, ସମ୍ମାନୀୟ ଅତିଥି ଭାବେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସସ୍ମିତା ସାହୁ, ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ମଣ୍ଡଳ ସହ ଶିକ୍ଷାଧିକାରୀ ପ୍ରତିଭା ମହାନ୍ତି, ମୁଖ୍ୟ ଅତିଥି ଭାବେ ନିମାପଡ଼ା ତହସିଲଦାର ବସନ୍ତ କୁମାର ହାତୀ, ରବୀନ୍ଦ୍ର ନାଥ ସ୍ୱାଇଁ, ବ୍ଲକ୍ ଅଧକ୍ଷ ଶଙ୍କର ଭୋଇ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ବ୍ଲକ୍ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ମୋଟ ୨୦୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥି ମଧ୍ୟରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ବିଞ୍ଝାରପୁରରେ ମିଳିତ ଅଭିଯୋଗ ଶୁଣାଣି ଶିବିର

# ୧୨୪ରୁ ୫୨ଟି କେବଳ ଆର୍ଥିକ ସହଯୋଗ ଆବେଦନ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗ ଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗଗୁଡିକ ଯାଞ୍ଚ କରି ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ସୋମବାର ମୋଟ ୧୨୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫୨ ଗୋଟି ଅଭିଯୋଗ ଶୁଣାଣି କରାଯାଇଥିଲା। ୬୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ ବେହୁରିଆ, ଉପ ଜିଲ୍ଲାପାଳ ଅଂଶୁମାନ ଶତପଥି, ବିଂଝାରପୁର ବିଡ଼ିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ନାବାଳିକା ଉଦ୍ଧାର: ଯୁବକ କୋର୍ଟଚାଲାଣ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଥାନା ପୋଲିସର ସୂଚନା ଅନୁଯାଇ କାକଟପୁର ଅଞ୍ଚଳର ଛଦ୍ମନାମ ଅମ୍ବିକା (୧୭) ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ସୁମନ୍ତ ସାହୁ (୨୩)ଙ୍କ ସହିତ ଦୀର୍ଘଦିନ ଧରି ପ୍ରେମସମ୍ପର୍କ ଗଢି ଉଠିଥିଲା। ଏହାପରେ ଉକ୍ତ ନାବାଳିକାକୁ ଅଭିଯୁକ୍ତ ସୁମନ୍ତ ସେପ୍ଟେମ୍ବର ୮ ତାରିଖରୁ ବେଗୁନିଆରେ ଥିବା ଭିଣୋଇ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲା। ଝିଅର ପରିବାର ପକ୍ଷରୁ ଅଭିଯୋଗ ପାଇବା ପରେ କାକଟପୁର ଥାନା ସବ-ଇନ୍ସପେକ୍ଟର ପ୍ରିୟଦର୍ଶିନୀ ବରାଳ ନାବାଳିକା ମୋବାଇଲ ଫୋନ ଟ୍ରାକ କରି ସଦଳବଳେ ଗତକାଲି ଖୋର୍ଦ୍ଧା ବେଗୁନିଆ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ସୁମନ୍ତ ସହୁକୁ ଗିରଫ କରି ଥାନାକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଥାନା କେଶ ନମ୍ବର ୨୨୭/୨୪ ଦଫା ୧୩୭(୨) ଇ/ ୮୭/୬୪(୨ଗ) ବିଏନଏସ -୨୦୨୩ ସେକ୍ସନ ୬ ପୋକ୍ସ ଆକ୍ଟରେ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ନାବାଳିକାକୁ ଡାକ୍ତରୀ ମାଇନା ପାଇଁ ପୁରୀ ନିଆଯାଇଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

# କାର-ବାଇକ୍ ଧକ୍କା: ହକର ଗୁରୁତର

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସୋମବାର ସକାଳେ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଛକ ନିକଟରେ ଏକ କାର ଓ ବାଇକ୍ ମଧ୍ୟରେ ଧକ୍କା ହେବା ଯୋଗୁ ଜଣେ ସମ୍ବାଦପତ୍ର ହକର ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଭଦ୍ରେଶ୍ୱର ଥାନା ଗୋତରା ଗ୍ରାମପଞ୍ଚାୟତ କାହ୍ନୁପୁର ଗ୍ରାମର ସତ୍ୟାନନ୍ଦ ଚାନ୍ଦ(୬୨) ଦୀର୍ଘ ବର୍ଷ ହେଲା ସମ୍ବାଦପତ୍ର ହକର ରୂପେ କାର୍ଯ୍ୟକରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ସୋମବାର ସକାଳେ ଶ୍ରୀ ଚାନ୍ଦ ସ୍ଥାନୀୟ ନିଶ୍ଚିନ୍ତକୋଇଲି ବ୍ଲକ ଛକରୁ ବାଇକ ଯୋଗେ ବିଭିନ୍ନ ସମ୍ବାଦପତ୍ର ସଂଗ୍ରହ କରି ବିକ୍ରୟ କରିବା ନିମନ୍ତେ ଯାଉଥିଲେ। ଏହି ସମୟରେ କେନ୍ଦ୍ରାପଡା ଜିଲ୍ଲା ଇଛାପୁର ଗ୍ରାମରୁ କଟକ ବଡଡାକ୍ତରଖାନା ଅଭିମୂଖେ ରୋଗୀ ନେଇ ଯାଉଥିବା ଏକ କାର ସହ ଧକ୍କା ହୋଇଥିଲା। ଏଥିରେ ଶ୍ରୀ ଚାନ୍ଦ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଦୀର୍ଘ ସମୟ ବିଳମ୍ବରେ ୧୦୮ ଆସିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ସ୍ଥାନୀୟ ଲୋକେ ୧୦୮କୁ ଫୋନ କରିଥିଲା ବେଳେ ୧୦୮ ତରଫରୁ ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ କିମ୍ବା ୧୦୮ ରହୁନଥିବା କାରଣରୁ ରୋଗୀମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ତେବେ ୧୦୮ ରୋଗୀଙ୍କ କାର୍ଯ୍ୟରେ ଆସୁନଥିବା କାରଣରୁ ବହୁ ସମୟରେ ରୋଗୀମାନେ କଟକ ବଡ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଶ୍ରୀ ଚାନ୍ଦ ଜଣେ ଗରିବ ଶ୍ରେଣୀୟ ଲୋକ ହୋଇଥିବାରୁ ତାଙ୍କର ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଅଶୋକ କୁମାର ମହାପାତ୍ର, ରଞ୍ଜନ କୁମାର ଦାସ, ଲକ୍ଷ୍ମୀଧର ଦାସ, ଲକ୍ଷ୍ମଣ ଦାସ, ଫାଲଗୁନି ପ୍ରସାଦ ପଣ୍ଡା, ସୁରେନ୍ଦ୍ରନାଥ ରାଉତ ପ୍ରମୁଖ ବହୁ ସାମ୍ବାଦିକ ଦୃଢ ଦାବି କରିଛନ୍ତି।

# ସୀମାନ୍ତରୁ ଦୁଇ ମାଓ ସହଯୋଗୀ ଗିରଫ




ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକୁମା ଜିଲ୍ଲା ପୋଲିସ ଦ୍ୱାରା ଦୁଇଜଣ ମାଓ ସହଯୋଗୀ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ ସୁକୁମା ଜିଲ୍ଲାରେ ଚାଲିଥିବା ମାଓ ମୁକ୍ତ ଅଭିଯାନରେ ଚିନ୍ତଲନାର ଥାନା ଅଞ୍ଚଳ ମୁକରମ, ପଟେଲପାରା, ନାଡମେଟଲା ଗ୍ରାମ ଓ ଆଖପାଖ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିଲା। ଏହି ସମୟରେ କିଛି ଗ୍ରାମବାସୀଙ୍କୁ ଏକତ୍ରୀତ କରି ମାଓ ସଙ୍ଗଠନ ପକ୍ଷରୁ ସଭା କରାଯାଉଥିଲା। ଏ ସମ୍ବନ୍ଧରେ ସୁଚନା ପାଇ ଚିନ୍ତାଲନାର ପୋଲିସ ମୁକରମ ଗ୍ରାମରେ ପହଞ୍ଚି ଭୋଗାମ ରାମା ଓ ମାଡବି ରିତେଶ ନାମକ ଦୁଇ ମାଓ ସହଯୋଗୀକୁ ଗିରଫ କରିଛନ୍ତି। ଏହି ଦୁଇଜଣ ଉକ୍ତ ଗ୍ରାମବାସୀମାନଙ୍କୁ ମାଓବାଦୀଙ୍କ ସହ ମିଶି ବିଭିନ୍ନ ସ୍ଥାନରେ ହେଉଥିବା ଉନ୍ନୟନ କାର୍ଯ୍ୟକୁ ବିରୋଧ କରିବା ନିମନ୍ତେ ଉସ୍କାଉଥିଲେ। ଫଳରେ ପୋଲିସ ଏହି ଦୁଇଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

# ମହିଳାଙ୍କୁ କିରୋସିନି ଢ଼ାଳି ହତ୍ୟା ଉଦ୍ୟମ: ଥାନାରେ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ମହିଳାଙ୍କୁ ଯୌତୁକ ନିର୍ଯାତନା ଦେଇ ମାଡ଼ ମାରି ଭୋକ ଉପାସରେ ରଖିବା ଓ ବିଭିନ୍ନ ସମୟରେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ଘଟଣାକୁ ନେଇ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ମାତ୍ର ମହିଳା ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ନିକଟରେ ଗୁହାରୀ କରିଛନ୍ତି। ନିମାପଡ଼ା ଥାନା ନିଆଁଗୋରଡ଼ା ଗ୍ରାମର ସଂଧ୍ୟାରାଣୀ ବାରିକ ୨୦୨୧ ମସିହାରେ ପୁରୀ ଜିଲ୍ଲା ସଦର ଥାନା ବିରହରେକୃଷ୍ଣପୁର ଗ୍ରାମର ଭଗବାନ ବାରିକଙ୍କ ସାନପୁଅ କାହ୍ନୁ ଚରଣ ବାରିକଙ୍କୁ ଚର୍ଚ୍ଚିକା ମଣ୍ଡପରେ ହିନ୍ଦୁପ୍ରଥା ଅନୁଯାୟୀ ବିବାହ କରିଥିଲେ। ବିବାହ ସମୟରେ ମହିଳାଙ୍କ ବାପା ୧ଲକ୍ଷ ଟଙ୍କା, ସୁନାଗହଣା, ଆସବାବପତ୍ର ପ୍ରଦାନ କରିଥିଲେ। ମାତ୍ର ମହିଳାଙ୍କୁ ଦେଢ଼ଶୁର କାଳୁ ଚରଣ ବାରିକ, ଯାଆ ସସ୍ମିତା ବାରିକ ଯୌତୁକ ନିର୍ଯ୍ୟାତନା ଦେବା ସହ ଭୋକଶୋଷରେ ରଖୁଥିଲେ ଏବଂ ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ରାତ୍ର ସମୟରେ ମହିଳାଙ୍କୁ ମାଡ଼ ମାରି ଲହୁ ଲୁହାଣ କରୁଥିଲେ। ମହିଳାଙ୍କୁ ଶାଶୁଘର ପରିବାର ଦାମୀ ବ୍ରେସ୍‌ଲେଟ୍ ଆଣିବା ପାଇଁ କହିଥିଲେ। ମହିଳା ମନା କରିବାରୁ ନିର୍ଯାତନା ବଢ଼ି ଚାଲିଥିଲା। ନିର୍ଯାତନା ସହିନପାରି ମହିଳା ନିଜ ବାପଘରକୁ ପଳାଇ ଆସିଥିଲେ। ଲୋନ୍ କିସ୍ତି ପରିଶୋଧ କରିବା ପାଇଁ ମହିଳାଙ୍କୁ ତାଙ୍କ ସ୍ୱାମୀ ନିମାପଡ଼ା ନିଆଁଗୋରଡ଼ାରେ ପହଞ୍ଚି ମାଡ଼ ମାରିଥିଲେ। ମହିଳାଙ୍କ ସ୍ୱାମୀ ୩ ଥର ମହିଳାଙ୍କ ଗର୍ଭ ନଷ୍ଟ କରିଥିବା ମହିଳା ଅଭିଯୋଗରେ ଦର୍ଶାଇଛନ୍ତି। ତା.୧୭.୧୧.୨୦୨୪ରିଖ ସକାଳ ୯ ଘଟିକା ସମୟରେ ସ୍ୱାମୀ, ଯାଆ ଓ ଦେଢ଼ଶୁର ପୂର୍ବ ଯୋଜନା ମୁତାବକ ମିଳିତ ହୋଇ ମହିଳାଙ୍କ ବାପଘରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡ଼ ମାରି କିରୋସିନି ଢ଼ାଳି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଗ୍ରାମର କେତେକ ବ୍ୟକ୍ତି ଓ ମହିଳାଙ୍କ ଭାଇ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ମହିଳା ସଂଧ୍ୟାରାଣୀ ବାରିକ ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ ଦେବା ପରେ ପୋଲିସ ମାମଲା ରୁଜୁ କରି ଆସାମୀଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି।

# କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାହିଁକି ଉଲ୍ଲଂଘନ କିରୁଛନ୍ତି ବୋରିଗୁମ୍ମା ବିଡ଼ିଓ

ବୋରିଗୁମ୍ମା(ଭାସ୍କର ନ୍ୟୁଜ): ଏକ ନିର୍ଦ୍ଦେଶ ପତ୍ର ସଂଖ୍ୟା୫୨୯୫ ଯେଉଁଠି ବୋରିଗୁମ୍ମା ଏଇ ସତ୍ୟ ନାରାୟଣ ସେଠିଙ୍କୁ କଟପାଡ଼ ବ୍ଲକକୁ ବଦଳିର ନିର୍ଦ୍ଦେଶ ରହିଥିଲା। ସେହି ସ୍ଥାନରେ କୋଟପାଡ଼ର ଏଇ କ୍ଷୀରୋଦ ବେହେରାଙ୍କୁ ବୋରିଗୁମ୍ମା ଏଇ ଭାବେ ବଦଳି ନିର୍ଦ୍ଦେଶ ହୋଇଥିଲା। ଚିଠିରେ ବିଡ଼ିଓଙ୍କୁ କଡା ନିର୍ଦ୍ଦେଶ ଥିଲା କି ନିର୍ଦ୍ଦେଶ ପାଇବା ସଙ୍ଗେ ସଙ୍ଗେ ରିଲିଫ କରିବାକୁ। ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇ ଏକ ମାସ ହେବାକୁ ଗଲାଣି ଅଥଚ ବୋରିଗୁମ୍ମା ବିଡ଼ିଓ ଏଇ ସତ୍ୟନାରାୟଣ ସେଠୀଙ୍କୁ ବୋରିଗୁମ୍ମା ବ୍ଲକରୁ ରିଲିଫ କରୁନାହାନ୍ତି। ଯା ପଛରେ କାରଣ କଣ ରହିଛି? ସେହିପରି ଜିଲ୍ଲାପାଳଙ୍କ ଆଉ ଏକ ନିର୍ଦ୍ଦେଶ ୨୯/୧୦/୨୪ ପତ୍ରସଂଖ୍ୟା ୫୨୯୧ ବୋରିଗୁମ୍ମା ଦୁଇ ଜେଇ ଉମେଶ ଚନ୍ଦ୍ର ମିର୍ଧାଙ୍କୁ ବୈପାରିଗୁଡା ବଦଳି ନିର୍ଦ୍ଦେଶ ହୋଇଥିଲା, ତାଙ୍କୁ ମଧ ରିଲିଫ କରାଯାଇନି। କେବଳ ଜଣେ ଜେଇ ପ୍ରତିଭା ରାଣୀ ପୋଡ଼ଙ୍କୁ କୁନ୍ଦ୍ରା ବ୍ଲକକୁ ବଦଳି ହୋଇଥିବା ବେଳେ ତାଙ୍କୁ ତୁରନ୍ତ ରିଲିଫ କରିଦେଇଛନ୍ତି ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟାରାଣୀ ସମରଥ। ବର୍ଷ ବର୍ଷ ଧରି ବୋରିଗୁମ୍ମା ବ୍ଲକରେ ଏଇ ଭାବେ କାର୍ଯ୍ୟରତ ଥିବା ସତ୍ୟ ନାରାୟଣ ସେଠୀଙ୍କୁ ପୂର୍ବରୁ ମଧ କୁନ୍ଦ୍ରା ବ୍ଲକକୁ ବଦଳି ନିର୍ଦ୍ଦେଶ ହୋଇଥିଲା। ଏସବୁ ସ୍ୱତ୍ତ୍ୱେ ରିଲିଫ କରାଯାଇନଥିଲା। ଏବେ ବି କୋଟପାଡ଼ ବ୍ଲକ ଏଇ ଭାବେ ବଦଳି ନିର୍ଦ୍ଦେଶ ହୋଇଛି। ନିର୍ଦ୍ଦେଶକୁ ମାସେ ପୁରିବାକୁ ଯାଉଛି କିନ୍ତୁ ବୋରିଗୁମ୍ମା ବିଡ଼ିଓ କାହିଁକି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ? ନିର୍ଦ୍ଦେଶ ସ୍ୱତ୍ତ୍ୱେ ଜଣେ ଏଇ ଏବଂ ଜଣେ ଜେଇଙ୍କୁ ରିଲିଫ କରାଯାଉନି। ସେମାନଙ୍କ ହିସାବ ଛିଣ୍ଡୁନି ନା ଯା ପଛରେ ଆଉ କାହାର ହାତ ରହିଛି ତାହାକୁ ନେଇ ଏବେ ବୋରିଗୁମ୍ମା ବ୍ଲକରେ ଚର୍ଚ୍ଚା ଜୋର ଧରିଛି।

# ବିନା ଅନୁମତିରେ ବସ୍ ଷ୍ଟପ୍ ପାଇଁ ଗଛକଟା

 କେନ୍ଦୁଝର(ଭାସ୍କର ନ୍ୟୁଜ): ଲୋକଙ୍କ ଯାତାୟାତ ସୁବିଧା ପାଇଁ ପୂର୍ବ ସରକାର ସମୟରେ ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ ହୋଇଥିଲା। ଏହି ବସ ବିଭିନ୍ନ ଛକରେ ଅଟକିବା ଲକ୍ଷ୍ୟରେ ୫ ଲକ୍ଷ ଟଙ୍କା ବ୍ୟୟରେ ଲକ୍ଷ୍ମୀ ବସ୍ ଷ୍ଟପ୍ ମାନ ନିର୍ମାଣ କରାଯାଇଥିଲା। ଅନେକ ସ୍ଥାନରେ ଏହାର କାର୍ଯ୍ୟ ମଧ ଆରମ୍ଭ ହୋଇନଥିବା ବେଳେ କିଛି ସ୍ଥାନରେ ଏହି କାର୍ଯ୍ୟ କଚ୍ଛପ ଗତିରେ ଏଯାଏ ଆଗେଇ ଚାଲିଛି। ମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସଦର ବ୍ଲକ ଦେଖାରେଖାରେ ଏହିପରି ଏକ ବସ୍‌ଷ୍ଟପ୍ ସାରିବାର ନାମ ଧରୁନାହିଁ। ଏଠାରେ କରାଯାଉଥିବା ବସ ରହଣି ସ୍ଥଳ ସ୍ଥାନକୁ ନେଇ କାର୍ଯ୍ୟ ଆରମ୍ଭ ହେବା ବେଳକୁ ଅନେକ ବୁଦ୍ଧିଜୀବୀ ଓ ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ। ପରିବେଶର ସୁରକ୍ଷା ପାଇଁ ଏଠାରେ ଲଗାଯାଇଥିବା ଗଛକୁ କାଟିବାକୁ ପଡିବ



ବୋଲି ଅନେକ ଲୋକେ ଏହି ସ୍ଥାନରେ ବିରୋଧ ମଧ କରିଥିଲେ। ହେଲେ କାହା କଥା ନ ଶୁଣି ଏଠାରେ ତରବରିଆ ଭାବେ ବସ ରହଣୀସ୍ଥଳ କାର୍ଯ୍ୟ କରାଯାଇଥିଲା। ଏବେ ଏହି ସ୍ଥାନରେ ବିନା ଅନୁମତିରେ ଗଛକଟା ଆରମ୍ଭ ହୋଇଛି। ବସ ରହଣୀ ସ୍ଥଳ ପାଇଁ ହେଉଥିବା ଏହି ଗଛକଟାକୁ ସେତେବେଳେ ବିରୋଧ କରିଥିବା ଲୋକେ ଏବେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମଣ୍ଡୁଆ ଛକ ନିକଟରେ ଅନେକ ଖୋଲା ସରକାରୀ ସ୍ଥାନ ଥିବାବେଳେ ଦୂରଦୃଷ୍ଟି ନରଖି କାହିଁକି ଏହି ସ୍ଥାନରେ ବସ ରହଣି ସ୍ଥଳ ନିର୍ମାଣ କରାଗଲା ଓ କାହା ଭୁଲ ପାଇଁ ଏଠାରେ ଗଛ କାଟିବାକୁ ପଡିଲେ ସେ ନେଇ ତଦନ୍ତ କରାଯାଇ ଦଣ୍ଡବିଧାନ କରାଯିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସ୍ଥାନୀୟ ପରିବେଶବିତ।

## ରେଳଧାରଣାରେ କଟି ଯୁବକ ମୃତ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଭଣଗାଁ ଗ୍ରାମର ଧନେଶ୍ୱର ସାହୁଙ୍କ ପୁଅ ଦୁର୍ଗା ପ୍ରସାଦ ସାହୁ (୨୮)ଙ୍କ ସୋମବାର ରେଳଧାରଣାରେ କଟି ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ ଦୁର୍ଗା ଦୁଇଦିନ ହେଲା ଘରୁ ନିଖୋଜ ଥିବାନେଇ କେନ୍ଦ୍ରାପଡ଼ା ସଦର ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ସୋମବାର ସକାଳୁ ଦୁର୍ଗାଙ୍କ ମୃତଦେହ ଡେରାବିଶ ବ୍ଲକ ଗୁଆଳସଂ ପଞ୍ଚାୟତ ଅନ୍ତର୍ଗତ ହରିଦାସପୁର- ପାରାଦ୍ୱୀପ ରେଳ ଲାଇନ୍‌ରେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକ ମୃତଦେହକୁ ଚିହ୍ନଟ କରିଥିଲେ। ଘଟଣା ସ୍ଥଳରେ ରେଲୱେ ପୋଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତ କରାଯାଇଛି।

### ଶୁକୃଳି ବ୍ଲକ୍‌ରେ ନିମ୍ନମାନର ଛତୁଆ ଅଭିଯୋଗ

# ଉପଜିଲ୍ଲାପାଳ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀଙ୍କ ତଦନ୍ତ ଆରମ୍ଭ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ଏନ୍‌ଏସିରେ ନିମ୍ନମାନର ଛତୁଆ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ପୁଣି ମୟୁରଭଞ୍ଜ ଜିଲ୍ଲାର ଶୁକୃଳି ବ୍ଲକରେ ନିମ୍ନମାନର ଛତୁଆ ଅଭିଯୋଗ ଆସିଛି। ଚଳିତ ମାସ କରଞ୍ଜିଆରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଶୁକୃଳି ବ୍ଲକର କିଛି ସରପଞ୍ଚ, ସମିତି ସଭ୍ୟ, କିଛି ସ୍ଥାନୀୟ ବାସିନ୍ଦା ଶୁକୃଳି ବ୍ଲକରେ ନିମ୍ନମାନର ଛତୁଆ ବଣ୍ଟନ ହେଉଥିବାର ଅଭିଯୋଗ ହେଇଥିଲା। ମହିଳା ଏବଂ ଶିଶୁଙ୍କ କଥା ଭାବି ମୟୁରଭଞ୍ଜ ଜିଲ୍ଲାପାଳ ଗୁରୁତ୍ୱ ସହିତ ଶୁଣି ବରିଷ୍ଠ ଅଧିକାରୀ ମିଳିତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂସୁ ଚାନ୍ଦ, କରଞ୍ଜିଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ପ୍ରବୀଣ ବିରୁଆ ଶୁକୃଳି ବିଡ଼ିଓ ବର୍ମାନନ୍ଦ ବେହେରା, ବିପିସି ବିଷ୍ଣୁ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଥମେ ପାଣ୍ଡରସିଳ ଗ୍ରାମରେ ଥିବା ମା' ଅମ୍ବିକା ସଂଘ ସହାୟକ ଗୋଷ୍ଠୀର ଛତୁ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ବରିଷ୍ଠ ଅଧିକାରୀମାନେ ନିମ୍ନମାନର ଛତୁଆ ଖାଦ୍ୟ ଟେଷ୍ଟ କରିଥିଲେ। ଛତୁଆ ଖାଇବା ସମୟରେ ବାଲି ବାଲି ଲାଗୁଥିବା ବିପିସି ବିଷ୍ଣୁ ବେହେରା ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି। ଏଥିସହ ଛତୁଆରେ ମିଶିବାକୁ ଥିବା ଚିନାବାଦାମ ପୋକ ଖାଇଥିବା ବରିଷ୍ଠ ଅଧିକାରୀ ଦେଖିବାକୁ ପାଇଥିଲେ। ିନାବାଦାମ ଛତୁଆରେ ନ ମିସେଇବା ପାଇଁ ପ୍ରଶାସନ ପକ୍ଷରୁ ଦୁଇବସ୍ତା ଚିନାବାଦାମ ସିଜ କରି ବ୍ଲକ ପରିସରରେ ରଖାଯାଇଛି। କିଛି ସମୟ ପାଣ୍ଡରସିଲ ଗାଁରେ ଛତୁଆ ଉତ୍ପାଦନ କେନ୍ଦ୍ରରେ ରହିଲା ପରେ ବରିଷ୍ଠ ଅଧିକାରୀମାନେ ଜେଠମା ଗାଁରେ କିଛି ମହିଳାଙ୍କୁ ଭେଟିଥିଲେ। ସେଠାରେ ମହିଳାମାନେ ନିମ୍ନମାନର ଛତୁଆ ଦେଉଥିବା ଅଭିଯୋଗ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଯେ ବରିଷ୍ଠ ଅଧିକାରୀ ତଦନ୍ତ କରିବାକୁ ଆସିଥିଲେ ବି ଶୁକୃଳି ସିଡିପିଓ ଉପସ୍ଥିତ ନଥିଲେ। ସେ ଛୁଟିରେ ଅଛନ୍ତି ନାଁ ତାଙ୍କୁ ତଦନ୍ତ କରୁଥିବା ଟିମରେ ସାମିଲ କରାଗଲା ନାହିଁ ତାହା ଜଣାପଡିନାହିଁ।

## ଦୁର୍ଘଟଣାରେ ଯୁବକ ଗୁରୁତର

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ୮ନମ୍ବର କେନାଲ ପୋଲ ଉପରେ ବାଇକ୍- ବାଇକ୍ ମଧ୍ୟରେ ଧକ୍କା ହେବା କାରଣରୁ ଜଣେ ଯୁବ ବ୍ୟବସାୟୀ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ କଟକର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବଢ଼ଖିର ଗ୍ରାମର ଦୁଷ୍ମନ୍ତ ରାଉଳ(୪୭) ଦୀର୍ଘ ବର୍ଷ ହେଲା ନିଶ୍ଚିନ୍ତକୋଇଲି ବଜାରରେ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଗତ ଶନିବାର ରାତ୍ରରେ ବୁହାଲୋ ଗୋଲଡେନ କ୍ଲବଠାରେ ଅନୁଷ୍ଠିତ ଭାଗବତ ମେଲଣ ଦେଖିବା ନିମନ୍ତେ ଶ୍ରୀ ରାଉଳ ତାଙ୍କ ବାଇକ ଯୋଗେ ଯାଉଥିଲା ବେଳେ ପଛରୁ ଅନ୍ୟଏକ ବାଇକ ତାଙ୍କୁଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସମ୍ପ୍ରତି ଶ୍ରୀ ରାଉଳ କଟକର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଙ୍ଘ ତରଫରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି।

# ପରିବହନ ଅଧିକାରୀ ଓ ପୋଲିସ୍ ଆଶୀର୍ବାଦରେ ଆଶୀର୍ବାଦ ଅଟା କଳ



କୋରେଇ(ଭାସ୍କର ନ୍ୟୁଜ): ପାଣିକୋଇଲିକୁ ଦେଇ ଯାଇଥିବା ଜାତୀୟ ରାଜପଥ -୧୬ ପାଣିକୋଇଲି ଠାରୁ ସୋତି ପର୍ଯ୍ୟନ୍ତ ସର୍ଭିସ୍ ରୋଡ଼ରେ ହେଉଥିବା ବେଆଇନ୍ ପାର୍କିଂ ହଟେଇବା ପାଇଁ ଦୀର୍ଘଦିନ ଧରି ହେଇଆସୁଥିବା ବେଳେ ଗତ ଚାରିଦିନ ତଳେ ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ଓ ପାଣିକୋଇଲି ପାଟ୍ରିଲିଂ ପୋଲିସର ମିଳିତ ସହଯୋଗରେ ସନ୍ଧ୍ୟା ସମୟରେ ଚଢ଼ାଉ ହୋଇଥିଲା। ସୂଚନା ଅନୁଯାୟୀ ଜାତୀୟ ରାଜପଥର ସର୍ଭିସ୍ ରୋଡ଼ରେ କିଛି ଅସାଧୁ ବ୍ୟବସାୟୀ ନିଜର ବେପାର ପାଇଁ ଭାରିଜାନଗୁଡ଼ିକୁ ରାସ୍ତା ଉପରେ ରଖି ରାସ୍ତା ଜାମ ସହ ସାଧାରଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହେଉଥିଲା। ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଓ ପାଣିକୋଇଲି ପୋଲିସ ମିଳିତ ଭାବେ ଚଢାଉ କରିଥିଲେ। ଏହି ଚଢ଼ାଉରେ ୧୨ଟି ବେଆଇନ୍ ଭାରିଯାନ ଗାଡ଼ି ପାର୍କିଂ ଉପରେ ୨୫ ହଜାର ଟଙ୍କା ଫାଇନ କରଯାଇଥିଲା। ଚଢାଉ କରିବା ସହ ସର୍ଭିସ୍ ରୋଡ଼ରେ ଆଗାମୀ ଦିନରେ ଯଦି ଏହି ରାସ୍ତାରେ ବେଆଇନ୍ ପାର୍କିଂ କରାଯାଏ ତେବେ ସମସ୍ତ ଗାଡ଼ିକୁ ସିଜ୍ କରାଯିବ ବୋଲି ସ୍ଥାନୀୟ ବ୍ୟବସାୟୀଙ୍କୁ ତାଗିଦ୍ କରଯାଇଥିଲା। କିନ୍ତୁ ଦୁଃଖର ବିଷୟ ଏହି ସର୍ଭିସ ରୋଡ଼ ପାଖରେ ଥିବା ଆଶୀର୍ବାଦ ଅଟାକଳକୁ ଦୈନିକ ଶହ ଶହ ଗହମ ଗାଡ଼ି ଆସି ସେହି ସର୍ଭିସ ରୋଡ଼ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କାୟା ମେଲାଇ ଠିଆ ହେଉଛି। ଯାହା ଫଳରେ ପଥଚାରୀ, ଗାଡ଼ି ମୋଟର ସବୁ ଯିବାଆସିବା କରିବା ପାଇଁ ନାହିଁନଥିବା ଅସୁବିଧା ଭୋଗୁଛନ୍ତି ଏବଂ ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଥିବା ଦେଖିବାକୁ ମିଳୁଛି। ଏନେଇ ଆମେ ଯାଜପୁର ପରିବହନ ଅଧିକାରୀଙ୍କୁ ପଚାରିବାରୁ ସେ ଏହାକୁ ନିଜେ ସ୍ୱୀକାର କରିବା ସହିତ କର୍ମଚାରୀ ଅଭାବର ଆଳ ଦେଖାଇ ପାଣିକୋଇଲି ପୋଲିସ ଉପରେ ଦୋଷ ଲଦିଥିଲେ। ପରେ ପରେ ଆମେ ଜାତୀୟ ରାଜପଥର ପାଟ୍ରୋଲିଂ ଅଫିସର ଅଶୋକ ବଳଙ୍କୁ ଯୋଗାଯୋଗ କରିବାରୁ ସେ ବି ଏକଥାକୁ ସ୍ୱୀକାର କରି ଜୋରିମାନା ଆଦାୟ ପାରିବହନ ଅଧିକାରୀଙ୍କ ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠେ ସରକାରଙ୍କ କ'ଣ ଦୁଇଟି ନିୟମ କି? ଗୋଟେ ଗରିବ ଟ୍ରକ ଡ୍ରାଇଭରଙ୍କ ପାଇଁ, ଆଉ ଗୋଟିଏ ବିତ୍ତଶାଳୀ ମିଲ ମାଲିକଙ୍କ ପାଇଁ! କାହିଁକି ସରକାରୀ ଅଧିକାରୀ ଆଶୀର୍ବାଦ ମିଲ ମାଲିକ ପାଇଁ ଏତେ ନରମ ଭାବ ପୋଷଣ କରୁଛନ୍ତି? କାହିଁକି ସରକାରୀ ଅଧିକାରୀ, ପୋଲିସ ବିଭାଗ ସବୁଦେଖି ଆଖି ବୁଜି ଦେଉଛନ୍ତି ତାହା ହିଁ ବଡ଼ ପ୍ରଶ୍ନ ? ଉଚ୍ଚ କର୍ତ୍ତୃପକ୍ଷ, ଜାତୀୟ ରାଜପଥ, ପାଣିକୋଇଲି ପୋଲିସ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ବଡ଼ବଡ଼ିଆ କବଜା କରିଥିବା ସର୍ଭିସ ରୋଡ଼କୁ ମୁକ୍ତ କଲେ ଏହା ଜନସାଧାରଣ ଯାତାୟାତ ପାଇଁ ସୁବିଧା ହେବା ସହ ଛୋଟବଡ଼ ଦୁର୍ଘଟଣାକୁ ବି ରୋକାଯାଇପାରିବ।




ଛତ୍ରପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟା ପୀଠ, ପରିସରରେ 'ବିଦ୍ୟାଜ୍ୟୋତି ସମ୍ମାନ' ସମାରୋହ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭରସା' ଆନୁକୂଲ୍ୟରେ ଓ ଏବିଭିପି ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭରସାର ଉପଦେଷ୍ଟା ଅଧ୍ୟାପକ ଗିରିଶ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ରୂପେ ଗଞ୍ଜାମ ଏନ୍ଏସି ଅଧକ୍ଷା ପ୍ରତିଭା ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପୃଷ୍ଟି ଓ ବିଶ୍ୱବ୍ୟାଙ୍କର ସାମାଜିକ ଉନ୍ନୟନ ବିଶେଷଜ୍ଞ ବିନୋଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଭରସାର ସମ୍ପାଦକ ଦୁର୍ଗା ମାଧବ ପାଣିଗ୍ରାହୀ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ, ଗଞ୍ଜାମ ଏନ୍ଏସି, ରମ୍ଭା ଏନ୍ଏସି ଅନ୍ତର୍ଗତ ୨୫ଟି ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ପ୍ରଥମ ଟପ୍ପର ବିଦ୍ୟାର୍ଥୀ, ସାତଟି ମହାବିଦ୍ୟାଳୟର ଯୁକ୍ତଦୁଇ ଟପ୍ପର, ଯୁକ୍ତ ତିନି ଟପ୍ପର ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଟପ୍ପର ଓ ଦୁଇଟି ଆଇଆଇଟି ଟପ୍ପର ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲ ।

# ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଦୂର ହେବ କେବେ ?

## ଦରକାର ବେଳେ ମିଳୁନି ଆମ୍ବୁଲାନ୍ସ, ରୋଗୀ ହନ୍ତସନ୍ତ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରତି ୧ଲକ୍ଷ ଜନସଂଖ୍ୟା ପାଇଁ ଗୋଟିଏ ଏଏଲ୍ଏସ୍ ଆମ୍ବୁଲାନ୍ସର ଆବଶ୍ୟକତା ରହିଛି । ପୁରୀ ଜିଲ୍ଲାର ଲୋକସଂଖ୍ୟାକୁ ହିସାବ ନେଲେ ଆବଶ୍ୟକତା ଆମ୍ବୁଲାନ୍ସ ରହିବା କଥା । ଆମ୍ବୁଲାନ୍ସ ରହିଥିଲେ ହେଁ ଅନେକ ସମୟରେ ରୋଗୀଙ୍କୁ ତାହା ମିଳୁ ନଥିବା ଦେଖିବାକୁ ମିଳୁଛି । ଏପରିକି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରେଫର ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ମିଳିବାରେ ବିଳମ୍ବ ଯୋଗୁଁ ସେମାନେ ବେସରକାରୀ ଗାଡି ନେଇ ଯାଉଛନ୍ତି ନଚେତ ମୃତ୍ୟୁ ଘଟିଥିବା ନଜିର ବି ରହିଛି । ଏ ସମ୍ପର୍କରେ କର୍ମଚାରୀଙ୍କୁ ପଚାରିବାରୁ କହିଛନ୍ତି ଅନେକ ସମୟରେ ଆମ୍ବୁଲାନ୍ସ ସଂଖ୍ୟାଠାରୁ ସ୍ଥାନାନ୍ତର ହେଉଥିବା ରୋଗୀ ସଂଖ୍ୟା ବଢ଼ି ଯାଉଛି । ତେଣୁ ଏଭଳି ସ୍ଥିତି ଉପୁଜୁଥିବା କହିଛନ୍ତି । ଅସ୍ତରଙ୍ଗ ବ୍ଲକଟି ୧୫ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଏକ ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡକ୍ଟର ନଥିବାରୁ ଗୁରୁତର ରୋଗୀଙ୍କୁ ରେଫର ପାଇଁ ଲେଖା ହେଉଛି କିନ୍ତୁ ସଠିକ ସମୟରେ ଆମ୍ବୁଲାନ୍ସ ମିଳୁନଥିବାରୁ ରୋଗୀ ଓ ସମ୍ପର୍କୀୟ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏହା ସହିତ ଦିନ ସାରା ଶଙ୍କଟାପର୍ଣ୍ଣ ହେଉଥିବା ରୋଗୀ, ଦୁର୍ଘଟଣା ଓ ନିଆଁରେ ପୋଡି ଗୁରୁତର ଆହତମାନଙ୍କୁ ଚାରିଛକ କିମ୍ବା ଭୁବନେଶ୍ୱର କ୍ୟାପିଟାଲ ପଠାଯାଉଛି । ଗୋଟିଏ ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ନେଇ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଛାଡି ଫେରିବାକୁ ପ୍ରାୟ ୩ଘଣ୍ଟା ସମୟ ଲାଗିଯାଉଛି । ସେ ପଟେ ନିୟମାନୁସାରେ ରୋଗୀଙ୍କ ସ୍ଥାନାନ୍ତର ସମୟରେ ଡିଏଚ୍ଏଚ୍‌କୁ ରୋଗୀ ଛାଡିବାକୁ ଆସିଥିଲେ ବି ଭୁବନେଶ୍ୱର, ପୁରୀ କିମ୍ବା କଟକ ଯିବାକୁ ଆମ୍ବୁଲାନ୍ସ ପଡୁଛି । ଏଭଳି ସ୍ଥିତିରେ ସମ୍ପୃକ୍ତ ଅଞ୍ଚଳରେ ଆମ୍ବୁଲାନ୍ସର ଆବଶ୍ୟକତା ହେଲେ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ନଚେତ ନିଜସ୍ୱ ଉଦ୍ୟମରେ ମେଡିକାଲ ପହଞ୍ଚିବାକୁ ପଡୁଛି । ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ମିଳୁ ନଥିବାରୁ ସେମାନେ ସବୁବେଳେ ଚାରିଛକ ପଠାଇବାକୁ ପଡୁଛି । ଯାହାର ସିଧାସଳଖ ପ୍ରଭାବ ଜିଲ୍ଲାର ଅନ୍ୟ ରୋଗୀଙ୍କ ଉପରେ ପଡୁଥିବା ଅଭିଯୋଗ ହେଉଛି । ଗୋଟିଏ ପଟେ ରୋଗୀଙ୍କୁ ଆବଶ୍ୟକ ଆମ୍ବୁଲାନ୍ସ ମିଳୁନଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳକୁ ଆବଶ୍ୟକତା ଆମ୍ବୁଲାନ୍ସ କାର୍ଯ୍ୟ କ୍ଷମ କରିବାକୁ । ଯେଉଁ ସ୍ଥାନରେ କାର୍ଯ୍ୟକ୍ଷମ ହେଉ ନଥିବା ଆମ୍ବୁଲାନ୍ସକୁ କାର୍ଯ୍ୟକ୍ଷମ କରି ସ୍ଥାନାନ୍ତର କରାଇବାକୁ । ରୋଗୀଙ୍କ ବ୍ୟବହାରରେ ଲଗାଇବାକୁ ପର୍ଯ୍ୟାପ୍ତ ପରିମାଣରେ ଆମ୍ବୁଲାନ୍ସ ଯୋଗାଇବାକୁ ଦାବି ହୋଇଛି ।




# ମେଧାବୃତ୍ତି ପରୀକ୍ଷା ପାଇଁ ପ୍ରସ୍ତୁତି ବୈଠକ

କଣିହାଁ, (ଭାସ୍କର ନ୍ୟୁଜ): ଆଞ୍ଚଳିକ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ (ବିଜିଗୋଳ) କଣିହାଁ ପକ୍ଷରୁ ମେଧାବୃତ୍ତି ପରୀକ୍ଷା ନେଇ ବୈଠକ ଶନିବାର ଦିନ ସରକାରୀ ଉ. ପ୍ରା. ବିଦ୍ୟାଳୟ, କାଣ୍ଡସର ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ବେଣୁଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପରିଷଦର ପ୍ରତିଷ୍ଠାତା ତଥା ଉପଦେଷ୍ଟା ପଦ୍ମଚରଣ ମହାପାତ୍ର ଯୋଗ ଦେଇଥିବା ବେଳେ ପରିଷଦର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ । ପରିଷଦର ସାଧାରଣ ସଂପାଦକ ମୁନା ନାଏକ ସ୍ୱାଗତ ଜଣାଇ କାର୍ଯ୍ୟସୂଚୀ ଆରମ୍ଭ କରିଥିଲେ । ଚଳିତ ଶିକ୍ଷାବର୍ଷ ପାଇଁ ପରିଷଦର କଣିହାଁ ବ୍ଲକ ସ୍ତରୀୟ ବାର୍ଷିକ ମେଧାବୃତ୍ତି ପରୀକ୍ଷା ଆସନ୍ତା ଡିସେମ୍ବର ମାସ ୨୨ ତାରିଖ ରବିବାର ଦିନ ୪ଟି କେନ୍ଦ୍ର ଯଥା ମହେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟ, ସିପୁର, ସମଲ ବ୍ୟାରେଜ ସରକାରୀ ହାଇସ୍କୁଲ, ପବିତ୍ର ମୋହନ ସରକାରୀ ହାଇସ୍କୁଲ, କଣିହାଁ ଓ ସରକାରୀ ଉପ୍ରା ବିଦ୍ୟାଳୟ, ହାତିଆଦଣ୍ଡା ଠାରେ ଅନୁଷ୍ଠିତ ହେବ ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ନେତାଜୀ ଜୟନ୍ତୀ ଅବସରରେ ୨୩ ଜାନୁୟାରୀ ୨୦୨୫ ଦିନ ଅନୁଷ୍ଠିତ ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ମେଧାବୃତ୍ତି ପରୀକ୍ଷାରେ ସରକାରୀ ବିଦ୍ୟାଳୟରେ ପଢୁଥିବା ୭ମ ଓ ୮ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିପାରିବେ । ଡିସେମ୍ବର ୧୫ ତାରିଖ ସୁଦ୍ଧା ଛାତ୍ରଛାତ୍ରୀଙ୍କ ତାଲିକାକୁ ହ୍ୱାଟ୍ସଆପ୍ ନଂ ୯୩୩୭୧୬୦୨୮୧ କିମ୍ବା ୯୯୩୭୪୨୯୪୫୬ ରେ ପଠାଇବାକୁ ପରିଷଦ ପକ୍ଷରୁ ସିଆରସିସି ଓ ପ୍ରଧାନ ଶିକ୍ଷକମାନଙ୍କୁ ନିବେଦନ କରାଯାଇଥିବା ବେଳେ କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସଂପୂର୍ଣ୍ଣ ସହଯୋଗ ପାଇଁ ଅନୁରୋଧ କରାଯାଇଛି । ୨୦୧୦ ମସିହାରୁ ପ୍ରତ୍ୟେକ ବର୍ଷ ଏହି ପରିଷଦ ପକ୍ଷରୁ କଣିହାଁ ବ୍ଲକ ସ୍ତରରେ ମେଧା ପରୀକ୍ଷା କରାଯାଇ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ମାଧ୍ୟମରେ ପଦକ, ମାନପତ୍ର ଓ ଅର୍ଥିକ ରାଶି ପୁରସ୍କାର ପ୍ରଦାନ କରାଯାଇ ଆସୁଅଛି ବୋଲି ସାଧାରଣ ସଂପାଦକ ପ୍ରକାଶ କରିଥିଲେ । ପରିଷଦର କୋଷାଧକ୍ଷ ଅମରେନ୍ଦ୍ର ମହାପାତ୍ର ବାର୍ଷିକ ଆୟବ୍ୟୟର ହିସାବ ରଖିଥିଲେ । ପରିଷଦର ଉପସଭାପତି ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ ପରିଷଦର ପବିତ୍ର ନଗର ଜୋନର ସଂପାଦକ ଋଷଭ କୁମାର ବେହେରା, ବଜ୍ରକୋଟ ଜୋନର ସଂପାଦକ ସନ୍ତୋଷ କୁମାର ମିଶ୍ର, ପ୍ରସନ୍ନ କୁମାର ପ୍ରଧାନ, ବିଶିକା ଗଡନାୟକ, ଜୟନ୍ତୀବାଳା ପ୍ରଧାନ, ବୀଣାପାଣି ସାହୁ, ଇପ୍ସିତା ପ୍ରଧାନ, ଅନସୂୟା ସାମଲ, ଜସ୍ମିତା ବେହେରା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ବହୁ ଉପାଦେୟ ମତାମତ ପ୍ରଦାନ କରିଥିଲେ ।

# 'ଯୁବ ଜାଗ୍ରତ ମଞ୍ଚ' ପକ୍ଷରୁ ରକ୍ତଦାନ ଶିବିର



ଫୁଲନଖରା, (ଭାସ୍କର ନ୍ୟୁଜ): ମାନବାଧିକାର କର୍ମୀ କଳ୍ପତରୁ ଖୁଣ୍ଟିଆଙ୍କ ଜନ୍ମଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର 'ଯୁବ ଜାଗ୍ରତ ମଞ୍ଚ' ପକ୍ଷରୁ ସ୍ଥାନୀୟ କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ପରିସରରେ ଅନୁଷ୍ଠିତ ହୋଇଥିଲା । ଜୁଭେନାଇଲ କୋର୍ଟ ବରିଷ୍ଠ ସଦସ୍ୟା ଜୟଶ୍ରୀ ମହାପାତ୍ର ଶିବିରକୁ ଉଦଘାଟନ କରିଥିଲାବେଳେ ସରପଞ୍ଚ ରୋହିଣୀ ଭୋଇ, ସମାଜସେବୀ ଅଶ୍ୱିନୀ ମହାପାତ୍ର, କୃଷକନେତା ବନ୍ଧୁଚରଣ ସାହୁ, ମନୀଷାଦାସ ପଟ୍ଟନାୟକ, ମୋନୀକା ଆଚାର୍ଯ୍ୟ, ପଣ୍ଡିତ ଅଜୟ କୁମାର ପତି ଓ ପ୍ରାଚୀପ୍ରଜ୍ଞା ପରିଷଦ ସମ୍ପାଦକ ଅନୁପ ସାସମଲ ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ପରେପରେ 'ପ୍ରସାର ଓଡ଼ିଆ' ନାମରେ ଏକ ନୂତନ ୱେବ ଚ୍ୟାନେଲ ଲୋକାର୍ପଣ ହୋଇଥିଲା । ଏହି ଉପଲକ୍ଷେ ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀ ସନ୍ନ୍ୟାସୀଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାମୀ ଅମୃତାନନ୍ଦ ମହାରାଜ ମୁଖ୍ୟ ଅତିଥିରୂପେ ଯୋଗଦେଇ ଚ୍ୟାନେଲକୁ ଉଦଘାଟନ କରିବା ସହିତ ଗଣମାଧ୍ୟମ ସର୍ବଦା ସତ୍ୟନିଷ୍ଠ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରାଜୀବ ପଟ୍ଟନାୟକ, ପୁଲିସ ଅଧିକାରୀ ଜିତେନ୍ଦ୍ର ଦଳାଇ, ପ୍ରାର୍ଥନା ଚ୍ୟାନେଲ ନିର୍ଦ୍ଦେଶକ ଶପଥ ମହାପାତ୍ର, ସାହିତ୍ୟିକ ଅକ୍ଷୟ ମହାନ୍ତି, ପ୍ରାକ୍ତନ ନିର୍ବାହୀ ଯନ୍ତ୍ରୀ ଇଂ.ସୁଶାନ୍ତ କୁମାର ତ୍ରିପାଠୀ, ପ୍ରାଚୀ ଗବେଷକ ହଂସନାଥ ସାହୁ, ପୁଲିସ ଅଧିକାରୀ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଞ୍ଚ ତରଫରୁ 'ସେବକ ସମ୍ମାନ' ପ୍ରଦାନ କରାଯାଇଥିଲା । ଅରୁଣକୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ଅନୁପ ସାସମଲ, ବିଶ୍ୱଜିତ ବେହେରା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାଧାଶ୍ୟାମ ମହାନ୍ତି, ରମେଶଚନ୍ଦ୍ର ପ୍ରଧାନ, କୈଳାସଚନ୍ଦ୍ର ସାହୁ, ସୁମିତ୍ରା ସାହୁ, ଶୋଭନ ମହାପାତ୍ର ଓ ଧିରେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଆଇନଜୀବୀ ସରୋଜକୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗରରେ ବାଲି ଦଲାଲ ସକ୍ରିୟ

ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ତହସିଲ ଅଧୀନରେ ବିଭିନ୍ନ ନଦୀରୁ ଏବେ ବାଲି ଚୋରି ଆରମ୍ଭ ହୋଇଗଲାଣି । ବାଲି ଦଲାଲ ବି ସକ୍ରିୟ ହୋଇ ଗଲେଣି । ରାଜସ୍ୱ ବି ହରାଉଛି ସରକାର । ବର୍ଷା ଋତୁ ଯିବା ପରେ ଧାମନଗର ତହସିଲ ଅଧିନ ଆନନ୍ଦପୁର ପଞ୍ଚାୟତ ସୀମା ବୁଢ଼ା ମହାଦେବ ପାଖରେ ବୈତରଣୀ ନଦୀରୁ ବାଲି ଏବେ ଚୋରି ଆରମ୍ଭ ହୋଇଯାଇଛି । ୧୫ ରୁ ଅଧିକ ଗାଡ଼ି ମାଲିକ ମିଳିତ ଭାବେ ଗଡ଼ା କରି ବାଲି ଉଠାଉଛନ୍ତି । ରାତି ବେଳା ବାବୁସାହିର ଜଣେ ଗାଡ଼ି ମାଲିକ ନିଜ ଡୋଜରରେ ଏହି ଘାଟରେ ପଶି ବାଲି ଠୁଳ କରୁଛି । ବିଳମ୍ବିତ ରାତିରୁ ଅନ୍ୟ ଗାଡ଼ି ମାଲିକମାନେ ନିଜ ନିଜ ଟ୍ରାକ୍ଟର ଓ ମିନି ଟ୍ରକ୍‌ରେ ବାଲି ବୋହୁଛନ୍ତି । ନଭେମ୍ବର ୧୭ ତାରିଖ ରବିବାର ଠାରୁ ବାଲି ଚୋରି ଆରମ୍ଭ ହୋଇଛି । ପ୍ରତ୍ୟେକ ଦିନ ଜଣେ ଟ୍ରାକ୍ଟର ମାଲିକ ନିଜ ଟ୍ରାକ୍ଟରରେ ୫ ଟ୍ରିପ୍ ବାଲି ଚୋରି କରୁଛନ୍ତି । ନଈରୁ ବାଲି ଆଣି ନିଜ ନିଜ ବାଡ଼ିରେ ଓ ନଦୀବନ୍ଧରେ ଷ୍ଟକ କରୁଛନ୍ତି । ଆଉ କେହି କେହି ବରାଦ ଅନୁସାରେ ବାଲି ବିକ୍ରି କରୁଛନ୍ତି । ନଦୀ ରେପାଣି ଶୁଖିନଥିଲେ ବି ଗାଡ଼ି ମାଲିକ ଡୋଜର ପୂରାଇ ବାଲି ଠୁଳ କରୁଛନ୍ତି । ସେ ବାବଦରେ ଗୋଟିଏ ଟ୍ରିପ୍‌କୁ ସେ ୧୦୦ ଟଙ୍କା ନେଉଛନ୍ତି । ତା ପରେ ଲୋଡ଼ିଂ କରିଦେଲେ ଆଉ ୧୦୦ ଟଙ୍କା ନେଉଛନ୍ତି ସଂପୃକ୍ତ ଡୋଜର ମାଲିକ । ଚୋରାରେ ବାଲି ଚାଲାଣ ହେଉଥିବାରୁ ସରକାରଙ୍କୁ କୌଣସି ପ୍ରକାର ରୟାଲଟି ଦେବାକୁ ପଡୁନାହିଁ । ଏଣୁ ଟ୍ରାକ୍ଟର ମାଲିକମାନେ ଏହି ବାଲିକୁ ଟ୍ରିପ ପିଛା ୧୪୦୦ରୁ ୧୫୦୦ ଟଙ୍କାରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି । ସେପଟେ ସୀମା ବିବାଦ ଥିବାରୁ ଗାଡ଼ି ମାଲିକଙ୍କୁ ଏହା ସୁହାଉଛି । ସେପଟେ ବାଲି ନିଲାମ ତହସିଲ ହାତରେ ନଥିବାରୁ ଦୁଇ ତହସିଲର ତହସିଲଦାର କି ଅଧିକାରୀ ଚୁପ୍ ରହୁଛନ୍ତି । ଧାମନଗର ତହସିଲର ସୋଧ ରାଜସ୍ୱ ନିରୀକ୍ଷକ ଚୁପ୍ । ସେପଟେ ଭଣ୍ଡାରିପୋଖରୀ ତହସିଲର ମାଳଦା ରାଜସ୍ୱ ନିରୀକ୍ଷକ ବି ଚୁପ୍ । ସରକାରୀ ନିୟମ ଅନୁସାରେ, ବାଲି ଚୋରି ରୋକିବାର କ୍ଷମତା ତହସିଲଦାର ଓ ଥାନା ପାଖରେ ଅଛି । ହେଲେ ରାଜନୈତିକ ଚାପ ଓ ଶାସକ ଦଳର କର୍ମୀଙ୍କ ପ୍ରେସ ଆଗରେ ଏମାନେ ସବୁ ନିରବ ରହୁଥିବା ଅଭିଯୋଗ ହୋଇଛି । ତେବେ ଏନେଇ ଧାମନଗର ତହସିଲଦାର ଦୀପକ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବାଲି ଚୋରିର ଅଭିଯୋଗ ହୋଇନି । ଅଭିଯୋଗ ହେଲେ ଖଣି ବିଭାଗକୁ ଜଣାଇ ପଦକ୍ଷେପ ନିଆଯିବ ।



# ଓସିପି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




କଣିହାଁ,(ଭାସ୍କର ନ୍ୟୁଜ): ଅନୁଗୁଳ ଜିଲ୍ଲା କଣିହାଁ ଓସିପି ପକ୍ଷରୁ ବିଜିଗୋଳ କଳ୍ପତରୁ ମା' ଭୈରବୀ ଆଶ୍ରମରେ ଗୁରୁବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କଣିହାଁ କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବରେ ଶୁଭ ଉଦ୍‌ଘାଟନ କରିଥିଲେ । କଣିହାଁ କ୍ଷେତ୍ର ଚିକିତ୍ସା ଅଧିକ୍ଷକ ଏମ୍.ଡି.ଫାସି ଆଲମ୍, ଉପଚିକିତ୍ସା ଅଧିକ୍ଷକ ତଥା ଡାକ୍ତର ସୁରେଶ କୁମାର ସାହୁ ଲୋକଙ୍କୁ ଦେଖିଥିଲେ । ଫାର୍ମାଷିଷ୍ଟ ଜିତେଶ୍ କୁମାର ଧର, ମ୍ୟାର୍ଟନ ସେଖ୍ ଖଲ୍ଲୀଲ୍ ଉଲ୍ଲା, ଷ୍ଟାପ୍ ନର୍ସ ସଙ୍ଗମିତ୍ରା ସ୍ୱାଇଁ, ଜ୍ୟୋସ୍ନାରାଣୀ ସାହୁ, ସେବତୀ ପ୍ରଧାନ, ବବିତା ନାୟକ, ବିଷ୍ଣୁ ପ୍ରସାଦ ବାରିକ୍, ଅଜୟ କୁମାର ସାମଲ, ଶିବରାମ ସାହୁ ପ୍ରମୁଖ ମେଡିକାଲ କର୍ମଚାରୀ ସହଯୋଗ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଆଶ୍ରମବାସୀ ସମେତ ଆଖପାଖ ଅଞ୍ଚଳର ମୋଟ୍ ୧୪୨ଜଣ ଲୋକ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଣିହାଁ କ୍ଷେତ୍ର ସଂଜୀବନୀ ମହିଳା ମଣ୍ଡଳର ଅଧ୍ୟକ୍ଷ, ସମ୍ପାଦିକା ଓ ଅନ୍ୟ ସଦସ୍ୟ ସାମିଲ ଥିଲେ । ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ଜରୀଆରେ ଏହି ଶିବିରକୁ ସାମିଲ କରାଯାଇଥିବା ଜଣାଯାଇଛି ।

# ସମବାୟ ସମିତିର ବାର୍ଷିକ ବୈଠକ

ମାଲକାନାଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ସମବାୟ ସମିତି ସଭାନେତ୍ରୀ ମୁନିବତୀ ବୁଡୁବାଡିଙ୍କ ଅଧ୍ୟକ୍ଷତାରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କେସିସି ବ୍ୟାଙ୍କ ସଭାପତି ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା କେସିସି ବ୍ୟାଙ୍କ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ସମ୍ମାନିତ ଅତିଥି ଏଆର୍‌ସିଏସ୍ ତଥା ରାଜ୍ୟ କୋଅପରେଟିଭ ସଂଘ ସଭାପତି ଦିଗାମ୍ବର ନାୟକ, ନିର୍ଦ୍ଦେଶକ ଭୀମ ହରିଜନ, କୁଡୁମୁଲୁଗୁମ୍ମା ସମବାୟ ସମିତି ସଭାପତି ଗୋପୀ ପାଙ୍ଗି, ଉଦୟନଥ ମାଦ୍ରି, ସ୍ଥାନୀୟ ଉପସଭାନେତ୍ରୀ ଡମୁଣି ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ । ମଣ୍ଡି, ଚାଷୀଙ୍କ ଋଣ, ଧାର୍ଯ୍ୟ ସମୟ ମଧ୍ୟରେ ପରିଶୋଧ ସମ୍ପର୍କରେ ଆଲୋଚନା ହୋଇଥିଲା । ୨୦୨୪-୨୫ ବର୍ଷର ବଜେଟ ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ବ୍ଲକ୍ ନିର୍ଦ୍ଦେଶକ ହଳଧର ପୂଜାରୀ, ଡମୁ ନାୟକ, ସୁଭାଷ ଖୁଡିପିଆ, ତ୍ରିନଥ ଭୂମିଆ, ସମ୍ବାରୁ ନାୟକ, ଜୀବନ ସାହୁ, ରାମେଶ୍ୱର ଚୌଧୁରୀ, ହଳଧର କୋପେ, ଫୁଲମତୀ ଜିରାମ, କାନାମ ରାଜୁ ନାୟକ, ଭାଗତ ନାୟକ, ବ୍ଲକର ବହୁ ଚାଷୀମାନେ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ଏନ୍‌ସିସି ଦିବସ ପାଳିତ

କେନ୍ଦୁଝର,(ଭାସ୍କର ନ୍ୟୁଜ): ଓଡ଼ିଶା ବାଟାଲିୟନ ଏନ୍‌ସିସି କେନ୍ଦୁଝର ତରଫରୁ ରବିବାରରେ ଆୟୋଜିତ ୭୬ ତମ ଏନ୍‌ସିସି. ଦିବସ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସିରାଜୁଦ୍ଦିନ ଛକ, ବଣିଆପାଟ,ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି. ପତାକା ହଲାଇ ଉଦଘାଟନ କରିଥିଲେ । ଏହା ପରେ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି କମାଣ୍ଡିଙ୍ଗ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି. ଯୋଗ ଦେଇ ନିଜର ଏନ୍‌ସିସି କ୍ୟାଡେଟ ସମୟର ପୂର୍ବ ଅନୁଭୂତି ବଖାଣିବା ସହିତ ବର୍ତ୍ତମାନ ର କ୍ୟାଡେଟ ଗଣ ଦେଶ ମାତୃକାର ସେବା କରିବା ପାଇଁ ସର୍ବଦା ଆଗଭର ହେବାକୁ ଉପଦେଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଦୁଃଖବନ୍ଧୁ ନାୟକ ଯୋଗ ଦେଇ କ୍ୟାଡେଟ ମାନଙ୍କୁ ଏନ୍.ଡି.ଏ,ସି.ଡି. ଏସ୍. ଆଦି ପରୀକ୍ଷା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରିବା ସହିତ ସମାଜରେ ଭଲ ମଣିଷ ହେବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟ, ଏନ୍.ଏସ୍. ପୋଲିସ ହାଇସ୍କୁଲ, ଡି.ଏନ୍.ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟର କ୍ୟାଡେଟଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧରଣୀଧର ବିଶ୍ୱବିଦ୍ୟାଳୟର ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ସଲମା କିସ୍କୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏନ୍.ଏସ୍.ପୋଲିସ ହାଇସ୍କୁଲର ଏନ୍.ସି.ସି. ଅଫିସର ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସିର ସୁବେଦାର ମେଜର ଲକ୍ଷ୍ମୀ ନାରାୟଣ, ସୁବେଦାର ନାଦେର ଚନ୍ଦ୍ର ଘୋଷ, ଏନ୍‌ସିସି ଅଫିସର ସୁରେନ୍ଦ୍ର କୁମାର ପଇଡା, ସମସ୍ତ ପି.ଆଇ.ଷ୍ଟାଫ୍,ଅବସରପ୍ରାପ୍ତ କ୍ୟାପଟେନ ଦୋଳଗୋବିନ୍ଦ ପାତ୍ର, ସୁବେଦାର ମେଜର ବଳଭଦ୍ର ସାହୁ, ଚନ୍ଦ୍ରମଣି ଦଳେଇ, କୃଷ୍ଣଚନ୍ଦ୍ର ସାହୁ, ସୁବେଦାର ଅରୁଣ କୁମାର ରାଉତ, ହାବିଲଦାର ଶୁଭାଶିଷ ଚକ୍ରବର୍ତ୍ତୀ, ମାର୍କଣ୍ଡ ସାମଲ ପ୍ରମୁଖ ଯୋଗ ଦେଇ କ୍ୟାଡେଟଙ୍କୁ ଦେଶ ସେବାରେ ବ୍ରତୀ ହେବାକୁ ଉତ୍ସାହିତ କରିଥିଲେ ।

# ବ୍ଲକସ୍ତରୀୟ କୃଷି ଯନ୍ତ୍ରପାତି ମେଳା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୃଷି କାର୍ଯ୍ୟାଳୟ ସାମ୍ନାରେ କୃଷି ଯନ୍ତ୍ରପାତି ମେଳା ସୋମବାର ପୂର୍ବାହ୍ନରେ ଆୟୋଜନ କରାଯାଇଛି । ନୂଆ ନୂଆ କୃଷି ପଦ୍ଧତି, ବୈଜ୍ଞାନିକ ଉପାୟରେ ଚାଷ କାମ, ଆଧୁନିକ ଜ୍ଞାନ କୌଶଳରେ ଏବଂ କୃଷି ଯନ୍ତ୍ରପାତିର ପ୍ରୟୋଗ ସମ୍ପର୍କରେ ଧାରଣା ଦେବା ପାଇଁ ଆୟୋଜିତ ଏହି ମେଳାରେ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ । କୃଷି ଓ ଆନୁସାଙ୍ଗିକ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ଆଧୁନିକ ଯନ୍ତ୍ରପାତିର ଉପକାରିତା, କାର୍ଯ୍ୟକାରିତା ଓ ବ୍ୟବହାର ସମ୍ପର୍କରେ ଚାଷୀ ମାନେ ଜାଣିବାର ସୁଯୋଗ ପାଇଥିଲେ । ତା' ଛଡା ଆବଶ୍ୟକ ମୁତାବକ ଯନ୍ତ୍ରପାତି କିଣିବା ଏବଂ ସେଥିରେ ସରକାର ଦେଉଥିବା ରିହାତି ନେବାର ସୁଯୋଗ ପାଇପାରିବେ । ମେଳାରେ ବିଭିନ୍ନ ସଂସ୍ଥାର ୫ରୁ ୭ଟି କୃଷି ଯନ୍ତ୍ରପାତି ଡିଲରମାନଙ୍କ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ସହକାରୀ କୃଷି ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ସେଠୀ, କାକଟପୁର ସହକାରୀ କୃଷି ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ମଣ୍ଡଳ କୃଷିଅଧିକାରିଣୀ ବି.ଅର୍ପିତା, ଅସ୍ତରଙ୍ଗ କୃଷି ଅଧିଦର୍ଶକ ନିବେଦିତା ପଟ୍ଟନାୟକ, ଦେବବ୍ରତ ସାହୁ, ଭି. ଏ. ଡବ୍ଲୁ ଅନ୍ନପୂର୍ଣ୍ଣା ସେନାପତି, ବିଶ୍ୱଜିତି ମହାନ୍ତି, ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ମେଳା କୃଷକଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବା ବେଳେ କୃଷି ଯନ୍ତ୍ରପାତି କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ରିହାତିର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ । ଏହା ସହ ମଣ୍ଡଳ କୃଷି ଅଧିକାରିଣୀ ବି. ଅର୍ପିତା ଓ କାକଟପୁର ସହକାରୀ କୃଷି ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ସରକାରଙ୍କ ଏହି ମେଳା ମାଧ୍ୟମରେ କୃଷକଙ୍କୁ ଆଧୁନିକ ପ୍ରଣାଳୀରେ କୃଷିକାର୍ଯ୍ୟ ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା ସହ କୃଷି କାର୍ଯ୍ୟରେ କିଭଳି ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ସ୍ୱଳ୍ପ ମୂଲ୍ୟ ଓ ସ୍ୱଳ୍ପ ସମୟରେ ଅଧିକ ଲାଭ ହାସଲ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଏହି ମେଳାରେ ରୋଟାମିଟର, କମ୍ବାଇନି, ହାଇଭେଷ୍ଟର, ଧାନକଳ, ଅଟାକଳ, କୋଡାଖୋସା ମେସିନ, ପମ୍ପସେଟ, ସ୍ପ୍ରେୟାର ସହ ବହୁ ଉନ୍ନତ ମାନର ଯନ୍ତ୍ରପାତି ପର୍ଯ୍ୟବେଶିତ ହୋଇଥିଲା ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

# 'ସ୍ୱପ୍ନକୁ କାର୍ଯ୍ୟଶୈଳୀରେ ମିଶାଇଲେ ସଫଳତା ମିଳେ'

ଭଦ୍ରକ, (ଭାସ୍କର ନ୍ୟୁଜ): ଜୀବନର ଲକ୍ଷ୍ୟ ନେଇ ଦେଖିଥିବା ସ୍ୱପ୍ନକୁ କାର୍ଯ୍ୟଶୈଳୀରେ ରୂପାୟନ କରିପାରିଲେ ସଫଳତା ମିଳିଥାଏ ବୋଲି ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ପ୍ରଣୀତ ଯୋଜନାର ସୁଯୋଗ ନେଇ ଧାମନଗର ବ୍ଲକ କଟସାହିର ସଫଳ ମାଛ ଜାଆଁଳ ଚାଷୀ କିଶୋର ପାଢ଼ୀ ଜିଲ୍ଲାସ୍ତରୀୟ ଦୁଇ ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟନୀ ସଭାରେ ସମ୍ବର୍ଦ୍ଧିତ ହେବା ଅବସରରେ ଅଭିମତ ପ୍ରକାଶ କରିଥିଲେ । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଏହି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ଭଦ୍ରକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ୍, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ମେଳା ଆୟୋଜନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ମେଳାରେ ଉପସ୍ଥିତ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳରୁ ଆସିଥିବା ଶତାଧିକ ଋଷୀମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଅତିଥିମାନେ ଷ୍ଟଲ ଜରିଆରେ ପ୍ରଦର୍ଶିତ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ଆର୍ଥିକ ସହାୟତା ବିଷୟରେ ଅବଗତ ହୋଇ ନିଜ ଜୀବନ ଜିବିକାରେ ତା'ର ଫାଇଦା ଉଠାଇ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ । ସରକାରୀ ଋକିରୀ ପଛରେ ନଗୋଡ଼ାଇ ଉଦ୍ୟୋଗ ପତି ହେବାର ସୁଯୋଗ ଏଥିରେ ଅଛି । ଯିଏ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ବ୍ୟବହାର କରିଛି ସେ ନିଶ୍ଚିତ ଉପକୃତ ହୋଇଛି । ତେଣୁ ଏବେର ଯୁବଗୋଷ୍ଠୀ ଏଥିରେ ଅନୁପ୍ରାଣୀତ ହେବା ଉଚିତ୍ ବୋଲି ମଧ୍ୟ ଅତିଥିମାନେ ମତପ୍ରକାଶ କରିଥିଲେ । ଜାଣିଲେ ଜିଣିବା । ଯୋଜନାର ସୁଯୋଗ ବିଷୟରେ ଜାଣିଲେ ତାକୁ ଆପଣେଇ ନେଲେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରିବା ବୋଲି ମଧ୍ୟ ଅତିଥିମାନେ ବକ୍ତବ୍ୟ ଜରିଆରେ ଉତ୍ସାହିତ କରିଥିଲେ । ଏହି ମେଳାରେ ମତ୍ସ୍ୟ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ବାସୁଦେବପୁର ବ୍ଲକ୍‌ର ପ୍ରଫୁଲ କୁମାର ତରାଇଙ୍କୁ ୨୦ ଲକ୍ଷ ଟଙ୍କା ମୂଲ୍ୟର ତାପ ନିରୋଧୀ ଯାନ ପ୍ରଦାନ କରାଯାଇଥିଲା, ଯେଉଁଥିରେ ତାଙ୍କୁ ୧୨ ଲକ୍ଷ ଟଙ୍କାର ସରକାରୀ ସହାୟତା ପ୍ରଦାନ କରାଯାଇଛି । ସେହିପରି ବରଫ ବାକ୍ସ ସହିତ ଅଟୋରିକ୍ସା ୭ ଜଣ ମତ୍ସ୍ୟ ଋଷୀଙ୍କୁ ମାଗଣାରେ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଗଲା । ବାୟୋଫ୍ଲୋକ୍ ପ୍ରଣାଳୀରେ ତିହିଡ଼ି ବ୍ଲକ୍‌ର ସଫଳ ମହିଳା ମତ୍ସ୍ୟଋଷୀ ମଞ୍ଜୁଲତା ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପ୍ରାଣୀ ସମ୍ପଦ ବିଭାଗର ଯୋଜନା ନେଇ ସଫଳ ହୋଇଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୨୦ ହଜାର ବ୍ରୟଲର ଋଷୀ ସୋନାଲି ରାଉତ, ୧୦୦ ଟି ଛେଳି ପାଳନରେ ପ୍ରଣତି ନାୟକ, ୧୨ଟି ଗାଇ ପାଳନରେ ରାମଚନ୍ଦ୍ର ପରିଡ଼ା ଏବଂ ଛେଳି ପାଳନରେ ମା' ମଙ୍ଗଳା ଏସ୍ଏଚ୍‌ଜିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଷ୍ଟଲ ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଗୋମାତା ପୂଜନ କରି ଅତିଥିମାନେ ବିଭିନ୍ନ ଷ୍ଟଲ ଉଦଘାଟନ କରିବା ସହ ପରିଦର୍ଶନ କରିଥିଲେ । ଏହି ପ୍ରଦର୍ଶନୀରେ ଆୟୋଜିତ ୩୦ଟି ଷ୍ଟଲ୍‌ରେ ଗୋପାଳନ, ଘୁଷୁରୀ, କୁକୁଡ଼ା, ଛେଳି ପାଳନ, ସମନ୍ୱିତ ଋଷ, ବାୟୋଫ୍ଲୋକ୍ ଓ କୁଣ୍ଡରେ ମାଛ ଋଷ, କୃଷି ଉତ୍ପାଦ, ଉଦ୍ୟାନ କୃଷି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତ୍ପାଦ, ଶିଳ୍ପକେନ୍ଦ୍ର ଦ୍ୱାରା ପ୍ରଦତ୍ତ ସହାୟତାରେ ବିଭିନ୍ନ ଉତ୍ପାଦ କୃଷି ଯନ୍ତ୍ରପାତି, ଦୁଗ୍ଧ ଉତ୍ପାଦନ ଓ ପ୍ରକ୍ରିୟାକରଣ ଆଦିର ଉପଯୋଗ, ବ୍ୟବହାର ନେଇ ସଚେତନତା ଓ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା । ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ମଧ୍ୟ ଋଷୀମାନଙ୍କୁ ସରକାରୀ ଯୋଜନା ସମ୍ବନ୍ଧରେ ସଚେତନ କରାଯାଇଥିଲା । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷିକେଶ ବେହେରା ସ୍ୱାଗତ ଭାଷଣ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘୋଷିକା ପାୟଲ ମଞ୍ଚ ପରିଚାଳନା କରିଥିଲେ । ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ମେଳାରେ ଉପସ୍ଥିତ ଥିଲେ ।





ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ଆଜି ସୋମବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡାକ୍ତର ସର୍ବନା ବିବେକ ଏମ, ଉପ-ଜିଲ୍ଲାପାଳ ବ୍ରହ୍ମପୁର ଦୀନା ଦସ୍ତଗୀର ମିଳିତ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ ଓ ଏହି ଅଭିଯୋଗ ଶୁଣାଣିର ସମୁଦାୟ ୭୬ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଅଭିଯୋଗ ୬୬ଟି ଥିଲା ବେଳେ, ଗ୍ରାମ ଅଭିଯୋଗ ୧୦ଟି । ତିନିଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୨୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ଓ ଗଞ୍ଜାମ ଜିଲ୍ଲାପାଳ ତ୍ୱରିତ ୮ଟି ଅଭିଯୋଗ ଫଏସଲା କରିଥିଲେ । ଆବେଦନ ଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାର ସମସ୍ତ ଅଧିକାରୀମାନେ ଓ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବି.ଡି.ଓ, ତହସିଲଦାର ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।



## ଠିକାଦାରଙ୍କ ମନମାନୀ

# ଭାଙ୍ଗୁଛି ରାସ୍ତା-ଫାଟୁଛି ପାଣି ପାଇପ୍, ମରାମତି ଶୂନ

ରାଜନଗର, (ଭାସ୍କର ନ୍ୟୁଜ୍) : ଜନସାଧାରଣଙ୍କୁ ଅଭାବୀ ପାନୀୟ ଜଳ ସମସ୍ୟାରୁ ରକ୍ଷା ପାଇବାକୁ ସରକାର ମେଗା ପାନୀୟ ଜଳ ପ୍ରକଳ୍ପ ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମୁଖ୍ୟ ତଥା ସାହି ବସ୍ତିମାନଙ୍କରେ ରାସ୍ତା ଖୋଳି ପାଇପ୍ ବିଛାଯାଉଛି । ହେଲେ ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳିବା ଅସାବଧାନତା ହେତୁ ଲୋକଙ୍କ ପାଇଁ 'ମହରଗରୁ ଯାଇ କାନ୍ତାର'ରେ ପଡିବା ନ୍ୟାୟ ହୋଇଛି । ଏପରି ଘଟଣା କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଛି । ବିବରଣୀରୁ ପ୍ରକାଶ ସରକାର ପ୍ରତ୍ୟେକ ଘରକୁ ପାଣି ଯୋଗାଣ ନିମନ୍ତେ ଠିକାଦାର ଟେଣ୍ଡର ନେଇ ମେଗା ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଛନ୍ତି, ମୁଖ୍ୟରାସ୍ତା ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ସାହି, ବସ୍ତି ମଧ୍ୟରେ ପିଚୁ ଓ କଂକ୍ରିଟି ରାସ୍ତା ଖୋଳି ଖାଲ କରି ମାସମାସ ଧରି ପାଇପ୍ ପକାଉ ନଥିବାରୁ ତଡ଼ା ଯାଇଥିବା ରାସ୍ତା ମରାମତି ନହେବାରୁ ଖାଲରେ ଗୋରୁଗାଇ ପଡି ବିପଦର ସମ୍ମୁଖିନ ହେବା ସହ ଅନେକ ସମୟରେ ବାଇକ୍ ଦୁର୍ଘଟଣାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି । କେବଳ ସେତିକିରେ ସୀମିତ ନରହି ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ପାଇପ ବିଛାଯାଇ ଲୋକମାନଙ୍କୁ ପିଇବା ପାଣି ଯୋଗାଇ ଦିଆଯାଇଥିଲା, କିନ୍ତୁ ମେଗା ପାନୀୟଜଳ ପ୍ରକଳ୍ପ ପାଇପ ବିଛା ଗାତ ଖୋଳା ସମୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପର ପାଇପ୍‌କୁ ରାସ୍ତା ତାଡ଼ିବା ସମୟରେ ବେପରୁଆ ଭାବେ ଫଟାଇ ଥିବାରୁ ଅଧିକାଂଶ ବ୍ଲକର ଗ୍ରାମବାସୀ ପିଇବା ପାଇଁ ପାଣି ପାଉନଥିବା ବେଳେ ଫଟା ପାଇପ୍‌ରେ ପାଣି ସବୁ ଦାଣ୍ଡରେ ସୁଅ ଛୁଟୁଛି । ହେଲେ କାମକୁ ତଦାରଖ କରିବାକୁ ବିଭାଗୀୟ କର୍ମଚାରୀ ଅବା ଅଧିକାରୀ କିମ୍ବା ଠିକାଦାର ଅନୁପସ୍ଥିତ ଥିବାବେଳେ ରାସ୍ତା ତାଡୁଥିବା ମେସିନ୍ ଡ୍ରାଇଭର ଲୋକଙ୍କ କଥା ନଶୁଣି ଠିକାଦାର ଏପରି କରିବାକୁ କହିଛି ବୋଲି ମେସିନ ଡ୍ରାଇଭର କହି ବେପରୁଆ ଭାବେ ରାସ୍ତା ତାଡିବା ସହ ପାଣି ପାଇପ୍ ଫଟାଇ ଚାଲି ଯାଉଛନ୍ତି । ସରକାରଙ୍କର ନିୟମ ପ୍ରକାର ଠିକାଦାର ଏଗ୍ରୀମେଣ୍ଟ କରିଛନ୍ତି, ରାସ୍ତା ଖୋଳି ପାଇପ୍ ବିଛାଇବା ପରେ ରାସ୍ତାକୁ ସ୍ୱାଭାବିକ ଅବସ୍ଥାରେ ଛାଡିବେ, ମାତ୍ର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ପାନୀୟ ଜଳ ଯୋଗାଣ ପୂର୍ବରୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଠିକାଦାର ସରକାରଙ୍କ ନୀତି ନିୟମକୁ ଫୁ କରି ଲୋକଙ୍କୁ ପିଇବା ପାଣି ବନ୍ଦ କରିବା ସହ ରାସ୍ତାକୁ ତାଡି ଖାଲକରି ଚାଲିଯାଇଥିବାରୁ ଏହା ଜନସାଧାରଣଙ୍କୁ ମୃତ୍ୟୁମୁଖକୁ ଠେଲି ଦେବା ଭଳି ହୋଇଛି । ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ଏବଂ ଫାଟିଥିବା ପାଣି ପାଇପ୍ ମରାମତି କରି ଲୋକମାନଙ୍କୁ ପିଇବା ପାଣି ପୂର୍ବଭଳି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ସୋନାପୁର ବେଳାଭୂମିରେ ବିରାଟକାୟ ସାର୍କ ମୃତ

ଚିକିଟୀ, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଏହି ବ୍ଲକର ସୋନାପୁର ବେଳାଭୂମିରେ ବିରାଟକାୟ ସାର୍କ ମାଛ ମୃତ୍ୟୁବରଣ କରିଛି । ସୂଚନା ପ୍ରକାରେ ଆଜି ଦିନ ବାରଟା ବେଳେ ସମୁଦ୍ର ଲହରୀରେ ବିରାଟକାୟ ସାର୍କ ମାଛ ଭାସି ଭାସି ଆସି ତଟରେ ଲାଗିଥିଲା । ଏହା ଦେଖି ସ୍ଥାନୀୟ ଧିବରମାନେ ଜମା ହୋଇ ମାଛକୁ ସମୁଦ୍ରକୁ ପଠାଇବାର ବ୍ୟବସ୍ଥା କରି ବିଫଳ ହୋଇଥିଲେ । ପ୍ରାୟ ଶହେରୁ ଅଧିକ ବ୍ୟକ୍ତି ଆପ୍ରାଣ ଚେଷ୍ଟା କରିବା ପରେ ମଧ ଉକ୍ତ ଜୀବକୁ ସମୁଦ୍ରକୁ ପଠାଇ ପାରିନଥିଲେ । ଏନେଇ ବନ ବିଭାକୁ ଖବର ପ୍ରଦାନ କରିଥିଲେ ସେତେବେଳକୁ ସାର୍କଟି ଶେଷନିଶ୍ୱାସ ତ୍ୟାଗ କରିଥିବା ପ୍ରକାଶ ପାଉଛି ।



# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର



ଭାପୁର,(ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରଓ୍ୱାଲଙ୍କ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୯୩ ଗୋଟି ସମସ୍ୟାର ଅଭିଯୋଗ ଆସିଥିଲା ଏବଂ ଜିଲ୍ଲାପାଳ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ସମସ୍ୟା ବୁଝିଥିଲେ । ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୭୪ ଗୋଟି, ଗ୍ରାମ୍ୟ ସମସ୍ୟା ୮, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ୧୧ ଗୋଟି ଓ ତତ୍କାଳ ସମାଧାନ ୧୦ଟି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍. ସୁଶ୍ରୀ,ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମ୍ପଦର, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲାପରିଷଦ ପ୍ରକଳ୍ପ ଅଧିକାରୀ ଦେବଦତ୍ତ ପଣ୍ଡା, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଶରତ ଚନ୍ଦ୍ର ଦାସ, ଭାରପ୍ରାପ୍ତ ଆରକ୍ଷୀ ଉପଖଣ୍ଡ ଅଧିକାରୀ ରମାକାନ୍ତ ନାଥଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିବାବେଳେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ସମେତ ବ୍ଲକର ସମସ୍ତ କାର୍ଯ୍ୟାଳୟରୁ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିଥିଲେ । ବିଶେଷକରି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ତଥା ଅଧିକାରୀମାନେ ଅନୁପସ୍ଥିତ ରହିଥିବାରୁ ଜିଲ୍ଲାପାଳ ଦୁଃଖ ପ୍ରକାଶ କରିବା ସହିତ କ୍ଷୁବ୍ଧ ପ୍ରକାଶ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ପାରାଦୀପ ବନ୍ଦରରେ ଭାରତୀୟ ଯୁଦ୍ଧ ଜାହାଜ ଆଇଏନ୍ଏସ୍ 'ସାତପୁରା'







ପାରାଦୀପ, (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ପୋତାଶ୍ରୟରେ ଲାଗିଛି ଭାରତୀୟ ନୌସେନାର ଅତ୍ୟାଧୁନିକ ଯୁଦ୍ଧ ଜାହାଜ ଆଏନ୍ଏସ୍ ସାତପୁରା । ଗତ ରବିବାର ଦିନ ଅପରାହ୍ନରେ ଏହି ଜାହାଜ ପାରାଦୀପରେ ପହଞ୍ଚିବା ପରେ କିଛି ସମୟ ପାଇଁ ସାଧାରଣ ଲୋକଙ୍କ ପରିଦର୍ଶନ ପାଇଁ ଉନ୍ମୁକ୍ତ କରାଯାଇ ଥିଲା ଯେଉଁଥିରେ ଏନ୍‌ସିସି ଓ ମେରିଟାଇମ୍ ଛାତ୍ରଛାତ୍ରୀମାନଙ୍କୁ ଏହି ଜାହାଜ ଦେଖିବାକୁ ସୁଯୋଗ ଦିଆ ଯାଇଥିଲା । ତେବେ ଏହି ଜାହାଜ ଭାରତୀୟ ନୌସେନାର ଏକ ଶକ୍ତିଶାଳୀ ଜାହାଜ । ଏଥିରେ ଶକ୍ତିଶାଳୀ କ୍ଷେପଣାସ୍ତ୍ର ସହ ଛୋଟ ବଡ଼ ମିଶାଇଲ୍, ଅଟୋମେଟିକ୍ ଫାଇରିଙ୍ଗ୍ ଗନ୍ ସହ ନିଜସ୍ୱ ହେଲିକପ୍ଟର ଓ ଡକ୍ ମଧ ରହିଛି । ଗଭୀର ସମୁଦ୍ର ଜଳରାଶିରେ ଏହି ଜାହାଜ ଏକାକୀ ଶତ୍ରୁ ପକ୍ଷକୁ ମୁକାବିଲା କରିବା ସହ ତାକୁ ଧରାଶାୟୀ ତଥା ପରାସ୍ତ କରିବା ପାଇଁ ଅଭିଜ୍ଞ ତାଲିମ ପ୍ରାପ୍ତ ଜବାନ୍‌ମାନଙ୍କୁ ମଧ ନିୟୋଜିତ କରାଯାଇଛି । ତେବେ ନୌ ସପ୍ତାହ ପାଳନ ଅବସରରେ ପ୍ରତିବର୍ଷ ସାଧାରଣ ଲୋକଙ୍କ ପରିଦର୍ଶନ ନିମନ୍ତେ ଭାରତୀୟ ନୌସେନା ପକ୍ଷରୁ ଏହି ସୁଯୋଗ ଦିଆଯାଇଥାଏ । କିନ୍ତୁ ଏହି ଯୁଦ୍ଧ ଜାହାଜ ଗୋଟିଏ ଦିନ ରହି ସୋମବାର ଦିନ ପ୍ରତ୍ୟାବର୍ତନ କରିଥିବା ଜଣାପଡିଛି । ଏହି ଯୁଦ୍ଧ ଜାହାଜ ପାରାଦୀପ ବନ୍ଦର ପୋତାଶ୍ରୟରେ ସ୍ୱଳ୍ପ ସମୟ ରହଣି ଦୃଷ୍ଟିରୁ ଅନେକ ଲୋକେ ଏହାକୁ ଦେଖିବାକୁ ବଞ୍ଚିତ ହୋଇଥିବା ସୁଚନା ମିଳିଛି ।

# ପ୍ରଜ୍ଞାନ୍ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଜିଲ୍ଲାସ୍ତରୀୟ ଗୀତ ଆବୃତ୍ତି ପ୍ରତିଯୋଗିତା ଅଧାପକ ପ୍ରଦୀପ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍ଦଗାତା ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ରୂପେ ପଣ୍ଡିତ ପ୍ରମୋଦ ପଣ୍ଡା ଯୋଗଦେଇଥିଲେ । ବିଚାରକ ରୁପେ ସୁବାସ ବେହେରା, ଡ଼ ଆରତୀ ତ୍ରିପାଠୀ, ସୁଦର୍ଶନ ନାୟକ, ସରୋଜିନୀ ବଳ, ବସନ୍ତ ମହାରଣା, ବାବାଜୀ ଚରଣ ଦାସ, ବିପିନୀ ବିହାରୀ ପାଣିଗ୍ରାହୀ, ଚୈତନ୍ୟ ଚରଣ ରାଉତ, ବସନ୍ତ କୁମାର ଦାସ, ବଂଶୀଧର ଆଚାର୍ଯ୍ୟ, ନବଘନ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ । ଗୀତା ଆବୃତ୍ତି କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଗ୍ରୁପ (କ) ଶ୍ରେୟାସିଂ ସାହୁ,ସୁବାଶିଷ ରାଉତ,ଏସ୍ କେ ଅର୍ଘ୍ୟ ସ୍ୱରୁପା, ଗ୍ରୁପ (ଖ) ସୁନୟନା ସ୍ୱାଇଁ, ସାଇପଦ୍ମିନୀ ଲେଙ୍କା, ସୁଭମ ସ୍ୱାଇଁ, ଗ୍ରୁପ୍ (ଗ) ଆର୍ ଶ୍ରୁତିରାଧା, ଅନନ୍ୟା ଶୁଭଦର୍ଶିନୀ, ଶରଣଶ୍ରୀତ୍ ସ୍ୱାଇଁ, ଗ୍ରୁପ (ଘ) ସ୍ମୃତିରେଖା ଶତପଥୀ, ସୁଶ୍ରୀ ତେଜସ୍ୱିନୀ ଦାଶ, ଶୁଭଶ୍ରୀ ରଥ ପ୍ରତିଯୋଗୀମାନେ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି । ଆସନ୍ତା ଡ଼ିସେମ୍ବର ତା- ୨୬ ଓ ୨୭ ରିଖରେ ରାଜ୍ୟସ୍ତରୀୟ ଗୀତ ଆବୃତ୍ତି ପ୍ରତିଯୋଗିତା ପୁରୀ ବାଲିଘାଇ ସ୍ଥିତ କ୍ରିୟା ଯୋଗ ଆଶ୍ରମରେ ଅନୁଷ୍ଠିତ ହେବ । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ରାଉତ, ବିପ୍ଳବ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ଗୟାଧର ସାହୁ, ଭଗବାନ ଦାଶ, ଗାୟତ୍ରୀ ରାଉତ, ଝୁଲାରାମ୍ ଦାଶ, ଡ଼ ବିଷ୍ଣୁପ୍ରିୟା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ ଗୀତ ଆବୃତ୍ତି ପ୍ରତିଯୋଗିତାକୁ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ, ଚୈତନ୍ୟ ଚରଣ ରାଉତ ଏବଂ ବାସବ କୁମାର ନନ୍ଦ ପରିଚାଳନା କରୁଥିଲେ । ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନଶିକ୍ଷକ ରମାକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ବିଜ୍ଞାନମେଳା ୯୯ଟି ପ୍ରକଳ୍ପ ପ୍ରଦର୍ଶିତ

କଣାସ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅନ୍ତର୍ଗତ ଜଙ୍କିଆ ଗଡସାହି ସ୍ଥିତ ବିଶ୍ୱମ୍ଭର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ୩୦ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କଣାସ ବ୍ଲକ ଗୋଷ୍ଠୀ ସାଧନ ସଂଯୋଜକ ନାରାୟଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ଗଡସାହି ଗ୍ରାମ ପଞ୍ଚାୟତର ସରପଞ୍ଚ ବିଭୂତି ଭୂଷଣ ବେବର୍ତ୍ତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ସେଠୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନେଶ୍ୱର ପତାଳସିଂହ, ପ୍ରଧାନଶିକ୍ଷୟିତ୍ରୀ ଅମିତ୍ରା କୁମାରୀ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ । କଣାସ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ସମିତି ଦ୍ୱାରା ଆୟୋଜିତ ଏହି ବିଜ୍ଞାନ ପ୍ରଦର୍ଶନୀରେ ୭ଟି ବିଭାଗରେ ମୋଟ ୯୯ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲାସ୍ତରୀୟ ବିଜ୍ଞାନ ପରିଦର୍ଶକ ଜଳନ୍ଧର ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ ଓ ସନ୍ତୋଷ କୁମାର ପରିଡ଼ା ଏହି ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରି ୭ଟି ଶ୍ରେଷ୍ଠ ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରିଥିଲେ । ଅପରାହ୍ନରେ କଣାସ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ଅଧକ୍ଷତାରେ ଓ ବରିଷ୍ଠ ଶିକ୍ଷକ ସାରଥୀ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀର ମାନ୍ୟବର ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ସମାଜକୁ ଗଢି ତୋଳିବା ପାଇଁ ଶିକ୍ଷକମାନେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ବିନୋଦ କୁମାର ସେଠୀ, ପୂର୍ବତନ ସହ ଶିକ୍ଷା ଅଧିକାରୀ ସୂର୍ଯ୍ୟ ନାରାୟଣ ନାୟକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଚୌଧୁରୀ, ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଅମୀତ୍ରା କୁମାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ବିଜ୍ଞାନର ଅଗ୍ରଗତିରେ ଏହି କୁନି ବୈଜ୍ଞାନିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବା ବୋଲି ଆଶା ପ୍ରକାଶ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବତନ ସହ ଶିକ୍ଷା ଅଧିକାରୀ ସୂର୍ଯ୍ୟ ନାରାୟଣ ନାୟକ ସମ୍ବର୍ଦ୍ଧିତ ହୋଇଥିଲେ । ଏଥିସହ ମୁଖ୍ୟ ଅତିଥି ଶ୍ରୀ ମିଶ୍ରଙ୍କ ଦ୍ୱାରା ଜିଲ୍ଲାସ୍ତରକୁ ମନୋନୀତ ପ୍ରକଳ୍ପ ଧାରୀଙ୍କ ସହ ଚଳିତବର୍ଷ କଣାସ ବ୍ଲକର ହାଇସ୍କୁଲ ଟପର, ଏନ୍.ଆର.ଟି.ଏସ. ଟପ୍ପର, ଏନ୍ଏମ୍ଏମ୍ଏସ ଟପ୍ପର, ୩ୟ ଓ ୫ମ ଶ୍ରେଣୀ ବୃତ୍ତି ଟପ୍ପରମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ପୂର୍ଣ୍ଣାଙ୍ଗ ବ୍ରହ୍ମପୁର ଗଠନ ପାଇଁ ସହର ତଳି କ୍ରିୟାନୁଷ୍ଠାନ କମିଟିର ଦାବି





ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନର କାର୍ଯ୍ୟକାରିଣୀ ସଦସ୍ୟ ମାନଙ୍କ ଏକ ସ୍ୱତନ୍ତ୍ର ବୈଠକ ସହର ସନ୍ନିକଟ ପଞ୍ଚାୟତ ଜଗଦଲପୁର ଗ୍ରାମର ନେତାଜୀ ନଗର ସ୍ଥିତ ଠାକୁରାଣୀ ମନ୍ଦିରରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସହର ସନ୍ନିକଟ ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରି ବ୍ରହ୍ମପୁର ମହାନଗର ନିଗମକୁ ସର୍ବନିମ୍ନ ୩୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଏକ ପୂର୍ଣ୍ଣାଙ୍ଗ ମହାନଗର ନିଗମରେ ପରିଣତ କରିବା ନିମନ୍ତେ ରାଜ୍ୟରେ ପ୍ରତିଷ୍ଠିତ ଡବଲ ଇଞ୍ଜିନ ସରକାର ପୂର୍ବ ସରକାର ଭଳି ଟାଳଟୁଳ ନୀତି ଓ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ କମିଟି ବୈଠକରେ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ନୂତନ ସରକାର ଗଠନ ହୋଇ ଛମାସ ପୂରିବାକୁ ବସିଥିଲା ବେଳେ ସହର ତଳି ଅଞ୍ଚଳ ସାମିଲ ନେଇ ସକରାତ୍ମକ ଆଭିମୁଖ୍ୟ ଦେଖେଇ ତତ୍ପରାତର ସହ ପଦକ୍ଷେପ ନେବା ପରିବର୍ତ୍ତେ ରାଜ୍ୟ ସରକାର, ନଗର ଉନ୍ନୟନ ବିଭାଗ, ସ୍ଥାନୀୟ ମନ୍ତ୍ରୀ, ବିଧାୟକ ଓ ଜନ ପ୍ରତିନିଧି ନିରବ ରହୁଥିବାରୁ ଓ ଏ ନେଇ କୌଣସି ସ୍ପଷ୍ଟ ସୂଚନା ଓ ତଥ୍ୟ ପ୍ରଦାନ କରୁନଥିବାରୁ କମିଟି କ୍ଷୋଭ ପ୍ରକାଶ କରିଛି । କମିଟି ଦ୍ୱାରା ହାଇ କୋର୍ଟରେ ଦାୟର ମାମଲାରେ ହୋଇଥିବା ନୋଟିସର ଜବାବରେ ରାଜ୍ୟ ସରକାର କୋର୍ଟରେ ୩୯ ପୃଷ୍ଠାର ଏକ କାଉଣ୍ଟର ଦାଖଲ କରିଛନ୍ତି । କମିଟି ଏହାର ପ୍ରତି ଜବାବ ଦାଖଲ କରିବା ପରେ ଏହାର ଶୁଣାଣି ହେବ ବୋଲି ସଭାପତି ସୂଚନା ଦେଇଥିଲେ । ବ୍ରହ୍ମପୁରରେ ସଫ୍ଟ ଭିତ୍ତିଭୂମି ଓ ହାର୍ଡ ଭିତ୍ତିଭୂମି ନିର୍ମାଣ ଓ ବିକାଶ କରି ଏହାକୁ ଏକ ଅର୍ଥପୂର୍ଣ୍ଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ସ୍ୱୟଂସମ୍ପୂର୍ଣ୍ଣ ସହରରେ ପରିଣତ କରିବା ପର୍ଯ୍ୟନ୍ତ କମିଟି ଲଢେଇ ଜାରି ରଖିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଆଜିର ବୈଠକର ଉଲ୍ଲେଖନୀୟ ବିଷୟ ହେଲା ବୈଠକରେ ଜଗଦଲପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ ଅତିଥି ଭାବେ ଯୋଗ ଦେଇ ଆନ୍ଦୋଳନକୁ ସମର୍ଥନ କରିବା ସହ ଘୋଷଣା କରିଥିଲେ ଯେ ଆଗାମୀ ପଞ୍ଚାୟତ ବୈଠକରେ ବିଏମ୍‌ସିରେ ସାମିଲ ନେଇ ଆଲୋଚନା କରାଯିବା ସହ ଏ ସଂକ୍ରାନ୍ତରେ ରେଜୋଲୁସନ ପାସ କରିବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିଭଳି ଆଜିର ବୈଠକରେ ଜୟ ଶ୍ରୀରାମ ସମାଜ ସେବା ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ଗଗନ ପାତ୍ର, ଜିତୁ ପାତ୍ର ଓ ବୁଲୁ ଗୌଡ ପ୍ରମୁଖ ଯୋଗ ଦେଇ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଓ୍ୱାର୍ଡ ମେମ୍ବର ନାରାୟଣ ପ୍ରଧାନଙ୍କ ସହ କମିଟି ସହ ସମ୍ପାଦକ ବି ଭି ସାଗର, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସହ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ, ସହ ସଂଯୋଜକ କାହ୍ନୁ ଚରଣ ପତି, କୋଷାଧ୍ୟକ୍ଷ ଏମ୍ ଲାବଣ୍ୟ ପାତ୍ର, ସହ କୋଷାଧ୍ୟକ୍ଷ କେ ସୁଦାମ ପାତ୍ର, ସୁନିଲ ପାତ୍ର ଓ ଉପଦେଷ୍ଟା ସୁବାଷ ଚନ୍ଦ୍ର ପାତ୍ର, ବିଜୟ କୁମାର ବେହେରା, ଲକ୍ଷ୍ମୀ କାନ୍ତ ଜେନା, ଲୋକନାଥ ପରିଡ଼ା, ପ୍ରଭାତ କୁମାର ବେହେରା, ସିମାଞ୍ଚଳ ପଟ୍ଟନାୟକ, ଆଦିତ୍ୟ ନାରାୟଣ ରଥ, ଡି ଦୀପକ କୁମାର ଦୋରା, ସନ୍ତୋଷ କୁମାର ସାହୁ, କାହ୍ନା ଚୌଧୁରୀ, ଭି ନାର୍ଶୀଙ୍ଗୁଲୁ ପାତ୍ର, ସିତାର କାନ୍ତ ବେହେରା, ଯୁ ବିମଳ ପାତ୍ର, ଏମ୍ ତ୍ରିପର୍ତି ପାତ୍ର, ସଞ୍ଜୟ କୁମାର ଦୋରା, ନାରାୟଣ ପ୍ରଧାନ, ରଞ୍ଜିତ ପାତ୍ର ଓ କେ ଅଜିତ କୁମାର, ଦେବୀ ପ୍ରସାଦ ଦାସ ଓ ରାଜେନ୍ଦ୍ର କୁମାର ଜେନା ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ ।

# 'ଜଗବନ୍ଧୁ ଜରାଶ୍ରମ' ପକ୍ଷରୁ ୫୫ଜଣ ଭିନ୍ନକ୍ଷମଙ୍କୁ ଉପକରଣ ଓ କମ୍ବଳ ବଣ୍ଟନ



ଭୁବନ,(ଭାସ୍କର ନ୍ୟୁଜ୍) : ଭୁବନର ଅନନ୍ୟ ତଥା ନିଆରା ସେବା ପ୍ରତିଷ୍ଠାନ 'ଜଗବନ୍ଧୁ ଜରକ୍ଷଶ୍ରମ' ଆନୁକୂଲ୍ୟରେ ଏବଂ ଓଲଟପୁର ଏସ ଭି ନିର୍ଡାର ସହଯୋଗରେ ଭିନ୍ନକ୍ଷମ ମାନଙ୍କୁ ଉପକରଣ ଓ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନ ଏନ୍ଏସି ଅନ୍ତର୍ଗତ ୪ ନମ୍ବର ଓ୍ୱାର୍ଡ ପାଲାମଣ୍ଡପ ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଆୟୁସୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିନା କୌଣସି ସରକାରୀ, ବେସରକାରୀ ସହାୟତାରେ ଦୀର୍ଘ ୧୭ ବର୍ଷ ହେଲା ଅବହେଳିତ, ନିଷ୍ପେସିତ, ଗରିବ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ଜଗବନ୍ଧୁ ଜରାଶ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ବିଜେପି ନଗର ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଯୋଗଦେଇ ଆଜିର ସମାଜରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ 'ମାନବ ସେବା ହିଁ ମାଧବ ସେବା'କୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଅସହାୟ, ନିଃସହାୟ ଓ ଭିନ୍ନକ୍ଷମମାନଙ୍କ ପାଇଁ କାର୍ଯ୍ୟ କଲେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ମତବ୍ୟକ୍ତ କରିବା ସହ 'ଜରାଶ୍ରମ'କୁ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ରାଜ କିଶୋର ମହାନ୍ତି, ଶିକ୍ଷାବିତ୍ ସନ୍ତୋଷ କୁମାର ଦ୍ୱିବେଦୀ, ଦିବ୍ୟ ରଂଜନ ସ୍ୱାଇଁ, ସନ୍ତୋଷ କୁମାର ଲେଙ୍କା, ନଗର ବିଜେପି ଉପ ସଭାପତି ସଞ୍ଜୟ କୁମାର ସାହୁ, ଓଲଟପୁର ଏସ ଭି ନିର୍ଡାର କର୍ମଚାରୀ ବିଶ୍ୱଜିତ୍ ଜେନା, ବିଶ୍ୱରଂଜନ ଜେନା, ଅଧାପକ ପ୍ରଭାତ ଜେନା, ସୁବାସ ଚନ୍ଦ୍ର ପତି ପ୍ରମୁଖ ଯୋଗଦେଇ ସମୁଦାୟ ୫୫ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକେଲ, ହୁଇଲ୍ ଚେୟାର, ଆଶା ବାଡି, କାନ ମେସିନ ଓ କମ୍ବଳ ବଣ୍ଟନ କରିଥିଲେ । ଅନ୍ତର୍ଜାତୀୟ ପର୍ବତ ଆରୋହୀଣି ବିଭାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ମାସ ୧୯ ତାରିଖ ଦିନ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠାନର ୧୭ତମ ପ୍ରତିଷ୍ଠା ଦିବସରେ ଯେଉଁ ଭିନ୍ନକ୍ଷମ ମାନେ ନାମ ପଞ୍ଜିକରଣ କରିଥିଲେ ସେହିମାନଙ୍କୁ ଆଜି ଉପକରଣ ବଣ୍ଟନ କରାଯାଇଥିଲା । ଭୁବନ ବ୍ଲକ ଅନ୍ତର୍ଣବେଶୀ ଶିକ୍ଷା କେନ୍ଦ୍ରର ଶିକ୍ଷକ ପ୍ରହଲ୍ଲାଦ ସାହୁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

# ରାଶିଫଳ

**ମଙ୍ଗଳବାର, ୨୬ ନଭେମ୍ବର ୨୦୨୪**



**ମେଷ:** ଗଣେଶଙ୍କ ଆଶୀର୍ବାଦ ସହିତ ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ଉତ୍ସାହ ଦେଖାଯିବ । ଆପଣ ଶରୀର ଏବଂ ମନରେ ସତେଜତା ଅନୁଭବ କରିବେ । ପାରିବାରିକ ପରିବେଶ ଖୁସି ହେବ । ମା'ଙ୍କ ପକ୍ଷରୁ ଲାଭ ମିଳିବ ।



**ବୃଷ:** କ୍ରୋଧ ଏବଂ ନିରାଶାର ଭାବନା ଆପଣଙ୍କ ମନରେ ପ୍ରାଧାନ୍ୟ ଦେବ । ଘର– ପରିବାରର ଚିନ୍ତା ସହିତ, ଖର୍ଚ୍ଚ କ୍ଷେତ୍ରରେ ମଧ ଆଜି ଚିନ୍ତିତ ହେବେ । ଆପଣ କାହା ସହିତ ମତଭେଦ ଏବଂ ଝଗଡା ସୃଷ୍ଟି ହେବ ।



**ମିଥୁନ:** ପରିବାରରେ ସୁଖ ଏବଂ ଆନନ୍ଦର ପରିବେଶ ରହିବ । ଚାକିରିରେ ଆପଣ ଲାଭର ଖବର ପାଇବେ । ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ । ଆୟ ବୃଦ୍ଧି ହେବାର ସମ୍ଭାବନା ଦେଖାଦେଇଛି ।



**କର୍କଟ:** ଘରର ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦେବେ । ନୂତନ ଘରୋଇ ଜିନିଷ କିଣିବାର ସମ୍ଭାବନା ଅଛି । ବ୍ୟବସାୟୀ ଏବଂ ଚାକିରିଆମାନେ ଲାଭ ଏବଂ ପଦୋନ୍ନତି ଆଶା କରିପାରନ୍ତି । ପାରିବାରିକ ସୁଖ ଏବଂ ଶାନ୍ତି ରହିବ । ସରକାରୀ ସୁବିଧା ଉପଲବ୍ଧ ହେବ ।



**ସିଂହ:** ଆଜି ପ୍ରକୃତିର କ୍ରୋଧ ହେତୁ ଆପଣ କାମ କରିବାକୁ ମନ ଦେବ ନାହିଁ । ବିତର୍କରେ ଏହାର ଗୁରୁତ୍ୱ ହେତୁ ଅନ୍ୟମାନଙ୍କର ଅସନ୍ତୋଷର ସମ୍ମୁଖୀନ ହେବାକୁ ପଡିବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ । ଧାର୍ମିକ ଯାତ୍ରା ହେବାର ସମ୍ଭାବନା ରହିଛି ।



**କନ୍ୟା:** ଆଜି ନୂତନ କାର୍ଯ୍ୟ ଗ୍ରହଣ କରିବା ଲାଭଦାୟକ ନୁହେଁ । ବିଦେଶୀ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟକୁ ଖରାପ କରିବାର ସମ୍ଭାବନା ରହିଛି । କ୍ରୋଧକୁ ନିୟନ୍ତ୍ରଣରେ ରଖିବା ପାଇଁ ନୀରବତାର ଅସ୍ତ୍ର ଅଧିକ ପ୍ରଭାବଶାଳୀ ପ୍ରମାଣିତ ହେବ । ଟଙ୍କା ଖର୍ଚ୍ଚ ଅଧିକ ହେବ ।



**ତୁଳା:** ଆପଣ ସାଧାରଣ ଜୀବନରେ ଗୁରୁତ୍ୱ ହାସଲ କରିବେ । ଯଶ ଏବଂ ଖ୍ୟାତି ବୃଦ୍ଧି ପାଇବ । ଅଂଶୀଦାରଙ୍କ ସହିତ ଲାଭ ବିଷୟରେ ଆଲୋଚନା ହେବ । ସୁନ୍ଦର ପୋଷାକ କିମ୍ବା ପୋଷାକ ପାଇଁ ସପିଂ କରିବେ । ଗଣେଶଙ୍କ ଆଶୀର୍ବାଦ ଆପଣଙ୍କ ସହିତ ଅଛି ।



**ବିଛା:** ଆଜି ଆପଣ ଅନିଶ୍ଚିତତା ଏବଂ ସୁଖ ସହିତ ଘରେ ସମୟ ବିତାଇବେ । ଶାରୀରିକ ଏବଂ ମାନସିକ ସୁଖ କାମ କରିବାରେ ଉତ୍ସାହ ଯୋଗାଇବ । ଅଫିସରେ କର୍ମଚାରୀଙ୍କ ସାହାଯ୍ୟରେ, ଆପଣ ଅନେକ କାର୍ଯ୍ୟ ସମାପ୍ତ କରିପାରିବେ । ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସମାପ୍ତ ହେବ । ଲକ୍ଷ୍ମୀ ଦେବୀଙ୍କ କୃପାରୁ ଆପଣଙ୍କର ଉପଯୁକ୍ତ ଖର୍ଚ୍ଚ ହେବ । ଚିନ୍ତାରୁ ମୁକ୍ତି ପାଇବେ ।



**ଧନୁ :** ଆଜି ଯାତ୍ରା ସ୍ଥଗିତ ରଖିବାକୁ ପରାମର୍ଶ । କାର୍ଯ୍ୟ ବିଫଳତା ହତାଶା ସୃଷ୍ଟି କରିବ ଏବଂ ଆପଣଙ୍କୁ କ୍ରୋଧିତ କରିବ । କିନ୍ତୁ କ୍ରୋଧକୁ ନିୟନ୍ତ୍ରଣରେ ରଖିପାରିଲେ କୌଣସି ଖରାପ କରିବ ନାହିଁ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେବ । ବିତର୍କ କିମ୍ବା ଆଲୋଚନା ହେତୁ ସମସ୍ୟା ଉପୁଜିବ ।



**ମକର:** ଆଜି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ଚେତାବନୀ ଦିଆଯାଇଛି । ପାରିବାରିକ ସମସ୍ୟା ଆପଣଙ୍କ ମନକୁ ବିଚଳିତ କରିବ । ମାତାର ସ୍ୱାସ୍ଥ୍ୟ ଚିନ୍ତାର କାରଣ ହୋଇପାରେ । ସାଧାରଣ ଜୀବନରେ ଅଜ୍ଞତା କିମ୍ବା ଅସାଧୁତା ଆପଣଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବ ।



**କୁମ୍ଭ:** ଆଜି ଆପଣଙ୍କର ମନ ଅତ୍ୟନ୍ତ ଆରାମ ପାଇବ । ଶାରୀରିକ ସୁସ୍ଥତା ଆପଣଙ୍କ ଉତ୍ସାହକୁ ବଢାଇବ । ପଡ଼ୋଶୀ ଏବଂ ଭାଇଭଉଣୀଙ୍କ ସହ ଅଧିକ ସମନ୍ୱୟ ରହିବ । ଘରେ ବନ୍ଧୁ ଏବଂ ପ୍ରିୟଜନଙ୍କ ଆଗମନ ଆନନ୍ଦଦାୟକ ହେବ । ସ୍ଥାନାନ୍ତରଣର ଏକ ସମ୍ଭାବନା ଅଛି ।



**ମୀନ:** ଆପଣଙ୍କ ଖର୍ଚ୍ଚ ବ୍ୟତୀତ କ୍ରୋଧ ଏବଂ ଜିଭକୁ ସଂଯମ କରନ୍ତୁ । କାହା ସହିତ ଝଗଡ଼ା ହେବାର ସମ୍ଭାବନା ଅଛି । ଆର୍ଥିକ ବିଷୟ କିମ୍ବା କାରବାରରେ ସାବଧାନ ରୁହନ୍ତୁ । ନକାରାତ୍ମକ ଚିନ୍ତାଧାରା ମନରେ ପ୍ରାଧାନ୍ୟ ବିସ୍ତାର କରିବ । ଖାଇବା ପିଇବାରେ ଅସାବଧାନତା ସ୍ୱାସ୍ଥ୍ୟର ଖରାପ ହେବାର ସମ୍ଭାବନା ଅଛି ।



ଜ୍ୟୋତିଷ ଜ୍ଞାନ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍.କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକୁମା ଜିଲ୍ଲାରେ ମାଓ ଦମନ ନିମନ୍ତେ ଜବାନ ମାନେ ତଲାସି ଅଭିଯାନ କରୁଥିବା ସମୟରେ ଲାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଛତିଶଗଡ ସୁକୁମା ଜିଲ୍ଲା ଡିଆରଜି ଜବାନ ମାନେ ସକାଳେ ଜିଲ୍ଲାର ତୁମାଲପାଡ ଓ ରାୟଗୁଡେମ ଅଞ୍ଚଳରେ ମାଓ ଦମନ ନିମନ୍ତେ ତଲାସି ଅଭିଯାନ ବେଳେ ତୁମାଲପାଡ ଓ ରାୟଗୁଡେମ ରାସ୍ତାରେ ମାଓବାଦୀମାନେ ପୂର୍ବରୁ ଖଞ୍ଜିଥିବା ଲାଣ୍ଡମାଇନ ଉପରେ ଜଣେ ଯବାନଙ୍କ ପାଦ ପଡିଯିବାରୁ ଉକ୍ତ ଲାଣ୍ଡମାଇନଟି ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଯବାନଙ୍କ ଗୋଡର ପାଦ ଛିଣ୍ଡି ଯିବା ଫଳରେ ସେ ଗୁରତର ଆହତ ହୋଇଥିଲେ। ତୁରନ୍ତ ସାଥୀ ଜବାନ ମାନେ ସଙ୍ଗେ ସଙ୍ଗେ ତାଙ୍କୁ ସୁକୁମା ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଚିକିତ୍ସା ଜାରି ରଖିଛନ୍ତି।



# ୨ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ୍



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ବେଆଇନ ଭାବେ ଗଞ୍ଜେଇ ଚାଷ ହେଉଥିବା ବେଳେ ଏହା ଉପରେ ରୋକ ଲଗାଇବା ପାଇଁ ମାଲକାନଗିରି ଥାନା ପୋଲିସ ପକ୍ଷରୁର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି। ଏହି କ୍ରମରେ ପୋଲିସ ପକ୍ଷରୁ ପୁନଃ ୧୧ଏକର ଜମିରୁ ପ୍ରାୟ ୨ କୋଟି ଟଙ୍କାର ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଥାନା ଅନ୍ତର୍ଗତ ବିଏଲପୁର ପଞ୍ଚାୟତ ନିକଟବର୍ତ୍ତୀ ଖାରୀଗୁଡା ଓ ସିନ୍ଧିରିମାଳ ପଞ୍ଚାୟତ ର ଏରାକୁସମୀ ଗ୍ରାମ ଜଙ୍ଗଲରେ ବେଆଇନ ଭାବେ ଗଞ୍ଜେଇ ଚାଷ କରାଯାଇଥିବାର ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇ ଥିଲେ, ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗାନ କିଣ୍ଡୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ସବ ଇନ୍‌ସପେକ୍ଟର ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱ ରେ ହାବିଲଦାର ମିହିର ସାମଲ, କନେଷ୍ଟବଳ ଲକ୍ଷ୍ମଣ ମାରାଣ୍ଡି, ଅଭିମନ୍ୟୁ କୋପେ ପ୍ରମୁଖ ପୁଲିସ ସଦଳବଳ ପକ୍ଷରୁ ଗତ ଦୁଇ ଦିନ ଧରି ଏଇ ଦୁଇଟି ସ୍ଥାନରେ ବେଆଇନ ଗଞ୍ଜେଇ ଚାଷ ହୋଇଥିବା ବିଏଲପୁର ପଞ୍ଚାୟତ ନିକଟବର୍ତ୍ତୀ ଖାରୀଗୁଡା ଗ୍ରାମ ଜଙ୍ଗଲରେ ପ୍ରାୟ ୫ ଏକର ଜମିରେ ଚାଷ ହୋଇଥିବା ୭ହଜାର୫୦୦ଟି ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରିଛନ୍ତି। ଏହି ଗଞ୍ଜେଇ ଗଛଗୁଡିକର ମୂଲ୍ୟ ପ୍ରାୟ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଠିକ ସେହି ପରି ସିନ୍ଧୀରୀମାଳ ପଞ୍ଚାୟତ ଅନ୍ତର୍ଗତ ଏରାକୁସମୀ ଗ୍ରାମ ଜଙ୍ଗଲରେ ବେଆଇନ ଭାବେ ହୋଇଥିବା ଗଞ୍ଜେଇ ଚାଷ ଉପରେ ଚଢ଼ଉ କରିଥିଲେ। ଏହି ଚାଷର କେହି ଦାବିଦାର ନଥିବା ବେଳେ ୬ଏକର ଜମିରେ ଚାଷ ହୋଇଥିବା ୯ହଜାର ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛନ୍ତି, ଏହାର ମୂଲ୍ୟ ପ୍ରାୟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ହେବ ବୋଲି ଜଣାପଡିଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା
# ୨ ଆହତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ):ଗାନ୍ଧିଛକ-ରାଜପୁର ରାସ୍ତା ବଘରାଚକା ଠାରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ଏଥିରେ ଉଭୟ ବାଇକ ଚାଳକ ଆହତ ହୋଇଥିଲେ। ସେପଟେ ଆହତ ଦ୍ୱୟ ରାଜପୁର ରାଣୀବନ୍ଧ ତୁରୀପଡ଼ାର ଯୁବକ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପ୍ରବଳ ବେଗରେ ବାଇକ ଚାଲଣା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଆହତଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଁଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ବିଗତ କିଛି ଦିନ ହେଲା ଗାନ୍ଧିଛକ- ରାଜପୁର ରାସ୍ତାରେ ବାଇକ ଚାଳକଙ୍କ ଔଦ୍ଧତ୍ୟ ବୃଦ୍ଧି ପାଇଛି। ସାଇଲେନ୍ସର ଖୋଲି ଦେବାରୁ ବାଇକଗୁଡ଼ିକ ବିକଟାଳ ରଡି ଛାଡୁ ଥିବା ବେଳେ ଅଧିକ ବେଗରେ ଏମାନେ ଯାଉଥିବାରୁ ଲୋକଙ୍କୁ ଏହା ଅସହ୍ୟ ହୋଇ ପଡ଼ିଛି। ଅନେକ ବାଇକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନଥିବା ବେଳେ ବାଇକ ଗୁଡ଼ିକର କାଗଜପତ୍ର ଏବଂ ଇନସୁରାନ୍ସ ନଥିବା ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଏଭଳି ଔଦ୍ଧତ୍ୟ ବାଇକ ଚାଳକଙ୍କ ଧରିବା ସହିତ ବିକଟାଳ ରଡି ଛାଡୁଥିବା ବାଇକଗୁଡ଼ିକୁ ଜବତ କରିବା ଅତ୍ୟନ୍ତ ଜରୁରି ବୋଲି ଲୋକେ କହିଛନ୍ତି।

# ଖସୁଛି ପାରଦ,ବଢୁଛି ଥଣ୍ଡା



ଘନ କୁହୁଡିରେ ଯାତାୟାତ ବାଧାପ୍ରାପ୍ତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କିଛି ଦିନ ହେଲାଣି ଲକ୍ଷ୍ମୀପୁର ବ୍ଲକରେ ଘନ କୁହୁଡି ସହ ପ୍ରବଳ ଥଣ୍ଡା ଅନୁଭୂତି ହେଉଚି। ଅନ୍ଧାର ହେଲେ ପାରଦ ଖସୁଛି ଥଣ୍ଡା ବଢୁଛି। ଫଳରେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇ ପଡିଛି। ରାତି ଯେତେ ଯେତେ ହେଉଛି ଥଣ୍ଡା ସେତେ ବଢୁଛି। ରାତି ବାରଟାରୁ ପାହାନ୍ତିଆ ପାଞ୍ଚଟା ପର୍ଯ୍ୟନ୍ତ ପାରଦ ଦଶରୁ ଏଗାର ଡିଗ୍ରୀ ପାଖାପାଖି ରହୁ ଥିବା ବେଳେ ଛଅଟା ହେଲେ ତେର ଡିଗ୍ରୀ ପାଖା ପାଖି ରହୁଚି। ଘନ କୁହୁଡି ପାଇଁ ଦିନ ନଅଟା ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ମୁହଁ ଦିଶୁନି। କୁହୁଡି ପାଇଁ ରାସ୍ତା ଦିଶୁନଥିବାରୁ ଯାନବାହାନ ଚଳାଚଳରେ ବାଧା ଉପୁଜୁଛି। କିଛି ଗାଡ଼ି ବାଲା ଲାଇଟ୍ ଲଗାଇ ଚଳାଉ ଥିବା ଦେଖିବାକୁ ମିଳିଛି। ସବୁଠୁ ଅଧିକ ଏହି ରାସ୍ତା ଦେଇ କଟକ, ଭୁବନେଶ୍ୱର ପଟରୁ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଆସୁଥିବା ସମସ୍ତ ପଶେଞ୍ଜର ବସ୍ ଗୁଡ଼ିକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଚାଳିଆ, କୁଡିଆରେ ରହୁଥିବା ଅସହାୟ ଲୋକଙ୍କ ଜୀବନ ସବୁଠୁ ଅଧିକ କଷ୍ଟ ଦାୟକ ହୋଇ ପଡ଼ିଛି। କିଛି ଲୋକ ଥଣ୍ଡାକୁ ସହ୍ୟ କରିନପାରି ବିଳମ୍ବିତ ରାତି ଯାଏଁ ନିଆଁ ଶେକି ହୋଇ ରାତି କାଟିବାକୁ ବାଧ ହେଉଛନ୍ତି। ପ୍ରକାଶ ଥାଉକି ଗତ ବର୍ଷ ଏହି ସମୟରେ ପାରଦ ଖସି ୭ ରୁ ୮ ଥିବାରୁ ଲକ୍ଷ୍ମୀପୁର ବ୍ଲକ ସାଦରର କେତେକ ସ୍ଥାନରେ ବରଫର ପତଳା ଆସ୍ତରଣ ପଡ଼ିଥିବା ନଜରକୁ ଆସିଥିଲା।ଆଗକୁ ଏହିଭଳି ଥଣ୍ଡା ଯଦି ଜାରି ରହିବ ତେବେ ଅସହାୟ ଲୋକଙ୍କ ଜୀବନ କଷ୍ଟକର ହୋଇ ପଡିବା ପୂର୍ବରୁ ବ୍ଲକ୍ ପ୍ରଶାସନ ତରଫରୁ କମ୍ବଳ ବାଣ୍ଟିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

# ଖବର ପ୍ରକାଶ ପରେ ରାଜପଥ ମରାମତି କାର୍ଯ୍ୟ ଆରମ୍ଭ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ବାଲିମେଳା ଠାରୁ ଚିତ୍ରକୋଣ୍ଡା କୁ ସଂଯୋଗ କରୁଥିବା ୪୭ନମ୍ବର୍ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଖାଲ ଖମାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ୧୭ନଭେମ୍ବର ୨୦୨୪ ତାରିଖରେ ବାଲିମେଳା ଠାରୁ ଚିତ୍ରକୋଣ୍ଡାକୁ ସଂଯୋଗ୍ କରୁଥିବା ବିପଦଜନକ ରାସ୍ତାର ଦୁର୍ଦ୍ଦଶା ସମ୍ବନ୍ଧରେ ଦୈନିକ ଖବର କାଗଜ 'ଓଡ଼ିଶା ଭାସ୍କର'ରେ ପ୍ରକାଶିତ ହୋଇଥିଲା। ଏହି ୪୭ନମ୍ବର ରାଜ୍ୟ ରାଜପଥ ମାଲକାନଗିରି ଜିଲ୍ଲା ଠାରୁ ଚିତ୍ରକୋଣ୍ଡା ବ୍ଲକ୍ ସଦରମହକୁମା ଓ ସୀମାନ୍ତ ରାଜ୍ୟ ଆନ୍ଧ୍ର ପ୍ରଦେଶକୁ ଯୋଗାଯୋଗ ନିମନ୍ତେ ଏହି ଏକ ମାତ୍ର ରାସ୍ତା ଉପରେ ନିର୍ଭରଶୀଳ। ଦୈନିକ ଶତାଧିକ ଯାନବାହନ ଯାତାୟତ କରୁଥିବା ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଖାଲଖମା ସମ୍ପର୍କରେ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଇ ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ଖବର ପ୍ରକାଶ ପରେ, ଏହାର ମରାମତି କରାଯିବାରୁ, ସ୍ଥାନୀୟ ଅଞ୍ଚଳବାସୀ କୃତଜ୍ଞତା ପ୍ରଦାନ କରିଛନ୍ତି।

# ସାପ କାମୁଡ଼ାରେ ଯୁବକ ଗୁରୁତର

ଉମରକୋଟ, (ଭାସ୍କର ନ୍ୟୁଜ୍): ସନ୍ଧ୍ୟା ପ୍ରାୟ ୬ ଘଣ୍ଟା ସମୟରେ ଚାଷ ଜମିରେ କାମ କରୁଥିବା ବେଳେ ଯୁବକ ଜଣକୁ ସାପ କାମୁଡି ଦେବାରୁ ଘଟଣା ସ୍ଥଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଚାଲିଥିବା ଦେଖିବାକୁ ମିଳିଛି। ଗୁରୁତର ଯୁବକ ଜଣକ ହେଲେ ଝରିଗାଁ ବ୍ଲକ,ଇଛାପୁର ପଞ୍ଚାୟତ ସଦର ର ଅଶୋକ ଗଣ୍ଡ (୩୨) ପିତା ଡମ୍ବରୁ ଗଣ୍ଡ।ଯୁବକଙ୍କ ବାମ ଗୋଡ ପାଦ ଆଙ୍ଗୁଠି ପାଖରେ ସାପ କାମୁଡି ଥିବା ଚିହ୍ନ ରହିଛି। ଡାକ୍ତରଙ୍କ ସୂଚନା ପ୍ରକାରେ ବର୍ତ୍ତମାନ ଚିକିତ୍ସା ଚାଲିଥିବା ବେଳେ ୨୪ ଘଣ୍ଟା ଓବଜରବେସନ ପରେ ଯୁବକଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ରହିବ ଜଣା ପଡ଼ିବ ବୋଲି ଡାକ୍ତର କହିଛନ୍ତି। ଶରୀରରେ ବିଷ ପ୍ରଭାବ କେତେ ପରିମାଣରେ ରହିଛି ଡାକ୍ତର ପରୀକ୍ଷା ଓ ଚିକିତ୍ସା କରୁଥିବା କହିଛନ୍ତି।

# ଜିଲ୍ଲା ଅମଲା ସଂଘର ସ୍ୱତନ୍ତ୍ର ଅଧିବେଶନ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ମାଲକାନଗିରି ଜିଲ୍ଲା ଶାଖା ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ରାଜସ୍ୱ ଅମଲା ସଂଘର ଜିଲ୍ଲା ସଭାପତି ଚିଲିପି କ୍ରିଷ୍ଣା ରାଓଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଓଡ଼ିଶା ଅମଲା ସଙ୍ଘର ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଅମଲା ସଂଘର ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ଦାଶ ଯୋଗ ଦେଇଥିବାବେଳେ ରାଜସ୍ୱ ଅମଲା ସଂଘର ଜିଲ୍ଲା ସଂପାଦକ ଦିଲ୍ଲୀପ କୁମାର ନାୟକ, ସାଂଗଠନିକ ସଂପାଦକ ଟୁକୁନା ପଢ଼ିଆରୀ, ଉପସଭାପତି ଏମ ଡି ଗାଉସ୍ ମୋହିଉଦ୍ଦିନ୍, କୋଷଧକ୍ଷ୍ୟ ପ୍ରଶାନ୍ତ କୁମାର ପୃଷ୍ଟି, ରାଜସ୍ୱ ଅମଲା ସଂଘର ପୂର୍ବତନ ସଭାପତି ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ ଅଧିବେଶନରେ ମାଲକାନଗିରି ଏକ ସ୍ୱତନ୍ତ୍ର ଜିଲ୍ଲା ହେବା ଠାରୁ ଆଜି ପର୍ଯ୍ୟନ୍ତ ରାଜସ୍ୱ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିସାରିଥିବା ୨୦ରୁ ଅଧିକ ବୟୋଜ୍ୟେଷ୍ଠ ଅମଲା ମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ବେଳେ ଏହିବର୍ଷ ମାର୍ଚ୍ଚ ମାସରେ ନୂଆକରି ରାଜସ୍ୱ ବିଭାଗରେ ନିଯୁକ୍ତି ପାଇଥିବା ୪୦ ଜଣ ଅମଲାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚାକିରି ଆରମ୍ଭ ହେଲା ଠାରୁ ଚାକିରି ଶେଷ ପର୍ଯ୍ୟନ୍ତ କର୍ମମୟ ଜୀବନରେ ସମସ୍ତଙ୍କ ସହ ଭାଇ ଚାରକ୍ଷର ସମ୍ପର୍କ ଭିତରେ ରହି କାର୍ଯ୍ୟ କରିବା ସହିତ ସଙ୍ଘ ପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ଗୁରୁମନ୍ତ୍ର ଦେଇଥିଲେ ଅମଲା ସଙ୍ଘର ପୂର୍ବତନ ସଭାପତି ତଥା ଅବସର ପ୍ରାପ୍ତ ଉପବିଭାଗୀୟ ଅଧିକାରୀ କିଶୋର ଚନ୍ଦ୍ର ସାହୁ। ସଭାକାର୍ଯ୍ୟ ଆରମ୍ଭ କରିଥିବା ସଙ୍ଗଠନ ସଂପାଦକ ଟୁକୁନା ପଢ଼ିଆରୀ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହିତ ସଭା ଶେଷ ହୋଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଦିବ୍ୟସିଂହ ପାଇକରାୟ, ରଘୁନାଥ ବେହେରା, ବାଣୀ କୀଙ୍କର ପଟ୍ଟନାୟକ, ଅଜିତ୍ କୁମାର ପାତ୍ର, ବାପାଦିତ୍ୟ ମଲ୍ଲିକ୍, ସନ୍ତୋଷ ସେନାପତି, ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ବହୁ ଅମଲା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଜିଲ୍ଲା ରାଜମିସ୍ତ୍ରୀ ମହାସଂଘର ବୈଠକ



ଉମରକୋଟ, (ଭାସ୍କର ନ୍ୟୁଜ୍): ରାଜମିସ୍ତ୍ରୀ ମହା ସଂଘର ସଭାପତି ବିପିନ୍ ନାଗଙ୍କ ଅଧ୍ୟକ୍ଷତାରେ ମହାସଂଘର ମାର୍ଷିକ ବୈଠକ ବସିଥିଲା। ସର୍ବପ୍ରଥମେ ପଡୋଶୀ ଜିଲ୍ଲାରୁ ଆସିଥିବା କଳାହାଣ୍ଡି ଜିଲ୍ଲା ସଭାପତି ଅଭିରାମ ସୁନାନୀ, ସାଧାରଣ ସଂପାଦକ ଚିତ୍ତରଞ୍ଜନ ଗୋପାଳଙ୍କ ଦ୍ୱାରା ଭଗବାନ ଶ୍ରୀବିଶ୍ୱକର୍ମାଙ୍କୁ ପୂଜା ଅର୍ଚ୍ଚନା କରି ଅତିଥି ମାନଙ୍କୁ ସମ୍ମାନିତ କରାଯାଇ ବୈଠକ ଆରମ୍ଭ କୋରାଯାଇଥିଲା। ଏଥିରେ ଜିଲ୍ଲା ସଂଘର ସଦସ୍ୟ ସମେତ ୧୦ଗୋଟି ବ୍ଲକ୍‌ର ଓ ଶାଖା ସଂଘର ମୋଟ ୨୧ଗୋଟି ସଂଘର ସଭାପତି ସଂପାଦକ କୋଷାଧକ୍ଷ ଓ ସଦସ୍ୟମାନେ ଯୋଗ ଦେଇଥିଲେ । ଏଥିରେ କେତେଗୁଡ଼ିଏ ନିର୍ଦ୍ଧାରଣ ବିଷୟରେ ଆଲୋଚନା କରାଯାଇଥିଲା । ଯଥା ନଂ -୧ ନବରଙ୍ଗପୁର ଜିଲ୍ଲାରେ ରୋହିଙ୍ଗା ବାଙ୍ଗ୍‌ଲାଦେଶୀମାନେ ୨୦ ବର୍ଷ ଧରି ଏଅଞ୍ଚଳରେ ନିର୍ମାଣ ଶ୍ରମିକ ତଥା ମିସ୍ତ୍ରୀ କାମକରେ ଲିପ୍ତ ରହି ଗୁଡ଼ାଏ ସରକାରୀ ଓ ବେସରକାରୀ ସ୍କୁଲ ଓ ଅନ୍ୟାନ୍ୟ ବଡ଼ ବଡ଼ ବିଲଡିଙ୍ଗ୍‌ଗୁଡ଼ିକରେ କାର୍ଯ୍ୟ କରୁଛନ୍ତି । ତାରିଫଳରେ ସ୍ଥାୟୀ ବାସିନ୍ଦା ମିସ୍ତ୍ରୀମାନଙ୍କୁ କାମମିଳୁନାହି କି ଉଚିତ୍ ମୂଲ୍ୟରେ ମଜୁରୀ ମଧ୍ୟ ମିଳୁନାହିଁ । ଗତ ମଣିପୁର ରାଜ୍ୟର ଘଟଣାକୁ ନେଇ ଭାରତରେ ସତେତ ଓଡ଼ିଶାରେ ଓଡ଼ିଶାର ହିନ୍ଦୁ ସଂଘ ତଥା ଆରଏସଏସର ଓ ବଜରଙ୍ଗିଦଳର ପ୍ରାୟାସରେ ଏ ଅଞ୍ଚଳରେ ଥିବା ବାଙ୍ଗାଲାଦେଶୀମାନଙ୍କୁ ହଟାଇବାକୁ ଯେଉଁ ପ୍ରକାରର କାର୍ଯ୍ୟ ହାତକୁ ନିଆଯାଇଥିଲା। ସେହି ସମୟରେ ଅନେକ ବଙ୍ଗଳା ଦେଶି ଗାଁଛାଡି ପଳାଇ ଯାଇଥିଲେ । କିନ୍ତୁ ବର୍ତ୍ତମାନ ଆମ ଅଞ୍ଚଳ କେତେକ ଜଣ ନାମ ଯାଦା କଣ୍ଟ୍ରୋକ୍ଟର ସେମାନଙ୍କୁ ଆଣି ପୁନର୍ବାର କାର୍ଯ୍ୟରେ ଲଗାଉଛନ୍ତି ଏଥିପାଇଁ ସ୍ଥାୟୀ ମିସ୍ତ୍ରୀ ମାନେ କାମ ନପାଇ ବିଦେଶରେ ଦାଦନ ଖଟିବାକୁ ଯାଉଛନ୍ତି । ତାଙ୍କର ପିଲା କୁଟୁମ୍ବ ଭୋକ ଉପାସରେ ରହୁଛନ୍ତି। ଏଣୁ ସଂଘ ତରଫରୁ ଜିଲ୍ଲା ପ୍ରଶାସନକୁ ଓ ୧୦ ଗୋଟିଏ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦୁଇ ଗୋଟିର ପୈରପରିଷଦ କାର୍ଯ୍ୟ ନିର୍ବାହ ଅଧିକାରୀଙ୍କୁ ଓ ଦସଗୋଟି ତହସିଲ ଦାରଙ୍କୁଦାବି ପତ୍ର ପ୍ରଦାନ କରି ପୁନର୍ବାର ଅନୁ ପ୍ରବେଶ କାରି ବାଙ୍ଗଲାଦେଶୀଙ୍କୁ ଏଅଞ୍ଚଳରେ ନିର୍ମାଣ କାର୍ଯ୍ୟ ନଦେଇ ପୁନର୍ବାର ତାକୁ ବିତାଡିତ କରିବାକୁ ସରକାରଙ୍କୁ ଅନୁରୋଧ କରାଯିବ। ନଂ-୨ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ କିମ୍ବା ସରକାରଙ୍କ ତରଫରୁ ଶ୍ରମିକମାନଙ୍କୁ ଯାହା ଯାହା ସୁବିଧା ସୁଯୋଗ ଅଛି ସେଗୁଡିକ ଯେମିତି ହେଲେ ସୁଦ୍ଧା ଆମ ଜିଲ୍ଲାର ଶ୍ରମିକ ମାନେ ଯେପରିକି ବାଦ ନପଡ଼ନ୍ତି ଏଥିପାଇଁ ପ୍ରତ୍ୟେକ ବ୍ଲକରେ ଓ ଗ୍ରାମ ପଞ୍ଚାୟତ ସ୍ତରରେ ସେଚେତନା ସୃଷ୍ଟିକରିବା ପାଇଁ ଜିଲ୍ଲା ସଂଘର ସଭାପତି ବିପିନାଗ, ସାଧାରଣ ସଂପାଦକ ପର୍ଶୁରାମ ନାୟକ, ଉପସଭାପତି ନରସିଂହ ନାୟକ,ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ସଭାପତି ମନଜକୁମାର ପଟ୍ଟନାୟକ, ସଂପାଦକ ରମେଶ ମାଝୀ, ଉମରକୋଟ ବ୍ଲକ୍‌ର ସଭାପତି ବଳିରାମ ମଙ୍ଗରାଜ,ଏନଏମଦ ସଂଘର ସଭାପତି ଶ୍ରୀସଦା ସୁନା, ମାଁ ପେଣ୍ଡ୍ରାଣୀ ସଂଘର ଶ୍ରୀସୁବାସ ସୁରିଆ, ରାଇଘର ନେତାଜୀ ସୁବାଷ ଚନ୍ଦ୍ର ବୋଷ ସଂଘର ସଭାପତି ଶ୍ରୀ ଯସ୍ୱନ୍ତ ମାଝୀ, ଚନ୍ଦାହାଣ୍ଡି ସଂଘର ସଂପାଦକ ଶ୍ରୀ ପ୍ରେମଲାଲ ନାୟକ,ଖୁଟୁଗୁଡା ମାଁଠାକୁରାଣୀ ସଂଘର ସଭାପତି ଶ୍ରୀଉଦ୍ଧବ କଲାର, ସମେତ ୧୦ ଗୋଟି ବ୍ଲକର ଓ ୧୧ ଗୋଟି ସାଖ ସଂଘର ସଦସ୍ୟ ମାନେ ଯୋଗ ଦେଇଥିଲେ ଶେଷରେ ରାଇଘର ବ୍ଲକ ସଭାପତି ଶ୍ରୀ ଯୋସବନନ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇ ସଭା ଭଙ୍ଗ କରିଥିଲେ।

# ଆନ୍ତଃ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଗାନ୍ଧି ପବ୍ଲିକ ସ୍କୁଲ ଛାତ୍ରୀଙ୍କ କୃତିତ୍ୱ



ଗୁଣପୁର(ଆ :ପ୍ର ),ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲର ନବମ ଶ୍ରେଣୀଛାତ୍ରୀ ଏମ ସଞ୍ଜନା ଦକ୍ଷିଣ ଓଡିଶା ସହୋଦୟ ବିଦ୍ୟାଳୟ ସମୂହ (ଦକ୍ଷିଣାଞ୍ଚଳ) ଆନୁକୂଲ୍ୟରେ ଅନ୍ତଃ ବିଦ୍ୟାଳୟ ଶହେ ମିଟର ଦୌଡ ପ୍ରତିଯୋଗିତାରେ ତୃତୀୟ ସ୍ଥାନରେ ରହି ବିଦ୍ୟାଳୟ ପାଇଁ ସମ୍ମାନ ଆଣିଛନ୍ତି । ଦକ୍ଷିଣ ଓଡିଶା ସହୋଦୟ ବିଦ୍ୟାଳୟ ସମୂହ (ଦକ୍ଷିଣାଞ୍ଚଳ) ଆନୁକୂଲ୍ୟରେ ଏହି କ୍ରୀଡା ପ୍ରତିଯୋଗିତା ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣାଞ୍ଚଳର ଚଉଦଟି ବିଦ୍ୟାଳୟରୁ ପଚିଶ ରୁ ଉର୍ଦ୍ଧ ଛାତ୍ରୀଙ୍କ ମଧ୍ୟରେ ସଂଘର୍ଷମୂଳକ ପ୍ରତିଯୋଗିତାରେ ସଞ୍ଜନା ତୃତୀୟ ସ୍ଥାନରେ ରହିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ କ୍ରୀଡା ଆମ ପାଠ୍ୟକ୍ରମର ଏକ ଅଭିନ୍ନ ଅଂଶ ଏବଂ ସଞ୍ଜନାଙ୍କ ଏହି ସଫଳତା କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିବ । ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଛନ୍ତି ଖେଳକୁଦ ପରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କଳାର ବିକାଶ ପାଇଁ ଆମ ବିଦ୍ୟାଳୟ ସର୍ବଦା ପ୍ରେରଣା ଯୋଗାଉଥିବ। ସଞ୍ଜନାଙ୍କ ପିତା ଏମ ଗୋବିନ୍ଦ ରାମ ଜଣେ ବ୍ୟବସାୟୀ ଓ ମାତା ଏମ ଭବ୍ୟା ଗଙ୍ଗା ଜଣେ ଗୃହିଣୀ ଅଟନ୍ତି ।

# ରେଙ୍ଗାଲିରେ ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକର ରେଙ୍ଗାଲି ଗାଁରେ ଓଡ଼ିଶା ସରକାର , ମିଶନ ଶକ୍ତି, ଶ୍ରୀ ଅନ୍ନ ଅଭିଯାନ, ମିଲେଟ ଶକ୍ତି, ଓ୍ୱାସନ, ଓ୍ୱାସିଡିଏ ଓ ରେଙ୍ଗାଲିର ଓଁମ ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏକ ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲିଚରଣ ସେଠି ସମ୍ମାନିତ ଅତିଥି ରୂପେ ସ୍କିମ୍ ଅଫିସର ସୁନନ୍ଦା ସାହୁ, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଓ୍ୱାଇ.ପି ଅର୍ପଣ ଭାଟାଚାର୍ଯ୍ୟ, ଜିଲ୍ଲା ମିଶନ ଶକ୍ତି ସଭାନେତ୍ରୀ ଆରତୀ କର, ସହକାରୀ କୃଷି ଅଧିକାରୀ ନିହାଳିନ ଭୁଇୟା ପ୍ରମୁଖ ଯୋଗଦେଇଥିଲେ। ଓ୍ୱାସିଡିଏ ବ୍ଲକ ସଂଯୋଜକ ଉମେଶ କୁମାର ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ମିଲେଟ ରେ ପ୍ରସ୍ତୁତ ଖାଦ୍ୟ ଓ ବ୍ୟଞ୍ଜନ ସ୍ୱାସ୍ଥ୍ୟ ପାଇଁ ଅତି ଆବଶ୍ୟକ ବୋଲି କହିବା ସହିତ ମାଣ୍ଡିଆ, ଗୁରୁଜୀ, କଦୁଅ , ସୁଆଁ ଭଳି କ୍ଷୁଦ୍ର ଶସ୍ୟ ଚାଷ କରିବା ଦ୍ୱାରା ରାସାୟନିକ ସାର ଓ କୀଟନାଶକ ଔଷଧ ବିନା ହେଉଛି। ଯାହାଫଳରେ ବିଷ ମୁକ୍ତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସୁଜିତ ହୋତା,କେକେପିସିଏଲ ସିଇଓ ଗଣେଶ ବନଛୋର , ପୁରନ୍ଦର ବନଛୋର, ଫକୀର ସାହୁ, ସଦାନନ୍ଦ ବାଗ, ବାସନ୍ତୀ ମୁଣ୍ଡା, ଡମ୍ବୁରୁଧର ସାହୁ , ଭୋଜରଜ ବରିହା ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

# କୁସୁମୀରେ ମା' ମହାଦେଇଙ୍କ କୋଟଯାତ୍ରା



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକର କୁସୁମୀ ଗ୍ରାମରେ ମା' ମହାଦେଇଙ୍କ ବାର୍ଷିକ କୋଟଯାତ୍ରା ଉତ୍ସବ ତଥା ପୂଜାରୀ ନୂଆଁଖାଇ ପର୍ବ ପାରମ୍ପରିକ ରୀତିରେ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଝରୀଗାଁ ବିଧାୟକ ନରସିଂହ ଭତରା ଯୋଗ ଦେଇଥିବାବେଳେ ବରଣ୍ୟ ଅତିଥିଭାବେ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ ଓ ସମ୍ମାନିତ ଅତିଥିଭାବେ ମହେଶ୍ୱର ଭତରା, ତମ୍ବୁଦାସ ପନକା, ପ୍ରଫୁଲ୍ଲ ପାଣ୍ଡେ, ପ୍ରଫୁଲ୍ଲ ପ୍ରଧାନୀ, ଗଜେନ୍ଦ୍ର ପାଣ୍ଡେ, ସୁଦାମା ତିଓ୍ୱାରୀ, ପ୍ରଭାତ ରଥ, ଚୈତନ୍ୟ ଗୌଡ଼, ସୁଜନ ଭକ୍ତ, ଜଗଦିଶ କଲାର, ପଞ୍ଚାନନ ବାବଲୀ, ଦୀପକ ରାଓ, ସୀତାରାମ ସାହୁ ଓ ଅନ୍ୟାନ୍ୟ ସମାଜସେବୀ, ସରପଞ୍ଚ, ଓ୍ୱାର୍ଡସଭ୍ୟ, ଗ୍ରାମର ପୂଜାରୀ ଓ ଗ୍ରାମର ଭଦ୍ରବ୍ୟକ୍ତିମାନେ ମଞ୍ଚାସିନ ରହିଥିଲେ । ଅନ୍ତରାମ ପୂଜାରୀ ଓ ରାଇଧର ପୂଜାରୀ ମା'ଙ୍କ ପୂଜାକାର୍ଯ୍ୟ ପାରମ୍ପରିକ ରୀତିରେ ସମ୍ପନ୍ନ କରିଥିବା ବେଳେ ଅନୁଷ୍ଠିତ ଯାତ୍ରାରେ ଝରୀଗାଁ ବ୍ଲକ ଜନସାଧାରଣ ସହସ୍ରାଧିକ ସଂଖ୍ୟାରେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି । ଯାତ୍ରାରେ ବିଭିନ୍ନ ଦୋକାନ ପସରା ବସିଥିବା ଦେଖିବାକୁ ମିଳିଛି। ଖେଳଣା,ଫଳ,ମିଠା ଜୋତା ପୋଷାକ ଦୋକାନ ଆଦି ବସିଥିବା ଦେଖିବାକୁ ମିଳିଛି।ତତ ସହିତ ନବରଙ୍ଗପୁର ଜିଲ୍ଲାର ପଡୋଶୀ ରାଜ୍ୟ ଛତିଶଗଡ ଓ ପଡୋଶୀ ଜିଲ୍ଲା କଳାହାଣ୍ଡିରୁ ମଧ୍ୟ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଛି । ରାଜଗଣ୍ଡ ସମ୍ପ୍ରଦାୟର ଲୋକେ ଏହି ଯାତ୍ରା କେଉଁ ଆଦିମ କାଳରୁ କରି ଆସୁଥିବା ବେଳେ ଝରୀଗାଁ ଅଞ୍ଚଳରେ ପ୍ରତିବର୍ଷ ମାର୍ଗଶିର ମାସରେ ପାଳନ କରୁଥିବା ରାଜଗଣ୍ଡ ସମ୍ପ୍ରଦାୟର ଲୋକେ କହୁଛନ୍ତି । ପ୍ରତିବର୍ଷ ଯାତ୍ରା ସମୟରେ ଆଖପାଖ ବାରପାଲି ଚୌରାଅଶି ଖଣ୍ଡ ଗାଁ କୁ ନେଇ ଗଠିତ କୁସୁମୀ ମୁଠା ମା' ମହାଦେଇ ପୀଠରେ ମା'ମହାଦେଇ ଠାକୁରାଣୀଙ୍କ ଦର୍ଶନ ଓ ଆଶିଷ ଭିକ୍ଷା କରିବାକୁ ଭକ୍ତ ବୃନ୍ଦ ଏକାଠି ହୋଇଥାନ୍ତି। ପାରମ୍ପରିକ ବେସରେ ସଜେଇ ହୋଇ ଦ୍ୱୋଦେବୀ ଓ ଶିରା ଦିଶାରୀମାନେ ଖଣ୍ଡା ଖର୍ପର ଭଳି ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ନୃତ୍ୟ ପରିବେଷଣ କରିଥାନ୍ତି । ଏହି ଦୃଶ୍ୟ ଦେଖିବାକୁ ଆଖପାଖ ଅଞ୍ଚଳର ସହସ୍ରାଧିକ ଜନସାଧାରଣ ଭିଡ଼ ଜମେଇଥାନ୍ତି ।ଅନ୍ୟ ପାର୍ଶ୍ୱ ଦେବାଦେବୀ ମାନଙ୍କ ମଧ୍ୟରେ ମା' କାଳୀ କଙ୍କାଲୁଣୀ, ଭିମାଦେଓ, ଖମ୍ବେଶ୍ୱରୀ, ଜଟିଆ ରାଓ, ବୁଢ଼ାଦେଓ ଓ ମାଏ ଆଦି ମଧ୍ୟ ଉକ୍ତ ଦିନ ପୂଜା ପାଇଥାନ୍ତି । ସୁଖ ସମୃଦ୍ଧି ଶାନ୍ତି ମୈତ୍ରୀ ଭାତୃଭାବର ପାରମ୍ପାରିକ ଯାତ୍ରା ବୋଲି ମାଙ୍କ ଭକ୍ତ ବୃନ୍ଦ ପ୍ରକାଶ କରିଛନ୍ତି ।ଜନସାଧାରଣ ମାନଙ୍କ ମନୋରଞ୍ଜନ ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବିଳମ୍ବିତ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଜନଗହଳି ରହିଥିବା ଦେଖିବାକୁ ମିଳିଥିଲା । ଯାତ୍ରାରେ ପ୍ରବଳ ଜନସମାଗମ ଦେଖି ଝରିଗାଁ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ସହ ଯାତ୍ରା ପରିଚାଳନ ନେଇ ପୋଲିସ ମୁତୟନ ରହିଥିଲେ।

## ମୁରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍ ଦ୍ୱାରା ନବାକାଂକ୍ଷା କାର୍ଯ୍ୟକ୍ରମ
# ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବରଗଡ, (ଭାସ୍କର ନ୍ୟୁଜ୍): ମୁରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ୍, ବରଗଡ଼ର ମିଳିତ ଆନୁକୁଲ୍ୟରେ ୨୪ ନଭେମ୍ବର ୨୦୨୪ (ରବିବାର)ରେ ରାୟଗଡ଼ ଜିଲ୍ଲାର ଅନ୍ତର୍ଗତ ନିଗମ ଅଡିଟୋରିୟମଠାରେ କ୍ରୀଷ୍ଣା ବିକାଶ, ବରଗଡ଼ର ନ୍ତନବାକାଂକ୍ଷାନ୍ତ - କ୍ୟାରିୟର୍ କାଉନ୍‌ସେଲିଂ ତଥା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାରରେ ସମ୍ମାନିତ କରିବା କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ତା' ସହିତ ରାୟଗଡ଼ ଜିଲ୍ଲାର ଅନ୍ତର୍ଗତ ଶିକ୍ଷା, ନୃତ୍ୟ, କ୍ରୀଡ଼ା, କଳା ଓ ସଂସ୍କୃତି ସହ ଜଡ଼ିତ ଅନେକ ସୁନାମଧନ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ୍ ୪୦ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ତଥା ସିବିଏସ୍‌ଇ ସ୍କୁଲ୍‌ର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସୁଭାଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଟ୍‌ଭେଲି ସ୍କୁଲର ଅଧ୍ୟକ୍ଷ ଅକ୍ଷୟ ବିଶ୍ୱାଳ, ଶଙ୍କରାଚାର୍ଯ୍ୟ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁରଜ କୁମାର ଚର୍ତୁବେଦୀ, ସାଧୁରାମ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଟୁନା ବିଶ୍ୱାଳ, ଭାରତ ମାତା ସ୍କୁଲର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର, ଭାରତ ମାତା ସ୍କୁଲର ଚେୟାରମେନ୍ ଯୁଗଳ କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମଟି ଦୁଇଟି ଅଧିବେସନରେ ହୋଇଥିଲା। ପ୍ରଥମ ଅଧିବେସନରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ତତ୍ତ୍ୱାବଧାନରେ ଏକ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେସନରେ କ୍ରୀଷ୍ଣା ବିକାଶ ଗ୍ରୁପ୍ ଓ ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଚେୟାରମେନ୍ ଡି.ମୂରଲୀ କ୍ରୀଷ୍ଣା, କ୍ରୀଷ୍ଣା ବିକାଶର ପୂର୍ବବର୍ଷର ଉଚ୍ଚ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ଅତିଥି ପରିଚୟ ତଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବିକାଶ ଆବାସିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ ଏବଂ କୋକରିକୁଲାର୍ ଏକ୍ଟିଭିଟିଜ୍‌ରେ ଗତ ୩ ବର୍ଷର ଉଚ୍ଚମାନର ଫଳାଫଳର ବିବରଣୀ ପ୍ରଦାନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପଶ୍ଚିମ ଓଡ଼ିଶାର କ୍ୟାରିୟର୍ ଗଢ଼ିବାର ଏକ ଉଚ୍ଚତମ ବାତାବରଣ ମହଜୁଦ୍ ଅଛି ବୋଲି ମତପ୍ରଦାନ କରି ଉତ୍ସାହିତ କରିଥିଲେ। କ୍ରୀଷ୍ଣା ବିକାଶ, ବରଗଡ଼ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଜେଇଇ, ନିଟ୍, ସିୟୁଇଟି, ଦଶମ, ଦ୍ୱାଦଶ ବୋର୍ଡ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ରାୟଗଡ଼ ଅଞ୍ଚଳର ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯୋଗଦାନ କରିଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜିତ କ୍ୱିଜ୍ ପ୍ରତିଯୋଗିତାରେ ସାଧୁରାମ ବିଦ୍ୟାମନ୍ଦିର, ରାୟଗଡ଼ ଓ୍ୱିନର ଓ ପିଏମ ଶ୍ରୀ ଶାସକିୟ ନଟବର ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ରାୟଗଡ଼ ତଥା ଶଙ୍କରାଚାର୍ଯ୍ୟ ପବ୍ଲିକ୍ ସ୍କୁଲ ଉପ ବିଜେତା ହୋଇ ପୁରସ୍କୃତ ହୋଇଥିଲେ। ଅନୁରୂପ ଭାବରେ ଏଥିରେ ନୃତ୍ୟ ପରିବେଷଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସିବିଏସ୍‌ଇ ସ୍କୁଲ୍‌ର ଅଧ୍ୟକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଏବଂ ସ୍ମୃତିଫଳକ ପ୍ରଦାନ କରି ସ୍କୁଲ୍ ଲିଡର୍ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାୟଗଡ଼ ଅନ୍ତର୍ଗତ ଉପସ୍ଥିତ ସମସ୍ତ ସାମ୍ବାଦିକମାନଙ୍କୁ ଉପଢୌକନ ତଥା ସ୍ମୃତିଫଳକ ଦେଇ ସମ୍ମାନୀତ କରାଯାଇଥିଲା। ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଏହି ଅଭିନବ ପ୍ରୟାସକୁ ନବାକାଂକ୍ଷା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଉଚ୍ଚପ୍ରଶଂସା କରି ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ମତପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଷ୍ଣା ବିକାଶ ଛାତ୍ରଛାତ୍ରୀ ମନିଷ, ସ୍ମିତି, ସ୍ଥିତି, ମାହି, ଶଗୁନ ପଣ୍ଡା ଓ ଅକ୍ଷରା ରାନୀ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ତରପ୍ରଦେଶ: ଅଶାନ୍ତ ଉତ୍ତରପ୍ରଦେଶର ସମ୍ଭଲ। ଏଠାରେ ଥିବା ଜାମା ମସ୍‌ଜିଦ୍‌ର ସର୍ଭେକୁ ନେଇ ଲୋକଙ୍କ ମଧ୍ୟରେ ଘୋର ଆକ୍ରୋଶ ଦେଖିବାକୁ ମିଳିଛି। ସର୍ଭେକୁ ବିରୋଧରେ ରବିବାର ସକାଳେ ଆରମ୍ଭ ହୋଇଥିବା ହିଂସା ସୋମବାର ମଧ୍ୟ ଜାରି ରହିଛି। ଏହି ହିଂସାରେ ବର୍ତ୍ତମାନ ସୁଦ୍ଧା ୪ ଜଣ ପ୍ରାଣ ହରାଇ ସାରିଲେଣି। ସେହିପରି ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ହିଂସା ପରେ ସମ୍ଭଲ ଏବଂ ଏହାର ଆଖପାଖ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ସେହିପରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ଆଜି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧ ପର୍ଯ୍ୟନ୍ତ ସମ୍ଭଲରେ ବାହାର ଲୋକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାରେ ବାହାର ଲୋକ, ସାମାଜିକ ସଙ୍ଗଠନ ଏବଂ ଜନ ପ୍ରତିନିଧିଙ୍କ ପ୍ରବେଶ ବ୍ୟାନ୍ କରାଯାଇଛି। ଅତ୍ୟଧିକ ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ପଦକ୍ଷେପ ନେଇଛି।

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଇସିଏ ବିଶ୍ୱ ସମବାୟ ସମ୍ମିଳନୀ ଉଦ୍‌ଘାଟିତ




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆଇସିଏ ବିଶ୍ୱ ସମବାୟ ସମ୍ମିଳନୀ ୨୦୨୪କୁ ଉଦଘାଟନ କରିଛନ୍ତି। ସମାରୋହକୁ ସମ୍ବୋଧିତ କରି ଶ୍ରୀ ମୋଦୀ ଭୁଟାନର ପ୍ରଧାନମନ୍ତ୍ରୀ ମହାମହିମ ଦାଶୋ ସେରିଙ୍ଗ ତୋବଗେ, ଫିଜିର ଉପପ୍ରଧାନମନ୍ତ୍ରୀ ମହାମହିମ ମାନୋଆ କାମିକାମିକା, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଭାରତରେ ଅବସ୍ଥାପିତ ଜାତିସଂଘର ଆବାସିକ ସଂଯୋଜକ ସୋମ୍ବି ଶାର୍ପ, ଅନ୍ତର୍ଜାତୀୟ ସମବାୟ ମେଣ୍ଟର ସଭାପତି ଏରିଏଲ ଗୁଆରକୋ, ବିଭିନ୍ନ ବିଦେଶୀ ଦେଶର ବିଶିଷ୍ଟ ବ୍ୟକ୍ତି ଏବଂ ଆଇସିଏ ଗ୍ଲୋବାଲ କୋଅପରେଟିଭ୍ ସମ୍ମିଳନୀ ୨୦୨୪ର ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଆମେ ସମବାୟବାଦ ସହିତ ଶାସନକୁ ଏକାଠି କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଛୁ । ଆଜି ଭାରତରେ ୮ ଲକ୍ଷ ସମବାୟ ସମିତି ରହିଛି, ଅର୍ଥାତ୍ ବିଶ୍ୱର ଚାରିଟି ମଧ୍ୟରୁ ଗୋଟିଏ ଭାରତରେ ରହିଛି ବୋଲି ସେ କହିଛନ୍ତି। ଗ୍ରାମୀଣ ଭାରତର ପ୍ରାୟ ୯୮ ପ୍ରତିଶତ ଅଞ୍ଚଳ ସମବାୟ ସମିତିରେ ସାମିଲ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ। ପ୍ରାୟ ୩୦ କୋଟି ଲୋକ ଅର୍ଥାତ୍ ପ୍ରତି ୫ ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ସମବାୟ କ୍ଷେତ୍ର ସହ ଜଡ଼ିତ ଅଛନ୍ତି। ଭାରତରେ ଉଭୟ ସହରାଞ୍ଚଳ ଏବଂ ଆବାସିକ ସମବାୟ ସମିତି ବହୁ ବିସ୍ତାରିତ ହୋଇଛି ବୋଲି ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ ଯେ ଚିନି, ସାର, ମତ୍ସ୍ୟ ଏବଂ ଦୁଗ୍ଧ ଉତ୍ପାଦନ ଶିଳ୍ପରେ ସମବାୟ ସମିତିର ଏକ ବଡ଼ ଭୂମିକା ରହିଛି ଏବଂ ଦେଶରେ ପ୍ରାୟ ୨ ଲକ୍ଷ ଆବାସିକ ସମବାୟ ସମିତି ରହିଛି । ଭାରତର ସମବାୟ ବ୍ୟାଙ୍କିଂ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଗ୍ରହଣ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ ଯେ ବର୍ତ୍ତମାନ ସମଗ୍ର ଦେଶରେ ସମବାୟ ବ୍ୟାଙ୍କଗୁଡ଼ିକରେ ୧୨ ଲକ୍ଷ କୋଟିରୁ ଅଧିକ ଟଙ୍କା ଜମା ହୋଇଛି, ଯାହା ଏହି ଅନୁଷ୍ଠାନଗୁଡ଼ିକ ଉପରେ ବଢ଼ୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି । ସମବାୟ ବ୍ୟାଙ୍କିଂ ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଆମ ସରକାର ଅନେକ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧୀନରେ ଆଣିବା ଏବଂ ଜମା ବୀମା ରାଶିକୁ ଜମାକାରୀ ପିଛା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଅନ୍ତର୍ଭୁକ୍ତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଅଧିକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସ୍ୱଚ୍ଛତାର ସମ୍ପ୍ରସାରଣ ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଏହି ସଂସ୍କାର ଭାରତୀୟ ସମବାୟ ବ୍ୟାଙ୍କଗୁଡ଼ିକୁ ଅଧିକ ସୁରକ୍ଷିତ ଏବଂ ଦକ୍ଷ ଆର୍ଥିକ ଅନୁଷ୍ଠାନ ଭାବରେ ଅବସ୍ଥାପିତ କରିବାରେ ସାହାଯ୍ୟ କରିଛି । କ୍ରୟ, ଉତ୍ପାଦନ ଓ ବିତରଣ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରି ଯୋଗାଣ ଶୃଙ୍ଖଳାକୁ ବଢ଼ାଇବାରେ ସମବାୟ ସମିତିର ସମ୍ଭାବନା ଉପରେ ସେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ସମବାୟ ବିଶ୍ୱ ସହଯୋଗକୁ ନୂତନ ଶକ୍ତି ଦେଇପାରିବ ବୋଲି ଭାରତ ବିଶ୍ୱାସ କରିଥାଏ । ସମବାୟ ଆନ୍ଦୋଳନ ପ୍ରତି ଭାରତର ପ୍ରତିବଦ୍ଧତାର ପ୍ରତୀକ ଭାବେ ପ୍ରଧାନମନ୍ତ୍ରୀ ଏକ ସ୍ମାରକୀ ଡାକ ଟିକଟ ମଧ୍ୟ ଉନ୍ମୋଚନ କରିଛନ୍ତି । ଶାନ୍ତି, ଶକ୍ତି, ସ୍ଥିରତା ଏବଂ ଅଭିବୃଦ୍ଧିର ପ୍ରତୀକ ପଦ୍ମ ପ୍ରଦର୍ଶନ କରି ସ୍ଥିରତା ଏବଂ ଗୋଷ୍ଠୀ ବିକାଶର ସମବାୟ ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ । ପଦ୍ମର ପାଞ୍ଚଟି ପାଖୁଡ଼ା ପ୍ରକୃତିର ପାଞ୍ଚଟି ଉପାଦାନ (ପଞ୍ଚତତ୍ତ୍ୱ)କୁ ପ୍ରତିନିଧିତ୍ୱ କରେ, ଯାହା ପରିବେଶ, ସାମାଜିକ ଏବଂ ଆର୍ଥିକ ସ୍ଥିରତା ପ୍ରତି ସମବାୟ ସମିତିର ପ୍ରତିବଦ୍ଧତାକୁ ଆଲୋକପାତ କରେ । କୃଷିକ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ଭୂମିକାକୁ ଦର୍ଶାଉଥିବା ଡ୍ରୋନ୍ ସହ କୃଷି, ଦୁଗ୍ଧ, ମତ୍ସ୍ୟ, ଖାଉଟି ସମବାୟ ଓ ଗୃହ ନିର୍ମାଣ ଭଳି କ୍ଷେତ୍ରକୁ ମଧ୍ୟ ଏହି ଡିଜାଇନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି।

## ସମ୍ବିଧାନରୁ ହଟିବ ନାହିଁ 'ଧର୍ମନିରପେକ୍ଷ' ଓ 'ସମାଜବାଦୀ' ଶବ୍ଦ

ନୂଆଦିଲ୍ଲୀ: ସମ୍ବିଧାନର ପ୍ରସ୍ତାବନାରୁ 'ଧର୍ମନିରପେକ୍ଷ' ଓ 'ସମାଜବାଦୀ' ଶବ୍ଦ ହଟାଇବା ପାଇଁ ହୋଇଥିବା ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ ଭାରତୀୟ ପରିପ୍ରେକ୍ଷୀରେ ସମାଜବାଦୀ ହେବାର ଅର୍ଥ କେବଳ ଏକ କଲ୍ୟାଣକାରୀ ରାଷ୍ଟ୍ର। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ପିଭି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ କହିଛନ୍ତି ଯେ ସଂସଦର ସଂଶୋଧନ କ୍ଷମତା ପ୍ରସ୍ତାବନା ପର୍ଯ୍ୟନ୍ତ ବି ରହିଛି। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ପ୍ରସ୍ତାବନା ଗୃହୀତ ହେବାର ତାରିଖ ପ୍ରସ୍ତାବନାରେ ସଂଶୋଧନ ପାଇଁ ସଂସଦର କ୍ଷମତାକୁ ସୀମିତ କରେ ନାହିଁ। ଏହାକୁ ଆଧାର କରି କୋର୍ଟ ଆବେଦନକାରୀଙ୍କ ଯୁକ୍ତିକୁ ଖାରଜ କରିଦେଇଛନ୍ତି। ଏତେ ବର୍ଷ ପରେ କାହିଁକି ଏହି ମାମଲାକୁ ଗୁରୁତ୍ୱଦେବାକୁ ଚେଷ୍ଟା କରାଯାଉଛି ବୋଲି ପ୍ରଧାନ ବିଚାରପତି ଏହି ମାମଲାରେ ମନ୍ତବ୍ୟ ଦେଇଛନ୍ତି।



## ମାଛଧରା ଡଙ୍ଗାରୁ ୫ ଟନ୍ ଡ୍ରଗ୍ସ ଜବତ



ନୂଆଦିଲ୍ଲୀ: ଭାରତୀୟ ତଟରକ୍ଷୀଙ୍କୁ ଏକ ବଡ଼ ସଫଳତା ମିଳିଛି। ଆଣ୍ଡାମାନରୁ ୫ ଟନର ଡ୍ରଗ୍ସ ଜବତ କରିଛନ୍ତି ତଟରକ୍ଷୀ ବାହିନୀ। ଏକ ମାଛଧରା ଡଙ୍ଗାରେ ଚାଲାଣ ବେଳେ ହୋଇଥିଲା ଚଢ଼ାଉ। ସୋମବାର ଆଣ୍ଡାମାନ ଦ୍ୱୀପ ନିକଟରେ ଲାଗିଥିବା ବୋଟ୍ ଓ ଜାହାଜର ତଲାସୀ କରିଥିଲେ ତଟରକ୍ଷୀ ବାହିନୀ। ଏହି ସମୟରେ ଏକ ମାଛଧରା ଡଙ୍ଗାରୁ ଡ୍ରଗ୍ସ ମିଳିଥିଲା। ଏହାପରେ ସମ୍ପୂର୍ଣ୍ଣ ତଦନ୍ତ ହେବା ପରେ ଏଥିରୁ ପାଖାପାଖି ୫ ଟନର ଡ୍ରଗ୍ସ ମିଳିଛି। ଏନେଇ ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ତଟରକ୍ଷୀ ବାହିନୀ ଦ୍ୱାରା ଜବତ ହୋଇଥିବା ଡ୍ରଗ୍ସ ରାକେଟର ଏହା ସବୁଠାରୁ ବଡ଼ ମାମଲା, ପୂର୍ବରୁ ତଟରକ୍ଷୀ ବାହିନୀଙ୍କ ପକ୍ଷରୁ ଏତେ ପରିମାଣର ଡ୍ରଗ୍ସ ଜବତ କରାଯାଇ ନଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି।

## ଇସ୍ରାଏଲ୍ ଉପରେ ୨୫୦ ରକେଟ୍ ମାଡ଼ କଲା ହେଜବୁଲ୍ଲା

ହେଜବୁଲ୍ଲା: କିଛି ଦିନ ପରେ ପୁଣି ଇସ୍ରାଏଲ ଏବଂ ହେଜବୁଲ୍ଲା ମୁହାଁମୁହିଁ। ଇସ୍ରାଏଲ ଉପରେ ୨୫୦ଟି ରକେଟ ମାଡ଼ କରିଛି ଇରାନ ସମର୍ଥିତ ସଂଗଠନ ହେଜବୁଲ୍ଲା। ଇସ୍ରାଏଲ ହେଜବୁଲ୍ଲାର ଦକ୍ଷିଣ ବେରୁଟ ଅଞ୍ଚଳ ଉପରେ ଆକ୍ରମଣ କରିବା ପରେ ପାଲଟା ଜବାବ ଦିଆଯାଇଥିବା ଲେବାନନ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଆକ୍ରମଣରେ ୭ ଜଣ ଲୋକ ଆହତ ହୋଇଛନ୍ତି। ରିପୋର୍ଟ ଅନୁସାରେ, ଇସ୍ରାଏଲ ଏୟାର ଫୋର୍ସ ହେଜବୁଲ୍ଲାର ଏକାଧିକ ରକେଟକୁ ଖସାଇ ଦେଇଥିଲା। କିନ୍ତୁ କିଛି ରକେଟ ଇସ୍ରାଏଲ୍ ଉପରେ ମାଡ଼ ହୋଇଛି। ଫଳରେ କେତେକ ଘର ଭାଙ୍ଗିବା ସହ ୭ ଆହତ ହୋଇଛନ୍ତି। ଏନେଇ ଇସ୍ରାଏଲ ସୈନ୍ୟବାହିନୀ ପକ୍ଷରୁ ମଧ୍ୟ ନିଶ୍ଚିତ କରାଯାଇଛି।

## ହରିଆଣାର ପ୍ରମୁଖ ସହରରେ ପ୍ରତିଷ୍ଠା ହେବ ସମରସ୍ତା ଭିରାସତ୍ କେନ୍ଦ୍ର



ଚଣ୍ଡୀଗଡ଼: ମହର୍ଷି ବାଲ୍ମିକୀ, ସନ୍ଥ କବିର, ଗୁରୁ ରବିଦାସ ଏବଂ ସମ୍ବିଧାନର ପ୍ରଣେତା ଡକ୍ଟର ବି.ଆର.ଆମ୍ବେଦକର ତଥା ଅନ୍ୟ ମହାମନିଷୀମାନଙ୍କ ସ୍ମୃତିରେ ହରିଆଣା ସରକାର ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ସମରସ୍ତାତ ଭିରାସତ୍ କେନ୍ଦ୍ର ପ୍ରତିଷ୍ଠା କରିବେ । ଏନେଇ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସଇନି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ମହାମନିଷୀମାନଙ୍କ ଜନ୍ମଜୟନ୍ତୀକୁ ରାଜ୍ୟବ୍ୟାପୀ ପାଳନ କରାଯିବ । ଏଥିପାଇଁ ରାଜ୍ୟ ସରକାର ସନ୍ଥ ମହାପୁରୁଷ ବିଚାର ସମ୍ମାନ ଏବଂ ପ୍ରସାର ଯୋଜନା ଆରମ୍ଭ କରିଛନ୍ତି । ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀ ଅବସରରେ ଜିନ୍ଦଠାରେ ଆୟୋଜିତ ଏକ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସଇନି କହିଥିଲେ ଯେ, ନରୱାନାରେ ବାଲ୍ମିକୀ ଭବନ ପାଇଁ ରାଜ୍ୟ ସରକାର ୫୧ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଛନ୍ତି । ସେ କହିଛନ୍ତି ଏହି ଅର୍ଥରେ ହିସାରରେ ଏକ ହଷ୍ଟେଲ ନିର୍ମାଣ କରାଯିବ । ସେ କହିଥିଲେ ହରିଆଣା ସରକାର ରାଜ୍ୟବାସୀଙ୍କ ବିକାଶପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଛନ୍ତି । ପ୍ରତ୍ୟେକ ଗରିବଙ୍କ ମୁଣ୍ଡ ଉପରେ ଛାତ ଯୋଗାଇବା ପାଇଁ ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୦ଲକ୍ଷ ନୂତନ ଗୃହ ନିର୍ମାଣ କରାଯାଇଛି । ୧୫ହଜାର ଘରର ଚାବି ରାଜ୍ୟର ଯୋଗ୍ୟ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଥିଲେ । ସେହିପରି ଡକ୍ଟର ବି.ଆରଆମ୍ବେଦକର ଆବାସ ଯୋଜନାରେ ଘର ମରାମତି ପାଇଁ ୮୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ସେ କହିଥିଲେ ଗତ ୧୦ବର୍ଷ ମଧ୍ୟରେ ଗରିବଙ୍କ ସଶକ୍ତିକରଣ ହେଉଛି ରାଜ୍ୟର ସଫଳତା । ଏହା ବିକାଶର ମୂଳ ଆଧାର । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଆମ ସମାଜ ପାଇଁ ବେଶ୍ ପ୍ରେରଣାଦାୟକ । ସେ କହିଥିଲେ ପ୍ରଧାନମନ୍ତ୍ରୀଙ୍କ ଏକ୍ ପେଡ୍ ମା' କେ ନାମ୍ ଅଭିଯାନର ପଦକ୍ଷେପ ହେଉଛି ପରିବେଶର ସୁରକ୍ଷା ତଥା ଏ ଦିଗରେ ଲୋକଙ୍କୁ ପ୍ରେରଣା ଯୋଗାଇବା ।

## ଡବଲ୍ ଇଞ୍ଜିନ୍ ସରକାରର ତେଜରେ ଚାଲିଛି 'ଛତିଶଗଡ଼ର ବିକାଶ ରେଳ'



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀବିଷ୍ଣୁଦେବ ସାଏ ସୋମବାର କହିଛନ୍ତି ଯେ, ଡବଲ୍ ଇଞ୍ଜିନ୍ ସରକାରର ଦମ୍‌ରେ ଛତିଶଗଡ଼ର ବିକାଶ ରେଳ ଚାଲୁ ରହିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ରାୟପୁରରୁ ବିଳାସପୁର ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଛତିଶଗଡ଼ର ବିକାଶ ନେଇ କରାଯାଇଥିବା ସଂକଳ୍ପକୁ ଦୋହରାଇଥିଲେ । ଶ୍ରୀ ସାଏ କହିଥିଲେ ପୂର୍ବ ୧୦ବର୍ଷରେ ରେଳବାଇ କ୍ଷେତ୍ରରେ ସକାରାତ୍ମକ କାର୍ଯ୍ୟ ଚାଲୁରହିଛି । ଯାତ୍ରୀମାନଙ୍କ ପାଇଁ ସମସ୍ତ ସୁବିଧା କରାଯିବା ସହ ଭାରତୀୟ ଅର୍ଥ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହୋଇପାରିଛି । ରେଳବାଇର ଆଧୁନିକୀକରଣ ରୋଜଗାର ପାଇଁ ନୂଆ ରାସ୍ତା ଦେଖାଇଛି । ରେଳବାଇ ନେଟୱାର୍କର ବିସ୍ତାର କରାଯାଇ ଗ୍ରାମ ଓ ସହର ସହିତ ଯୋଡ଼ା ଯାଇପାରିଛି । ଏଥିସହ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ବିକାଶ ଘଟିଛି ବୋଲି ଶ୍ରୀ ସାଏ କହିଥିଲେ । ସେ କହିଥିଲେ ବନ୍ଦେ ଭାରତ, ତେଜସ୍ ଏବଂ ଗତିମାନ ହାଇସ୍ପିଡ୍ ଟ୍ରେନ୍ ନିର୍ଦ୍ଧାରିତ ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚୁଥିବାରୁ ଯାତ୍ରୀମାନେ ଉପକୃତ ହୋଇପାରୁଛନ୍ତି । ଏହିସବୁ ଟ୍ରେନ୍‌ଗୁଡ଼ିକରେ ବାତାୟାନୁକୁଳିତ ବ୍ୟବସ୍ଥା, ଆରାମ ଦାୟକ ସିଟ୍ ଏବଂ ଆଧୁନିକ ସୁବିଧା ସହ ୱାଇଫାଇ ବ୍ୟବସ୍ଥା କରାଯାଇଛି । ସେ କହିଥିଲେ ଛତିଶଗଡ଼ ସରକାର ରେଳ ପରିବହନ କ୍ଷେତ୍ରରେ ଉପଯୋଗ କରି ଆଗକୁ ବଢ଼ିବାରେ ଲାଗିଛନ୍ତି । ଆଗାମୀ ଦିନରେ ଛତିଶଗଡ଼ ରେଳସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ପାଲଟିବ ବୋଲି ସେ କହିଥିଲେ ।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଉତ୍ସର୍ଗୀକୃତ ସେବା ଓ କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ପାଇଁ ତିନିଜଣ ରେଳ କର୍ମଚାରୀଙ୍କ ଅତୁଳନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ପୁରସ୍କୃତ କରିଛନ୍ତି । ସେମାନଙ୍କର ତୀବ୍ର କାର୍ଯ୍ୟକଳାପ ପ୍ରମୁଖ ଦୁର୍ଘଟଣାକୁ ରୋକିବାରେ ଉଭୟ ମାନବ ଜୀବନ ରକ୍ଷା କରିବା ଏବଂ ଟ୍ରେନ୍ ଚଳାଚଳର ଧାରାକୁ ଅକ୍ଷୁର୍ଣ୍ଣ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଉତ୍ସବରେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ ପ୍ରମୁଖ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ରେଳପଥ ମଧ୍ୟରେ ସୁରକ୍ଷା ପ୍ରତି ସାମୂହିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ମୁନିଗୁଡା ରେଳ ଷ୍ଟେସନର ଟ୍ରାକ ମେଣ୍ଟଣର ଯୋଗେଶ କୁମାର ହୁମ୍ବା ରେଳ ଷ୍ଟେସନର ଟିପିଏମଏ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଏବଂ ଆରଙ୍ଗମହାନଦୀ ରେଳ ଷ୍ଟେସନର ଟିପିଏମଏ ପ୍ରେମଜୀତ ଆଚାର୍ଯ୍ୟଙ୍କୁ ସେମାନଙ୍କର ତୀବ୍ର କାର୍ଯ୍ୟକାରିତା ପାଇଁ ପୁରସ୍କୃତ କରାଯାଇଥିଲା । ଟ୍ରେନର ନିରାପଦ ଏବଂ ଦକ୍ଷ ଚଳାଚଳ ସୁନିଶ୍ଚିତ କରିବାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ଗ୍ୟାଙ୍ଗମେନ, ଟ୍ରଲିମେନ, ଗେଟମେନ, ଓଏଚ୍‌ଇ ଖଲାସି ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଉତ୍ସର୍ଗୀକୃତ ଉଦ୍ୟମକୁ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ପ୍ରଶଂସା କରିଛନ୍ତି ।

## 'ଦି ଟିଚର ଆପ୍'ର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ




ନୂଆଦିଲ୍ଲୀ: ଏକବିଂଶ ଶତାବ୍ଦୀର ଶ୍ରେଣୀଗୃହର ଚାହିଦା ପୂରଣ କରିବା ପାଇଁ ଶିକ୍ଷକଙ୍କୁ ଭବିଷ୍ୟତରେ ପ୍ରସ୍ତୁତ କୌଶଳ ପ୍ରଦାନ କରି ଭାରତରେ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଅଭିନବ ଡିଜିଟାଲ୍ ପ୍ଲାଟଫର୍ମ ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍ ସୋମବାର 'ଦି ଟିଚର ଆପ' ଉନ୍ମୋଚନ କରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଆୟୋଜିତ ଏକ ଉନ୍ମୋଚନ କାର୍ଯ୍ୟକ୍ରମରେ ଏହି ପ୍ଲାଟଫର୍ମକୁ ଉନ୍ମୋଚନ କରିଛନ୍ତି। ଏଥିରେ ଭାରତୀ ଏଣ୍ଟରପ୍ରାଇଜେସର ଉପାଧ୍ୟକ୍ଷ ରାକେଶ ଭାରତୀ ମିତ୍ତଲ ଓ ଭାରତୀ ଏୟାରଟେଲ୍ ଫାଉଣ୍ଡେସନର ଉରଙ୍ଗ ମମତା ସାଇକିଆଙ୍କ ସମେତ ଶିକ୍ଷା କ୍ଷେତ୍ରର ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅନଲାଇନ ଅଭିଜ୍ଞତା ଏବଂ ଶିକ୍ଷୟିତ୍ରୀମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡ଼ିକୁ ଗଭୀର ଭାବରେ ବୁଝିବା ଆଧାରରେ ଭାରତୀ ଏୟାରଟେଲ ଫାଉଣ୍ଡେସନ ଅଭିନବ ଡିଜିଟାଲ ସମ୍ବଳ ମାଧ୍ୟମରେ ଉଭୟ ସମୟ ପରୀକ୍ଷିତ ଏବଂ ଭବିଷ୍ୟତରେ ପ୍ରସ୍ତୁତ ଦକ୍ଷତା ସହିତ ସଜ୍ଜିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ପ୍ଲାଟଫର୍ମ ଦି ଟିଚର ଆପର ପରିକଳ୍ପନା କରିଛି। ଶିକ୍ଷକଙ୍କ ପ୍ରତ୍ୟକ୍ଷ ଇନପୁଟ୍ ସହିତ ବିକଶିତ ଏହି ଉପଭୋକ୍ତା କେନ୍ଦ୍ରୀତ, ମାଗଣା ଆପ ୱେବ୍, ଆଇଓଏସ୍, ଜିଏଓ ଆଣ୍ଡ୍ରଏଡ୍‌ରେ ଉପଲବ୍ଧ, ଯାହା ଦେଶବ୍ୟାପୀ ଶିକ୍ଷାବିତ୍ମାନଙ୍କ ପାଇଁ ନିରବଚ୍ଛିନ୍ନ ଆକସେସ୍ ସୁନିଶ୍ଚିତ କରେ। ଏହି ପ୍ଲାଟଫର୍ମ ରେ ୨୬୦ ଘଣ୍ଟାରୁ ଅଧିକ ସମୟର ଉଚ୍ଚ ମାନର ସମ୍ବଳ ଉପଲବ୍ଧ ହେଉଛି, ଯେଉଁଥିରେ ପାଠ୍ୟକ୍ରମ, ଲର୍ଣ୍ଣିଂ ବାଇଟ୍, କ୍ଷୁଦ୍ର ଭିଡିଓ, ପଡକାଷ୍ଟ ଏବଂ ଇଣ୍ଟରଆକ୍ଟିଭ୍ ୱେବିନାର ଫର୍ମାଟ ଯେପରିକି ଥିମେଟିକ୍ ଫେଷ୍ଟ, ୱେବିନାର, ପ୍ରତିଯୋଗିତା ଏବଂ କୁଇଜ୍ ଆଦି ରହିଛି, ଯାହା ଭବିଷ୍ୟତର ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା, ଶିକ୍ଷାଗତ ଅଭ୍ୟାସକୁ ଉନ୍ନତ କରିବା ଏବଂ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ସଂପୃକ୍ତି ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାବ୍ୟତୀତ ଏହି ଆପରେ ଲାଇଭ୍ ଏକ୍ସପର୍ଟ ଅଧିବେଶନ ମଧ୍ୟ ରହିଛି ଯାହା ପ୍ରାକ୍ଟିକାଲ କ୍ଲାସରୁମ୍ ରଣନୀତି ପ୍ରଦାନ କରେ ଏବଂ ସେମାନଙ୍କର ଅସାଧାରଣ ପ୍ରଭାବ କାହାଣୀଉପରେ ଆଲୋକପାତ କରି ଶିକ୍ଷକମାନଙ୍କର ଏକ ସମୁଦାୟ ଗଠନ କରିବାକୁ ଲକ୍ଷ୍ୟ ରଖିଥାଏ । ଏହି ପ୍ଲାଟଫର୍ମରେ ଟିଚିଂ କିଟ୍ ନାମକ ଏକ ଅନନ୍ୟ ବିଭାଗ ରହିଛି ଯେଉଁଥିରେ ୯୦୦ରୁ ଅଧିକ ଘଣ୍ଟାର ବିଷୟବସ୍ତୁ ରହିଛି । କ୍ଲାସରୁମ୍ ଡେଲିଭରି ପାଇଁ ଶିକ୍ଷକଙ୍କୁ ଶିକ୍ଷାଦାନ ଭିଡିଓ, ପ୍ରକଳ୍ପ ଭିତ୍ତିକ ଶିକ୍ଷଣ କାର୍ଯ୍ୟକଳାପ, ୱାର୍କସିଟ୍, ପାଠ ଯୋଜନା ଏବଂ ପ୍ରଶ୍ନବ୍ୟାଙ୍କ ସମେତ ଅନ୍ୟାନ୍ୟ ଉପକରଣ ସହିତ ସହାୟତା କରିବା ପାଇଁ ଏହି ବୈଶିଷ୍ଟ୍ୟ ଡିଜାଇନ୍ କରାଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏନଇପି ୨୦୨୦ ର ଆତ୍ମା ଅନୁଯାୟୀ ଶିକ୍ଷକଙ୍କର ନିରନ୍ତର ଦକ୍ଷତା ବୃଦ୍ଧି ପାଇଁ ଆମେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛୁ। ଶିକ୍ଷା ମନ୍ତ୍ରୀ ଦି ଟିଚର ଆପ ଉନ୍ମୋଚନ କରିଛନ୍ତି ଏବଂ ଶିକ୍ଷକଙ୍କୁ ଉନ୍ନତ କରିବା, ଭାରତକୁ ଉନ୍ନତ କରିବାନ୍ତ ବିଷୟବସ୍ତୁ ଉପରେ ଦର୍ଶକଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଆପ୍ ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍ ଦ୍ୱାରା ବିକଶିତ ହୋଇଛି ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ଉତ୍ସର୍ଗୀକୃତ । ଭାରତୀ ଏଣ୍ଟର ପ୍ରାଇଜେସର ଉପାଧ୍ୟକ୍ଷ ରାକେଶ ଭାରତୀ ମିତ୍ତଲ କହିଛନ୍ତି ଯେ ଭାରତ ଏକ ବିଶ୍ୱ ଅର୍ଥନୈତିକ ନେତା ଭାବରେ ବିକଶିତ ହେବାକୁ ହେଲେ ଆମ ଶିକ୍ଷା ବ୍ୟବସ୍ଥା ଶିକ୍ଷାର୍ଥୀଙ୍କୁ ସୃଜନଶୀଳତା, ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ଅଭିନବତାକୁ ପ୍ରୋତ୍ସାହିତ କରିବା ପାଇଁ ସଶକ୍ତ କରିବା ଜରୁରୀ ।

## ଉନ୍ନତ ଇଭି ଚାର୍ଜିଂ ଭିତ୍ତିଭୂମି ନେଇ ସହଯୋଗିତା



ନୂଆଦିଲ୍ଲୀ: ଦେଶର ଅନ୍ୟତମ ଅଗ୍ରଣୀ ଇଲେକ୍ଟ୍ରିକ୍ ମୋଟର ଯାନ ନିର୍ମାତା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଅଗ୍ରଣୀ ଇଭି ଚାର୍ଜିଂ ଓ ଭିତ୍ତିଭୂମି ସୁବିଧା ପ୍ରଦାନକାରୀ ଆମ୍ପଭୋଲ୍‌ଟସ୍ ଲିମିଟେଡ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗିତାରେ ଉଭୟ ସଂସ୍ଥାର ଶକ୍ତିକୁ ବ୍ୟବହାର କରି ଭାରତ ଓ ବିଶ୍ୱସ୍ତରରେ ଦୃଢ଼ ଇଭି ଚାର୍ଜିଂ ଭିତ୍ତିଭୂମି ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ସହଯୋଗିତାର ଅଂଶ ଭାବେ ଇଭି ଚାର୍ଜିଂ ଷ୍ଟେସନ୍ ଲାଗି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚିହ୍ନଟ କରିବା ଏବଂ ପ୍ରମୁଖ ପ୍ରକଳ୍ପ ଲାଗି ଅଗ୍ରଣୀ ସହଯୋଗୀ ଭାବେ କାର୍ଯ୍ୟ କରିବାରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏକ ବ୍ୟାପକ ଇଭି ବ୍ୟବସ୍ଥା ବିକାଶ କରିବା ଲାଗି କମ୍ପାନି ଆର୍ଥିକ ସହାୟତା ସମେତ ଆବଶ୍ୟକ ସମ୍ବଳର ବ୍ୟବସ୍ଥା କରିବ। ଆମ୍ପଭୋଲ୍‌ଟସ୍ ଲିମିଟେଡ୍ ପକ୍ଷରୁ ଉନ୍ନତ ଇଲେକ୍ଟ୍ରିକ୍ ଚାର୍ଜିଂ ଉପକରଣ ଯଥା ଚାର୍ଜର ଓ ଉପଯୋଗୀ ହାର୍ଡୱେର ପ୍ରଦାନ କରିବା ଭଳି ସହଯୋଗ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟିକୁ ପ୍ରଦାନ କରାଯିବ। ପେମେଣ୍ଟ ଗେଟ୍‌ୱେ ଓ ଅନଲାଇନ୍ ନିରୀକ୍ଷଣ ବ୍ୟବସ୍ଥା ଲାଗି ଏହା ସିଏମ୍‌ଏସ୍ ସଫ୍‌ଟଓୟାର ସମାଧାନ ପ୍ରଦାନ କରିବ। କମ୍ପାନି ୱାର୍ଡୱିଜାର୍ଡର ବି୨ବି କ୍ଲାଏଣ୍ଟଙ୍କୁ ବ୍ୟାଟେରି ଆଜ୍ ଏ ସର୍ଭିସ୍ ସେବା ମଧ୍ୟ ପ୍ରଦାନ କରିବ। ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଯତୀନ ଗୁପ୍ତେ କହିଛନ୍ତି ଯେ, ଏକ ଦୃଢ଼ ଏବଂ ସ୍ଥାୟୀ ଇଭି ବ୍ୟବସ୍ଥା ସୃଷ୍ଟି କରିବା ଲାଗି ଆମର ରହିଥିବାଲକ୍ଷ ଅନୁସାରେ ଏହି ସହଯୋଗିତା ଆଗକୁ ବଢୁଛି। ଚାର୍ଜିଂ ଭିତିଭୂମି ସମାଧାନ ବିକଶିତ କରିବାରେ ଆମ୍ପଭୋଲ୍‌ଟର ରହିଥିବା ଦକ୍ଷତା ଆମ ଗ୍ରାହକମାନଙ୍କୁ ବିଶ୍ୱସନୀୟ ଏବଂ ଦକ୍ଷ ଚାର୍ଜିଂ ବିକଳ୍ପ ପ୍ରଦାନ କରିବାରେ ସଶକ୍ତ କରିବ। ଏହା ସେମାନଙ୍କର ସାମଗ୍ରିକ ଇଭି ଅଭିଜ୍ଞତାକୁ ବୃଦ୍ଧି କରିବ। ଇଲେକ୍ଟ୍ରିକ୍ ଯାନକୁ ଆତ୍ମବିଶ୍ୱାସର ସହ ଗ୍ରହଣ କରିବା ପାଇଁ ବ୍ୟବସାୟ ଓ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରୁଥିବା ସମନ୍ୱିତ ସମାଧାନ ପ୍ରଦାନ କରି ସବୁଜ ଗମନାଗମନକୁ ତ୍ୱରାନ୍ୱିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଆମ୍ପଭୋଲ୍‌ଟସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିପୁଲ ଚୌହାନ କହିଛନ୍ତି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ସହ ସହଯୋଗିତା କରି ଆମେ ଆନନ୍ଦିତ।

## ଗତ ୩ ବର୍ଷରେ ୮ ଗୁଣ ଅଭିବୃଦ୍ଧି ହାସଲ କରିଛି ଇକାର୍ଟ




ମୁମ୍ବାଇ: ଭାରତର ଅନ୍ୟତମ ଅଗ୍ରଣୀ ୪ପିଏଲ୍ ଯୋଗାଣ ଶୃଙ୍ଖଳା କମ୍ପାନୀ, ଇକାର୍ଟ ନିଜର ଆଧୁନିକ ଟେକ୍ନୋଲୋଜି ଓ ପରିଚାଳନାଗତ ଉତ୍କର୍ଷତା ସହିତ ପରିବହନ କ୍ଷେତ୍ରକୁ ରୂପାନ୍ତର କରିବା ଜାରି ରଖିଛି। ଇକାର୍ଟ ନିଜର ପରିଚାଳନାକୁ ବିସ୍ତାର କରିଛି ଏବଂ ନିଜର ଯୋଗାଣ ଶୃଙ୍ଖଳାକୁ ମନିଟାଇଜ କରିବା ନେଇ ଏହାର ପ୍ରୟାସ ଗତ ୩ ବର୍ଷ ମଧ୍ୟରେ ୮ ଗୁଣ ଅଭିବୃଦ୍ଧି ହାସଲ କରିଛି, ଯାହା ବ୍ରାଣ୍ଡ ଓ ରିଟେଲରମାନଙ୍କୁ ନିଜର ଯୋଗାଣ ଶୃଙ୍ଖଳା ଆବଶ୍ୟକତାକୁ ପୂରଣ କରିବା ପାଇଁ ଇକାର୍ଟର ଲଜିଷ୍ଟିକ୍ସ କ୍ଷମତାକୁ ଉପଯୋଗ କରି ଉପଭୋକ୍ତାଙ୍କ ଚାହିଦା ପୂରଣ କରିବା ଲାଗି ସଶକ୍ତ କରୁଛି। ୬ ମିଲିୟନରୁ ଅଧିକ ସିପ୍‌ମେଂଟ୍‌ର ଏକ ଦୈନିକ କ୍ଷମତା ସହିତ ଇକାର୍ଟର ଶେଷ ଦୂରତା ନେଟୱାର୍କ ୯୮% ଭାରତୀୟ ପୋଷ୍ଟାଲ କୋଡ୍‌ରେ ପରିବ୍ୟାପ୍ତ ରହିଛି, ଯାହାକି ୫୦ ମିଲିୟନ+ କ୍ୟୁବିକ୍ ଫୁଟ୍‌ର ୱେୟାରହାଉସିଂ ଓ ୭୦୦୦ ଟ୍ରକ୍‌ର ଏକ ଫ୍ଲିଟ୍ ଦ୍ୱାରା ସମର୍ଥିତ ଅଟେ। ଏଭଳି କ୍ଷମତା ଡେ-୨ ଡେଲିଭରି କ୍ଷେତ୍ରରେ ୩୦% ବୃଦ୍ଧି ଏବଂ ଭାରତରେ ଇକମର୍ସ ବ୍ରାଣ୍ଡଗୁଡିକ ପାଇଁ ଜୋନାଲ କଭରେଜ କ୍ଷେତ୍ରରେ ୪୦% ବୃଦ୍ଧିକୁ ସକ୍ଷମ କରିଛି। ଇକାର୍ଟ ନିକଟରେ ଶେଷ ହୋଇଥିବା ପାର୍ବଣ ଋତୁରେ ସ୍ନାପଡିଲ, ରୋପୋସୋ, ଲିବାସ, ନାପ୍‌ତୋଲ, ସାସାଫ୍ରାସ ଓ ହୋମ୍ ସେଂଟର ଭଳି ଅନେକ ବୃହତ ବ୍ରାଣ୍ଡ ଓ ବ୍ୟବସାୟଗୁଡିକ ପାଇଁ ଏକ ପ୍ରମୁଖ ଲଜିଷ୍ଟିକ୍ସ ପାର୍ଟନର ଥିଲା, ଯାହା ସେମାନଙ୍କୁ ଶୀର୍ଷ ଚାହିଦା ଥିବା ଋତୁରେ ସପରମାନଙ୍କୁ ଖୁସି କରିବାରେ ସାହାଯ୍ୟ କରିଥିଲା। ଗତ କିଛି ବର୍ଷ ମଧ୍ୟରେ ଇକାର୍ଟର ମନିଟାଇଜେଶନ ପ୍ରୟାସ ଗ୍ରାହକ ଆଧାରକୁ ୧୦ ଗୁଣ ବୃଦ୍ଧି କରିଛି, ଯେଉଁଠାରେ ଶିଳ୍ପ ବାର୍ଷିକ ଆଧାରରେ ପ୍ରାୟ ୫ରୁ ୧୦% ବୃଦ୍ଧି ପାଇଛି। ଏ ସମ୍ପର୍କରେ ଇକାର୍ଟର ମୁଖ୍ୟ ବାଣିଜ୍ୟ ଅଧିକାରୀ ମଣି ଭୂଷଣ କହିଛନ୍ତି, ଆମର ଅଭିବୃଦ୍ଧି କାହାଣୀ କେବଳ ସଂଖ୍ୟା ସମ୍ପର୍କିତ ନୁହେଁ ବରଂ ବ୍ରାଣ୍ଡ ଓ ଉପଭୋକ୍ତାଙ୍କ ପାଇଁ ଆମେ ସୃଷ୍ଟି କରିଥିବା ମୂଲ୍ୟ ସହ ଜଡିତ ଅଟେ। ଇକାର୍ଟର କ୍ଷମତାଗୁଡିକ ଭାରତର ପରିବହନ ଶିଳ୍ପର ଅପାର କ୍ଷମତାକୁ ପ୍ରତିଫଳନ କରୁଛି ଏବଂ ଆମେ ଏହାର ବିବର୍ତ୍ତନରେ ଯୋଗଦାନ ଦେଇ ଗର୍ବିତ। ଇକାର୍ଟରେ ଆମେ ବିଶ୍ୱାସ କରୁଛୁ ଯେ, ସମଗ୍ର ଯୋଗାଣ ଶୃଙ୍ଖଳାକୁ ଭଲ ଭାବରେ ବୁଝିବା ଓ ଦକ୍ଷତାକୁ ନିରନ୍ତର ଭାବେ ଅନୁକରଣ କରିବା, ଆମେ ସେବା ଯୋଗାଉଥିବା ବ୍ରାଣ୍ଡ ଓ ଭାରତର ଲଜିଷ୍ଟିକ ଇକୋସିଷ୍ଟମ ପାଇଁ ଏକ ପ୍ରମୁଖ ପାର୍ଥକ୍ୟକାରୀ ଓ ସକ୍ଷମକାରୀ ଅଟେ। ଏଣ୍ଡ-ଟୁ-ଏଣ୍ଡ ସମାଧାନ ପାଇଁ ଗୋଟିଏ ବିଶ୍ୱସ୍ତ ପାର୍ଟନର ସହ କାର୍ଯ୍ୟ କରି ଦକ୍ଷତା, ବର୍ଦ୍ଧିତ ପହଂଚ, ବେଗ ଓ ଉନ୍ନତ ଲାଭଦାୟକତା ମାଧ୍ୟମରେ ନିଜର ଟପ୍‌ଲାଇନକୁ ବିସ୍ତାର କରିବା ପାଇଁ ଯୋଗାଣ ଶୃଙ୍ଖଳା ମୂଲ୍ୟକୁ ଉନ୍ମୋଚନ କରିବାକୁ ଚାହୁଁଥିବା ବ୍ରାଣ୍ଡଗୁଡିକ ପାଇଁ ଇକାର୍ଟ ଏକ ନିର୍ଭରଯୋଗ୍ୟ ବିକଳ୍ପରେ ପରିଣତ ହୋଇଛି।

## କୋଟାକ ଟ୍ରାନ୍ସପୋର୍ଟେସନ୍ ଆଣ୍ଡ ଲଜିଷ୍ଟିକ୍ସ ଫଣ୍ଡ୍ ଉନ୍ମୋଚିତ

ମୁମ୍ବାଇ: କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ପରିବହନ ଓ ଲଜିଷ୍ଟିକ୍ସ ବିଷୟବସ୍ତୁକୁ ଅନୁସରଣ କରି ଏକ ଓପନ-ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ଟ୍ରାନ୍ସପୋର୍ଟେସନ ଆଣ୍ଡ ଲଜିଷ୍ଟିକ୍ସ ଫଣ୍ଡ୍ ଶୁଭାରମ୍ଭ ସମ୍ପର୍କରେ ଉଲ୍ଲାସର ସହିତ ଘୋଷଣା କରିଛି। ଏହି ନିୟୁ ଫଣ୍ଡ୍ ଅଫର ସବ୍‌ସ୍କ୍ରିପସନ ସୋମବାର ଉନ୍ମୁକ୍ତ ହୋଇଛି ଏବଂ ଡିସେମ୍ବର ୯ରେ ବନ୍ଦ ହେବ। ନୀଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କେଏମ୍‌ଏଏମ୍‌ସି କହିଛନ୍ତି, କୋଟକ ଟ୍ରାନ୍ସପୋର୍ଟେସନ ଆଣ୍ଡ ଲଜିଷ୍ଟିକ୍ସ ଫଣ୍ଡ୍ ଶୁଭାରମ୍ଭ ସହିତ ଆମେ ନିବେଶକଙ୍କୁ ଭାରତର ଦ୍ରୁତ ରୂପାନ୍ତରଣଶୀଳ ପରିବହନ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଅଂଶଗ୍ରହଣ କରିବାକୁ ସୁଯୋଗ ଯୋଗାଇ ଦେଉଛୁ। ମୁଣ୍ଡପିଛା ଜିଡିପି ବୃଦ୍ଧି ଦ୍ୱାରା ଯାନବାହନ ମାଲିକାନା ସଂଖ୍ୟା ବୃଦ୍ଧି ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାରକାରୀ ଇନରୁ ବିଦ୍ୟୁତ୍ ଇନକୁ ରୂପାନ୍ତରଣ ଏବଂ ମୁଣ୍ଡପିଛା ଜିଡିପିରେ ବୃଦ୍ଧି ଦ୍ୱାରା ଏହି ଅଭିବୃଦ୍ଧିକୁ ଶକ୍ତି ମିଳୁଛି। ହର୍ଷ ଉପାଧ୍ୟାୟ, ଚିଫ ଇନଭେଷ୍ଟମେଣ୍ଟ ଅଫିସର-ଇକ୍ୱିଟି ଆଣ୍ଡ ଫଣ୍ଡ୍ ମ୍ୟାନେଜର, କେଏମ୍‌ଏଏମ୍‌ସି କହିଛନ୍ତି, ନ୍ତପରିବହନ ଓ ଲଜିଷ୍ଟିକ୍ସ କ୍ଷେତ୍ର ବର୍ଦ୍ଧିତ ଉପଭୋକ୍ତା ଆହରଣ, ବର୍ଦ୍ଧିତ ମୁଣ୍ଡପିଛା ଜିଡିପି, ଇ-କମର୍ସରେ ଅଭିବୃଦ୍ଧି, ଯାନବାହନ ଓ ଯାନବାହନ-ଆନୁଷଙ୍ଗିକ ବ୍ୟବସାୟ ଆଦି ସମେତ ବହୁଧା ବିଷୟରୁ ଫାଇଦା ପାଇବାକୁ ଯାଉଛି। ଏକ ସୁସଂହତ ଲଜିଷ୍ଟିକ୍ସ ନେଟୱାର୍କ ସୃଷ୍ଟି ଦ୍ୱାରା ପରିବହନ ଖର୍ଚ୍ଚ ହ୍ରାସ କରିବା ଉପରେ ସରକାରଙ୍କର ଦୃଷ୍ଟିନିବଦ୍ଧ କେବଳ ଏହି କ୍ଷେତ୍ରର ଅଭିବୃଦ୍ଧିରେ ସହାୟକ ହେଉନାହିଁ, ତାହାସହିତ ଏଥିମଧ୍ୟକୁ ନୂତନ କମ୍ପାନୀ ପ୍ରବେଶ କରିବା ନିମନ୍ତେ ଆକୃଷ୍ଟ କରୁଛି। ବିଗତ ୫ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ତାଲିକାଭୁକ୍ତ କମ୍ପାନୀଗୁଡିକର ସଂଖ୍ୟାରେ ୪୪% ବୃଦ୍ଧି ଘଟିଛି।

kotak
Mutual Fund

## 'ଲୋରେଞ୍ଜୋ ସର୍ଚ୍ଚ ଫର୍ ଦି ମିନିଂ ଅଫ୍ ଲାଇଫ୍' ପୁସ୍ତକକୁ ସପ୍ତମ ଜେସିବି ପୁରସ୍କାର



ନୂଆଦିଲ୍ଲୀ: ସ୍ୱିକିଂ ଟାଇଗର ବୁକ୍ସ ପକ୍ଷରୁ ପ୍ରକାଶିତ ଉପମାନୁ ଚାଟାର୍ଜୀଙ୍କ 'ଲୋରେଠୋ ସର୍ଚ୍ଚ ଫର୍ ଦି ମିନିଙ୍ଗ୍ ଅଫ୍ ଲାଇଫ୍' ୨୦୨୪ ମସିହାରେ ସାହିତ୍ୟ ପାଇଁ ଜେସିବି ପୁରସ୍କାର ବିଜେତା ହେବା ସହ ୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ବଲ୍ଲଭଗଡ଼ସ୍ଥିତ ଜେସିବି ଇଣ୍ଡିଆ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀର କଳାକାର ଯୋଡ଼ି ଥୁକ୍ରାଲ ଓ ତାଗ୍ରାଙ୍କ ପ୍ରତିମୂର୍ତି 'ମିରର ମେଲଟିଂ' ଶୀର୍ଷକ ଏହି ସମ୍ମାନଜନକ ଟ୍ରଫି ଉପମାନୁ ଚାଟାର୍ଜୀଙ୍କୁ ପ୍ରଦାନ କରାଯାଇଥିଲା। ଜେସିବି ଇଣ୍ଡିଆର ସିଇଓ ତଥା ଏମ୍‌ଡି ଦୀପକ ସେଠୀ ଜେସିବିର ଅଧ୍ୟକ୍ଷ ଲର୍ଡ ବାମଫୋର୍ଡଙ୍କ ତରଫରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଦୀପକ ସେଠୀ କହିଛନ୍ତି, ଭାରତୀୟ ସାହିତ୍ୟର ଭାରତୀୟତାକୁ ପାଳନ କରିବା ଉଦ୍ଦେଶ୍ୟରେ ଲର୍ଡ ବାମଫୋର୍ଡଙ୍କ ଦ୍ୱାରା ସାହିତ୍ୟ ପାଇଁ ଜେସିବି ପୁରସ୍କାରର ପରିକଳ୍ପନା କରାଯାଇଥିଲା। ବର୍ଷ ବର୍ଷ ଧରି ଏହି ପୁରସ୍କାର କିଛି ସାମଗ୍ରିକ କୃତିକୁ ଆକର୍ଷିତ କରିଛି ଏବଂ ଚଳିତ ବର୍ଷ ମଧ୍ୟ କିଛି ଅଲଗା ନୁହେଁ । ସମଗ୍ର ଜେସିବି ପରିବାର ତରଫରୁ ଉପମନ୍ୟୁ ଚାଟାର୍ଜୀଙ୍କ ଲୋରେଠୋ ଜୀବନର ଅର୍ଥ ଖୋଜିବା ପାଇଁ ଅଭିନନ୍ଦନ। ଆଂଚଳିକ ଭାଷାରେ ସମକାଳୀନ ଭାରତୀୟ ସାହିତ୍ୟ ପାଠକମାନଙ୍କୁ ବହୁତ କିଛି ପ୍ରଦାନ କରିବାର ଅଛି । ଉଚ୍ଚମାନର ଅନୁବାଦକୁ ସମର୍ଥନ ଏବଂ ପ୍ରୋତ୍ସାହିତ କରିବାରେ ପ୍ରକାଶକମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଯାହା ଦ୍ୱାରା ଏହି କୃତିଗୁଡ଼ିକ ଉଭୟ ପୁରୁଣା ଏବଂ ଯୁବ ପାଠକଙ୍କ ପାଇଁ ସେମାନଙ୍କ ପସନ୍ଦ ଅନୁଯାୟୀ ପ୍ଲାଟଫର୍ମ ମାଧ୍ୟମରେ ଉପଲବ୍ଧ ହୋଇପାରିବ । ଉଭୟ ଲେଖନ ଓ ସାହିତ୍ୟ ପ୍ରତି ଭାରତର ବିକଶିତ ଆଭିମୁଖ୍ୟ ଆଗକୁ କିଛି ରୋମାଂଚକର ପଠନ ଅନୁଭୂତି ପ୍ରତିଶ୍ରୁତି ଦେଉଛି ବୋଲି ଶ୍ରୀ ସେଠୀ କହିଛନ୍ତି।



ନୂଆଦିଲ୍ଲୀ: ସାଉଦି ଆରବର ଜେଦା ସହରରେ ଆଇପିଏଲ ୨୦୨୫ର ମେଗା ନିଲାମର ପ୍ରଥମ ଦିନ ଅତ୍ୟନ୍ତ କୌତୁହଳପୂର୍ଣ୍ଣ ଥିଲା ଯେଉଁଥିରେ ସମସ୍ତ ଫ୍ରାଞ୍ଚାଇଜ ପ୍ରତିନିଧିମାନେ ନିଲାମରେ ବିଡ୍ କରିବାକୁ ଆସିଥିଲେ। ଚେନ୍ନାଇ ସୁପର କିଙ୍ଗ୍ସ ଟେବୁଲରେ ଏମ୍ଏସ୍ ଧୋନିଙ୍କୁ ଦେଖାଯାଇ ନଥିଲା, କିନ୍ତୁ ସେ ଏହି ଫୋନ୍ କଲରେ ପୂରା ତଦାରଖ କରୁଥିଲେ। ଧୋନି ପରଦା ପଛରେ ରହି ଦଳ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଥିଲେ। ଚେନ୍ନାଇ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଛି ଯେଉଁଥିରେ ଡ୍ୱେନ ବ୍ରାଭୋ ଏମ୍ଏସ୍ ଧୋନିଙ୍କ ସହ କଲ୍ କରୁଥିବା ବେଳେ ନଜର ଆସିଥିଲେ। ଏଭଳି ପରିସ୍ଥିତିରେ ଆପଣ କହିପାରିବେ ଯେ ନିଲାମରେ କିଣାଯାଇଥିବା ଖେଳାଳିଙ୍କ ପଛରେ ଥାଲାଙ୍କ ମୁଣ୍ଡ ବ୍ୟବହାର କରାଯାଉଛି। ବାସ୍ତବରେ ନିଲାମର ପ୍ରଥମ ଦିନରେ ଚେନ୍ନାଇ ମୋଟ ୭ ଖେଳାଳି କିଣିଛି, ଯେଉଁଥିରେ ସେମାନେ ରାଚିନ୍ ରବିନ୍ଦ୍ରଙ୍କ ପାଇଁ ରାଇଟ୍ ଟୁ ମ୍ୟାଚ୍ ଅଧିକାର ବ୍ୟବହାର କରିଥିଲେ। ଚେନ୍ନାଇ ମାଧ୍ୟମରେ କିଣାଯାଇଥିବା ୭ଜଣ ଖେଳାଳିଙ୍କ ମଧ୍ୟରେ ୩ ବିଦେଶୀ ଖେଳାଳିଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଚେନ୍ନାଇ ଏହି ଖେଳାଳି କିଣିବାରେ ୩୯.୪୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ସମ୍ପ୍ରତି ଫ୍ରାଞ୍ଚାଇଜରେ ୧୨ଟି ସ୍ଲଟ୍ ଖାଲିଛି । ଚେନ୍ନାଇ ନୁର ଅହମ୍ମଦ, ରବିଚନ୍ଦ୍ରନ ଅଶ୍ୱିନ, ଡିଭନ୍ କନୱେ, ସୟଦ ଖଲିଲ ଅହମ୍ମଦ, ରାଚିନ୍ ରବିନ୍ଦ୍ର (ଆରଟିଏମ୍), ରାହୁଲ ତ୍ରିପାଠୀ, ବିଜୟ ଶଙ୍କରଙ୍କୁ କିଣିଥିବାବେଳେ ଚେନ୍ନାଇ ନିଲାମ ପୂର୍ବରୁ ମୋଟ ୫ଖେଳାଳିଙ୍କୁ ରିଟେନ କରାଯାଇଥିଲା, ଯେଉଁଥିରେ ରୁତୁରାଜ ଗାଇକୱାଡ, ମାଥିଶା ପାଥିରାନା, ଶିବମ ଦୁବେ, ରବିନ୍ଦ୍ର ଜାଡେଜା ଏବଂ ଏମଏସ ଧୋନି ରହିଥିଲେ।

ବର୍ଡର-ଗାଭାସ୍କର ଟ୍ରଫି

# ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ବିଶାଳ ବିଜୟ

## ଘରୋଇ ମାଟିରେ କଙ୍ଗାରୁ ଟିମ୍‌କୁ ହରାଇ ୧-୦ ଆଗରେ ଟିମ୍ ଇଣ୍ଡିଆ

ପର୍ଥ: ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଶାଳ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ। ଘରୋଇ ମାଟିରେ କଙ୍ଗାରୁ ବାହିନୀ ୨୯୫ ରନରେ ପରାସ୍ତ ହୋଇଛନ୍ତି। ଫଳରେ ଏହି ଟେଷ୍ଟ ସିରିଜରେ ୧-୦ରେ ଆଗରେ ରହିଛି ଭାରତ। ଅଷ୍ଟ୍ରେଲିଆର ପର୍ଥରେ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳା ଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ପ୍ରଥମ ଇନିଂସରେ ଦଳ ମାତ୍ର ୧୫୦ ରନରେ ଅଲ୍ ଆଉଟ୍ ହୋଇ ଯାଇଥିଲା। ଫଳରେ ଏକ ଲଜ୍ଜାଜନକ ପରାଜୟର ଆଶଙ୍କା କରାଯାଉଥିଲା। ମାତ୍ର ବୋଲର ଆଶାର ସଞ୍ଚାର ସୃଷ୍ଟି କରିଥିଲେ। ଘରୋଇ ଦଳକୁ ପ୍ରଥମ ଇନିଂସରେ ୧୦୪ ରନରେ ଅଲ୍ ଆଉଟ୍ କରାଇ ନେଇଥିଲେ। ଏଥିରେ ଯଶପ୍ରୀତ ବୁମରାଙ୍କୁ ୫ଟି ୱିକେଟ୍ ମିଳିଥିବା ବେଳେ ନୀତିଶ ରେଡ୍ଡୀଙ୍କୁ ୩ଟି ଏବଂ ମହମ୍ମଦ ସିରାଜଙ୍କୁ ୨ଟି ୱିକେଟ ମିଳିଥିଲା। ଏହାପରେ ଦ୍ୱିତୀୟ ପାଳିରେ ଯାଦୁ ଦେଖାଇଥିଲେ ବ୍ୟାଟର୍। ଷ୍ଟାର୍ ଓପନର୍ ଯଶସ୍ୱୀ ଜୈସ୍ୱାଲ ୧୬୧ ରନର ବଡ଼ ପାଳି ଖେଳିଥିଲେ। ତାଙ୍କ ସହ ଓପନିଂ କରିଥିବା କେଏଲ ରାହୁଲ ମଧ୍ୟ ୭୭ ରନ୍ କରିଥିବାବେଳେ ବିରାଟ କୋହଲି ଅପରାଜିତ ରହି ଶତକୀୟ ପାଳି ଖେଳିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ନୀତିଶ ରେଡ୍ଡୀ ୩୮ (ଅପରାଜିତ), ୱାଶିଂଟନ ସୁନ୍ଦର ୨୯, ଦେବଦତ୍ତ ପାଡିକଲ ୨୫ ରନ୍ କରିଥିଲେ ଏବଂ ଋଷଭ ପନ୍ତ ଓ ଧ୍ରୁବ୍ ଜୁରେଲ ଯଥାକ୍ରମେ ଗୋଟିଏ ଲେଖାଏଁ ରନ୍ କରି ଆଉଟ୍ ହୋଇ ଯାଇଥିଲେ। ୬ ୱିକେଟ୍ ବିନିମୟରେ ୪୮୭ ରନ୍ କରି ପାଳି ଘୋଷଣା କରିଥିଲା ଟିମ୍ ଇଣ୍ଡିଆ। ଫଳରେ କଙ୍ଗାରୁ ବାହିନୀ ଆଗରେ ୫୩୪ ରନର ଟାର୍ଗେଟ ରହିଥିଲା। ଦ୍ୱିତୀୟ ପାଳିରେ ବି ଭାରତୀୟ ବୋଲରଙ୍କ ସାମ୍ନା କରିପାରି ନଥିଲା କଙ୍ଗାରୁ ବାହିନୀ। ଦଳ ଖାତା ଖୋଲି ନ ଥିବାବେଳେ ପ୍ରଥମ ୱିକେଟ୍ ହରାଇଥିଲା ଅଷ୍ଟ୍ରେଲିଆ। ତୃତୀୟ ଦିନର ଷ୍ଟମ୍ପ୍ ଅପସାରଣ ବେଳକୁ ୩ ୱିକେଟ୍ ବିନିମୟରେ ୧୨ ରନ୍ ସଂଗ୍ରହ କରିଥିଲା କଙ୍ଗାରୁ ବାହିନୀ। ଆଜି ଚତୁର୍ଥ ଦିନରେ ଅବଶିଷ୍ଟ ୱିକେଟ୍ ହରାଇ ୨୨୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଏହି ମ୍ୟାଚକୁ ୨୯୫ ରନର ବିଶାଳ ବ୍ୟବଧାନରେ ଜିତି ନେଇଛି ଟିମ୍ ଇଣ୍ଡିଆ। ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୬ରୁ ଆରମ୍ଭ ହେବ।

## ବିଜୟ ପରେ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ପଏଣ୍ଟ୍ ଟେବୁଲ୍‌ର ଶୀର୍ଷରେ ଭାରତ

ନୂଆଦିଲ୍ଲୀ: କ୍ରମାଗତ ତୃତୀୟ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍ ଫାଇନାଲ ଖେଳିବା ପାଇଁ ଭାରତର ଆଶା ଉଜ୍ଜୀବିତ ରହିଛି। ସୋମବାର ଦଳ ପର୍ଥରେ ଅଷ୍ଟ୍ରେଲିଆକୁ ୨୯୫ରେ ହରାଇ ଐତିହାସିକ ବିଜୟ ହାସଲ କରିଛି। ଏହାପୂର୍ବରୁ ଭାରତୀୟ ଟିମ୍ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ଠାରୁ ୦-୩ରେ ପରାସ୍ତ ହୋଇଥିଲା। ତେବେ ପର୍ଥରେ ଐତିହାସିକ ବିଜୟ ପରେ ଭାରତୀୟ ଟିମ୍ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି। ନ୍ୟୁଜିଲାଣ୍ଡ ସିରିଜ୍ ପୂର୍ବରୁ ଭାରତୀୟ ଟିମ୍ ଶୀର୍ଷରେ ରହିଥିଲା। କିନ୍ତୁ ୦-୩ରେ ସିରିଜ୍ ହାରିବା ପରେ ଦ୍ୱିତୀୟ ସ୍ଥାନକୁ ଖସି ଯାଇଥିଲା। ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚି ଯାଇଥିଲା। ହେଲେ ଭାରତ ଏବେ ବର୍ଡର-ଗାଭାସ୍କର ଟେଷ୍ଟର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇ ବଡ଼ ସଫଳତା ପାଇଛି। ବିଜୟ ପ୍ରତିଶତ ୬୧.୧୧ ସହ ଭାରତୀୟ ଟିମ୍ ଏବେ ଶୀର୍ଷରେ ପହଞ୍ଚିଥିବ ବେଳେ ୫୭.୬୯ ବିଜୟ ପ୍ରତିଶତ ସହ ଅଷ୍ଟ୍ରେଲିଆ ଦ୍ୱିତୀୟରେ ରହିଛି। ଶ୍ରୀଲଙ୍କା ୫୫.୫୬% ସହ ତୃତୀୟ, ୫୪.୫୫% ସହ ନ୍ୟୁଜିଲାଣ୍ଡ ୪ର୍ଥ ଓ ୫୪.୧୭% ସହ ଦକ୍ଷିଣ ଆଫ୍ରିକା ୫ମ ସ୍ଥାନରେ ରହିଛି। ଭାରତ ଯଦି ବର୍ଡର ଗାଭାସ୍କର ଟ୍ରଫିକୁ ୪-୦ରେ ଜିତି ନେବ, ତା'ହେଲେ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ପ୍ରଥମ ଟେଷ୍ଟ ଆଜି ଶେଷ ହୋଇଥିବା ବେଳେ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ।

ଦ୍ୱି-ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

## ପ୍ରିନ୍ସ ବ୍ରଦରକୁ ହରାଇ ଜୁରାବଗା ଚାମ୍ପିଅନ୍



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ଚାନ୍ଦିନୀମାଳ ପଞ୍ଚାୟତ ଅନ୍ତର୍ଗତ ବରପାଲି ଗ୍ରାମରେ ସୁବର୍ଣ୍ଣ ଜୟନ୍ତୀ ଗୋକୁଳାଷ୍ଟମୀ ଯାତ୍ରା ଉପଲକ୍ଷେ ଦ୍ୱି-ଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଜିର ଫାଇନାଲ ଖେଳ ଜୁରାବଗା ଓ ପ୍ରିନ୍ସ ବ୍ରଦର ରଣକଟା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଜୁରାବଗା ଦଳ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଜଗନ୍ନାଥ ଯୁବକ ସଂଘର ସଭାପତି ହେମନ୍ତ ବଗାରଙ୍କ ସଭାପତିତ୍ୱରେ ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାଏକ, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ଗୌରମାଲ ସରପଞ୍ଚ ରାଜକୁମାର ସାଏ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ୍, ପୂର୍ବତନ ଜିଲ୍ଲା ପରିଷଦ ହର୍ଷ ଜଗତ, ରା. କଟାପାଲି ଗଣପତି କ୍ଲବ ସଭାପତି ଈଶ୍ୱର ପ୍ରଧାନ, ସମାଜସେବୀ ରାଜୀବ ପାଟ୍ଟଯୋଶୀ, ନରେଶ ପ୍ରଧାନ, ଶିବାଜି ମାଝୀ, ବିଜୟ ଭୋଇ, ଯୁଗେଶ ପ୍ରଧାନ ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିଅନ ଜୁରାବଗା ଦଳକୁ ଟ୍ରଫି ସହିତ ୩୦,୦୦୦ ହଜାର ଟଙ୍କା ଓ ଉପବିଜେତା ପ୍ରିନ୍ସ ବ୍ରଦର ରଣକଟା ଦଳକୁ ଟ୍ରଫି ସହିତ ୨୦,୦୦୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ରଣକଟା ଦଳର କିଶୋର ଖଡିଆଙ୍କୁ ଶ୍ରେଷ୍ଠ ଖେଳାଳି, ନରେଶ କର୍ତ୍ତା ମ୍ୟାନ ଅଫ୍ ଦି ମ୍ୟାଚ୍, ଟଙ୍କଧର ବାଗ ଶ୍ରେଷ୍ଠ ଫରୱାର୍ଡ, ଶ୍ରେଷ୍ଠ ଗୋଲକିପର ଜୁରାବଗା ଦଳର ନରେଶ କର୍ତ୍ତା, ଶ୍ରେଷ୍ଠ ଡିଫେନ୍ସ ଭାବେ ଅନିଲ ଜଗତ, ପ୍ରତିଯୋଗିତାର ଅନୁଶାସନ ଦଳ ଭାବେ ଜୁରାବଗା ଦଳକୁ ପୁରସ୍କୃତ କରାଯାଇଥିଲା। ହେମନ୍ତ ଧୁରୁଆ ମଞ୍ଚ ପରିଚାଳନା କରିଥିଲେ। ନବୀନ ଦେଓ, ଅନୁଜ ଡିଜି, ପଦ୍ମ ଭଇଁଷା, ଯଦୁମଣି ନାଏକ, କ୍ଷୀରୋଦ ଗର୍ଡିଆ, ଅରୁଣ ପ୍ରଧାନ, ଅରୁଣ ମିର୍ଦ୍ଧା, କିଶୋର ମାଝୀ, ମେଘନାଥ ଓରାମ ଖେଳ ପରିଚାଳନା କରିଥିଲେ। ରେଫରି, ଆୟୋଜକ ଓ ଭୋଲେଣ୍ଟିୟର ମାନଙ୍କୁ ମଧ୍ୟ ମେଡାଲ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଶେଷରେ ଜୟରାମ ବଗାର ଧନ୍ୟବାଦ୍ ଅର୍ପଣ କରିଥିଲେ। ଜଗନ୍ନାଥ ଯୁବକ ସଂଘର ସଦସ୍ୟ ରମା ପ୍ରଧାନ, ଆକାଶ ପୋଢ଼, କେଶବ ବିଶି, ଉଦିତ ମାଝୀ, ବାବୁଲୁ ବଢ଼ାଇ, ଠାକୁର ପ୍ରଧାନ, ଉମେଶ ବଢ଼ାଇ, ଆକାଶ ଦୋରା, ବିକାଶ ପୋଢ଼, ଅଶୋକ ଭୋଇ, ଉଦ୍ଧବ ସେଟ, ପପୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଦିଗାମ୍ବର ପାତ୍ର ସ୍ମାରକୀ କ୍ରିକେଟ୍, ସୋହାଗପୁର ବିଜୟୀ



ନର୍ଲା (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଘଣ୍ଟମାଳ ପଞ୍ଚାୟତ କେଶପଲା ଠାରେ ଦିଗାମ୍ବର ପାତ୍ର ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଫାଇନାଲ ମ୍ୟାଚ୍ ସହିତ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ରୁପ୍ରା ଓ ଜୟ କୋଶଲ ଦଳ, ଆଉରିଂ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ରୁପ୍ରା ଦଳ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ନର୍ଲା ଓ ସୋହାଗପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସୋହାଗପୁର ଦଳ ବିଜୟୀ ହୋଇଥିଲା। ଏହାପରେ ରୁପ୍ରା ଓ ସୋହାଗପୁର ଦଳ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସୋହାଗପୁର ଦଳ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ବିନିମୟରେ ୫୮ ରନ ସଂଗ୍ରହ କରିଥିଲା। ଜବାବରେ ରୁପ୍ରା ଦଳର ଖେଳାଳିମାନେ ୫୯ ରନର ପିଛା କରି ୭.୪ ଓଭରରେ ୪୦ ରନ ସଂଗ୍ରହ କରି ଅଲଆଉଟ୍ ହୋଇଥିଲେ। ଏଥିରେ ସୋହାଗପୁର ଦଳ ବିଜୟୀ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ନର୍ଲା ବ୍ଲକ ସମିତି ସଭ୍ୟ ସଂଘର ସଭାପତି ତଥା ଶାନ୍ତପୁର ସମିତିସଭ୍ୟ ଜୟ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ଘଣ୍ଟମାଳ ନାଏବ ସରପଞ୍ଚ ସାବିତ୍ରୀ ପୁଝାରୀ, ବରିଷ୍ଠ ନାଗରିକ ମାଣିକ ପାତ୍ର, ପୁରୁଷୋତ୍ତମ ପାତ୍ର, ୱାର୍ଡସଭ୍ୟା ସୁଜାତା ପୁଝାରୀ, ଯୁବ ସମାଜସେବୀ ବୃନ୍ଦାବନ ଯୋଶୀ, ପ୍ରଭାତରଞ୍ଜନ ବେହେରା, ପିଣ୍ଟୁ ପତି ପ୍ରମୁଖ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ସେହିପରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସୋହାଗପୁର ଦଳର ବୋଲର ମହେନ୍ଦ୍ର (୫ ୱିକେଟ୍), ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ସୋହାଗପୁର ଦଳର ବ୍ୟାଟ୍ସମ୍ୟାନ ଶଙ୍କର (୪ ମ୍ୟାଚ, ୧୫୩ ରନ୍)ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚକୁ ଘନଶ୍ୟାମ ସାହୁ ଓ ଶାନ୍ତନୁ ସେଠୀ ପରିଚାଳନା କରିଥିବା ବେଳେ ବାସୁଦେବ ପାତ୍ର ସ୍କୋରର ଓ ସରୋଜ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ଶ୍ରୀରାମ କ୍ରିକେଟ କ୍ଲବର ସଭାପତି ଜୟନ୍ତ ପାତ୍ର, ଉପସଭାପତି ରୋହିତ କୁମାର ପାତ୍ର, କମିଟିର ସଦସ୍ୟ ନୀଲେଶ କୁମାର ପାତ୍ର, ତାରଣ ପାତ୍ର, ଧନେଶ୍ୱର ପାତ୍ର, ଅଲେଖ ଗଉଡ଼, ଲୋକେଶ ପୋଢ଼, ଜୟକୃଷ୍ଣ ପୋଢ଼, ହେମନ୍ତ ପୋଢ଼, ପରମାନନ୍ଦ ପୁଝାରୀ, ବୀରେନ୍ଦ୍ର ପୁଝାରୀ, ପୂର୍ଣ୍ଣଚନ୍ଦ୍ର ପୁଝାରୀ, ପ୍ରଶାନ୍ତ ପୁଝାରୀ, ସୀମାଦ୍ରୀ ବାରିକ, ଅଶ୍ୱିନୀ ପୋଢ଼, ଭବିତ ପାତ୍ର, ଦେବହରି ପାତ୍ର, ପ୍ରକାଶ ପୋଢ଼, ବିଭୀଷଣ ପୋଢ଼ଙ୍କ ସମେତ କେଶପଲା ଗ୍ରାମବାସୀ ସହଯୋଗ କରିଥିଲେ।

କୁଶପଲା ସିରିଜ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଅଠରାଙ୍ଗ, ବୈଦେଶ୍ୱର ସେମିରେ

ବୋଲଗଡ଼ (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ସିରିଜ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଷଷ୍ଠ ଦିବସରେ ଅନ୍ତିମ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଥମ ପର୍ଯ୍ୟାୟରେ ଦେଉଳି ଅଠରାଙ୍ଗ କ୍ରିକେଟ ଦଳ ଓ କୁଶପଲା କ୍ରିକେଟ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅଠରାଙ୍ଗ କ୍ରିକେଟ ଦଳ ଟସ୍ ଜିତି ବ୍ୟାଟିଂ କରି ୧୬୪ ରନ ସଂଗ୍ରହ କରିଥିବା ବେଳେ ଜବାବରେ କୁଶପଲା କ୍ରିକେଟ ଦଳ ୧୬୨ ରନ ସଂଗ୍ରହ କରି ପରାଜୟ ବରଣ କରିଛି। ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ସମାଜସେବୀ



ଅଭିନନ୍ଦନ ବେହେରା ଓ ପ୍ରତାପ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଖେଳ ବୈଦେଶ୍ୱର କ୍ରିକେଟ୍ କ୍ଲବ ଓ ଭାଲିଆବାଡି କ୍ରିକେଟ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈଦେଶ୍ୱର କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୧୦ ୱିକେଟ ହରାଇ ୧୪୧ ରନ ସଂଗ୍ରହ କରିଥିବା ବେଳେ ଭାଲିଆବାଡି କ୍ରିକେଟ କ୍ଲବ ୧୨୪ ରନ ସଂଗ୍ରହ କରି ପରାଜୟ ବରଣ କରିଛି। ଖେଳକୁ ଅମ୍ପାୟାର ରମାକାନ୍ତ ପାତ୍ର ପରିଚାଳନା କରିଥିବା ବେଳେ ଅନୱର ଖାନ ସହଯୋଗ କରିଥିଲେ।

## ଅଧିନାୟକ ପଦକୁ ନେଇ ବଡ଼ ଘୋଷଣା କଲା ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ: ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୨୦୨୫ ସଂସ୍କରଣରେ କିଏ ଅଧିନାୟକ ହେବେ, ତା'କୁ ନେଇ ବଡ଼ ଘୋଷଣା କରାଯାଇଛି। ଅଧିନାୟକ ପଦ ହାସଲ କରିବା ଦୌଡ଼ରେ ଅକ୍ଷର ପଟେଲଙ୍କ ସହ କେଏଲ ରାହୁଲ ରହିଛନ୍ତି। ଅକ୍ଷର ପଟେଲଙ୍କୁ ଦିଲ୍ଲୀ ମେଗା ଅକ୍ସନ ପୂର୍ବରୁ ୧୬.୫୦ କୋଟି ଟଙ୍କାରେ ରିଟେନ କରିଥିଲା। ଅକ୍ସନର ପ୍ରଥମ ଦିନରେ ଦିଲ୍ଲୀ କେଏଲ ରାହୁଲଙ୍କୁ ୧୪ କୋଟି ଟଙ୍କାରେ କିଣିଛି। ତେଣୁ ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କ ମଧ୍ୟରୁ ଜଣେ ଦିଲ୍ଲୀର କମାଣ ସମ୍ଭାଳିବେ ବୋଲି କୁହାଯାଉଛି। ଏସବୁ ଭିତରେ ଦିଲ୍ଲୀ କ୍ୟାପିଟାଲ୍ସର କୋ-ଓନର ପାର୍ଥ ଜିନ୍ଦଲ ବଡ଼ ବୟାନ ଦେଇଛନ୍ତି। ତାଙ୍କ କହିବା କଥା ଯେ ୨୦୨୫ ଆଇପିଏଲରେ ଦିଲ୍ଲୀର ନେତୃତ୍ୱ କେଏଲ ରାହୁଲ ଓ ଅକ୍ଷର ପଟେଲ ନେବେ। ଉଭୟଙ୍କ ଦିଗଦର୍ଶନରେ ଯୁବ ଖେଳାଳିମାନେ ଆଇପିଏଲ ୨୦୨୫ର ମ୍ୟାଚ୍‌ଗୁଡ଼ିକ ଖେଳିବେ ବୋଲି ସେ କହିଛନ୍ତି। ଜିନ୍ଦଲ ଗୋଟିଏ ପ୍ରେସ ବିବୃତିରେ କହିଛନ୍ତି, ଆମେ ଟପ୍ ଅର୍ଡରରେ ସ୍ଥିରତା ଚାହୁଁଛୁ। ଆମକୁ ଏମିତି ଜଣେ ଖେଳାଳି ଦରକାର ଥିଲେ, ଯିଏ ଇନିଂସକୁ ଆଗକୁ ନେଇପାରିବେ। କେଏଲ ରାହୁଲଙ୍କ ଆଇପିଏଲ ରେକର୍ଡ କହୁଛି ଯେ ସେ ସ୍ଥିରତା ଦେଖାଇ ସବୁ ସଂସ୍କରଣରେ ୪୦୦ରୁ ଅଧିକ ରନ୍ କରିଛନ୍ତି। କୋଟଲା ୱିକେଟ୍ ତାଙ୍କ ଖେଳକୁ ବେସ ସୁହାଇବ। ଆମେ ତାଙ୍କ ପାଇଁ ବେଶ ଉତ୍ସାହିତ। ଆମ ପାଖରେ ଗୋଟିଏ ଯୁବ ବ୍ୟାଟିଂ ଲାଇନ ଅପ ରହିଛି। ଉଭୟ କେଏଲ ଓ ଅକ୍ଷର ସେମାନଙ୍କ ନେତୃତ୍ୱ ନେବେ ଓ ସେମାନଙ୍କୁ ବାଟ ଦେଖାଇବେ। କେଏଲଙ୍କ ବ୍ୟାଟିଂ ଓ ଅଭିଜ୍ଞତା ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେବେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ କିଏ ହେବେ, ସେନେଇ ଜିନ୍ଦଲ କିଛି ବି ସ୍ୱଷ୍ଟ ଭାବେ କହି ନାହାନ୍ତି। ତଥାପି ରାହୁଲ ଦିଲ୍ଲୀର କମାଣ ସମ୍ଭାଳିବେ ବୋଲି କୁହାଯାଉଛି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

अल्पकालीन ई–निविदा आमंत्रण सूचना

संख्या – EE/RDSD/LATEHAR/23/2024-25

1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड महुआडांड़ एवं गारू को जोड़ने हेतु हेठडीह से तिसिया के बीच टेटुक नदी पर पुल निर्माण। | 38137100 | 762800 | 10,000 | 18 माह |
| 2 | लातेहार जिलान्तर्गत प्रखण्ड बालूमाथ पंचायत गणेशपुर अन्तर्गत ग्राम गणेशपुर में पथलोटिया नदी में पुल निर्माण | 30457200 | 609200 | 10,000 | 18 माह |

2. वेबसाइट में निविदा प्रकाशन की तिथि – 02.12.2024
3. ई–निविदा प्राप्ति की तिथि एवं समय – दिनांक 02.12.2024 से दिनांक 16.12.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –18.12.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार

PR 340299 Rural Development(24-25).D


## ପ୍ରଥମ ନକ୍‌ଆଉଟ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ଚାମ୍ପିଅନ୍ ହର୍ ହର୍ ମହାଦେବକୁ ୧ ଲକ୍ଷ ୨୦ ହଜାର ଟଙ୍କା ପୁରସ୍କାର

କେନ୍ଦୁଝର (ଭାସ୍କର ନ୍ୟୁଜ୍): ବାବା ପାଟେଶ୍ୱର ଯୁବକ ସଂଘ ସୁଆକାଟି ଆନୁକୂଲ୍ୟରେ ରଞ୍ଜିତ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରଥମ ନକ୍‌ଆଉଟ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଶୁଆକାଟି ଓଏମସି ଷ୍ଟାଡିୟମ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏହି ଫୁଟବଲ ପ୍ରତିଯୋଗିତା ୨୨ ତାରିଖ ଠାରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ତିନିଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୨ଟି ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ଏହି ଅଞ୍ଚଳରେ ଫୁଟ୍‌ବଲ୍ ଖେଳ ପ୍ରତି ଆଗ୍ରହ ରଖୁଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗଦେଇ ଏହି ପ୍ରତିଯୋଗିତା ଆୟୋଜକଙ୍କ ଦ୍ୱାରା ବହୁତ ସୁନ୍ଦର ଭାବେ ଆୟୋଜନ ହେବା ସହିତ ଶାନ୍ତିଶୃଙ୍ଖଳାର ସହିତ ସମାପ୍ତ ହେଇଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଖେଳରେ ହାର୍‌ଜିତ୍ ଅଛି ତେଣୁ ଉଭୟ ଦଳର ଖେଳାଳିଙ୍କୁ ସେ ଏହି ଅବସରରେ ଅଭିନନ୍ଦନ ଜଣାଇଥିଲେ। ଫାଇନାଲ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିଗ୍ରହଣ କରି ଚାମ୍ପିଅନ୍ ଭାବେ ବିବେଚିତ ହୋଇ ଟ୍ରଫି ସହିତ ୨ ଲକ୍ଷ ୨୦ ହଜାର ଟଙ୍କା ହରହର ମହାଦେବ ଇଚିଣ୍ଡା ଦଳ ପ୍ରଥମ ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ପୁରସ୍କାର ଜୟ ମା' ଦୁର୍ଗା, ତଳକଇଁସାରି ଦଳ ବିବେଚିତ ହୋଇ ଟ୍ରଫି ସହିତ ନଗଦ ୮୦ ହଜାର ଟଙ୍କା ପାଇ ପୁରସ୍କୃତ ହୋଇଥିଲେ। ସେହିପରି ତୃତୀୟ ପୁରସ୍କାର ରାଇସୁଆଁ ଏଫ୍‌ସି ଦଳ ଟ୍ରଫି ସହ ୫୦ ହଜାର ଟଙ୍କା, ଚତୁର୍ଥ ପୁରସ୍କାର ମା ସେରାବାଲି ଏଫ୍‌ସି ଦଳ ଟ୍ରଫି ସହ ଚାଳିଶ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବେଷ୍ଟ୍ ଡ଼ିଫେଣ୍ଡେର ଭାବେ ବିର୍ଜୁ ପାତ୍ର, ବେଷ୍ଟ ଗୋଲକିପର୍ ଭାବେ ଜିତେନ ଲୋହାର, ବେଷ୍ଟ ପ୍ଲେୟର ଭାବେ ଶଙ୍କର ମାଝୀଙ୍କୁ ଟ୍ରଫି ଦେଇ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଏହି ଖେଳକୁ ରାଜ କୁମାର ପାଣିଗ୍ରାହୀ, ବରୁଣ ବେହେରା, ପପୁ ବାସ୍କେ, ସୁନୀଲ ମହାନ୍ତ, ରଞ୍ଜିତ ସେମେୟା ରେଫରି ଭାବେ ପରିଚାଳନା କରିଥିଲେ। ମିଷ୍ଟର ଜନ, ମିଷ୍ଟର ସାନ୍ତୁନୁ, ମିଷ୍ଟର ସବିର ସମ୍ପୂର୍ଣ୍ଣ ଖେଳରେ ଭାଷ୍ୟକାର ଭାବେ ଧାରା ବିବରଣୀ ଦେଇ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ବାଂଶପାଳ ପ୍ରତିନିଧି ପ୍ରହ୍ଲାଦ ମହାକୁଡ଼, ତେଲକୋଇ ବିଧାୟକଙ୍କ ବାଂଶପାଳ ପ୍ରତିନିଧି ଉମାକାନ୍ତ ବାରିକ, କେନ୍ଦୁଝର ପୌରପାଳିକାର କାଉନସିଲର ମିତା ମହାନ୍ତି, ସୁଆକାଟି ସରପଞ୍ଚ କୌତୁକ ନାଏକ, ତଳକଇଁସାରି ସରପଞ୍ଚ ଶକୁନ୍ତଳା ଦେହୁରୀ, ସମିତି ସଭ୍ୟା ବାସନ୍ତି ବେହେରା, କୁମୁଣ୍ଡି ସରପଞ୍ଚ ଶରତ ଦେହୁରୀ, ଆଦିବାସୀ ନେତା ଶୁକ୍ର ମୁଣ୍ଡା, ସୁଆକାଟି ମଣ୍ଡଳ ସଭାପତି ନିରଞ୍ଜନ ପ୍ରଧାନ, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ସୁଆକାଟି ମଣ୍ଡଳର ସଭାପତି ଦିଲୀପ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳକୁ ସୁଆକାଟିର ସମସ୍ତ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିବା ସହ ବାବା ପାଟେଶ୍ୱର ସଂଘର ସମ୍ପାଦକ ପ୍ରଦୀପ ଗିରି, ଅଜୟ ରଣା, ଅଜିତ ପରିଡା, ପ୍ରଶାନ୍ତ ବାରିକ, ପ୍ରମୋଦ ବାରିକ, ମନୋରଞ୍ଜନ ଖୁଣ୍ଟିଆ, ସନ୍ତୋଷ ମଲିକ, ସଞ୍ଜୟ ଗୋପ, ସରଜ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।





**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

अति अल्पकालीन ई-निविदा आमंत्रण सूचना

ई– निविदा सूचना संख्या – RDD/SD/CHAIBASA/14/2024-25(2nd Call) (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के चक्रधरपुर प्रखण्ड अन्तर्गत केरा पंचायत के जनुमबेड़ा में ब्रहमणी नदी पर पुल निर्माण। | 50797300.00 | 1016000.00 | 10000.00 | 24 माह |
| 2 | पश्चिमी सिंहभूम (चाईबासा) जिला के आनन्दपुर प्रखण्ड अन्तर्गत ग्राम आनन्दपुर बाजार टांड में उच्चस्तरीय पुलिया का निर्माण। | 29920000.00 | 599000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 28.11.2024
3. ई–निविदा प्राप्ति की तिथि एवं समय–दिनांक 28.11.2024 से दिनांक 03.12.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.04.12.2024 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल व्दसपदम डवकम द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/– कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 340270 West Singhbhum (24-25)_D

# ବିବିଧବର୍ଣ୍ଣା



ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନୁସନ୍ଧାନ ଅନୁଯାୟୀ ପିଲାଦିନରେ ନିଦ୍ରାର ଅଭାବ ହେତୁ ଅଧିକାଂଶ ପିଲାମାନଙ୍କର ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ବିଶେଷକରି ସାଇକୋସିସ୍ ହେବାର ଆଶଙ୍କା ଅଧିକ ରହିଥାଏ। ବ୍ରିଟେନର ଏକ ବିଶ୍ୱବିଦ୍ୟାଳୟରେ ୧୨ହଜାର ପିଲାଙ୍କୁ ନେଇ ଏକ ରିସର୍ଚ୍ଚ କରାଯାଇଥିଲା। ଅନୁସନ୍ଧାନ ବେଳେ ସେମାନଙ୍କ ଶୋଇବା ଅବଧି ଉପରେ ନଜର ରଖାଯାଇଥିଲା। ଏହି ସବୁ ପିଲାଙ୍କ ଶୋଇବା ଅବଧି ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଏହାପରେ ୨୪ବର୍ଷ ପରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ କଣ ସବୁ ପ୍ରଭାବ ପଡିଛି ତାହାର ମୂଲ୍ୟାଙ୍କନ କରାଯାଇଥିଲା। ଏହି ଗବେଷଣାର ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇଥିଲା। ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଯେ ଯେଉଁ ପିଲାମାନେ କ୍ରମାଗତ ଭାବରେ କମ୍ ଶୋଇଥାନ୍ତି। ସେମାନେ ବଡ ହେବା ପରେ ସାଇକୋସିସ୍ ହେବାର ଆଶଙ୍କା ଚାରି ଗୁଣା ବଢିଥାଏ। ପ୍ରତିଦିନ ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ଶୋଇବାକୁ ଦିଅନ୍ତୁ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଜାଗ୍ରତ କରାନ୍ତୁ। ଶୋଇବା ପୂର୍ବରୁ ଟିଭି କିମ୍ବା ମୋବାଇଲ୍ ଦେଖାନ୍ତୁ ନାହିଁ। ଯଥାସମ୍ଭବ କମ ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର କରନ୍ତୁ। ଶୋଇବା ପୂର୍ବରୁ ପିଲାଙ୍କ ଚାରିପାଖରେ ଏକ ଶାନ୍ତ ପରିବେଶ ସୃଷ୍ଟି କରନ୍ତୁ ଏବଂ ପ୍ରତିଦିନ ବ୍ୟାୟମ କରନ୍ତୁ। ଭଲ ନିଦ ପାଇଁ ଏସବୁ ଅତ୍ୟନ୍ତ ଜରୁରୀ।

## 'ଛାଭା'ରେ ନଜର ଆସିବେ ଭିକି



ବଲିଉଡରେ ଦିନକୁ ଦିନ ବଢ଼ିଚାଲିଛି ପୌରାଣିକ କାହାଣୀ । ଡିସେମ୍ବର ମାସରେ ମୁକ୍ତି ପାଉଛି ଛତ୍ରପତି ଶିବାଜିଙ୍କ ପୁତ୍ର ଶମ୍ଭୁଜିଙ୍କ ଜୀବନୀଚିତ୍ର 'ଛାଭା' । ଫିଲ୍ମଟିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଭିକି କୌଶଲ। କେବଳ ଇତିହାସ ନିର୍ଭର ସିନେମା ନୁହେଁ, ଭିକି ଆଉ ଗୋଟିଏ ପିରିୟଡ୍ ଡ୍ରାମା ଫିଲ୍ମରେ ମଧ୍ୟ ଦେଖିବାକୁ ମିଳିବେ ବୋଲି ଜଣାପଡିଛି । ସେହି ଫିଲ୍ମରେ ଭିକି ଅବତାର ନିଶ୍ଚିତ ଭାବେ ଦର୍ଶକମାନଙ୍କୁ ଆକର୍ଷିତ କରିବ ବୋଲି ଏବେ ଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଭିକି ଦର୍ଶକମାନଙ୍କୁ 'ପର୍ଶୁରାମ' ଚରିତ୍ରରେ ଦେଖିବାକୁ ମିଳିବେ । ଏହି ଫିଲ୍ମ ସମ୍ବନ୍ଧରେ ଏହାର ନିର୍ମାତାମାନେ ସୂଚନା ଦେଇଛନ୍ତି । ଫିଲ୍ମର ଶୀର୍ଷକ 'ମହାବତାର' । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦୀନେଶ ବିଜନ୍ ଏବଂ ନିର୍ଦ୍ଦେଶନାରେ ଅଛନ୍ତି 'ସ୍ତ୍ରୀ' ଫେମ୍ ଅମର କୌଶିକ୍ । ଉଲ୍ଲେଖଯୋଗ୍ୟ, ହରର କମେଡି ପରେ ପ୍ରଥମ ଥର ପାଇଁ ଅମର କୌଶିକ୍ କୌଣସି ପିରିୟଡ୍ ଡ୍ରାମା ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି । ଏହି ଫିଲ୍ମର ପୋଷ୍ଟରରେ ବିକ୍କିଙ୍କ ଯେଉଁ ଲୁକ୍ ପ୍ରକାଶ୍ୟକୁ ଆସିଛି, ତାହା ଆକର୍ଷଣୀୟ ବୋଲି କୁହାଯାଉଛି । ପେଶିବାହୁଲ୍ୟ ଚେହେରା ଏବଂ କଳାଧଳା ଦୀର୍ଘ କେଶରେ ଦେଖିବାକୁ ମିଳିଛନ୍ତି ଭିକି । ଏହା ସାଙ୍ଗରେ ଲମ୍ବା ଦାଢ଼ି । ଦୁଇ ଆଖିରେ କ୍ରୋଧର ଅଗ୍ନି । ଏହି ଚରିତ୍ର ପାଇଁ ଭିକି ବହୁତ ପରିଶ୍ରମ କରିଥିବା ନେଇ ଜଣାପଡିଛି। ଫିଲ୍ମର ପୋଷ୍ଟରରେ ଭିକିଙ୍କ ଲୁକ୍ ଦେଖି ବଲିଉଡର ଅନେକ ତାରକା ପ୍ରଶଂସା କରିଛନ୍ତି । ଆସନ୍ତା ବର୍ଷ ନଭେମ୍ବର ମାସରୁ 'ମହାବତାର'ର ସୁଟିଂ ଆରମ୍ଭ ହେବ ।

## ଛେନା ମସଲା



କ୍ଷୀର, କଞ୍ଚା ଲଙ୍କା, ଟମାଟୋ କଟା, ପିଆଜ କଟା, ଅଦା ପେଷ୍ଟ, ରସୁଣ ପେଷ୍ଟ, ଗୋଟା ଜିରା, ଗରମ ମସଲା (ଡାଲଚିନି, ଗୁଜୁରାତି ଓ ଜିରାରେ ପ୍ରସ୍ତୁତ), ରିଫାଇନ୍ ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ଲେମ୍ବୁ, ପାଣି ଓ ଧନିଆ ପତ୍ର

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛେନା ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ କ୍ଷୀର ଢାଳି ଚୁଲିରେ ବସାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଫୁଟିଯିବା ପରେ ସେଥିରେ ଲେମ୍ବୁ ରସ ପକାନ୍ତୁ। କ୍ଷୀର ଛିଣ୍ଡି ଛେନା ପ୍ରସ୍ତୁତ ହୋଇଯିବା ପରେ ସେହି ଛେନାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ଏବେ ଚୁଲିରେ ଏକ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଜିରା ପକାନ୍ତୁ। ତା'ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ବାଦାମି ରଙ୍ଗ ହୋଇ ଆସିଲେ ସେଥିରେ କଞ୍ଚା ଲଙ୍କା ଓ ଟମାଟୋ ପକାଇ ଭାଜନ୍ତୁ। ଏହାପରେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଦା ଓ ରସୁଣ ପେଷ୍ଟ ପକାଇ ଭଲଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ ଓ ୨ ମିନିଟ୍ ସେମିତି ଛାଡ଼ି ଦିଅନ୍ତୁ। ମସଲା କଡ଼େଇରେ ନ ଲାଗିବା ପାଇଁ ଅଳ୍ପ ପାଣି ଦେବେ। କିନ୍ତୁ ମସଲା ପାଣିଆ କରିବେନି ଶୁଖିଲା ହିଁ ରଖିବେ। ମସଲା ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛେନାକୁ ଗୁଣ୍ଡକରି ପକାନ୍ତୁ। ତା'ପରେ ତାକୁ ଭଲଭାବେ ଗୋଳାଇ ଦିଅନ୍ତୁ। ମସଲାରେ ଛେନା ଭଲ ଭାବେ ମିଶିଯିବା ପରେ ଚୁଲିରୁ କଡ଼େଇ ଓହ୍ଲାଇ ଦିଅନ୍ତୁ। ତା'ପରେ ତାକୁ ଏକ ପାତ୍ରରେ କାଢ଼ି ଦେଇ ଉପରେ ଅଳ୍ପ ଧନିଆ ପତ୍ର ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଛେନା ମସଲା'। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।





## ଏକ୍ସକୁ ନେଇ ଖୁଲାସା କଲେ ସାମନ୍ଥା

ନଭେମ୍ବର ୨ ରେ ବରୁଣ ଧାୱନ ଏବଂ ସାମନ୍ଥାଙ୍କ ଅଭିନୀତ 'ସିଟାଡେଲ: ହନି ବନି' ମୁକ୍ତିଲାଭ କରିଥିଲା। ଏହି ସିରିଜରେ ଉଭୟ ତାରକାଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଇଥିଲା । ଏହି ସିରିଜ୍ ବହୁତ ଟ୍ରେଣ୍ଡ କରୁଛି ଏବଂ ବର୍ତ୍ତମାନ ପ୍ରଶଂସକମାନେ ଏହାର ପରବର୍ତ୍ତୀ ସିଜିନ ପାଇଁ ମଧ୍ୟ ଦାବି କରୁଛନ୍ତି । ଏହି ସିରିଜ ଭବରୁଣ ଧାୱନ ଏବଂ ସାମନ୍ଥାଙ୍କ ଯୋଡିକୁ ଲୋକମାନେ ବହୁତ ପସନ୍ଦ କରିଛନ୍ତି ।ନିକଟରେ ଆମାଜନ ପ୍ରାଇମ ଉଭୟ ତାରକାଙ୍କର ଏକ ମଜାଳିଆ ଭିଡିଓ ସେୟାର କରିଛି। ଯାହା ଲୋକଙ୍କୁ ବେଶ୍ ପସନ୍ଦ ଆସୁଛି । ନିକଟରେ ସେୟାର ହୋଇଥିବା ଭିଡିଓରେ ବରୁଣ ଧାୱନ ଏବଂ ସାମନ୍ଥା ରାପିଡ ଫାୟାର କରୁଥିବାର ନଜର ଆସିଛନ୍ତି। ସାମନ୍ଥା ଏହି ଖେଳର ନାମ ମସଲାଯୁକ୍ତ ରାପିଡ୍ ରଖିଛନ୍ତି।

ଭିଡିଓରେ ସାମନ୍ଥା ବରୁଣଙ୍କୁ କୌତୁହଳପୂର୍ଣ୍ଣ ପ୍ରଶ୍ନ ପଚାରୁଥିବାର ନଜର ଆସିଛନ୍ତି। ଯେଉଁଥିରେ ଦୁହେଁ ଖୁବ୍ ହସୁଥିବାର ନଜର ଆସିଥିଲେ । ଖେଳର ଗୋଟିଏ ରାଉଣ୍ଡ ପରେ, ବରୁଣ ସାମନ୍ଥାଙ୍କୁ ପଚାରିଥିଲେ ଯେ ଆପଣ କେଉଁ ଜିନିଷ ଉପରେ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ କେଉଁଠି ଅଦରକାରୀ ଥିଲା ? ଏହି ପ୍ରଶ୍ନର ଉତ୍ତର ଦେଇ ଅଭିନେତ୍ରୀ କହିଛନ୍ତି ଯେ ତାଙ୍କ ଏକ୍ସର ମହଙ୍ଗା ଉପହାର ଉପରେ । ବରୁଣ ଏହାର ମୂଲ୍ୟ ଜାଣିବାକୁ ଚେଷ୍ଟା କରିଥିଲେ କିନ୍ତୁ ଅଭିନେତ୍ରୀ ଏହି ପ୍ରଶ୍ନକୁ ଏଡାଇ ଦେଇଥିଲେ। ଏହି ପ୍ରଶ୍ନଗୁଡିକ ସହିତ, ଦୁହେଁ ପରସ୍ପରକୁ ଆହୁରି ଅନେକ ପ୍ରଶ୍ନ ପଚାରିଥିଲେ । ଯାହା ଖୁବ୍ ମଜାଦାର ଥିଲା । କହିବାକୁ ଗଲେ ଏହି ସିରିଜ୍ ଆମାଜନ ପ୍ରାଇମରେ ଷ୍ଟ୍ରିମିଂ ହେଉଛି ।



## ପ୍ରତିଦିନ ଗୋମୁଖାସନ କଲେ ମିଳେ ଅନେକ ଫାଇଦା

*ଯୋଗକୁ ଦୈନିକ ଜୀବନର ରୁଟିନରେ ସାମିଲ କରିବା ଦ୍ୱାରା ଅନେକ ଉପକାର ମିଳିଥାଏ। ଏହା କେବଳ ଶରୀରକୁ ସୁସ୍ଥ ରଖେ ତା ନୁହେଁ , ଏହାସହ ସ୍ଲିମ୍ ରଖିବାରେ ମଧ୍ୟ ସାହାଯ୍ୟ କରେ। ଯୋଗାସନରେ ସାମିଲ ଗୋମୁଖାସନ ଅର୍ଥାତ୍ କାଓ ଫେଜ୍ , ଏହି ଆସନକୁ କରିବା ଦ୍ୱାରା ଶରୀର ସଂପୂର୍ଣ୍ଣ ଭାବେ ଷ୍ଟ୍ରେଚ୍ ହୋଇଥାଏ , ଏବଂ ଅନେକ ପ୍ରକାରର ରୋଗରୁ ଆରାମ ମିଳିଥାଏ। ମହିଳାଙ୍କ ଠାରେ ପିସିଓଡି ଭଳି ସମସ୍ୟା ସହ ହିଁ ବୃଦ୍ଧି ପାଇଥିବା ପ୍ରୋଷ୍ଟେଟ ଗ୍ରନ୍ଥିରେ ଗୋମୁଖାସନ ଫଳପ୍ରଦ ହୋଇଥାଏ। ଆସନ୍ତୁ ଜାଣିବା ଗୋମୁଖାସନ କରିବାର ଉପାୟ ଓ କେଉଁ କେଉଁ ରୋଗ ପାଇଁ ଏହା ହୋଇଥାଏ ଫଳପ୍ରଦ।*

### ଗୋମୁଖାସନ କରିବାର ଉପାୟ

୧- ଗୋମୁଖାସନକୁ ଖାଲି ପେଟରେ କରିବା ଉଚିତ।

୨- ପ୍ରଥମେ ଯୋଗ ମ୍ୟାଟ୍ ଉପରେ ବସି ଯାଆନ୍ତୁ ଏବଂ ବାମ ଗୋଡ଼କୁ ଜଙ୍ଘ ତଳକୁ ନେଇ ଯାଆନ୍ତୁ ଏବଂ ପୁଣି ଡାହାଣ ଗୋଡ଼କୁ ଅନ୍ୟ ଗୋଡ଼ ଉପରେ କ୍ରସ୍ କରି ଜଙ୍ଘ ପାଖ ଯାଏ ନେଇ ଯା'ନ୍ତୁ। ଡାହାଣ ହାତକୁ ଷ୍ଟ୍ରେଟ୍ ଉପର ଆଡ଼କୁ କରନ୍ତୁ। ପୁଣି ବାମ ହାତକୁ ଅଣ୍ଟା ପାଖରୁ ବୁଲାଇ ପଛ ଆଡ଼କୁ ନେଇ ଯାନ୍ତୁ ଏବଂ ଉପର ଆଡୁ ହାତକୁ ଆଣି ଧରନ୍ତୁ । ଗଭୀର ଲମ୍ବା ଶ୍ୱାସ ନିଅନ୍ତୁ।

୩- ଯଦି ଆପଣ ନୂଆ ଯୋଗ କରିବା ଆରମ୍ଭ କରୁଛନ୍ତି ତ ହାତକୁ କେବଳ ପରସ୍ପରକୁ ଛୁଇଁବାକୁ ପ୍ରୟାସ କରନ୍ତୁ ଏବଂ ଗୋଡ଼କୁ କ୍ରସ କରିବା ପାଇଁ ତକିଆ ବା କମ୍ବଳର ସପୋର୍ଟ ନିଅନ୍ତୁ। ଯେଉଁଥିରେ ସହଜରେ ଗୋଡ଼ ସଠିକ୍ ପୋଜିସନରେ ରହିବ।

### ଗୋମୁଖାସନକୁ କରିବାରେ ଫାଇଦା

ଗୋମୁଖାସନକୁ କରିବାରେ ଫାଇଦା ।ଏହାକୁ କରିବା ଦ୍ୱାରା ଅନେକ ଫାଇଦା ମିଳିଥାଏ ...

୧- ସେହି ଲୋକ ଯିଏ ଦୀର୍ଘ ସମୟ ଧରି ବସି କାମ କରିବା ଦ୍ୱାରା କାନ୍ଧରେ ଯନ୍ତ୍ରଣା ଅନୁଭବ କରନ୍ତି , ତାଙ୍କ ପାଇଁ ଏହି ଗୋମୁଖାସନ ଫଳପ୍ରଦ।

୨- ନଇଁକି ବସିବା ଦ୍ୱାରା ପୋଷ୍ଚର ଖରାପ ହୋଇଯାଏ। ଏଥିରେ ଏହି ଆସନ ସାହାଯ୍ୟ କରିଥାଏ।

୩- ଗୋମୁଖାସନ କରିବା ଦ୍ୱାରା ମୁଖ୍ୟତଃ ସାଇଟିକାର ଯନ୍ତ୍ରଣାରୁ ଆରାମ ମିଳିଥାଏ। ହିପ୍ ପାଖରେ ଦବି ଯାଇଥିବା ନର୍ଭକୁ ଖୋଲିବାରେ ଗୋମୁଖାସନ କରିବା ଉଚିତ।

୪- ଅଣ୍ଟା ଯନ୍ତ୍ରଣାରେ ଏହି ଆସନ ଆରାମ ଦେଇଥାଏ।



୫- ଲିଭର , କିଡନୀର ଫଙ୍କସନକୁ ମଜବୁତ କରିବା ପାଇଁ ଏହି ଆସନ ଫଳପ୍ରଦ।

୬- ପ୍ରତିଦିନ ଗୋମୁଖାସନ କରିବା ଦ୍ୱାରା ଶ୍ୱାସଜନିତ ରୋଗରୁ ଆଶ୍ୱସ୍ତି ମିଳିଥାଏ। କାରଣ ଏହି ଆସନକୁ କରିବା ଦ୍ୱାରା ଛାତି ପ୍ରସାରିତ ହୋଇଥାଏ ଏବଂ ସଙ୍କୁଚିତ ଫୁସଫୁସ ଖୋଲି ଥାଏ। ଯେଉଁଥିରେ ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ।

## ଏଆର୍ ରହ୍‌ମାନ ସବୁଠୁ ଭଲ ମଣିଷ : ପତ୍ନୀ

ପ୍ରସିଦ୍ଧ ମ୍ୟୁଜିକ୍ କମ୍ପୋଜର ଏଆର ରହମାନ ଓ ତାଙ୍କ ପତ୍ନୀ ସାୟରା ବାନୋ ନିକଟରେ ନିଜର ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି। କହିଛନ୍ତି, ସେମାନେ ତାଙ୍କର ୨୯ ବର୍ଷର ବୈବାହିକ ସଂପର୍କରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ନେଇଛନ୍ତି ନିଷ୍ପତ୍ତି। ଏହି ଘୋଷଣା ପରେ ସୋସିଆଲ ମିଡ଼ିଆରେ ଏଆର୍ ରହମାନଙ୍କୁ ନେଇ ଲୋକେ ଅନେକ ପ୍ରକାରର କମେଣ୍ଟ କରୁଛନ୍ତି। ଯେଉଁ ଦିନ ଏଆର ରହମାନ ପତ୍ନୀଙ୍କ ଠାରୁ ଅଲଗା ହେବାର ଘୋଷଣା କଲେ, ତାର କିଛି ସମୟ ପରେ ଏଆର ରହମାନଙ୍କର ଟିମ୍‌ର ମୋହିନୀ ଦେ ମଧ୍ୟ ସ୍ୱାମୀଙ୍କ ଠାରୁ ଅଲଗା ହେବାକୁ ଘୋଷଣା କରି ଥିଲେ। ଏହା ପରେ ସୋସିଆଲ ମିଡ଼ିଆରେ ଲୋକେ ଏଆର ରହମାନ ଓ ମୋହିନୀ ଦେ'ଙ୍କୁ ନେଇ ଲିଙ୍କଅପ୍ କରୁଛନ୍ତି। ଏବେ ଏହି ଖବର ଉପରେ ସାଇରା ବାନୋ ପ୍ରତିକ୍ରିୟା ଦେଇଛନ୍ତି। ସାୟରା ବାନୋ ନିଜର ପିଆରଙ୍କ ମାଧ୍ୟମରେ ଏକ ଭଏସ୍ ନୋଟ୍ ଜାରି କରିଛନ୍ତି। ଏହି ଭଏସ୍ ନୋଟ୍‌ରେ ସାୟରା ବାନୋ କହିଛନ୍ତି ତାଙ୍କର ସ୍ୱାସ୍ଥ୍ୟ ଠିକ୍ ନାହିଁ ଏବଂ ସେ ନିଜର ଚିକିତ୍ସା ପାଇଁ ମୁମ୍ବାଇରେ ଅଛନ୍ତି। ସାୟରା ବାନୋ କହିଛନ୍ତି , ମୁଁ ଏହି କାରଣରୁ ଏଆରଙ୍କ ଠାରୁ ବ୍ରେକ୍ ନେଉଛି। ମୁଁ ୟୁଟ୍ୟୁବର୍ସ ଓ ତାମିଲ ମିଡ଼ିଆକୁ ଅନୁରୋଧ କରୁଛି କି, ତାଙ୍କ (ଏଆର ରହମାନ) ବିଷୟରେ କିଛି ବି ଖରାପ ଟିପ୍ପଣୀ କର ନାହିଁ। ଏଆର ରହମାନ ଓ ମୋହିନୀ ଦେ'ଙ୍କ ଲିଙ୍କଅପ୍ ବିଷୟରେ କହି ସାୟରା ଏଆର ରହମାନ ସବୁଠୁ ଭଲ ମଣିଷ ବୋଲି କହିଛନ୍ତି । ସେ ନିଜ କଥାକୁ ଶେଷ କରିବା ବେଳେ କିଛି କଡ଼ା ଶବ୍ଦରେ କହିଛନ୍ତି , ତାଙ୍କ ଛବିକୁ ଖରାପ କରିବା ବନ୍ଦ କର।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ପୁରୀ (ଭାସ୍କର ନ୍ୟୁଜ): ପୁରୀ ଏସ୍‌ସିଏସ୍ କଲେଜ ସମ୍ମୁଖରେ ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ନୂତନ ସଭ୍ୟ ସଂଗ୍ରହ କର୍ମଶାଳା ଉଦ୍‌ଘାଟିତ ହୋଇଛି । ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଜୟକୃଷ୍ଣ ଦାସ ମହାପାତ୍ର, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ନାରାୟଣ ପ୍ରସାଦ ସିଂହ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଜେଡିକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ଶିବିର ଆୟୋଜନ କରାଯାଇଛି । ଶିବିରରେ ୱେବ୍‌ସାଇଟ୍ ମାଧ୍ୟମରେ ନୂତନ ସଭ୍ୟ ସଂଗ୍ରହ କରାଯିବ । ଗରିବ ଲୋକଙ୍କ ଚାଉଳ ସରକାର ବିନା କାରଣରେ ବନ୍ଦ କଲେ ତେଣୁ ସେମାନଙ୍କୁ ଆମ୍ବ ଟାକୁଆ ଖାଇବାକୁ ପଡିଲା । ବିଜୁ ଜନତା ଦଳର ବାର ବର୍ଷର ତପସ୍ୟାକୁ ବିଜେପି ସରକାର ଶୁଖୁଆ ପୋଡ଼ାରେ ସାରିଦେଲା । ଲୋକଙ୍କ ଖାଦ୍ୟ ନିରାପତ୍ତା ସହ କୌଣସି ସାଲିସ କରାଯାଇପାରିବ ନାହିଁ । ଯୁବ ଶକ୍ତି ବିଜୁ ଜନତା ଦଳର ଭବିଷ୍ୟତ । ବିଜେଡି ସରକାର ସମୟରେ ଛାତ୍ର ମାନଙ୍କ ପାଇଁ ଆରମ୍ଭ ହୋଇଥିବା କଲ୍ୟାଣ କାର୍ଯ୍ୟକ୍ରମ ବନ୍ଦ କରାଯିବା ପ୍ରତିବାଦରେ ଜାଗରଣ ସୃଷ୍ଟି ସହ ଛାତ୍ର ସମାଜକୁ ଦଳ ସହ ଯୋଡ଼ାଯିବ ।

# ପୁରୀ ସଦର ମଣ୍ଡଳସ୍ତରୀୟ ବିଜ୍ଞାନମେଳା



ପୁରୀ (ଭାସ୍କର ନ୍ୟୁଜ୍): ସଦର ବୀର ହରେକୃଷ୍ଣପୁର ଠାରେ ସଦର ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ଓ ଉଦ୍‌ଯାପିତ ହୋଇଛି । ଏହି ସମାରୋହରେ ପୁରୀ ସଦର ମଣ୍ଡଳର ସମୁଦାୟ ୧୫୬ ଟି ପ୍ରକଳ୍ପ ବିଭିନ୍ନ ବିଦ୍ୟାଳୟରୁ ଅଂଶଗ୍ରହଣ କରିଥିଲେ । ସମାରୋହର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଛାତ୍ର ଅବସ୍ଥାରୁ ଛାତ୍ରଛାତ୍ରୀ ମାନଙ୍କ ମନରେ ଜିଜ୍ଞାସା ଓ ଅନୁସନ୍ଧିତ୍ସା ସୃଷ୍ଟି ହେଲେ ସେମାନେ ନିଶ୍ଚିତ ଜୀବନରେ ଉତ୍ତରୋତ୍ତର ଉନ୍ନତି କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୁରୀ ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଉପାଧ୍ୟକ୍ଷ ଦେବସ୍ମିତା ମହାପାତ୍ର, ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ସମାଜସେବୀ ଜଟାଧାରୀ ମିଶ୍ର ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଦ୍ୱାରା କୁନି କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ । ଏହାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ମଣ୍ଡଳ ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହ ସେବାକାର୍ଯ୍ୟରେ ଉଦ୍‌ବୁଦ୍ଧ ହେବାପାଇଁ ପ୍ରୋତ୍ସାହନ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଉପସ୍ଥିତ ରହି ଜିଜ୍ଞାସା ପିଲାମାନଙ୍କର ମୁଖ୍ୟ ଧେୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୁରୀ ମଣ୍ଡଳ ଉନ୍ନୟନ ଅଧିକାରୀ ସମ୍ବିତ୍ ଶତପଥୀ, ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବ ରାମ ମିଶ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରତ୍ନାକର ବେହେରା, ଶାରଦା ବିହାର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ବୀର ହରେକୃଷ୍ଣପୁର ଅରବିନ୍ଦ ଦାସ୍ ଉପସ୍ଥିତ ରହି ନିଜ ନିଜର ଓଜସ୍ୱୀ ବକ୍ତବ୍ୟ ପ୍ରଦାନ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏସମସ୍ତ କାର୍ଯ୍ୟ ମଣ୍ଡଳ ଶିକ୍ଷାଧିକାରୀ ତଥା ସଭାପତି ପ୍ରମୋଦ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ସମୁଦାୟ ୭ଟି ଉପବିଭାଗରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ପଠାଯାଇଥିଲା । ବିଚାରକ ରୂପେ ବରିଷ୍ଠ ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ବେହେରା, ହେମନ୍ତ କୁମାର ପ୍ରଧାନ ଓ ଅଜୟ କୁମାର ଜେନା ପ୍ରକଳ୍ପ ଗୁଡ଼ିକୁ ବିଚାର କରିଥିଲେ । ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷକ ବିଦ୍ୟାଧର ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## କୋରୁକୋଣ୍ଡା ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ୍‌ର ଖୋଲିଲା ଗୁମର

# ଗ୍ରୁପ ହିତାଧିକାରୀଙ୍କ ଅଜାଣତରେ ବ୍ୟାଙ୍କରୁ ଉଠାଯାଇଛି ଲକ୍ଷାଧିକ ଟଙ୍କା

**ନ୍ୟାୟ ପାଇଁ ଥାନା ଓ ବ୍ୟାଙ୍କ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ କାଶୀକ୍ରୀଷ୍ଣା ଗ୍ରୁପର ସଦସ୍ୟ**



ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ମହକୁମାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍‌ରେ ଏକ ଅଭାବନୀୟ ଘଟଣା ଘଟିଥିବା ନଜରକୁ ଆସିଛି । ମିଳିଥିବା ସୂଚନା ଅନୁଯାୟୀ କୋରୁକୋଣ୍ଡା ବ୍ଲକ୍ ପୁରୁଣା ଚିମିଟାପାଲି ଅଧିନସ୍ଥ ଏମ୍‌ଭି-୧୨୦ ନମ୍ବର ଗ୍ରାମରେ ଥିବା ଜୟ କାଶୀ କ୍ରିଷ୍ଣା ଗ୍ରୁପ ଗତ ତା ୨୦/୦୮/୨୨ ରିଖରେ କୋରୁକୋଣ୍ଡା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକ ଜମା ଖାତା ଖୋଲିଥିଲେ । କୃଷି ବିଭାଗର ଅନୁମୋଦନ କ୍ରମେ ଉକ୍ତ ଗ୍ରୁପକୁ ଗତ ୨୦/୦୮/୨୨ ରିଖରେ ମୋଟ ୫୦ହାଜର ଟଙ୍କା ଋଣ ଉକ୍ତ ଗ୍ରୁପରେ ଥିବା ୫ଜଣ ସଦସ୍ୟ ସଦସ୍ୟାଙ୍କୁ ଜମା ଖାତା ନଂ-୧୮୫୦୨୦୮ ୭୦୦୦୦୦୯୨ ମାଧ୍ୟମରେରେ ପ୍ରଦାନ କରାଯାଇଥିଲା । ବିଡମ୍ବନାର ବିଷୟ ଏହାର କିଛି ମାସ ପରେ ଉକ୍ତ ଗ୍ରୁପ୍‌ର ଆକାଉଣ୍ଟ ମାଧ୍ୟମରେ ଗ୍ରୁପ୍ ସଦସ୍ୟ ସଦସ୍ୟାଙ୍କ ଅଜାଣତରେ ଗତ ତା ୦୧/୦୯/୨୩ ରିଖରେ ପୁନର୍ବାର ୧ଲକ୍ଷ ୪୭ହଜାର ଟଙ୍କା ଋଣ ବାବଦରେ ଉଠାଯାଇଛି । ସେହିପରି ପୁନର୍ବାର ଗତ ତା ୨୭/୦୩/୨୪ ରିଖରେ ଏହି ଗ୍ରୁପର ସଦସ୍ୟ ସଦସ୍ୟାଙ୍କ ଅଜାଣତରେ ୧ ଲକ୍ଷ ଟଙ୍କା ଋଣ ବାବଦରେ ଉକ୍ତ ଏକାଉଣ୍ଟ ମାଧ୍ୟମରେ ଉଠାଯାଇଥିବା ସମ୍ବନ୍ଧରେ ଗ୍ରୁପର ସଦସ୍ୟ ସଦସ୍ୟାମାନେ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ । ଏହାପରେ ଗ୍ରୁପର ସମସ୍ତ ସଦସ୍ୟ ସଦସ୍ୟା ଆଜି କୋରୁକୋଣ୍ଡା ଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ପହଞ୍ଚି ବର୍ତ୍ତମାନ କାର୍ଯ୍ୟରତ ଥିବା ଶାଖା ପରିଚାଳକ ପି ଆନନ୍ଦଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ସେ କହିଥିଲେ ଯେ ପୂର୍ବ ଶାଖା ପରିଚାଳକଙ୍କ ସମୟରେ ଏହି ଗ୍ରୁପ୍ ଅକାଉଣ୍ଟରୁ ଟଙ୍କା ଉଠାଯାଇଥିବା ସେ ସ୍ୱୀକାର କରିଛନ୍ତି । ଗ୍ରୁପର ବ୍ୟାଙ୍କ ଖାତା ଅପଡେଟ୍ କରିବା ପରେ ଉକ୍ତ ଖାତାରେ ସମାନ ଘଟଣା ଘଟିଥିବା ଦେଖିବାକୁ ମିଳିଥିଲା । ଏହି ଘଟଣା ସମ୍ପର୍କରେ ଗ୍ରୁପର ସଭାନେତ୍ରୀ ଅର୍ଚ୍ଚନା ମଣ୍ଡଳ, ସମ୍ପାଦକ ବଳରାମ ମଣ୍ଡଳ ଓ ଅନ୍ୟ ସଦସ୍ୟମାନେ ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବା ନିମନ୍ତେ ଏକ ଲିଖିତ ଅଭିଯୋଗପତ୍ର ଶାଖା ପରିଚାଳକ ପି ଆନନ୍ଦଙ୍କୁ ପ୍ରଦାନ କରିଥିଲେ । ଏହାପରେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ଜୟ କାଶୀ କ୍ରିଷ୍ଣା ଗ୍ରୁପର ସମସ୍ତ ସଦସ୍ୟ ସଦସ୍ୟାମାନେ ଓର୍କେଲ ଥାନାର ଦ୍ୱାରସ୍ତ ହୋଇ ଏକ ଲିଖିତ ଏତଲା ପ୍ରଦାନ କରିଥିବା ଗ୍ରୁପର ସଭାନେତ୍ରୀ ଅର୍ଚ୍ଚନା ମଣ୍ଡଳ ଓ ସମ୍ପାଦକ ବଳରାମ ମଣ୍ଡଳ ପ୍ରକାଶ କରିଛନ୍ତି । ତେବେ ଏହି ଗ୍ରୁପର ସଦସ୍ୟ ଓ ସଦସ୍ୟାଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ କିଏ ଓ କିପରି ଋଣ ବାବଦରେ ଲକ୍ଷାଧିକ ଟଙ୍କା ଉଠାଇଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ ।

# ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ବଦଳି ବାତିଲ୍ ଦାବିରେ ଧାରଣା




ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଏହି ବଦଳି ବାତିଲ୍ ଦାବିରେ ସୋମବାର ଦିନ ନିଆଳି ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ସମ୍ମୁଖରେ ନିଆଳି ପ୍ରାଣୀଧନ ଓ କୃଷି ବିକାଶ ପରିଷଦ ପକ୍ଷରୁ ସମସ୍ତ ସଭ୍ୟସଭ୍ୟା ବାତିଲ୍ ଜିଦ୍‌ରେ ଧାରଣା ଦେଇଥିଲେ । ସେକ୍ ହସନ୍ ଙ୍କ ନେତୃତ୍ୱରେ ପରିଷଦର ସଦସ୍ୟ, ସଦସ୍ୟାମାନେ ଏକ ଦାବିପତ୍ର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ମେଲ୍ ମାଧ୍ୟମରେ ପ୍ରଦାନ କରିଛନ୍ତି । ବଦଳି ବାତିଲ୍ ଯଥାଶୀଘ୍ର ନକରାଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି । ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ପାତ୍ର, ଡମ୍ବରୁଧର ସ୍ୱାଇଁ, ରାଜ କିଶୋର ଦାସ, କୁନା ପ୍ରଧାନ, ଧିରେନ୍ଦ୍ର ଦାସ, ଜଗଦେବ ସାହୁ, କାହ୍ନୁ ଚରଣ ଶତପଥୀ, ଆଲୋକ ସାହୁ, ବାବୁନି ସେନାପତି, ସୂର୍ଯ୍ୟକାନ୍ତ ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଭ୍ୟସଭ୍ୟା ଧାରଣାରେ ବସିଥିଲେ । ଅପରାହ୍ନ ସୁଦ୍ଧା ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଅନ୍ତର୍ଜାତୀୟ ମହିଳା ହିଂସା ନିରାକରଣ ଦିବସ ପାଳିତ

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ମହିଳା ହିଂସା ନିରାକରଣ ଦିବସ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପ୍ରଶାସନ, ସଖୀ-ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି-ସଦନ ନୀଳାଞ୍ଚଳ ନଗର, ଶକ୍ତି-ସଦନ ବାଞ୍ଛାନିଧି ନଗର ଓ ଶକ୍ତି-ସଦନ ଗୋପାଳପୁରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ପ୍ରାଧିକରଣ ଅଧ୍ୟକ୍ଷା ଦେବଶ୍ରୀ ସାହୁ, ବ୍ରହ୍ମପୁର ମହାନଗର ନିଗମ ଅଧ୍ୟକ୍ଷା ସଂଘମିତ୍ରା ଦଳାଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅବିଧା ପର୍ବିନ, ମାନବ ଅଧିକାର ସଦସ୍ୟ ରବି କୁମାର ମିଶ୍ର, ମହିଳା ସୁରକ୍ଷା ଅଧିକାରୀ ନାଗା ରତ୍ନମ, ଆଇଏସ୍‌ଆର୍‌ଡି ନିର୍ଦ୍ଦେଶକ ସୁଧୀର ସାବତ, ଜିଲ୍ଲା କାର୍ଯ୍ୟ ସଂଯୋଜକ ଦେବବ୍ରତ ମାହୁନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାରୀ ୬ଟି ସମସ୍ୟା ଦେଇ ଗତି କରୁଛି । ଏହି ସମସ୍ୟା ସମାଧାନ ପାଇଁ ବିଭିନ୍ନ ଆଇନରେ ଥିବା ବିକଳ୍ପକୁ ଉପଯୋଗ କରିବା ପାଇଁ ଆଇଏସ୍‌ଆର୍‌ଡି ନିର୍ଦ୍ଦେଶକ ନିଜ ବକ୍ତବ୍ୟରେ କହିଥିଲେ । ନାରୀ ନିଜକୁ ସଚେତନ କରିପାରିଲେ, ନାରୀ ହିଂସାକୁ ରୋକାଯାଇ ପାରିବ ଓ ହିଂସାମୁକ୍ତ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି କହି ରାଜେଶ୍ୱରୀ ଦୋରା ତାଙ୍କ ଅଭିଭାଷଣ ଦେଇଥିଲେ । ନାରୀ ବର୍ତ୍ତମାନ ସମୟର ସୁଯୋଗ ନେଇ ସଚେତନ ହେବା ଦରକାର, ନିଜ ନିଷ୍ପତ୍ତି ନିଜେ ନେବା ପାଇଁ ମନସ୍ତତ୍ତ୍ୱ ତିଆରି କରିବା ଆବଶ୍ୟକ ବୋଲି ସଂଘମିତ୍ରା ଦଳାଇ ନିଜ ମତ ଉପସ୍ଥାପନା କରିଛନ୍ତି । ନାରୀର ବ୍ୟବହାର ଓ ସଂସ୍କୃତି ଉଚ୍ଚକୋଟୀର ହେବା ଦରକାର । କୌଣସି ମାନସିକ ବିକୃତ ପୁରୁଷଠାରୁ ନିଜକୁ ଦୂରରେ ରଖିବାକୁ ଜିଲ୍ଲା ମୁଖ୍ୟ ଅଧିକାରୀ ବିଜୟ କୁମାର ପଣ୍ଡା ଆଲୋକପାତ କରିଥିଲେ । ଆଇନ ଉଲ୍ଲଂଘନ କଲେ ଆଇନର ସାହାଯ୍ୟ ଦରକାର ପଡେ । ତେଣୁ ଆଇନ ମାନି ଚଳିବାକୁ ଦେବଶ୍ରୀ ସାହୁ କହିଥିଲେ । ଅନୁଶାସନ, ପରମ୍ପରା, ସ୍ନେହ, ସମ୍ମାନ ନାଁରେ ଯେଉଁ ହିଂସା ନାରୀ ଉପରେ ହେଉଛି, ତା ବିରୋଧରେ ସ୍ୱର ଉଠାଇବାର ଆବଶ୍ୟକ ରହିଛି । ଏହି ମତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଆବିଧା ପର୍ବିନ୍ ତାଙ୍କ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ । ମାନବ ଅଧିକାରୀ ସଦସ୍ୟ ରବି ମିଶ୍ର ସମ୍ବିଧାନରେ ଦିଆଯାଇଥିବା 'ଧାରା ୧୪' ବିଷୟରେ ଆଲୋଚନା କରିଥିଲେ ଏବଂ ନାରୀ ନିଜେ ଚାହିଁଲେ ସମାଜରୁ ହିଂସା ମୁକ୍ତ କରିପାରିବ ବୋଲି ମତ ରଖିଥିଲେ । ମହିଳା ସୁରକ୍ଷା ଅଧିକାରୀ ନାଗା ରତ୍ନମ ଯୌତୁକ ପ୍ରଥା ଓ ଘରୋଇ ହିଂସା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଖୀ କର୍ମକର୍ତ୍ତା, ସମସ୍ତ ଶକ୍ତି ସଦନର କର୍ମକର୍ତ୍ତା, ଆଇସିଡିସିର କର୍ମକର୍ତ୍ତା ଓ ଅନ୍ୟାନ୍ୟ ଶ୍ରୋତା ଗଣ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜ ଉପାଧ୍ୟକ୍ଷ ଡକ୍ଟର ଦୁର୍ଗାମାଧବ ଶତପଥୀ ଓ ନିରଞ୍ଜନ ବେହେରା, ମହିଳା ଥାନା ଅଧିକାରୀ ଅନିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସଖୀର କେନ୍ଦ୍ର ପରିଚାଳିକା ମହେଶ୍ୱତା ପାଢ଼ୀ ସମସ୍ତ ଉପସ୍ଥିତ ଅତିଥି ଓ ଶ୍ରୋତାମାନଙ୍କୁ ଧନ୍ୟବାଦ ଅର୍ପଣ କରି କର୍ଯ୍ୟକ୍ରମକୁ ଶେଷ କରିଥିଲେ ।

# ଅପରେସନ୍ ଗ୍ରିନ୍ କ୍ଲିନ୍: ୫ କୋଟିରୁ ଅଧିକ ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ କଲା ଚିତ୍ରକୋଣ୍ଡା ପୋଲିସ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲାର ଚିତ୍ରକୋଣ୍ଡା ପୋଲିସ, ଅବକାରୀ ବିଭାଗ, ଡିଭିଏଫ୍‌ର ମିଳିତ ଚଢଉରେ ଚିତ୍ରକୋଣ୍ଡା ବ୍ଲକ ବଡପଦର ପଞ୍ଚାୟତର କନ୍ଧଗୁଡ଼ା ଅଞ୍ଚଳରେ ବ୍ୟାପକ ପରିମାଣର ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି । ଚିତ୍ରକୋଣ୍ଡା ଆଇଆଇସି ମୁକୁନ୍ଦ ମେଲକାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବଡପଦର ପଞ୍ଚାୟତ ଅନ୍ତର୍ଗତ କନ୍ଧଗୁଡା ଗ୍ରାମ ପାଖରେ ଥିବା ଜଙ୍ଗଲ ଓ ପାହାଡ ଅଞ୍ଚଳରେ ବେଆଇନ ଭାବେ ୩୫ ଏକର ଜମିରେ ଚାଷ କରାଯାଇଥିବା ପ୍ରାୟ ୫୫,୦୦୦ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛକୁ କାଟି ନଷ୍ଟ କରିଛନ୍ତି ମାଲକାନଗିରି ଜିଲ୍ଲା ପୋଲିସ । ଆଉ କିଛି ଦିନ ଗଲେ ଗଞ୍ଜେଇ ଅମଳ ହୋଇଥାନ୍ତା । ଏହି ଗଞ୍ଜେଇ ଗଛ ନଷ୍ଟ କରିବା ଟିମ୍‌ର ନେତୃତ୍ୱ ନେଇଥିଲେ ଚିତ୍ରକୋଣ୍ଡା ଆଇଆଇସି ମୁକୁନ୍ଦ ମେଲକା । ଆଗାମୀ ଦିନରେ ମଧ ଏହିପରି ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହି ଚଢାଉ ସମୟରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଭାବରେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରା ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି



ପୁରୀ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୭୮ଟି ଅଭିଯୋଗ ମିଳିଥିଲା । ଏଥିରେ ବ୍ୟକ୍ତିଗତ ଅଭିଯୋଗ ୬୭ଟି, ଗ୍ରାମ ଅଭିଯୋଗ ୪ଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫ଟି ଓ ୨ଟି ରେଡକ୍ରସରୁ ସହାୟତା ସମ୍ପର୍କରେ ରହିଥିଲା । ତନ୍ମଧ୍ୟରୁ ୧୬ଟିର ତୁରନ୍ତ ସମାଧାନ କରାଯାଇଥିଲା । ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମ୍‌ଓ ଡା ବିରଜା ଶଙ୍କର ରଥ, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

## କରଞ୍ଜିଆ ନୂତନ ବସ୍‌ଷ୍ଟାଣ୍ଡ ପାଚେରି ଭଙ୍ଗା ଘଟଣା

# ତହସିଲ୍‌ଦାର୍‌ଙ୍କ ବିରୋଧରେ ଅଭିଯୋଗ କଲେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ସଂଲଗ୍ନ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ବରାଦ ଅଟକଳରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି । ତେବେ ଏହି ସ୍ଥାନରେ ନିର୍ମାଣ ହେଇଥିବା ପାଚେରିକୁ ଭଙ୍ଗା ଯାଇଥିବା ଜାଣିବାକୁ ପାଇ ଆଜି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଧ୍ୟକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର୍ ପରିଜା, କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର୍ ନାଏକ, ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ରହିଥିଲେ । କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ବିନା ଅନୁମତି ଓ ବିନା ଅବଗତିରେ ସରକାରୀ ସମ୍ପତ୍ତିକୁ ନଷ୍ଟ କରାଯାଇଥିବାରୁ ସମସ୍ତେ ଉଦ୍‌ବେଗ ପ୍ରକାଶ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ । ଏହି ଘଟଣାରେ କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଅବମାନନା କରି ପାଚେରି ଭାଙ୍ଗିବାକୁ ଠିକାଦାରଙ୍କୁ ସହମତି ଦେଇଥିବା ଦର୍ଶାଇ ଉଭୟଙ୍କ ବିରୋଧରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାଏକ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ପ୍ରଦାନ ସମୟରେ ସମସ୍ତ ନିର୍ବାଚିତ ଜନପ୍ରତିନିଧିମାନେ ମଧ ଉପସ୍ଥିତ ରହିଥିଲେ । ଏନ୍‌ଏସି ପକ୍ଷରୁ ଏଠାରେ ନିର୍ବାଚନ ପୂର୍ବରୁ କେନ୍ଦୁଝର ସାଂସଦ ପାଣ୍ଠିରୁ ଯାତ୍ରୀଙ୍କ ନିମନ୍ତେ ଏକ ପାନୀୟ ଜଳ ପ୍ରକଳ୍ପ ଓ ପ୍ରତୀକ୍ଷାଳୟ କାର୍ଯ୍ୟ ଜାରି ରହିଥିବାବେଳେ କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜ୍ଞାପିତ ଅଞ୍ଚଳ ପରିଷଦର ବିନା ଅବଗତିରେ ଏହି ପାଚେରିକୁ ଭଙ୍ଗାଯାଇ ସରକାରୀ ଅର୍ଥକୁ ନଷ୍ଟ କରାଗଲା, ତାହା ଏବେ ତଦନ୍ତ ସାପେକ୍ଷ ।

## ବିନା ଡ୍ରେସ୍ କୋର୍ଡରେ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଛନ୍ତି ଦିଦି

# ପିଲାଙ୍କୁ ରନ୍ଧା ଖାଦ୍ୟ ଦିଆଯାଉନଥିବା ଅଭିଯୋଗ

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍‌ରେ ଥିବା ଅନେକ ଅଙ୍ଗନୱାଡି କେନ୍ଦ୍ର ଗୁଡିକ ୱାର୍କରଙ୍କ ମନମର୍ଜିରେ ଚାଲିଛି । କେଉଁଠି ରନ୍ଧାଖାଦ୍ୟ ଦିଆଯାଉନି ତ ଆଉ କେତେକ କେନ୍ଦ୍ରଗୁଡିକୁ ୱାର୍କରମାନେ ଆସୁନାହାନ୍ତି । ଅନେକ ଅଙ୍ଗନୱାଡି କେନ୍ଦ୍ରରେ ହେଲ୍‌ପର୍ ୧୦/୧୫ ମିନିଟ୍ ସେଣ୍ଟର ଖୋଲି ଆସିଥିବା ଜଣେ ଦି'ଜଣ ଶିଶୁଙ୍କୁ ଶୁଖିଲା ଖାଦ୍ୟ ଦେଇ ଚାଲିଯାଉଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଉକ୍ତ ବ୍ଲକ୍ ଅଧିନସ୍ଥ ବାହାରଣା ପଞ୍ଚାୟତ ରୁକୁଣିଆ ଅଙ୍ଗନୱାଡି କେନ୍ଦ୍ରରେ । ଉକ୍ତ ଅଙ୍ଗନୱାଡି କେନ୍ଦ୍ର ୱାର୍କର ମମତା ବସ୍ତିଆ କେନ୍ଦ୍ରକୁ ନିଜ ମନମର୍ଜିରେ ଆସୁଥିବା ବେଳେ ଗାଁରେ ବୁଲାବୁଲି କରୁଥିଲେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ଚାହାନ୍ତି ନାହିଁ । ଏଠାରେ ଥିବା ହେଲ୍‌ପର୍ ସୁମିତ୍ରା ଭୋଇ ଦୈନନ୍ଦିନ ଆସୁଥିବା ୨/୪ ଜଣ ପିଲାଙ୍କୁ ଶୁଖିଲା ଖାଦ୍ୟ ଦେଉଥିବା ବେଳେ ଆଉ କେଉଁଦିନ ପଚା ଅଣ୍ଡା ଦେଇ ଘରକୁ ପଠାଇ ଦେଇଥାନ୍ତି । ଯାହାଫଳରେ ଉକ୍ତ ସେଣ୍ଟରରେ ପଢାଉଥିବା ଶିଶୁମାନଙ୍କ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମିଳିଥିବା ସୂଚନାନୁଯାୟୀ ଗତ ଶୁକ୍ରବାର ଦିନ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର ୱାର୍କର ଗାଁରେ ବୁଲୁଥିଲେ ମଧ ଅଙ୍ଗନୱାଡି କେନ୍ଦ୍ରକୁ ଯାଇନଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଶ୍ରୀମତୀ ପଣ୍ଡା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛତ୍ରଛାୟା ତଳେ ରହି କାମ କରନ୍ତି । ଯାହା ଫଳରେ ସେ ସୁପରଭାଇଜର୍ ଓ ସିଡିପିଓଙ୍କୁ ରାଜନୈତିକ ଚାପ ପକାଇ ନିଜେ କରୁଥିବା ବେଆଇନ କାର୍ଯ୍ୟକୁ ଘଷ ଘୋଡାଇଥାନ୍ତି । ଶ୍ରୀମତୀ ପଣ୍ଡାଙ୍କ ନାମରେ ଶିଶୁଙ୍କ ଖାଦ୍ୟ ହଡପ କରିବା ଅଭିଯୋଗରେ ଓ ଦୈନନ୍ଦିନ ଶିଶୁମାନେ ସେଣ୍ଟରକୁ ଆସିନଥିଲେ ମଧ୍ୟ ସେମାନଙ୍କର ପୂରା ଉପସ୍ଥାନ ପକାଇ ଲକ୍ଷାଧିକ ଟଙ୍କା ହଡପ କରୁଥିବାରୁ ତାଙ୍କ ନାମରେ ଓଡିଶାର ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ ହେବ ବୋଲି ବାହରଣାର ଅନେକ ସମାଜସେବୀ ଚେତାବନୀ ଦେଇଛନ୍ତି ।

## ଅବହେଳିତ ପୁରାତନ ଐତିହ୍ୟ

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ବାବା ଦକ୍ଷିଣେଶ୍ୱର ମନ୍ଦିର



ଗୋପ (ଭାସ୍କର ନ୍ୟୁଜ୍): ସରକାର ପୁରାତନ ଐତିହ୍ୟ କୀର୍ତିରାଜିକୁ ବଞ୍ଚାଇ ରଖିବା ପାଇଁ ବିଶ୍ୱ ଐତିହ୍ୟ ଦିବସ ପାଳନ କରୁଛନ୍ତି । ଏହି କୀର୍ତ୍ତିରାଜିର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଲାଗି ସରକାର ମଧ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ସରକାର ଦୃଷ୍ଟି ନଦେବା ଫଳରେ ଏବେବି ବିଭିନ୍ନ ପୁରାତନ ଐତିହ୍ୟ କୀର୍ତ୍ତିରାଜିକୁ ପ୍ରତ୍ନତତ୍ତ୍ୱ ବିଭାଗ ଅଣଦେଖା କରୁଥିବାରୁ ତାହା ଏବେ ଧ୍ୱଂସାଭିମୁଖୀ ହେବାକୁ ବସିଛି । ସେହିପରି ଗୋପ ବ୍ଲକ୍ ଅଧୀନ ବେଗୁନିଆ ଗ୍ରାମ ନିକଟରେ ଥିବା ବହୁ ପୁରାତନ ବାବା ଦକ୍ଷିଣେଶ୍ୱର ମନ୍ଦିରର ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ବେଳେ ଏଥିପ୍ରତି ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । କୁଶଭଦ୍ରା ନଦୀ ତଟରେ ଥିବା ପ୍ରସିଦ୍ଧ ବାବା ଦକ୍ଷିଣେଶ୍ୱରଙ୍କ ମନ୍ଦିରଟି କେଉଁ ପୁରାତନ କାଳରୁ ନିର୍ମାଣ ହୋଇଛି ତାହାର କୌଣସି ସୂଚନା ନଥିବା ବେଳେ ମନ୍ଦିରଟି ୧୯୦୦ ମସିହା ପୂର୍ବର ବୋଲି ସ୍ଥାନୀୟ ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କହିଛନ୍ତି । ଏହି ମନ୍ଦିର ନିକଟରେ ମା' ଜାଗୁଳାଇଙ୍କ ମନ୍ଦିର ସମେତ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ପଞ୍ଚସଖା ଯୁଗର ଭକ୍ତ କବି ବଳରାମ ଦାସଙ୍କ ସମାଧି ପୀଠ ରହିଛି । ବଣଭୋଜି ପାଇଁ ମଧ ସୁନ୍ଦର ପରିବେଶ ରହିଛି । ବିଭିନ୍ନ ସମୟରେ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ଏପରିକି ବିଭିନ୍ନ ପର୍ବପର୍ବାଣୀ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଆସୁଛି । ପ୍ରତିବର୍ଷ ବାବାଙ୍କ ପୀଠରେ କ୍ଷୀରସାଗର ମେଳାର ଆୟୋଜନ କରାଯାଇଥିବା ବେଳେ ମହାଶିବରାତ୍ରି ଜାଗର ସମେତ ଅନ୍ୟାନ୍ୟ ପର୍ବପର୍ବାଣିରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ତେବେ ଏହି ପୀଠକୁ ସରକାର ଅଣଦେଖା କରିଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଏପର୍ଯ୍ୟନ୍ତ ପୀଠକୁ ଭଲ ରାସ୍ତାଟିଏ ନଥିବା ବେଳେ ଦକ୍ଷିଣେଶ୍ୱର ମନ୍ଦିରର ଗର୍ଭ ଗୃହରୁ ବର୍ଷା ଦିନେ ପାଣି ଗଳିବା ସହ ବିଭିନ୍ନ ସ୍ଥାନରୁ ପ୍ଲାଷ୍ଟର ଖସୁଛି । ଏପରିକି ମନ୍ଦିରର ବିଭିନ୍ନ ସ୍ଥାନ ଦୁର୍ବଳ ହେବା ସହ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏଥିପ୍ରତି ପ୍ରଶାସନ କିମ୍ବା ରାଜନେତା କେହିହେଲେ ଦୃଷ୍ଟି ଦେଉନାହାନ୍ତି । ରାଜ୍ୟ ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ମନ୍ତ୍ରୀ ଓ ପ୍ରଶାସନିକ ସ୍ତରରେ ବାରମ୍ବାର ଅଭିଯୋଗ ପରେ ବି ଏହି ପୀଠକୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି । ଯଦି ଏହି ମନ୍ଦିର ପ୍ରତି ସରକାର ଦୃଷ୍ଟି ନଦିଅନ୍ତି ତେବେ ଆଗାମୀ ଦିନରେ ଏହା ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି । ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହ ଆବଶ୍ୟକୀୟ ଉନ୍ନତିକରଣ ଏବଂ ମନ୍ଦିର ରକ୍ଷଣାବେକ୍ଷଣା ଲାଗି ପ୍ରଦୀପ୍ତ କୁମାର ପାଢ଼ୀ, ରବିନ୍ଦ୍ର କୁମାର ପାଢ଼ୀ, ଗୋପାଳକୃଷ୍ଣ ପାଢୀ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ସଦାଶିବ ପଣ୍ଡା, ଶିକ୍ଷାବିତ୍ ଲକ୍ଷ୍ମୀଧର ବେହେରା, ଶ୍ରୀନିବାସ ବେହେରା, ବୁଦ୍ଧନାଥ ପରିଡ଼ା ପ୍ରମୁଖ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

# କେନ୍ଦ୍ରାପଡା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦଜୀଉ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା, ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ ବାରିକ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ହିରଣ୍ୟ ବାରିକ, ପଳସିଂହା ସରପଞ୍ଚ ଦେବେନ୍ଦ୍ର ପରିଡା, ସମିତିସଭ୍ୟା କୁମୁଦିନି ପରିଡା, ଗୋବିନ୍ଦଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ଅଧ୍ୟକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ, ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର, ଗୋବିନ୍ଦଜୀଉ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର ମହାପାତ୍ର, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଜେନା, ଶିକ୍ଷକନେତା ପ୍ରଣବ ଜେନା ପ୍ରମୁଖ ଯୋଗ ଦେଇଥିଲେ । ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସିଆର୍‌ସିସି ଅନନ୍ତ କୁମାର ପରିଡା । ନିଷ୍ଠା ଓ ନିରନ୍ତର ଉଦ୍ୟମ କଲେ ବିଜ୍ଞାନର ଜୟଯାତ୍ରା ସମ୍ଭବ ହେବ ବୋଲି ବିଧାୟକ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ସିଆର୍‌ସିସି ରଞ୍ଜନ କିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକଙ୍କ ସଭାପତିତ୍ୱରେ ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ଓ ମୁଖ୍ୟବକ୍ତା ଭାବେ ମଣ୍ଡଳ ବିଜ୍ଞାନ ସଂଯୋଜକ ସିଦ୍ଧାର୍ଥ ଶଙ୍କର ଜେନା, ସମ୍ମାନିତ ଅତିଥି ଭାବେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦାଶରଥି ନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସଭାପତି ରାଜକିଶୋର ବିଶ୍ୱାଳ, ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ, ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ତପନ କୁମାର ଦାଶ ଓ ସିଆରସିସି ରଞ୍ଜନ ରାଉତ, ଅସଗର ଅଲ୍ଲୀ, ଗୟାସୁଦ୍ଦିନ, ଅନନ୍ତ କୁମାର ପରିଡା, ଶିକ୍ଷୟିତ୍ରୀ କାକୁଲୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ କୁନି କୁନି ବୈଜ୍ଞାନିକଙ୍କ ୧୦୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ଓ ସଭା ସଞ୍ଚାଳନ କରିଥିଲେ ମା ମଙ୍ଗଳା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର । ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସିଆର୍‌ସିସି ଅଚ୍ୟୁତାନନ୍ଦ ସାମଲ, କିଶୋର ଚନ୍ଦ୍ର ଜେନା, ଦେବାଶିଷ ସାହୁ, ଶୁଭେନ୍ଦୁ ବେହେରା, ତପନ ଜେନା, ଶୈଳେନ ପରିଡା, ଦେବୀପ୍ରସାଦ ଦାସ, ତ୍ରୈଲୋଚନ ସାମଲ, ଶିକ୍ଷକ ଫଜାଜୁଦ୍ଦିନ, ବିଶ୍ୱବନ୍ଧୁ ଜେନା, ସେକ୍ ଖତିବ୍, ଅଭିମନ୍ୟୁ ମଲ୍ଲିକ, ମାନଭଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ଼ ସଦର ପଞ୍ଚାୟତର ୧୬ ନମ୍ବର ୱାର୍ଡ ଗୋପବନ୍ଧୁ ବିହାର ଠାରେ ଏକ ପାଠାଗାର ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୋମବାର ପୂର୍ବାହ୍ନରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ପୂଜାର୍ଚ୍ଚନା ସହ ଏହି କାର୍ଯ୍ୟ ଶୁଭାରମ୍ଭ ପାଇଁ ନଡ଼ିଆ ଭାଙ୍ଗିଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ ଆମ ଗାଁ ଆମ ବିକାଶ ଯୋଜନା ଅନ୍ତର୍ଗତ ୩ ଲକ୍ଷ ଟଙ୍କା ଅନୁଦାନରେ ଏହି ୱାର୍ଡରେ ଅବସ୍ଥିତ ପ୍ରଭୁ ମହାବୀର ଓ ମାଆ ବୈଷ୍ଣୋଦେବୀ ମନ୍ଦିର ସନ୍ନିକଟ ଜାଗାରେ ଏହାକୁ ନିର୍ମାଣ କରିବା ପାଇଁ ଗୋପବନ୍ଧୁ ବିକାଶ ପରିଷଦ ସଦସ୍ୟ ମାନଙ୍କ ନେତୃତ୍ୱରେ ଦୀର୍ଘଦିନ ଧରି ସାହିତ୍ୟସିଦ୍ଧାମାନେ ପ୍ରଚେଷ୍ଟା ଜାରି ରଖିଥିଲେ । ପାଠାଗାର ନିର୍ମାଣ ହେବାକୁ ଥିବା ଏହି ଜାଗାଟି ଜନୈକ ଶିକ୍ଷକ ଦୀର୍ଘଦିନ ଧରି ନିଜ ଦଖଲରେ ରଖି ଆସୁଥିବା ବେଳେ ଏବେ ନିକଟରେ ତହସିଲଦାର ନିବେଦିତା ପରିଡ଼ା ମାପ ଚିହ୍ନଟ କରି ସମ୍ପୃକ୍ତ ଜାଗାଟିକୁ ଜବରଦଖଲ ମୁକ୍ତକରି ସର୍ବସାଧାରଣ ସାମୂହିକ କାର୍ଯ୍ୟରେ ବ୍ୟବହାର କରିବେ ବୋଲି ଘୋଷଣା କରିଥିଲେ । ମନ୍ଦିରର ବର୍ଷତମାମ ବିଭିନ୍ନ ପର୍ବ ପାଳନରେ ମଧ୍ୟ ସ୍ଥାନଭାବ କାରଣରୁ ଅସୁବିଧା ଅନୁଭୂତ ହେଉଥିଲା ବେଳେ ଏବେ ତାହା ଦୂର ହୋଇଥିବା ନେଇ ସ୍ଥାନୀୟ ବସ୍ତିବାସୀ ଖୁସି ପ୍ରକଟ କରିଛନ୍ତି । ବିକାଶ ପରିଷଦ ସଭାପତି ବିଦ୍ୟାନାଥ ହୋତା, ସମ୍ପାଦକ ତପନ ଜେନା, ଅନୁଦା ପଟ୍ଟନାୟକ, ଶୁଭାଂଶୁ ସାହୁ, ବିଭୁତି ଜେନା, ଜିତେନ୍ଦ୍ର ସାହୁ ଓ ଶିବବ୍ରତ ହୋତା ପ୍ରମୁଖଙ୍କ ସମେତ ୧୬ ନମ୍ବର ୱାର୍ଡବାସିନ୍ଦା ମହିଳା ଓ ପୁରୁଷମାନେ ଏହି ଭୂମିପୂଜନ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ରହି ବିଧାୟକଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାର ଧର୍ମପଦ ପୁରସ୍କୃତ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ଲଳିତ କଳା ଏକାଡେମୀ (ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ) ଆନୁକୂଲ୍ୟରେ ଗତ ୨୫ ତାରିଖରେ ଏକାଡେମୀ କାର୍ଯ୍ୟାଳୟରେ ପାଳନ କରାଯାଇଛି । ପ୍ରକାଶଥାଉକି ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତି ଓଡ଼ିଶାର ପ୍ରଥମ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଏବଂ ଓଡ଼ିଶାରେ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣର ଜନକ ହିସାବରେ ସେ ସୁପରିଚିତ । ତାଙ୍କ ଦ୍ୱାରା ନିର୍ମିତ ବିର୍ଷା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ଦିଲ୍ଲୀ ଠାରେ ସ୍ଥାପିତ ହୋଇଛି । ସ୍ୱର୍ଗତ ମହାନ୍ତିଙ୍କ ଦ୍ୱାରା ନିର୍ମିତ ପ୍ରତିମୂର୍ତ୍ତି ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଛି । ଏହି ଜୟନ୍ତୀ ଉତ୍ସବ ଅବସରରେ ବିଭୁତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟ ତଥା ସରକାରୀ ଚାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟର ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ, ଶିଳ୍ପଗୁରୁ ବିଜୟ କୁମାର ପରିଡ଼ା, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ପଞ୍ଚାନନ ସାମଲ, ସ୍ୱର୍ଗତ ଶ୍ରୀ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଧାରେନ ମହାନ୍ତି ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଦେବାନନ୍ଦ ବରିହା ତଥା ପ୍ରଖ୍ୟାତ ଶିଳ୍ପୀମାନେ ଅଂଶଗ୍ରହଣ କରି ଓଡ଼ିଶାର ଆଧୁନିକ ଭାସ୍କର୍ଯ୍ୟ କଳାର ବିଶ୍ୱାଣୀ ବିପ୍ରଚରଣ ମହାନ୍ତିଙ୍କ ଜୀବନୀ ଓ ତାଙ୍କର ନିଖୁଣ ପ୍ରତିମୂର୍ତ୍ତି ନିର୍ମାଣ ଉପରେ ଆଲୋକପାତ କରିଥିଲେ ।

## ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କୁ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କୁ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ଲେଖିଛନ୍ତି, ଓଡ଼ିଶାର ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କ ଜୟନ୍ତୀରେ କୋଟି କୋଟି ପ୍ରଣାମ । ଓଡ଼ିଶାରେ ବ୍ରୋଞ୍ଜ ପ୍ରତିମୂର୍ତ୍ତୀ ନିର୍ମାଣର ଜନକ ଭାବେ ତାଙ୍କର କଳା ଆଗାମୀ ଯୁବଶିଳ୍ପୀଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ।



ଶୀତ ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ବିଜେପି ବିଧାୟକଙ୍କ ବୈଠକ

## ଜମି ବିକ୍ରୟ ବ୍ୟବସ୍ଥାର ହେବ ସରଳୀକରଣ

# ଆଇନଗତ ପ୍ରତିବନ୍ଧକ ବ୍ୟବସ୍ଥା ସଂଶୋଧିତ ହେବ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଜମିଜମା ବିକ୍ରୟ କ୍ଷେତ୍ରରେ ଥିବା ଆଇନଗତ ପ୍ରତିବନ୍ଧକ ଯୋଗୁଁ ଲୋକମାନେ ଜମି ବିକ୍ରି ନକରି ପାରି ହଇରାଣହରକତ ହେଉଥିଲେ । ଏହି ବିକ୍ରୟ ବ୍ୟବସ୍ଥାର ସରଳୀକରଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନଗର ଉନ୍ନୟନ ବିଭାଗ, ରାଜସ୍ୱ ବିଭାଗ, ଉନ୍ନୟନ କର୍ତ୍ତୃପକ୍ଷ ଏବଂ ରେରା କର୍ତ୍ତୃପକ୍ଷଙ୍କ ସହ ସମସ୍ତ ସଂପୃକ୍ତ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ରାଜସ୍ୱ ମନ୍ତ୍ରୀଙ୍କ ବିଧାନସଭା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜମି ପଞ୍ଜିକରଣ କ୍ଷେତ୍ରରେ ପ୍ରତିବନ୍ଧକ ଥିବା ସମୟରେ କେତେଜଣଙ୍କର ଆଂଶିକ ପଞ୍ଜିକରଣ ହୋଇଛି ଓ କେତେ ଜଣଙ୍କର ହୋଇପାରିନାହିଁ ସେ ସଂପର୍କରେ ବିସ୍ତୃତ ରିପୋର୍ଟ ମଗାଯାଇଛି । ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ରେରା ଆଇନ, ଉନ୍ନୟନ ଆଇନ, ଆଞ୍ଚଳିକ କର୍ତ୍ତୃପକ୍ଷଙ୍କ ଆଇନର ତର୍ଜମା କରି ଆବଶ୍ୟକ ହେଉଥିବା ସଂଶୋଧନ କରିବା ସହ ୭ ଦିନ ମଧ୍ୟରେ ଏ ସଂପର୍କରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂପର୍କିତ ରିପୋର୍ଟ ଦାଖଲ ପାଇଁ ଉଭୟ ରାଜସ୍ୱ ବିଭାଗ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

## ||||||||||||| ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକ |||||||||||||

# ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଡିଭିଜନ୍‌ର କାର୍ଯ୍ୟ ଓ ଖର୍ଚ୍ଚ ସମ୍ବନ୍ଧୀୟ ସବିଶେଷ ତଥ୍ୟ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ । ଏହି ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଡିଭିଜନ୍‌ର କାର୍ଯ୍ୟ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନାଗୁଡ଼ିକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ୨୦୨୩ ଅକ୍ଟୋବର ୩୧ ତୁଳନାରେ ୨୦୨୪ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରାୟ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥରାଶି ଖର୍ଚ୍ଚ କରିପାରିଥିବା ବିଷୟରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ତଥ୍ୟ ରଖିଥିଲେ । ଏଥି ପାଇଁ ମନ୍ତ୍ରୀ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଗାମୀ ୫ ବର୍ଷ ପାଇଁ ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ୩୦ ହଜାର କି.ମି. ଗ୍ରାମ୍ୟ ରାସ୍ତା ନିର୍ମାଣର ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ବିତ୍ତ ପରାମର୍ଶଦାତା, ଅତିରିକ୍ତ ଶାସନ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ-୧, ସର୍ବୋଚ୍ଚ ଯନ୍ତ୍ରୀ-୨ ଓ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ । ଏହା ସହ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍‌ର ଯନ୍ତ୍ରୀମାନେ ମଧ୍ୟ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିବାରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ କାର୍ଯ୍ୟ କରିବାକୁ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ହାଇକୋର୍ଟରେ ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ମାମଲା

# ହାଜର ହୋଇ ସଂଶୋଧିତ ତାଲିକା ଦାଖଲ କଲେ ଓପିଏସ୍‌ସି ସଚିବ

କଟକ(ଭାସ୍କର ନ୍ୟୁଜ୍): ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ଅନିୟମିତତା ମାମଲାରେ ହାଇକୋର୍ଟରେ ସୋମବାର ଓଡିଶା ଲୋକସେବା ଆୟୋଗ (ଓପିଏସ୍‌ସି) ସଚିବ ବ୍ୟକ୍ତିଗତ ଭାବେ ହାଜର ହୋଇ ସଂଶୋଧିତ ତାଲିକା ଦାଖଲ କରିଛନ୍ତି । ସଂଶୋଧିତ ମେଧା ତାଲିକା ଏଯାଏ ସର୍ବସାଧାରଣ ହୋଇନଥିବାରୁ ଏହାକୁ ମଙ୍ଗଳବାର ସୁଦ୍ଧା ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ହାଇକୋର୍ଟ ସଚିବଙ୍କୁ ଆଦେଶ ଦେଇଛନ୍ତି । ସେହିପରି କେଉଁ ପରିସ୍ଥିତିରେ ସଂଶୋଧିତ ମେଧା ତାଲିକା ଜାରି କରାଯାଇଛି ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଏହି ମାମଲାରେ ପ୍ରଥମ ମେଧା ତାଲିକାରେ ଚାକିରି ପାଇଥିବା ଡେଣ୍ଟାଲ୍ ସର୍ଜନଙ୍କ ତାଲିକା ହାଇକୋର୍ଟରେ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଅଦାଲତ ସଚିବଙ୍କୁ ଆଦେଶ ଦେଇଛନ୍ତି । ଆସନ୍ତା ଗୁରୁବାର ଦିନ ହାଇକୋର୍ଟରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି । ପୂର୍ବରୁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ସଚିବଙ୍କୁ ୨୫ ତାରିଖରେ ସଂଶୋଧିତ ମେଧା ତାଲିକା ସହ ହାଜର ହେବାକୁ ଆଦେଶ ଦେଇଥିଲେ । କଟ୍ ଅଫ୍ ମାର୍କ ଆଧାରରେ ବାଦ୍ ପଡ଼ିଥିବା ୧୧ ଜଣ ୨୦୧୭-୧୮ରୁ ବିଭିନ୍ନ ହସ୍‌ପିଟାଲରେ ସର୍ଜନ ଭାବେ କାର୍ଯ୍ୟ କରିଆସୁଛନ୍ତି । ତେଣୁ ଏହି ୧୧ ଜଣଙ୍କ ନିଯୁକ୍ତି ଉପରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଓପିଏସ୍‌ସିକୁ ଆଦେଶ ଦେଇଥିଲେ । ଏହି ୧୧ ଜଣ ସର୍ଜନଙ୍କୁ ଚାକିରିରୁ ଛଟେଇ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବା ନେଇ ଓପିଏସ୍‌ସି ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ତେବେ ନଭେମ୍ବର ୨୦ ତାରିଖ ବୁଧବାର ହାଇକୋର୍ଟ ମାମଲାର ଶୁଣାଣି କରି ରିଭାଇଜଡ୍ ମେରିଟ୍ ଲିଷ୍ଟ ପ୍ରଦାନ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ ।

# ଓମ୍‌ଫେଡ୍ କଲ୍ୟାଣ ସଙ୍ଘର ବାର୍ଷିକ ସାଧାରଣ ସଭା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓମ୍‌ଫେଡ୍ ୱେଲଫେୟାର ଆସୋସିଏସନ୍‌ର ସାଧାରଣ ସଭା ସ୍ଥାନୀୟ ବୁଲନ୍‌ଭାଇ ସେବା ଭବନ (ମାଷ୍ଟର କ୍ୟାଣ୍ଟିନ ଛକ ନିକଟ) ଠାରେ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନର ସଭାପତି ମୁକ୍ତିକାନ୍ତ ମହାପାତ୍ର ସଭାରେ ଉପସ୍ଥିତ ଅବସରପ୍ରାପ୍ତ ଓମ୍‌ଫେଡ୍ କର୍ମଚାରୀ ସଦସ୍ୟ / ସଦସ୍ୟା ମାନଙ୍କୁ ବୈଠକର ତାତ୍ପର୍ଯ୍ୟ ବିଷୟରେ ଅବଗତ କରାଇବା ସଙ୍ଗେ ସଙ୍ଗେ ନ୍ୟାର୍ଯ୍ୟ ପ୍ରାପ୍ୟ ହାସଲ ଦିଗରେ ସମସ୍ତଙ୍କର ସକ୍ରିୟ ସହଯୋଗ ଓ ଅକୁଣ୍ଠ ସମର୍ଥନ ପାଇଁ ଆହ୍ୱାନ ଦେଇଥିଲେ । ଆସୋସିଏସନର ସାଧାରଣ ସମ୍ପାଦକ ରମେଶ ପ୍ରସାଦ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ ମାଧ୍ୟମରେ ଅତୀତ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଅଲ୍ ଓଡ଼ିଶା ଇପିଏଫ୍ ଆସୋସିଏସନର ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଇପିଏଫ୍ ସଙ୍ଗଠନର ଉପସଭାପତି ଭାଗ୍ୟଧର ବ୍ରହ୍ମା, ରାଜ୍ୟ ନିଗମ କର୍ମଚାରୀ ମହାସଂଘ ତଥା ଇପିଏଫ୍ ଆସୋସିଏସନ ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଇପିଏଫ୍ ଆସୋସିଏସନ୍ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତଥା ନିଗମ ମହାସଂଘ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଦାସ, ନିଗମ କର୍ମଚାରୀ ମହାସଂଘର ଅଧ୍ୟକ୍ଷ ସରୋଜକାନ୍ତ ମଲ୍ଲିକ ଯୋଗଦାନ କରି ବେତନ, ପେନ୍‌ସନ୍ ଓ ଅନ୍ୟାନ୍ୟ ପ୍ରାପ୍ୟ ସମ୍ବନ୍ଧରେ ବିସ୍ତୃତ ବକ୍ତବ୍ୟ ରଖିବା ସହ ଆସୋସିଏସନ୍‌କୁ ସକ୍ରିୟ ସହଯୋଗ ଓ ଅକୁଣ୍ଠ ସମର୍ଥନ ଯୋଗାଇ ଦେବାକୁ ପ୍ରତିଶ୍ରୁତ ପ୍ରଦାନ କରିଥିଲେ । ପରିଶେଷରେ ଆସୋସିଏସନର ନୂତନ କର୍ମକର୍ତ୍ତା ଭାବେ ମୁକ୍ତିକାନ୍ତ ମହାପାତ୍ର-ସଭାପତି, ପ୍ରଫୁଲ କୁମାର ପାତ୍ର-ଉପସଭାପତି, ରମେଶ ପ୍ରସାଦ ମହାପାତ୍ର-ସାଧାରଣ ସମ୍ପାଦକ, କ୍ଷୀରୋଦ କୁମାର ସାହୁ-ଯୁଗ୍ମସମ୍ପାଦକ ଓ କୋଷାଧ୍ୟକ୍ଷ-ଏ ଲକ୍ଷ୍ମୀ ନାରାୟଣ ଦୋରା ସର୍ବସମ୍ମତି କ୍ରମେ ନିର୍ବାଚିତ ହେଇଥିଲେ ।

# ଗ୍ରେଡର୍ ମେସିନ୍ ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ ଅଭିଯୋଗ

କୋଇଡା (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଥାନା ଅନ୍ତର୍ଗତ ଗଣୁଆ ଠାରେ ତ୍ରିବେଣୀ କମ୍ପାନୀ ଦ୍ୱାରା କାର୍ଯ୍ୟରେ ନିୟୋଜିତ ଗ୍ରେଡର୍ ମେସିନ୍ ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ରଘୁନାଥ ଦାସ୍ ନାମକ ବ୍ୟକ୍ତି ଜିତେନ୍ଦ୍ର ଗୁପ୍ତା ନାମକ ସିଭିଲ କଣ୍ଟ୍ରାକ୍ଟର ପାଖରେ ସୁନ୍ଦରଗଡ଼ ଜିଲ୍ଲା ଗଣୁଆ ଠାରେ କାର୍ଯ୍ୟ କରୁଥିଲେ । ଶନିବାର ରଘୁନାଥ ଗଣୁଆ ପଟାବେଡାକୁ ଜଳଖିଆ କରିବାକୁ ଯାଉଥିବା ବେଳେ ତ୍ରିବେଣୀ କମ୍ପାନୀ ଦ୍ୱାରା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଏକ ଗ୍ରେଡର୍ ମେସିନ୍ ଯାହାର ନମ୍ବର୍ ଓଡି୩୩ଏଫ୍-୫୯୦୯ ଧକ୍କାରେ ରଘୁନାଥ ଦାସ୍‌ଙ୍କ ମୃତ୍ୟୁ ହୋଇଥିବା ନେଇ ମୃତକଙ୍କ ଶଳା ଅଭିଯୋଗ କରିଛନ୍ତି । ତେବେ ଶବକୁ ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ବେଳେ ମୃତ ବ୍ୟକ୍ତିଙ୍କ ଘର ଲୋକେ କ୍ଷତି ପୂରଣ ଦାବିରେ କୋଇଡା ଥାନାର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରି କହିଛନ୍ତି ଯେ ଦୁର୍ଘଟଣା ଘଟାଇଥିବା ଗ୍ରେଡର୍ ମେସିନ ତ୍ରିବେଣୀ କମ୍ପାନୀର ହୋଇନଥିବା ବେଳେ ଅଘଟଣ ପାଇଁ ଦୁଃଖ ପ୍ରକାଶ କରିବା ସହିତ ପରିବାରକୁ ଯଥାସମ୍ଭବ ନିୟମାନୁଯାୟୀ ସାହାଯ୍ୟ ସହଯୋଗ କରିବ, ମୃତକଙ୍କ ଘର ବଡବିଲ୍ ପୌରପାଳିକା ଅନ୍ତର୍ଗତ ବୋଲି ଜଣାପଡିଛି ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଉମରକୋଟ (ଭାସ୍କର ନ୍ୟୁଜ୍): ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ । ମୃତ ଯୁବକ ଜଣକ ହେଲେ ରାଇଘର ବ୍ଲକ ପରଚିପାରା ପଞ୍ଚାୟତ କେବି ଗଙ୍ଗା ଗ୍ରାମର ସମରନ ରାଉତ (୨୦) । ମିଳିଥିବା ସୂଚନା ଅନୁସାରେ ସମରନ କୌଣସି କାମରେ ହାଟ ଭରଣ୍ଡି ଯାଇ ଘରକୁ ଫେରୁଥିଲେ । ଏହି ସମୟରେ ରାମନାଗୁଡା ନିକଟରେ ବାଇକ୍ ସମ୍ମୁଖରେ ଛେଳିଗୁଡ଼ିକ ଚାଲିଆସିବାରୁ ଛେଳି ଗୁଡ଼ିକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଛେଳି ଚରାଳିମାନେ ସମରନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଟ ଭରଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଖବର ପାଇ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । ପ୍ରାଥମିକ ଚିକିତ୍ସା ପରେ ସମରନ ଅବସ୍ଥା ଗୁରୁତର ହେବାରୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସମରନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇନାହିଁ ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ତାଳଚେର (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୧୧୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୮୦ଟି ବ୍ୟକ୍ତିଗତ ଓ ୩୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ୧୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଶିବାନନ୍ଦ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁସ୍ମିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ତାଳଚେର ତହସିଲଦାର ରୋଜାଲିନ୍ ବେହେରା, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ସ୍ୱନକ୍ଷତ୍ର ସ୍ମାରକୀ ପ୍ରତିଯୋଗିତା ଅନୁଷ୍ଠିତ



ହିଞ୍ଜିଳିକାଟୁ (ଭାସ୍କର ନ୍ୟୁଜ୍): ଆସନ୍ତା ମାସରେ ଓଡ଼ିଆ ଭାଷା ସାହିତ୍ୟ ସମିତି, ଓଡ଼ିଶାର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ରବିବାର ସ୍ୱନକ୍ଷତ୍ର ସ୍ମାରକୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ହିଞ୍ଜିଳିକାଟୁ ପରିସରରେ ରବିବାର ଦିନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ୱନକ୍ଷତ୍ର ସ୍ମାରକୀ ପ୍ରତିଯୋଗିତାର ସଂଯୋଜକ ତଥା ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କ ସଂଯୋଜନାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସାଧାରଣଜ୍ଞାନ, ବକ୍ତୃତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା । ସ୍ଥାନୀୟ ବ୍ଲକ ତଥା ଆଖ ପାଖ ଅଞ୍ଚଳର ପ୍ରାୟ ୨୦୦ ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ । ହିଞ୍ଜିଳିକାଟୁ ପୌର ପରିଷଦ ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ଚୌଧୁରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା, ଯୁବନେତା ତଥା ସାହିତ୍ୟିକ ନୀଳମଣି ପଟ୍ଟନାୟକ, ଅବସରପ୍ରାପ୍ତ ଚିକିତ୍ସକ ଡ଼ା. ସୁରେଶ ଚନ୍ଦ୍ର ତ୍ରିପାଠୀ, ପ୍ରଧାନ ଶିକ୍ଷକ ଦେବବ୍ରତ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡିତ, ଯୁବ ସାହିତ୍ୟିକ ପପୁ ପରିଡ଼ା ଏବଂ ରାଜେଶ କୁମାର ପାତ୍ର ବିଚାରକ ଭାବରେ ଯୋଗଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ଦ୍ୱିତିକୃଷ୍ଣ ସାବତ, ପ୍ରଧାନ ଶିକ୍ଷକ କୈଳାଶପତି ଦାସ, ସମ୍ପାଦକ ଇ. ରାମାପ୍ରସାଦ ପାତ୍ର, ପ୍ରଧାନ ଆଚାର୍ଯ୍ୟ ଚଣ୍ଡୀ ପ୍ରସାଦ ବେହେରା ଯୁବ ଶିକ୍ଷାବିତ୍ ଆଲୋକ କୁମାର ନାୟକ, ସମିତିର ଉପ-ସଭାପତି ବ୍ରହ୍ମାକୁମାର ନିତ୍ୟାନନ୍ଦ ସାହୁ, ଉପ-ସଭାନେତ୍ରୀ ରୀତାଞ୍ଜଳି ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ, ନବୀନ ଖବରକାଗଜର ସହସମ୍ପାଦକ ସୁଶାନ୍ତ କୁମାର କର, ଯୁବ ନାଟ୍ୟକାର ପ୍ରିୟମ୍ବଦ ପଟ୍ଟନାୟକ, ସଦସ୍ୟ ସରୋଜ କୁମାର ପାତ୍ର, ଯୁବ ଗୀତିକାର କାହ୍ନୁ ଚରଣ ଗୌଡ଼ ପ୍ରମୁଖଙ୍କ ସହ ସମିତିର ବହୁ କାର୍ଯ୍ୟକର୍ତ୍ତା ଏବଂ ଶିଶୁ ମନ୍ଦିରର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମିତିର ସମ୍ପାଦକ ଚିନ୍ମୟ ପୋଲାଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଲିଙ୍ଗଭିତ୍ତିକ ହିଂସା ବିରୋଧରେ ଅଭିଯାନ ଆରମ୍ଭ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ଏନ୍‌ଜିଓ 'ହମାରା ବଚ୍‌ପନ ଟ୍ରଷ୍ଟ' ପକ୍ଷରୁ ଲିଙ୍ଗ-ଭିତ୍ତିକ ହିଂସା ବିରୋଧରେ ୧୬ ଦିନିଆ ବୈଶ୍ୱିକ ଅଭିଯାନ ଆରମ୍ଭ ହୋଇଛି । ଯାହା ନଭେମ୍ବର ୨୫ (ଆନର୍ଜାତିକ ମହିଳା ହିଂସା ନିରୋଧୀ ଦିବସ)ରୁ ଡିସେମ୍ବର ୧୦ (ଆନ୍ତର୍ଜାତିକ ମାନବାଧିକାର ଦିବସ) ପର୍ଯ୍ୟନ୍ତ ଚାଲିବ । ୨୫ ନଭେମ୍ବରରେ ଏଚବିଟି ଓଡ଼ିଶା ଓ ମଧ୍ୟପ୍ରଦେଶରେ ଏହାର ବିଶାଳ ଅଭିଯାନ ଶୁଭାରମ୍ଭ କରିଥିଲା, ଯେଉଁ ଅବସରରେ ୧୬ଦିନ ବ୍ୟାପୀ ଏହାର କାର୍ଯ୍ୟକାରିତାର ବିଭିନ୍ନ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି । ଏହି ସମସ୍ତ କାର୍ଯ୍ୟକ୍ରମ ଅନ୍ତରଙ୍ଗ ସାଥୀଙ୍କ ଦ୍ୱାରା ହିଂସା, ବାଲ୍ୟ ବିବାହ ଏବଂ ଅନ୍ୟ ଲିଙ୍ଗ-ଭିତ୍ତିକ ହିଂସା ଭଳି ଗୁରୁତର ପ୍ରସଙ୍ଗଗୁଡିକ ପ୍ରତି ଦୃଷ୍ଟିଦେବା ଲକ୍ଷ୍ୟ ରଖିଛି । କେନ୍ଦୁଝରରେ ପାଟଣାର ଏକ ଅଙ୍ଗନବାଡି କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ୪୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ । ଯେଉଁମାନଙ୍କ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କିଶୋରୀ ବାଳିକା ଏବଂ ପିଆରଆଇ ନେତୃବୃନ୍ଦ ଅନ୍ତର୍ଭୁକ୍ତ ଥିଲେ । ଏହି ଅଭିଯାନ ସମୟରେ ଯୌନଗତ, ଶାରୀରିକ ଏବଂ ମନସ୍ତାତ୍ତ୍ୱିକ ହିଂସାଜନିତ ଆପଦ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏଥିସହିତ ବାଲ୍ୟ ବିବାହର କୁପରିଣତି ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରେ ସାମୂହିକ ପ୍ରୟାସକୁ ପ୍ରେରଣା ଦେବା ନିମନ୍ତେ ଏକ ଶୋଭାଯାତ୍ରା ଆୟୋଜନ ସହିତ ସେଥିରେ ଏ ସମ୍ପର୍କରେ ସ୍ଲୋଗାନ ଦିଆଯାଇଥିଲା । ଇତିମଧ୍ୟରେ ଭୁବନେଶ୍ୱରର ଭଗବତୀ ଅଞ୍ଚଳରେ ୨୬ କିଶୋରୀ ବାଳିକା ଏବଂ ମହିଳା ଲିଙ୍ଗ-ଭିତ୍ତିକ ହିଂସା ବିରୋଧରେ ନିରାପତ୍ତା, ସମାନତା ଏବଂ ମଜଭୁତପଣ ଉପରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରଙ୍ଗୋଲି ପ୍ରସ୍ତୁତି ପ୍ରତିଯୋଗିତା ଏବଂ ଶପଥ ପାଠ ଉତ୍ସବ ଆଦି ସୃଜନଶୀଳ ପଦକ୍ଷେପରେ ଅଂଶଗ୍ରହଣ କରିଥିଲେ ।

# ଆନ୍ତଃରାଜ୍ୟ ଟ୍ରକ୍ ଚୋରି ର୍‍ୟାକେଟ୍ ଠାବ: ୮ ଗିରଫ, ୩ ଟ୍ରକ୍ ଜବତ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଆନ୍ତଃ ରାଜ୍ୟ ଟ୍ରକ୍ ଚୋରି ର୍‍ୟାକେଟ୍ ଠାବ କରିବାରେ କେନ୍ଦୁଝର ଟାଉନ ଥାନାକୁ ଏକ ବଡ ସଫଳତା ମିଳିଛି । କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ୧୨ଟି ଟ୍ରକ ଏବଂ ଡମ୍ପର ଚୋରି ହୋଇଥିବା ନେଇ ବିଭିନ୍ନ ଥାନାରେ ଏତଲା ହୋଇଥିଲା । ଏହିସବୁ ଟ୍ରକ ଚୋରି ମାମଲାରେ ସୋମବାର ଟାଉନ୍ ଥାନା ପୋଲିସ କେସ୍ ନମ୍ବର ୫୧୬/୨୦୨୪, ୫୧୯/୨୦୨୪, ୫୩୨/୨୦୨୪, ୫୭୧/୨୦୨୪, ୫୭୨/୨୦୨୪, ୫୭୪/୨୦୨୪, ୫୭୬/୨୦୨୪, ୫୭୭/୨୦୨୪, ସଦର ଥାନା କେସ ନମ୍ବର ୩୬୭/୨୦୨୪, ୫୩୪/୨୦୨୪, ୬୦୩/୨୦୨୪ରେ ୮ଜଣଙ୍କୁ ଗିରଫ କରିବା ସହ ୩ଟି ଟ୍ରକ ଜବତ୍ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସିଲୁ ମଲ୍ଲିକ ସୂଚନା ଦେଇଛନ୍ତି । ଗିରଫମାନେ ହେଲେ ତେଲକୋଇ ଥାନା ଅଞ୍ଚଳର କାଳିମା ଗ୍ରାମର ଝାଡେଶ୍ୱର ମହାନ୍ତ(୪୬), ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରପାଲି ଥାନା ଅଞ୍ଚଳ ଗୋପବନ୍ଧୁନଗର ଗ୍ରାମର ରଜତ କୁମାର ମହାନ୍ତ(୪୮), ସୁନ୍ଦରଗଡ ଜିଲ୍ଲାର ଝିରପାଣି ଥାନା ଜରଦା ଗ୍ରାମର ସୁକାନ୍ତ କୁମାର କୁଶଲ(୩୯), ସୁନ୍ଦରଗଡ ଜିଲ୍ଲାର ପ୍ଲାଣ୍ଟ ସାଇଡ ଥାନାର ଗାନ୍ଧୀରୋଡ ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ ବାରି (୫୨), ମୟୂରଭଞ୍ଜ ଜିଲ୍ଲା ଟାଉନ ଥାନାର ଗୌଡଗାଁର ଅଚ୍ୟୁତ୍ କୁମାର ସାହୁ (୨୦), ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳର ରଜତ କୁମାର ପାଣ୍ଡବ (୨୯), ଯାଜପୁର ଜିଲ୍ଲା ଦାନଗଦି ଅଞ୍ଚଳର ସେକ ସଫିଉଦ୍ଦିନ (୩୮), ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର ସାଜନ ବାବୁ (୨୮) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କୋଭିଡ ହସ୍‌ପିଟାଲ ସମ୍ମୁଖରେ ଥିବା ମହାନ୍ତ ପାର୍କିଂ ୟାର୍ଡରୁ ଗତ ୧୮ ତାରିଖ ସନ୍ଧ୍ୟାରେ ଓଡି୧୬-ଡି-୨୫୯୫ ନମ୍ବର ବିଶିଷ୍ଟ ଏକ ୧୨ଚକିଆ ଟ୍ରକ ଚୋରି ହୋଇଥିଲା । ଏନେଇ ଗାଡି ମାଲିକ ସନ୍ତୋଷ କୁମାର ବେଜ୍ ଟାଉନ ଥାନାରେ ୨୦ ତାରିଖ ଦିନ ଏତଲା ଦେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ ପରେ ଟ୍ରକ୍‌ଟି ଜାତୀୟ ରାଜପଥ ୪୯ ଦେଇ ଯାଇଥିବା ଜାଣିପାରିଥିଲା । ଏହାପରେ ପୋଲିସ ଦେବଗଡ ଜିଲ୍ଲା ବାରକୋଟ ନିକଟ କଲା ଟୋଲ୍ ଗେଟ୍‌ରେ ସିସିଟିଭି ଯାଞ୍ଚ ପରେ ଏହି ୧୨ ଚକିଆ ଟ୍ରକ୍‌ଟି ସିଜି୦୭-ବିବି-୨୬୫୫ ଜାଲ୍ ନମ୍ବର ଲଗାଇ ରାଉରକେଲା ଯାଇଥିବା ପୋଲିସ ଜାଣିବାକୁ ପାଇଥିଲା । ତଦନ୍ତ ବେଳେ ରାଉରକେଲା ପାନପୋଷ ପାଖରେ ଗାଡି ଥିବା ଠାବ କରିବା ପରେ ଗାଡି ଚୋରି କରିଥିବା ଝାଡେଶ୍ୱର ମହାନ୍ତ (୪୬)ଙ୍କୁ ଗିରଫ କରିଥିଲା । ତାଙ୍କ ବାପାଙ୍କ ନାମ ଗୁରୁଚରଣ ମହାନ୍ତ ଏବଂ ତାଙ୍କ ଘର ତେଲକୋଇ ଥାନା ଅଞ୍ଚଳର କାଳିମା ଗ୍ରାମରେ ବୋଲି ଜଣାପଡିଥିଲା । ଝାଡେଶ୍ୱର ମହାନ୍ତଙ୍କୁ ଜେରା ବେଳେ ଅଚ୍ୟୁତ୍ କୁମାର ସାହୁ ଏବଂ ସୁକାନ୍ତ କୁମାର କୁଶଲଙ୍କୁ ଗାଡି ଦେଇଥିବା କହିଥିଲା । ତଦନ୍ତ ବେଳେ ଝାଡେଶ୍ୱର ମହାନ୍ତ ଟାଉନ ଏବଂ ସଦର ଥାନା ଅଞ୍ଚଳରୁ ୧୧ଟି ଟ୍ରକ୍ ଏବଂ ଡମ୍ପର ଚୋରି କରିଥିବା ସ୍ୱୀକାର କରିଥିଲା । ସେଥିମଧ୍ୟରୁ ୫ଟି ଟ୍ରକ ରାଉରକେଲା ଅଞ୍ଚଳର ସ୍କ୍ରାପ୍ ବ୍ୟବସାୟୀ ରାଜେନ୍ଦ୍ର ପ୍ରସାଦ ବରୀ (୫୨)ଙ୍କୁ ଦେଇଥିଲା । ସେ ଏହି ଟ୍ରକ୍‌ଗୁଡିକୁ କାଟି ଦେଇଥିଲେ । ଗୋଟିଏ ଟ୍ରକ୍ ରଜତ ଏବଂ କୁଶଲ ପାଖରୁ ରାଉରକେଲା ଫର୍ଟିଲାଇଜର ଅଞ୍ଚଳରୁ ପୋଲିସ ଜବତ୍ କରିଛି । ଅନ୍ୟ ୩ଟି ୧୦ଚକିଆ ଟ୍ରକ୍ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ସ୍କ୍ରାପ୍ ବ୍ୟବସାୟୀ ସାଜନ ଏବଂ ସଫିଉଦ୍ଦିନଙ୍କୁ ଝାଡେଶ୍ୱର ମହାନ୍ତ ଚୋରି କରି ବିକ୍ରି କରିଥିଲା । ପୋଲିସ ଏହି ୨ଜଣ ସ୍କ୍ରାପ୍ ବ୍ୟବସାୟୀଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ କଟର ମେସିନ, ଗ୍ୟାସ୍ ସିଲିଣ୍ଡର, ଜାଲ ନମ୍ବର ପ୍ଲେଟ୍, ୬ଟି ମୋବାଇଲ ଫୋନ୍‌କୁ ଜବତ କରିଛି । ଅନ୍ୟ ୨ଟି ଟ୍ରକ ଝାଡଖଣ୍ଡରେ ବିକ୍ରି ହୋଇଛି । ଏହି ଚୋରିରେ ସମ୍ପୃକ୍ତ ଝାଡଖଣ୍ଡ ଅଞ୍ଚଳର ଜଣେ ଅଭିଯୁକ୍ତ ଫେରାର୍ ଥିବା ପୋଲିସ ସୂଚନା ଦେଇଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଇଣ୍ଡୋର ଷ୍ଟାଡ଼ିୟମ ପରିସରରେ ବ୍ଲକ୍ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ମଣ୍ଡଳ ଉନ୍ନୟନ ଅଧିକାରୀ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ଏସ୍‌ଡ଼ିପିଓ ପ୍ରଭାତ କୁମାର ମଲ୍ଲିକ, ଏନ୍ଏସି ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରୀ ସୁହାଗୀ ହେମ୍ବ୍ରମ, ପୂର୍ବତନ ସିଡ଼ିପିଓ ତନୁପ୍ରଭା ବେଉରା, ମହିଳା କମିଶନରଙ୍କ ପରାମର୍ଶଦାତା ଡ଼ଃ ଏନ୍‌କୁନା ସାହୁ, ସିନିୟର ଫିଲ୍ଡ ଅଫିସର ବିଜୟିନୀ ସିଂ ପ୍ରମୁଖ ଯୋଗ ଦେଇଥିଲେ । ବାଲ୍ୟ ବିବାହ, ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା, ମହିଳା ଓ ଶିଶୁ ଚାଲାଣ ନିରାକରଣ, ସାଇବର ଅପରାଧ, ମହିଳାଙ୍କୁ ସୁରକ୍ଷା ଏବଂ ପୋଲିସର ଭୂମିକା ସଂପର୍କରେ ଆଲୋଚନା କରାଯାଇଥିଲା । ମହିଳାଙ୍କ ସୁରକ୍ଷା ପାଇଁ ସରକାର ମହିଳା କୋର୍ଟ ଖୋଲିବାକୁ ଯାଉଥିବା ବେଳେ କୋର୍ଟରେ ମହିଳା ଆଇନଜୀବୀ ନିଯୁକ୍ତ ହେବେ । ମହିଳାମାନେ ଯେତେ ସଚେତନ, ଜାଗ୍ରତ ହେବେ ସେମାନେ ଅଧିକ ସୁରକ୍ଷିତ ରହିପାରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଆଶା, ଅଙ୍ଗନୱାଡ଼ି, ଏସ୍ଏଚ୍‌ଜି, ଏମ୍‌ବିକେ, ମିଶନ ଶକ୍ତି, ମହିଳା ଆଇନଜୀବୀ ଉପସ୍ଥିତ ଥିଲେ । ରାଜ୍ୟ ମହିଳା କମିଶନ ଏବଂ ବ୍ଲକ୍ ପ୍ରଶାସନର ମିଳିତ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା ।



## ଅବସରପ୍ରାପ୍ତ କର୍ମଚାରୀଙ୍କ ୯ଦଫା ସମ୍ବଳିତ ଦାବିପତ୍ର



ନିଶ୍ଚିନ୍ତକୋଇଲ(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘ ନିଶ୍ଚିନ୍ତକୋଇଲି ଶାଖା ତରଫରୁ ଏକ ୯ଦଫା ସମ୍ବଳିତ ଦାବିପତ୍ର ସୋବବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନୟନ୍ନ ଅଧିକାରୀଙ୍କ ମାଧ୍ୟମରେ ପ୍ରେରଣ କରାଯାଇଛି । ଗତ ୧୯୯୮ ମସିହାରୁ କେନ୍ଦ୍ର ଓ ଅନ୍ୟ ରାଜ୍ୟ ସରକାର ପେନସନଧାରୀଙ୍କୁ ଚିକିତ୍ସା ଭତ୍ତା ଦେଇଆସୁଛନ୍ତି । ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘର ୧୮ ବର୍ଷର ଧାରାବାହିକ ସ୍ମାରକପତ୍ର, ଆଲୋଚନାରେ ପ୍ରତିଶ୍ରୁତି ସତ୍ୱେ ରାଜ୍ୟ ସରକାର ଅତ୍ୟନ୍ତ ନିଷ୍ଠୁର ଉଦାସୀନ ମନୋଭାବ ପୋଷଣ କରି ଆସୁଥିବା ଅବସରପ୍ରାପ୍ତ କର୍ମଚାରୀ ମହଲରେ ଅଭିଯୋଗ ହୋଇଛି । ରାଜ୍ୟର ୩.୫ଲକ୍ଷ ପେନସନଧାରୀଙ୍କ ଅବଦାନକୁ ଭୁଲି ଦୀର୍ଘ ୩୫-୪୦ ବର୍ଷ ପରେ ରାଜ୍ୟ ସରକାର କେବଳ ପେନସନ ଗଣ୍ଡାଏ ଦେଇଛନ୍ତି । ବାର୍ଦ୍ଧକ୍ୟରେ ରୋଗବ୍ୟାଧି ପାଇଁ ଚିକିତ୍ସା, ଔଷଧ ଓ ଯନ୍ତ୍ରଣା ଉପସମ ପାଇଁ ଆବଶ୍ୟକୀୟ ଦିଗ ପ୍ରତି ସରକାର ଦୃଷ୍ଟି ନଦେଇ ନିବରଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଡବଲ ଇଞ୍ଜିନ ସରକାର ଶପଥ ଗ୍ରହଣ କରିବା ପରେ ଗତ ଜୁନ ୧୪ତାରିଖ ଦିନ ମହାସଙ୍ଘ କର୍ମକର୍ତ୍ତା ରାଜ୍ୟ ଅତିଥି ଭବନରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଲୋଚନା ପାଇଁ ଚାହିଁଥିଲେ । ଗତ ଜୁଲାଇ ୧୫ତାରିଖ ଦିନ ସଙ୍ଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପ୍ରକୋଷ୍ଠରେ ବିଧିବଦ୍ଧ ଅଭିଯୋଗ ଓ ସ୍ମାରକପତ୍ର ପ୍ରଦାନ ତଥା ଆଲୋଚନା କରାଯାଇଥିଲା । ୯ଦଫା ଦାବି ସମ୍ବଳିତ ସ୍ମାରକପତ୍ରର ମୁଖ୍ୟଦାବି କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଓ ସ୍ୱାସ୍ଥ୍ୟସେବା ପ୍ରଦାନ ସୁବିଧାଦାବିକୁ ଏକ ସମୟସୀମା ମଧ୍ୟରେ ସମାଧାନ କରିବା ଏବଂ ଅନ୍ୟ ଦାବି ପାଇଁ ଏକ ସଚିବସ୍ତରୀୟ କମିଟି ମାଧ୍ୟରେ ଆଲୋଚନା କରାଯାଇ ସମାଧାନ କରାଯିବା ନିମନ୍ତେ ସଙ୍ଘ ତରଫରୁ ଦାବି କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଗ୍ରାଧିକାର ଭିତ୍ତିରେ ଏହି ସମସ୍ୟାର ସମାଧାନ ନିମନ୍ତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ସ୍ମାରପତ୍ର ଦେବାର ୩ମାସ ପରେ ମଧ୍ୟ ସ୍ମାରକପତ୍ରଟି କେବଳ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସ୍ତରରେ ଥିବାର ସଙ୍ଘ ତରଫରୁ ଅଭିଯୋଗ କରାଯାଇଛି । ଗତ ଜୁଲାଇ ୧୫ ଆଲୋଚନା ପରେ ସଙ୍ଘ ତରଫରୁ ଗତ ଜୁଲାଇ ୩୧ତାରିଖ ଦିନ ମହାସଙ୍ଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନ୍ୟଏକ ନିବଦେନ ପତ୍ର ପ୍ରେରଣ କରାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଦାବି ସମ୍ପର୍କୀୟ ସୂଚନା ଅର୍ଥ ବିଭାଗରୁ ମିଳିନଥିବା ଅଭିଯୋଗ ହୋଇଛି । ସମ୍ବେଦନଶୀଳ ସମସ୍ୟା ମଧ୍ୟରେ ଗତ ୧୯୯୦ ମସିହାରୁ ପେନସନ ଓ ସାଧାରଣ ଅଭିଯୋଗ ସମସ୍ୟାର ଆଶୁ ସମାଧାନ ପାଇଁ ଗଠନ ହୋଇଥିବା ସ୍ୱତନ୍ତ୍ର ବିଭାଗ ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗକୁ ଅଚାନକ ଭାବେ ଗତ ୨୦୧୭ ଏପ୍ରିଲ ମାସରେ ଉଚ୍ଛେଦ କରିଦିଆଯାଇଥିଲା । ଗତ ୨୦୧୬ ଜାନୁଆରୀ ୧ରୁ କେନ୍ଦ୍ର ଅନୁରୂପ ଭାବେ ପେ ମାଟ୍ରିକ ଆଧାରରେ ପେନସନ ନିର୍ଦ୍ଧାରଣ, ସର୍ବନିମ୍ନ ପେନସନ, କ୍ୱାଲିଫାଇଂ ସର୍ଭ ୨୦ ବର୍ଷକୁ ହ୍ରାସ, ପୁରୁଣା ପେନସନ ପୁନଃ ପ୍ରଚଳନ କରାଯିବା, କୋଭିଡ ସମୟରେ ବାକିଥିବା ୧୮ମାସର ଡିଆର ପ୍ରଦାନ କରିବା ଇତ୍ୟାଦି ୯ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ସୋମବାର ଅବସରପ୍ରାପ୍ତ ଶିକ୍ଷକ ନେତା ବସନ୍ତ କୁମାର ସ୍ୱାଇଁ, ଗୋଲଖ ଚନ୍ଦ୍ର ବାରିକ, କରୁଣାକର ସ୍ୱାଇଁ,ଶିବ ଚରଣ ସାହୁ, ସୁନାକର ସେଠୀ, ନାରାୟଣ ଭାରତୀ, ରମେଶ ଚନ୍ଦ୍ର ସାହୁ, ସାରଙ୍ଗଧର ବାରିକ ପ୍ରମୁଖ ବହୁ ଅବସରପ୍ରାପ୍ତ କର୍ମଚାରୀ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନୟନ୍ନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରେରଣ କରିଥିବା ଜଣାଯାଇଛି ।

## ଠିକାସଂସ୍ଥାର ମନମାନୀ: ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାପଥରେ ଦୁର୍ଘଟଣା ବୃଦ୍ଧି



ଡେରାବିଶ(ଭାସ୍କର ନ୍ୟୁଜ): ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥକୁ ଏବେ ଆଠ ଲେନ୍ ବିଶିଷ୍ଟ କରାଯାଉଛି । ଏଥିପାଇଁ ବିଭିନ୍ନ ଛକ ସ୍ଥାନମାନଙ୍କରେ ଓଭର ବ୍ରିଜ କାର୍ଯ୍ୟ କରାଯାଉଛି । ଏହି କ୍ରମରେ ଜାତୀୟ ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ପଂଚୁପାଣ୍ଡବ, ଲକ୍ଷ୍ମୀନାରାୟଣପୁର, ଛତା ଓ ଓଲଡ଼ି ଛକରେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି । ହେଲେ ଠିକା ସଂସ୍ଥାର ମନମାନୀ ଯୋଗୁ ଏହି ସ୍ଥାନମାନଙ୍କରେ ସବୁଦିନ ଦୁର୍ଘଟଣାମାନ ଘଟି ଧନଜୀବନ ହାନୀ ହେବାରେ ଲାଗିଛି । ଏହି ଛକମାନଙ୍କରେ ଠିକା ସଂସ୍ଥା ପକ୍ଷରୁ ପୂର୍ବରୁ ଥିବା ରାସ୍ତାର ଗୋଟିଏ ପାର୍ଶ୍ୱକୁ ତାଡ଼ି ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାସ୍ତାର ଗୋଟିଏ ପଟେ ଗାଡ଼ି ପାରାଦ୍ୱୀପରୁ ଚଣ୍ଡିଖୋଲକୁ ଯାଉଥିବା ବେଳେ ଅନ୍ୟପଟେ ଚଣ୍ଡିଖୋଲରୁ ପାରାଦ୍ୱୀପକୁ ଯାଇଥାଏ । ଏହି ବ୍ୟସ୍ତବହୁଳ ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଭାରୀଯାନ ମାଲ ପରିବହନ କରିଥାଏ । ଏପରିକି ବେଳେ ବେଳେ ବହୁ ସଂଖ୍ୟାରେ ଭାରୀଯାନ ଚାଲୁଥିବା ଏହି ରାସ୍ତାରେ ଗାଡ଼ି ଗୁଡ଼ିକର ଲମ୍ବା ଲାଇନ୍ ପାରାଦ୍ୱିପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଲାଗିଯାଇଥାଏ । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ସରକାରଙ୍କ ପକ୍ଷରୁ ୮ ଲେନ୍ ବିଶିଷ୍ଟ କରାଯାଉଛି । ହେଲେ ଠିକା ସଂସ୍ଥା ଏହି ଛକମାନଙ୍କରେ ୪ ଲେନ୍‌ରୁ ୨ ଲେନ୍‌କୁ ବନ୍ଦ କରି ମାତ୍ର ଦୁଇ ଲେନ୍‌ରେ ଗାଡ଼ି ଛାଡୁଛି । ଏଥିପାଇଁ ନିର୍ମାଣ କରିଥିବା ଡାଇଭରସନ ଗୁଡ଼ିକ ଖୁବ୍ ସଂକୀର୍ଣ୍ଣ ହୋଇଥିବାରୁ ଗତମାସରେ ଅଁଳାବାଙ୍କରେ ଦୁର୍ଘଟଣା ଘଟି ଦୁଇ ଶତ୍ରୁଙ୍କ ଜୀବନ ଯାଇଥିଲା । ଏଥିସହିତ ଆଜି ପଂଚୁପାଣ୍ଡବ ଛକରେ ଥିବା ଡାଇଭର୍ସନ୍‌ରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ କାରକୁ ପଛରୁ ଆସୁଥିବା ଏକ ୧୬ ଚକିଆ ଟ୍ରକ ବାଡେଇ ଦେଇଥିଲା । ସୌଭାଗ୍ୟକୁ ଏହି ଧକ୍କାରେ କାର ଭିତରେ ଯାଉଥିବା ଏକ ଅଧାପକଙ୍କ ପରିବାର ବର୍ତି ଯାଇଥିଲେ । ତେବେ ଠିକା ସଂସ୍ଥା ପକ୍ଷରୁ ରାସ୍ତା କଡ଼ରେ ଏକ ବିକଳ୍ପ ରାସ୍ତା ନିର୍ମାଣ ନକରି ଦୁଇ ଲେନ୍ ରାସ୍ତାକୁ ବନ୍ଦ କରିଦେବା ଦ୍ୱାରା ଏଭଳି ଘଟଣା ଛକମାନଙ୍କରେ ଘଟୁଥିବା ସ୍ଥାନୀୟ ଅଂଚଳଲୋକମାନେ ପ୍ରକାଶ କରିଛନ୍ତି । ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ପ୍ରତ୍ୟେକ ଛକମାନଙ୍କରେ ପୂର୍ବ ରାସ୍ତା କଡ଼ରେ ପ୍ରଥମେ ବିକଳ୍ପ ଚାରିଲେନ ରାସ୍ତା ନିର୍ମାଣ କରି ଗାଡ଼ି ଚଳାଚଳର ସୁବ୍ୟବସ୍ଥା କରି ଓଭରହେଡ୍ ନିର୍ମାଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ବିନା ଟେଣ୍ଡରରେ ଉଦ୍ଭିଦ ଉଦ୍ୟାନ ବଙ୍ଗଳା ଆଧୁନିକୀକରଣ ନିର୍ମାଣ କାର୍ଯ୍ୟ



ବାରଙ୍ଗ(ଭାସ୍କର ନ୍ୟୁଜ): ନନ୍ଦନକାନନ ପ୍ରାଣୀଉଦ୍ୟାନ ଅଧିନସ୍ଥ ରାଜ୍ୟ ଉଦ୍ଭିଦ ଉଦ୍ୟାନର ବଙ୍ଗଳା ନବୀକରଣ କାର୍ଯ୍ୟ ଚାଲିଛି ।ତାହା ପୁଣି ବିନାଟେଣ୍ଡରରେ । ନିୟମାନୁଯାୟୀ, ନନ୍ଦନକାନନ ଓ ରାଜ୍ୟଉଦ୍ଭିଦଉଦ୍ୟାନର ସମସ୍ତ ନିର୍ମାଣ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ହେବା କଥା । କିନ୍ତୁ ଏହି ନିୟମକୁ ନ ମାନି କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ବିନା ଟେଣ୍ଡରରେ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ବଙ୍ଗଳା ନବୀକରଣ ପାଇଁ ୨୫ଲକ୍ଷ ଟଙ୍କା ବ୍ୟୟଅଟକଳ ରହିଛି । ତେବେ ଏହି ବାବଦରେ କେହି ମୁହଁ ଖୋଲୁ ନାହାନ୍ତି । ବଙ୍ଗଳା ଦାୟିତ୍ୱରେ ଥିବା ବନାଞ୍ଚଳ ମିନାକ୍ଷୀ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ ଏହି କାର୍ଯ୍ୟ ଠିକାଦାର କରୁଛନ୍ତି । କାମ କରୁଥିବା ଠିକାଦାର ସୁଶାନ୍ତଙ୍କୁ ପଚାରିବାରୁ ସେ କହିଲେ ମୋତେ ଦୁଇ ଜଣ ଶ୍ରମିକ ଆଣିବାକୁ କୁହାଯାଇଥିଲା । ସେ ପଟେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କୁ ପଚାରିବାରୁ ସେ କହିଲେ ବଙ୍ଗଳା କାର୍ଯ୍ୟ ବିଭାଗ ଦ୍ୱାରା ମରାମତି କରାଯାଉଛି । ଉପନିର୍ଦ୍ଦେଶକ, ବନାଞ୍ଚଳ ଓ ଠିକାଦାର କାହାର ମତ କାହା ସହ ମେଳ ଖାଉନାହିଁ । ତେବେ ୨୫ଲକ୍ଷ ଟଙ୍କାର ବ୍ୟୟ ହୋଇଥିବା ନିର୍ମାଣ କାର୍ଯ୍ୟ କିପରି ବିନା ଟେଣ୍ଡରରେ ଦିଆଗଲା ? କାହା ନିର୍ଦ୍ଦେଶରେ ଏହି ନିର୍ମାଣ କାର୍ଯ୍ୟ ହେଉଛି ତାହା ତଦନ୍ତ ସାପେକ୍ଷ । ଏବେ ନନ୍ଦନକାନନର ଗ୍ରନ୍ଥାଗାର କାର୍ଯ୍ୟ ପୁଣି ବିନା ଟେଣ୍ଡରରେ ଚାଲିଥିବାବେଳେ ଏହା ପୂର୍ବରୁ ନନ୍ଦନକାନନର ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ବଙ୍ଗଳା, ବନ୍ୟପ୍ରାଣୀ ଚିକିତ୍ସାଳୟ ଓ ସ୍ଥାୟୀ ସଭାଗୃହ ଆଦି ନିର୍ମାଣ କାର୍ଯ୍ୟ ବିନା ଟେଣ୍ଡରରେ ହୋଇଥିବା ନଜିର ରହିଛି । ତେବେ ଏହାର ଭିଜିଲାନ୍ସ ତଦନ୍ତ ହେଲେ ସମସ୍ତ ତଥ୍ୟ ପଦାକୁ ଆସିପାରିବ ବୋଲି ନନ୍ଦନକାନନ ଜୀବଜନ୍ତୁ ଓ ଜଙ୍ଗଲ ସୁରକ୍ଷା ମଞ୍ଚ ଦାବି କରିଛି ।

## ଯୁଗ୍ମ ଜନଶୁଣାଣି ଶିବିରରେ ୯୦ ଅଭିଯୋଗ



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଗୋଷ୍ଠିଗତ ଓ ବ୍ୟକ୍ତିଗତକୁ ମିଶାଇ ମୋଟ ୯୦ଟି ଅଭିଯୋଗ ହୋଇଥଲା । ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଏସପି ଭବାନୀଶଙ୍କର ଉଦଗାତା,ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠି, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏସଡିପିଓ ଚିନ୍ମୟ ରାଉତ, ତହସିଲଦାର ଅଭିପସା ପଟ୍ଟନାୟକ ଓ ଦାୟିତ୍ୱରେ ଥିବା ବିଡିଓ ଆଶୁତୋଷ ମିଶ୍ର ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ ।ବ୍ଲକ, ତହସିଲ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ତିନିବର୍ଷରୁ ଉର୍ଦ୍ଧ୍ୱ ରହିଥିବା କର୍ମଚାରୀଙ୍କ ବଦଳି, ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ବାଇଓମେଟ୍ରିକ ସିଷ୍ଟମ ଓ ତହସିଲଦାର ଏବଂ ନାଜର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବଦଳି ସମ୍ପର୍କରେ ସାମାଜିକ କର୍ମୀ ସରିତ ମହାପତ୍ର ଅଭିଯୋଗ କରିଥିଲେ । ସେହିପରି ଚଞ୍ଚକତା ପୂର୍ଣ୍ଣ ଭାବେ ତାଁଙ୍କ ପଞ୍ଚାୟତରେ ଏକ ନିର୍ଦ୍ଦିଷ୍ଟ ମହିଳା ଗ୍ରୁପଙ୍କୁ ନିଲାମ ଦିଆଯାଇଥିବା ପୋଖରୀକୁ ବାତିଲ୍ କରାଯିବା ସମ୍ପର୍କରେ ସ୍ଥାନୀୟ ଅଧିବାସୀ ବାସୁଦେବ ଦାସ ଅଭିଯୋଗ କରିଥିଲେ ।ଏହାଛଡା ଗୋକୁଳପୁର ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକପଦବୀ ଖାଲି ପଡିଥିବାବେଳେ ଉକ୍ତ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଥିବା ଆଦେଶକୁ ରଦ୍ଦ କରାଯିବା, ରେଢୁଆ, ପୂରଣ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକଙ୍କୁ ଅନ୍ୟ ଏକ ସ୍କୁଲକୁ କରାଯାଇଥିବା ତିନିଦିନିଆ ଡେପୁଟେଶନକୁ ବାତିଲ କରିବା ଆଦି ପ୍ରମୁଖ ଅଭିଯୋଗ ରହିଥିଲା ।ଏତଦବ୍ୟତୀତ ଗ୍ରାମ୍ୟ ସମସ୍ୟା, ରାସନ କାର୍ଡ, ଆବାସ ଗୃହ, ଜମିଜମା, ଭତ୍ତା ଓ ପୋଲିସ ସହାୟତା ପାଇଁ ଅଭିଯୋଗ କରଯାଇଥିଲା ।୬ ଗୋଟି ଅଭିଯୋଗର ତତ୍କାଳ ଫଇସଲା କରଯାଇଥିଲା । ଏବିଡିଓ ଜ୍ଞାନଦା ନାୟକ, ଜିପିଓ ସ୍ମାରକ ମହାନ୍ତି, ଭବେଷ ବେହେରା, ଜଗନ୍ନାଥପୁର ଇଏସ ଏମ୍ ଅଶୋକ କୁମାର ସ୍ୱାଇଁ, ହେଡ ଆସିଷ୍ଟାଣ୍ଟ ବିଜୟ କୁମାର ମଲ୍ଲିକ, ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏଥିରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ କ୍ଷେତ୍ରୀୟ ଅଧିକାରିମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ବୈଠକ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡରେ ଓଡିଶା ସବୁଜ ପତ୍ରିକା ମହାସଂଘ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସ୍ଥାନୀୟ ବ୍ଲକ ସଭାନେତ୍ରୀ ରଶ୍ମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସଭାନେତ୍ରୀ ଅନୁସୂୟା ବଳ, ସମ୍ପାଦିକା ତପସ୍ୱିନୀ ପରିଡା, ବାସୁଦେବପୁରରୁ ବାସନ୍ତି ଘଡାଇ, ଧାମନଗରରୁ ବାସନ୍ତି ପରିଡା, ବନ୍ତରୁ ସସ୍ମିତା ସାହୁ, ଚାନ୍ଦବାଲିରୁ ଶଶୀ ନାୟକଙ୍କ ସମେତ ମାନସୀ ସାହୁ, ଲକ୍ଷ୍ମୀ ସାହୁ, ସବିତା ନାୟକ, ମମତା ରାଉତ, ଉର୍ମିଳା ନାୟକ ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ଦାବି ପୂରଣ ପାଇଁ ଆଲୋଚନା କରିଥିଲେ । ଆଗାମୀ ବିଧାନସଭା ଅଧିବେଶନ ସମୟରେ ସରକାରଙ୍କ ଉପରେ ଏଥିପାଇଁ ଚାପ ପ୍ରୟୋଗ କରିବାକୁ ଭୁବନେଶ୍ୱରରେ ଏକ ସମାବେଶ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । ସଂଘ ସହ ଜଡିତ ସମସ୍ତେ ପ୍ରସ୍ତାବିତ ସମାବେଶରେ ଅଂଶଗ୍ରହଣ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା ।

## ବଡ଼ଭାଇର ଫାଉଡ଼ା ମାଡ଼ରେ ସାନ ମୃତ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଆଠଗଡ଼ ବ୍ଲକ୍ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ପଞ୍ଚାୟତର ଖିରିଖିଆ ଗ୍ରାମରେ ବଡ଼ଭାଇର ମାଡ଼ରେ ସାନଭାଇର ମୃତ୍ୟୁ ହୋଇଯାଇଛି । ସୂଚନାଥାଉ କି, ଏହି ଗ୍ରାମର ବେହେରା ବଦରା ଓ ସରୋଜ ବଦରା ଦୁଇଭାଇ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ବହୁଦିନ ଧରି ପାରିବାରିକ ଗଣ୍ଡଗୋଳ ଲାଗି ରହିଥିଲା । କୌଣସି କାରଣରୁ ବଡ଼ଭାଇ ବେହେରା ଓ ସାନଭାଇ ସରୋଜ ମଧ୍ୟରେ କଥା କଟାକଟିକୁ ନେଇ ଗଣ୍ଡଗୋଳ ହେବାରୁ ବଡ଼ଭାଇ ବେହେରା ଉତ୍ୟକ୍ତ ହୋଇ ଏକ ଫାଉଡ଼ା ସାହାଯ୍ୟରେ ସାନଭାଇ ସରୋଜକୁ ପିଟି ପିଟି ମାରିଦେଇଥିବା ଜଣାପଡ଼ିଛି । ଖବର ପାଇ କଟକ ଗ୍ରାମାଞ୍ଚଳ ଏସ୍ଏପି ପ୍ରତୀକ ସିଂ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି, ଏସ୍ଆଇ ପୂର୍ଣ୍ଣମୟୀ ସେଠୀ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡ ଭିଆଇଥିବା ଅଭିଯୁକ୍ତ ବେହେରାକୁ ଅଟକ ରଖିବା ସହ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି ।

## ଜଗବନ୍ଧୁ ହାଇସ୍କୁଲରେ ହାତ ଧୋଇବା ଦିବସ ପାଳିତ



ବାରିପଦା(ଭାସ୍କର ନ୍ୟୁଜ): ବଡ଼ସାହି ବ୍ଲକ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ , ବାଲିଯୋଡ଼ା ପରିସରରେ ମୟୂରଭଞ୍ଜ ଜିଲ୍ଲା ସ୍କାଉଟ ଓ ଗାଇଡ୍ସ ତରଫରୁ ହାତ ଧୋଇବା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ମାର୍ଗଦର୍ଶନରେ ଓ ବିଦ୍ୟାଳୟର ସ୍କାଉଟମାଷ୍ଟର ଦୀପକ ରାମ ଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ଗାଇଡ଼ ସଂଗଠନ କମିଶନର ତଥା ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଅଭ୍ୟାସର ଜିଲ୍ଲା ସଂଯୋଜକ ସୁଲୋଚନା ମଙ୍ଗରାଜ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସଙ୍କୁ ହାତ ଧୋଇବା ଦଶଟି କ୍ରମ ଉଲ୍ଲେଖ କରିଥିଲେ ଏବଂ ହାତ ଧୋଇବାର ମହତ୍ୱକୁ ସମସ୍ତ ପିଲା ଓ ପରିବାରକୁ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କହିଥିଲେ । ଏହା ଦ୍ୱାରା ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟର ଉନ୍ନତି ଘଟିବ । ଯାହାଦ୍ୱାରା ସମସ୍ତେ ମିଳିମିଶି ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ଗଢିପାରିବେ ବୋଲି ମତପୋଷଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ସମସ୍ତ ସ୍କାଉଟ୍ସ ଓ ଗାଇଡ୍ସ ମାନେ ଶିକ୍ଷା ଗ୍ରହଣ କରିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

## ପୁରସ୍କାର ଅର୍ଥ ଅନାଥ ଆଶ୍ରମକୁ ଦାନ କଲେ ଶିକ୍ଷାବିତ୍




ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମର ଡକ୍ଟର ମନୋରଞ୍ଜନ ପଣ୍ଡା ଦିଲ୍ଲୀ ବିଧାନସଭା ପରିସରରେ ଭାରତ ବିଭୂଷଣ ପୁରସ୍କାର ଗ୍ରହଣ କରି ଅଂଚଳକୁ ଗୌରବାନ୍ୱିତ କରିଛନ୍ତି । ଏଥିସହିତ ଏହି ପୁରସ୍କାର ରାଶିକୁ ଅନାଥ ଆଶ୍ରମକୁ ଦାନକରି ଚର୍ଚ୍ଚିତ ହୋଇଛନ୍ତି । ଡକ୍ଟର ପଣ୍ଡା ଅନୁଗୋଳର ରୋଟାରି ପବ୍ଲିକ ସ୍କୁଲର ଉପାଧକ୍ଷ ଭାବରେ କାର୍ଯ୍ୟ କରୁଥିବା ବେଳେ ଚଳିତ ବର୍ଷ ପାଇଁ ଦିଲ୍ଲୀ ସରକାରଙ୍କ ସହ ଅନୁବନ୍ଧିତ ସଂସ୍ଥା ଇନ୍‌ଷ୍ଟିଚ୍ୟୁଟ୍ ଫର ସୋସିଆଲ ରିଫର୍ମ ଆଣ୍ଡ ହାୟର ଏଜୁକେଶନ୍ ଏବଂ ନୀତି ଆୟୋଗଙ୍କ ମିଳିତ ସହଯୋଗରେ ଇନୋଭେଟିଭ୍ ଭାଇସ୍ ପ୍ରିନସିପାଲ୍ ୨୦୨୪ ଭାବରେ ମନୋନିତ ହୋଇ ଭାରତ ବିଭୂଷଣ ଭାବେ ପୁରସ୍କୃତ ହୋଇଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ କନ୍‌ଫରେନ୍ସ ହଲ୍‌ରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଦିଲ୍ଲୀ ବିଧାନସଭାର ବାଚସ୍ପତି ରାମନିୱାସ ଗୋଏଲ, ପଦ୍ମଶ୍ରୀ ଡଃ. ରାମଚେତ ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ପଣ୍ଡା ଭାରତ ବିଭୂଷଣ ପୁରସ୍କାର ସହ ଅର୍ଥରାଶି ଗ୍ରହଣ କରିଥିଲେ । ଶ୍ରୀ ପଣ୍ଡା ଏହି ଅର୍ଥରାଶିକୁ ଯାତ୍ରା ସଂସ୍କୃତି ସୁରକ୍ଷା ମଂଚ ଓଡ଼ିଶା ଏବଂ ଅନୁଗୋଳର ଏକ ଅନାଥ ଆଶ୍ରମର ଉନ୍ନତି ପାଇଁ ଦାନ କରିଛନ୍ତି । ବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଶୋକ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କୃତଜ୍ଞତା ଜଣାଇଛନ୍ତି । ସଫଳତା ପାଇଁ ଡକ୍ଟର ପଣ୍ଡାଙ୍କୁ ସ୍ଥାନୀୟବାସୀ ପ୍ରଶଂସା କରିଛନ୍ତି ।

## କୁଆଁଲୋ ଅଷ୍ଟଶମ୍ଭୁ ମନ୍ଦିର ପତ୍ନତତ୍ତ୍ୱ ବିଭାଗ ଅଧକ୍ଷଙ୍କ ପରିଦର୍ଶନ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଁଲୋ ସର୍ବପୁରାତନ ଅଷ୍ଟଶମ୍ଭୁ ମନ୍ଦିରର ରୂପରେଖ ଓ ଏହାର କାରୁକାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରୀୟ ପତ୍ନତତ୍ତ୍ୱ ବିଭାଗର ଅଧକ୍ଷ କେସି ରାଓ, ଓଡ଼ିଶା ସରକାରଙ୍କ ମୁଖ୍ୟ ପତ୍ନତତ୍ତ୍ୱ ବିଭାଗର ଅତିରିକ୍ତ ଡିଜିଏମ, ବିଭାଗୀୟ କର୍ମଚାରୀ ଓ ଜିଲ୍ଲାର ଦେବୋତ୍ତର ବିଭାଗର ଅଧିକାରୀ ପରିଦର୍ଶନରେ ଆସିଥିଲେ । ମନ୍ଦିର ପରିଦର୍ଶନରେ ଆସିଥିବା ଖବର ପାଇ କୁଆଁଲୋ ଗ୍ରାମର ଭଦ୍ର ବ୍ୟକ୍ତି ଉପସ୍ଥିତ ରହି ମନ୍ଦିରର ପରିସରରେ ଭକ୍ତଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ହେଉଥିବା ୧୫ ଗୋଟି ମୌଳିକ ସୁବିଧା ଉପରେ ଲିଖିତ ଭାବେ ଜଣାଇଛନ୍ତି । ସମସ୍ୟାଗୁଡ଼ିକ ମଧ୍ୟରେ ଶୈବପୀଠ କାର୍ଯ୍ୟ ତ୍ୱରାନ୍ୱିତ କରିବା, ମା' ପାର୍ବତୀ (କନକଦୁର୍ଗା ମନ୍ଦିର), ରୋଷଶାଳା, ପ୍ରସାଦ ସେବନ ମଣ୍ଡପ, ଭକ୍ତଙ୍କ ଆଶ୍ରୟ କୋଠରୀ, ୨ ଚକିଆ ଓ ଚାରିଚକିଆ ପାର୍କିଂ ବ୍ୟବସ୍ଥା, ସେବାୟତଙ୍କ ଆଶ୍ରୟ କୋଠରୀ, ମନ୍ଦିରର ରୂପରେଖ ଓ ସୌନ୍ଦର୍ଯ୍ୟକରଣ, ଯଜ୍ଞମଣ୍ଡପ, ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା, ପାଇଖାନା, ଆଲୋକିକରଣ, ୧୪୯ ନମ୍ବର ଜାତୀୟ ରାଜପଥର ପରମହଂସପୁର ଛକରୁ ମନ୍ଦିର ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ଓ ୫୩ ନମ୍ବର ଜାତୀୟ ରାଜପଥର ମୁଣ୍ଡେଇଲୋ ଛକରୁ ମନ୍ଦିର ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ଆଦି ୧୫ ଗୋଟି ମୌଳିକ ସମସ୍ୟା ଉପରେ କେନ୍ଦ୍ରୀୟ ଓ ରାଜ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସ୍ଥାନୀୟ ଭଦ୍ର ବ୍ୟକ୍ତିଙ୍କ ମଧ୍ୟରେ ଅକ୍ଷୟ କୁମାର ନାୟକ, ଜିତେନ୍ଦ୍ର କୁମାର ସାହୁ, ଅନିଲ କୁମାର ଭୂତିଆ, ଅଜୟ ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଉପସ୍ଥିତ ରହି ପରିଦର୍ଶନରେ ଆସିଥିବା ପତ୍ନତତ୍ତ୍ୱ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ ।

## ଯାଜପୁରରେ କ୍ରାଇମ୍‌ବ୍ରାଞ୍ଚ ଟିମ୍: ଭବ ପ୍ରସାଦଙ୍କ ନାମରେ ଆଉ ୩ ମାମଲା

ଯାଜପୁର(ଭାସ୍କର ନ୍ୟୁଜ): ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ସୁରକ୍ଷା ନେଇ ରାସ୍ତାରୋକ ଆନ୍ଦୋଳନ ଓ ଧର୍ମଶାଳା ବିଧାୟକ ଙ୍କୁ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା ଘଟଣାକୁ ୬ ଦିନ ବିତିଛି । ଏହି ଘଟଣାରେ ପୋଲିସ ୨୦ରୁ ବିଜେଡି ସମର୍ଥକଙ୍କୁ ଗିରଫ କରିଥିବା ବେଳେ ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସାନଭାଇ ଭବ ପ୍ରସାଦ ଦାସ ଓରଫ ଲଲଙ୍କୁ ଗିରଫ କରି ପୋଲିସ ୪ ଦିନ ତଳୁ କୋର୍ଟଚାଲାଣ କରିଛି । ସୋମବାର ଲଲଙ୍କ ଜାମିନ ଆବେଦନ ଚାଲିଥିବା ବେଳେ ତାଙ୍କ ନାମରେ ବିରଜା ହାଟ ଗଣ୍ଡଗୋଳ, ଥାନା ଘେରାଉ ଇତ୍ୟାଦି ଅଭିଯୋଗରେ ଆଉ ୩ଟି ମାମଲା ରୁଜୁ ହୋଇଛି । ଏଥିପାଇଁ ତାଙ୍କ ଜାମିନ ନାମଞ୍ଜୁର ହୋଇଯାଇଛି । ଅନ୍ୟପକ୍ଷରେ ଏକ ୫ ଜଣିଆ କ୍ରାଇମବ୍ରାଞ୍ଚ୍ ଟିମ୍ ଯାଜପୁର ଟାଉନ୍ ଥାନା, ସଦର ଥାନା ଓ ବିଧାୟକଙ୍କୁ ଆକ୍ରମଣ ସ୍ଥାନ ବୁଢାଘାଟଠାରେ ପହଞ୍ଚି ତଦନ୍ତ କରିଛନ୍ତି । ଯାଜପୁରର ପୂର୍ବତନ ଏସ୍‌ପି ତଥା ଏବର ଡ଼ିଆଇଜି ଚରଣ ସିଂ ମିନା ମଧ୍ୟ ଆସି ଏଠାରେ ଡେରା ପକାଇଛନ୍ତି । କୌଣସି ଉତ୍ତେଜନା ମୁଳକ ପରିସ୍ଥିତି ନଥିଲେ ମଧ୍ୟ ଏଠାରେ ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛି । ଯାଜପୁର ଘଟଣା ନେଇ ଗଣମାଧ୍ୟମର ଖବର ପ୍ରକାଶ ପରେ ବିରଜା କ୍ଷେତ୍ରକୁ ପର୍ଯ୍ୟଟକଙ୍କ ସଂଖ୍ୟା ଅସମ୍ଭବ ଭାବେ ହ୍ରାସ ପାଇଛନ୍ତି । ବାସ୍ତବ ଘଟଣା ଅପେକ୍ଷା ଗୁଜବ ଏବଂ ଅପପ୍ରଚାର ଅଧିକ ଯୋଗୁ ଘଟଣା ଜଟିଳ ହୋଇଛି । ଅନ୍ୟପକ୍ଷରେ ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଳ ବିରଜା ପ୍ରସଙ୍ଗକୁ ସମର୍ଥନ କରି ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ କାମ ପ୍ରଭାବିତ ନ ହୋଇ ବିରଜା ହାଟ ପୁନଃସ୍ଥାପନ ହେଉ ବୋଲି କହିଛନ୍ତି । ସେ ବା ତାଙ୍କ ସମର୍ଥକ କୌଣସି ସମୟରେ ମଧ୍ୟ ପୁରୁଣା ବିରଜା ହାଟକୁ ବିରୋଧ କରିନାହାଁନ୍ତି । ବରଂ ପରିକ୍ରମା ପ୍ରକଳ୍ପ ନିର୍ମାଣରେ ଯେପରି କୌଣସି ଅସୁବିଧା ନହୁଏ ସେ ସମ୍ପର୍କରେ ବାରମ୍ବାର ଅଭିଯୋଗ କରିଆସିଛନ୍ତି ବୋଲି କହିଛନ୍ତି ।

## ଶାମାଖୁଣ୍ଟା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ବାରିପଦା(ଭାସ୍କର ନ୍ୟୁଜ): ଶ୍ୟାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଣ୍ଡିହୁଡିରେ ବ୍ଲକ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଡିଓ ମୁନା ସେଠୀ, ସମ୍ମାନୀତ ଅତିଥି ଭାବରେ ଡବ୍ଲୁଇଓ ସଲୋନୀ ସେଠୀ, ଗୁଣ୍ଡିହୁଡି ଗ୍ରାମପଞ୍ଚାୟତର ସରପଞ୍ଚ ମାଳତୀ ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସିଂ, କଣ୍ଡାପାଳ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, କେସିଏମ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନଳୀନ ଚୌଧୁରୀ, ଏବିଇଓ ରୁହ୍ୟା ସିଂ, ଏବିଇଓ ସମରଜିତ୍ ପଟ୍ଟନାୟକ ତଥା ଆବାହକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଘୋଷ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଶୀତଳ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲଷ୍ଟରର ସିଆରସିସି ତଥା ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ରାଖାଲକୃଷ୍ଣ ମହାନ୍ତି, ପ୍ରତିମାରାଣୀ ଦାଶ, ତରୁଲତା ହରିଭକ୍ତ ବେହେରା, ରୂପାଲି ରୁପାନ୍ୱିତା ପଣ୍ଡା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ବିଚାରକ ଭାବେ ପ୍ରଧାନଶିକ୍ଷକ ଦିଲ୍ଲୀପ ମିଶ୍ର, ଶିକ୍ଷକ ବସନ୍ତ ଦତ୍ତ ବିଚାରକ ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷୟିତୀ ଅତୋସୀ କୁଣ୍ଡୁ ସହଯୋଗ କରିଥିଲେ ।

## ପ୍ରାକ୍ତନ ପିସିସି ସମ୍ପାଦକଙ୍କୁ ସମବେଦନା ଜଣାଇଲେ ବହୁ ନେତୃବର୍ଗ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଏକମାତ୍ର ପୁତ୍ରକୁ ହରାଇଥିବା ପ୍ରଦେଶ କଂଗ୍ରେସ କମିଟିର ପ୍ରାକ୍ତନ ସମ୍ପାଦକ ତଥା ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଦିପ୍ତ କୁମାର ଦାସଙ୍କୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସମବେଦନା ଜଣାଇଛନ୍ତି । ପ୍ରଦେଶ କଂଗ୍ରେସ କମିଟିର ପ୍ରାକ୍ତନ ସମ୍ପାଦକ ପ୍ରଦିପ୍ତ କୁମାର ଦାସଙ୍କ ଏକମାତ୍ର ପୁତ୍ର ରୋହିତ କୁମାର ଦାସ(୧୪) ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲର ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ଶ୍ରୀ ଦାସ ଗୁରୁତର ହୋଇପଡିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭେଲୋରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅକାଳ ବିୟୋଗ ଘଟିଥିଲା । ତାଙ୍କ ମୃତ ଶରୀର ପୈତୃକ ଗ୍ରାମ ନିଶ୍ଚିନ୍ତକୋଇଲି ବ୍ଲକ ତରତ ଶାସନ ଗ୍ରାମପଞ୍ଚାୟତ ଦାମୋଦରପୁର ବାସଭବନକୁ ଅଣାଯାଇଥିଲା । ଶୋକାକୂଳ ପରିବେଶରେ ତାଙ୍କର ଶବକୁ ଦାହ କରାଯାଇଥିଲା ।

**ତହସିଲଦାରଙ୍କୁ ଭେଟିଲେ ବାତ୍ୟା କ୍ଷୟକ୍ଷତି ତାଲିକାରୁ ବଞ୍ଚିତ ଚାଷୀ**

## ଦାବି ପୂରଣ ନହେଲେ ଅନଶନ ଚେତାବନୀ



ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ୩ଟି ଗ୍ରାମର ଚାଷୀ ବାତ୍ୟା କ୍ଷୟକ୍ଷତି ତାଲିକାରୁ ବଞ୍ଚିତ ହୋଇ ସୋମବାର ତହସିଲଦାରଙ୍କୁ ଭେଟିଛନ୍ତି । ସେମାନେ ଅସନ୍ତୋଷ ପ୍ରକାଶ କରିଥିବାବେଳେ ସରକାରୀ ସହାୟତା ପାଇଁ ତହସିଲଦାରଙ୍କୁ ଦାବି କରିଛନ୍ତି । ତୁରନ୍ତ କ୍ଷୟକ୍ଷତିର କ୍ଷେତ୍ରୀୟ ତଦନ୍ତ କରାଯାଇ ପଦକ୍ଷେପ ନିଆନଗଲେ ସେମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ ,ଗତ ବାତ୍ୟା ଦାନାରେ ପଞ୍ଚାୟତ ଅଧୀନ ଗୁଡୁପାଳ, ଆରସା ଓ ନିଙ୍ଗାଡି ଗ୍ରାମରେ ଧାନ ଚାଷ ପ୍ରଭାବିତ ହୋଇଥିଲା କ୍ଷ ଏପରିକି ବାତ୍ୟା ପରେ ହୋଇଥିବା ବନ୍ୟାରେ ଚାଷ ଜମିସବୁ ଜଳମଗ୍ନ ହୋଇଥିଲା । ଏହି ୩ଟି ଗାଁ ଖାଲୁଆ ଅଞ୍ଚଳ ହୋଇଥିବାରୁ ଧାନ ଚାଷ ୫୦ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ତବେ କ୍ଷୟକ୍ଷତି ତାଲିକାରେ ଏହି ୩ଟି ଗ୍ରାମର ଚାଷୀମାନେ ବାଦ ପଡ଼ିଥିବାରୁ ସେମାନେ ସରକାରୀ ସହାୟତରୁ ବଞ୍ଚିତ ହୋଇଛନ୍ତି କ୍ଷ ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମର ଗଣେଶ ପ୍ରସାଦ ନାୟକ, ପିତାମ୍ବର ସେଠୀ, ରଘୁନାଥ ନାୟକ, ମଙ୍ଗରାଜ ନାୟକ, ମକର ସାହୁ, ଗୟାଧର ନାୟକ, କିଶୋର ସ୍ୱାଇଁ, ସତ୍ୟବ୍ରତ କୁଣ୍ଡ, ଶଶଧର ରାଉତ, ପିତାମ୍ବର ରାଉତ, ଖଗେଶ୍ୱର ରାଉତ ପ୍ରମୁଖ ଚାଷୀମାନେ ତହସିଦାରଙ୍କୁ ଭେଟିଥିଲେ । ତେବେ କ୍ଷୟକ୍ଷତିର ରିପୋର୍ଟ ପଠାଇ ଦିଆଯାଇଛି, ପୁନର୍ବାର ଯଦି ସରକାରଙ୍କ ପକ୍ଷରୁ ତାଲିକା ପଠାଇବାକୁ ନିର୍ଦ୍ଦେଶ ଆସେ ତେବେ ସେମାନଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ କହିଥିବା ଜଣାଯାଇଛି ।



ତାଳଚେର(ଭାସ୍କର ନ୍ୟୁଜ): ସୋମବାର ତାଳଚେର ଧରମପୁର ପଞ୍ଚାୟତର ଧରମପୁର ପ୍ରାଇମେରୀ ସ୍କୁଲ ପରିସରରେ ଏମସିଏଲ ଲିଙ୍ଗରାଜ ଏରିଆ ସିଏସଆର ପାଣ୍ଠିରୁ ସ୍ଥାନୀୟ ଲୋକଙ୍କ ପାଇଁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ସକାଳ ୯ ଘଟିକାରୁ ଅପରାହ୍ନ ୪ ଘଟିକା ଯାଏଁ ଅନୁଷ୍ଠିତ ହୋଇଥିଲା । ଏଥିରେ ଏମସିଏଲର ଦୁଇ ଜଣ ଡାକ୍ତର ଆଲମ୍ ଓ ଡାକ୍ତର କୌଶିକ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ମେଡିସିନ ପ୍ରଦାନ କରୁଛନ୍ତି । ଧରମପୁର ପଞ୍ଚାୟତରେ ଥିବା ଗ୍ରାମ ସରେଇଲୋ, କନ୍ଦାବାହାଳ, ଖଇରାପାଳ, ସ୍କଟଲାଣ୍ଡପୁର ଏବଂ ବିହାରୀପୁର ଲୋକମାନେ ଯେପରି ସ୍ୱାସ୍ଥ୍ୟ ସେବାର ଲାଭ ପାଇପାରିବେ ସେଥିପାଇଁ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି । ତେବେ ଏହି ସ୍ୱାସ୍ଥ୍ୟ ଶିବିର କିପରି ଭାବେ ସଫଳ ହେବ ଏବଂ ଲୋକମାନେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇବେ ସେଥି ନିମନ୍ତେ ସ୍କୁଲର ପ୍ରଧାନ ଶିକ୍ଷକ, ମେଡିକାଲ ଟିମ୍ ଓ ଧରମପୁର ପଞ୍ଚାୟତର ସରପଞ୍ଚଙ୍କ ସହିତ ସମସ୍ତ ୱାର୍ଡ ମେମ୍ବର ମାନଙ୍କ ସହଯୋଗ ରହିଥିଲା ।

# ପୁରୀ ଶ୍ରୀମନ୍ଦିରରେ ପଇତା ଲାଗି ନୀତି ଅନୁଷ୍ଠିତ



ପୁରୀ (ଭାସ୍କର ନ୍ୟୁଜ) : ସୋମବାର ମାର୍ଗଶୀର-କୃଷ୍ଣ ଦଶମୀ ତିଥି ଶ୍ରୀବିଗ୍ରହମାନଙ୍କ ପାଇତାଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ଘ.୫.୦୦ ଟିକାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପାଟରେ ସେବକଙ୍କୁ ପଇତା ବୋଳିବାପାଇଁ ତିନି ରଙ୍ଗର ବାସୁଙ୍ଗାପାଟ ଯୋଗାଇଥାଏ । ପାଟର ସେବକ ଉକ୍ତ ବାସୁଙ୍ଗା ପାଟ ନେଇ ଶ୍ରୀଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ପାଟ ପଇତା ବୋଳିଥାନ୍ତି । ପଇତା ବୋଳି ସାରି ପାଟର ସେବକ ଉକ୍ତ ଦିନ ଦେଉଳ କାରଣଙ୍କୁ ଯୋଗାଇଥିଲେ । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବାପରେ ମା'ଲକ୍ଷ୍ମୀ ଏବଂ ମା'ଭୂଦେବୀ ଖଟଶେଯ ଘରକୁ ବିଜେକଲାପରେ ପଇତା ଲାଗି ନିମନ୍ତେ ଦଇତାପତି ସେବକ ମାନେ ଗର୍ଭ ଗୃହରେ ପ୍ରବେଶ କରିଥାଆନ୍ତି । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ରହିଥାଏ । ଦଇତାପତି ସେବକମାନେ ଦେଉଳକରଣଙ୍କଠାରୁ ଉକ୍ତ ତିନି ରଙ୍ଗର ପାଟ ପଇତା ଗ୍ରହଣ କରି ପତି ମହାପାତ୍ରଙ୍କ ଉପସ୍ଥିତି ରେ ଶ୍ରୀଜୀଉମାନଙ୍କ ଠାରେ ପଇତା ଲାଗି କରିବେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହଳଦିଆ ପାଟ ପଇତା। ବଡ଼ଠାକୁର ଶ୍ରୀ ବଳଭଦ୍ରଙ୍କୁ ସବୁଜଏବଂ ମା' ସୁଭଦ୍ରାଙ୍କୁ ନାଲି ରଙ୍ଗର ପାଟ ପଇତା ଲାଗି ହୋଇଥିଲା । ବାସୁଙ୍ଗା ପାଟକୁ ବଳି କାଣି ଆଙ୍ଗୁଠି ମୋଟାର ସୂତା ପ୍ରସ୍ତୁତ କରାଯାଇଥିଲା । ଯାହାକୁ ଶ୍ରୀ ବିଗ୍ରହଙ୍କ ମୁଖ ତଳକୁ ଓ ପେଟ ଉପରକୁ ଆବୃତ କରି ରଖାଯାଏ । ଏହାକୁ ଛକି ପକାଇଲା ପରି ଶ୍ରୀଅଙ୍ଗ ଓ ଶ୍ରୀଭୁଜକୁ ବାନ୍ଧିବା ଢ଼ଙ୍ଗରେ ଭିଡ଼ାଯାଏ । ଯାହାକୁ ଶ୍ରୀମନ୍ଦିର ପାରମ୍ପରିକ ଭାଷାରେ ପଇତା ଲାଗି କୁହନ୍ତି । ଶ୍ରୀଅଙ୍ଗରେ ଚନ୍ଦନ ଧାରଣ କରିଥାଏ ଏହି ପଇତା ଲାଗି ଅଂଶ । ମହାପ୍ରଭୁଙ୍କ ଏହି ପଇତା ଲାଗି କାର୍ଯ୍ୟ ସମ୍ପର୍ଣ୍ଣ ପାଇଁ ଦଇତା ପାତି ସେବକ ମାନଙ୍କୁ ପ୍ରାୟ ତିନି ଘଣ୍ଟା ସମୟ ଲାଗିଥାଏ । ଏହାପରେ ମେକାପଙ୍କ ଦ୍ୱାରା ସିଂହାସନ ଧୁଆ ପରେ ପଇତା ଲାଗି ନୀତି ବଢ଼ିଲା ପରେ ଠାକୁର ମାନଙ୍କର ମହାସ୍ନାନ କରାଯାଇ ଭୂଦେବୀ ଓ ଶ୍ରୀଦେବୀ ଶ୍ରୀଅଙ୍ଗ ଲାଗି ହୋଇଥାନ୍ତି । ଏହା ପରେ ମହାପ୍ରଭୁ ଙ୍କର ମଇଲମ ବେଶ ହୋଇଥାଏ । ପ୍ରଭୁଙ୍କ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ହୋଇ ସନ୍ଧ୍ୟା ଧୂପ ପ୍ରସାଦ ବାହାରି ପାଣି ପଡିବାପରେ ମହାପ୍ରଭୁଙ୍କ ଚନ୍ଦନ ଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ, ପରେ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା ।

# ସରିଲା କାର୍ତ୍ତିକେଶ୍ୱର ଭସାଣି: ବିସର୍ଜନ ହେଲେ ୨୬ ମୂର୍ତ୍ତି



ବାରଙ୍ଗ(ଭାସ୍କର ନ୍ୟୁଜ): ପାର୍ବଣର ଅନ୍ତିମ କାର୍ତ୍ତିକେଶ୍ୱର ଭସାଣୀ ଶୋଭାଯାତ୍ରାକୁ ନେଇ ବାରଙ୍ଗ ଅଞ୍ଚଳ କୋଳାହଳମୟ ହୋଇପଡିଥିଲା । ଚାଲିଥିବା କାର୍ତ୍ତିକେଶ୍ୱର ଭସାଣ ଉତ୍ସବ ସୋମବାର ଶେଷ ହୋଇଛି । ଭସାଣ ଉତ୍ସବରେ ୨୬ଟି ମୂର୍ତ୍ତି ସାମିଲ ହୋଇଥିଲା । ଭସାଣ ଯାତ୍ରାରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଶାନ୍ତିଶୃଙ୍ଖଳା ପାଇଁ କମିସନରରେଟ ପୁଲିସ ପକ୍ଷରୁ ୨୦୦ ଉର୍ଦ୍ଧ ପୁଲିସ କର୍ମଚାରୀ, ୯ ପ୍ଲାଟୁନ ପୋଲିସ ଫୋର୍ସ ସମେତ ଡିସିପି ଜଣେ, ଏସିପି ୩ଜଣ, ଇନ୍ସପେକ୍ଟର ୮ଜଣ, ଏସଆଇ ୩ଜଣଙ୍କୁ ଦାୟିତ୍ୱ ଦିଆଯାଇଥିଲା । ପୋଲିସ ପ୍ରଶାସନ ଓ ବାରଙ୍ଗ ଶାନ୍ତି କମିଟିର ନିର୍ଦ୍ଦେଶ ଅନୁଯାୟୀ ଭସାଣ ଯାତ୍ରାରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଥିଲା । ଏପଟେ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ପ୍ରତିମା ବିସର୍ଜନ ନିମନ୍ତେ ବାରଙ୍ଗ ପ୍ରଶାସନ ପକ୍ଷରୁ କୃତ୍ରିମ ଜଳାଶୟ ପ୍ରସ୍ତୁତି କରାଯାଇଥିଲା । କ୍ରମାନ୍ୱୟରେ ବିଭିନ୍ନ ମଣ୍ଡପର ମେଢକୁ ମଣ୍ଡପର କର୍ମକର୍ତ୍ତାମାନେ ଶାନ୍ତିଶୃଙ୍ଖଳାର ସହ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ପାରମ୍ପରିକ ତାଳମୂଳି ବାଜା, ପୌରାଣିକ ଘୋଡାହାତୀ ସହିତ ରଙ୍ଗିନ ଆଲୋକ ମାଳାରେ ରୋଷଣି ବାହାରି ଗ୍ରାମ ପରିକ୍ରମା କରାଇବା ପରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ପାରମ୍ପରିକ ବାଜା ମଧ୍ୟରେ ମୂର୍ତ୍ତିଗୁଡିକ ଶୋଭାଯାତ୍ରାରେ ଯାଇଥିଲେ । ଭିଡ ପରିଚାଳନା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ତ୍ରିଶୁଳିଆରୁ ବାରଙ୍ଗ ଗୋଲେଇ ଛକ ପର୍ଯ୍ୟନ୍ତ ପ୍ରାୟ ୨୦୦ମିଟର ବ୍ୟବଧାନ ମଧ୍ୟରେ ଠାଏ ଠାଏ ପୋଲିସ କର୍ମଚାରୀ ଛିଡାହୋଇ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ଯାତ୍ରା ପରିଚାଳନା କରିଥିଲେ । ଯାନବାହନ ଚଳାଚଳ ପାଇଁ ବାରଙ୍ଗ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବ । ନନ୍ଦନକାନନ, ଖୋର୍ଦ୍ଧା ପିତାପଲ୍ଲୀ ହାଇକୋର୍ଟ ଭେଲଭ୍ୟୁ ଛକ ଓ ବାଲିକୁଦା ରାସ୍ତାକୁ ସନ୍ଧ୍ୟା ୬ଟାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା । ଭଷାଣିରେ ଆକର୍ଷଣୀୟ ନୃତ୍ୟ ପରିବେଷଣ, ଓଡିଶୀ ନୃତ୍ୟ, ବଲାଙ୍ଗୀର, ବାଲେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁର ଆଦି ସ୍ଥାନରୁ ବ୍ୟାଣ୍ଡ ପାର୍ଟି ଓ ଜଙ୍ଗଲୀ ବେଶଭୁଷା ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏହି ଅବସରରେ ବାରଙ୍ଗ ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ସବୁ ମେଢର ମୂରବୀଙ୍କୁ ଫୁଲମାଳ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ବାରଙ୍ଗ ବ୍ଲକ ଛକ ପାଖରେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରତାପ ପାଣି, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ରାଉତ, ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ କମିଟିର କର୍ମକର୍ତ୍ତା ଓ ବାରଙ୍ଗ ବିଜେପି ମଣ୍ଡଳ କମିଟିର ପୂର୍ବତନ ସଭାପତି ପ୍ରଭାତ ମହାପାତ୍ର, ମଣ୍ଡଳ ସଭାପତି ବୁଲୁ ସ୍ୱାଇଁ, ବିଭୁତି ସାହୁ, ବିଭୁତି ଜେନା, ଧର୍ମବୀର ରାଉତ ଉପସ୍ଥିତ ରହି ସମସ୍ତ ମେଢର ମୂରବୀ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ନାବାଳିକାକୁ ଅସଦାଚରଣ, ଯୁବକ କୋର୍ଟଚାଲାଣ

ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ ତଥା କାଳୁପଡାଘାଟ ନିକଟସ୍ଥ ବାଉଁଶମୂଳ ଛକ ନିକଟରେ ଭଡ଼ାଘରେ ରହୁଥିବା ଜନୈକ ବ୍ୟକ୍ତିଙ୍କ ଘରେ ଜରିପଡା ଗ୍ରାମର କାଳିଆ ସାମନ୍ତରାୟ ଜୋରଜବରଦସ୍ତ ପ୍ରବେଶ କରି ନାବାଳିକାକୁ ଅସଦାଚରଣ କରିଥିବା ନେଇ ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିଲା । ନାବାଳିକାର ଅଭିଯୋଗକୁ ଭିତ୍ତି କରି ନାବାଳିକାର ବୟାନ ରେକର୍ଡ କରିଥିଲା ଟାଙ୍ଗୀ ପୋଲିସ ଏବଂ ଅଭିଯୁକ୍ତ କାଳିଆ ସାମନ୍ତରାୟକୁ ଗିରଫ କରି କୋର୍ଟଚାଲାଣ କରିଛି ଟାଙ୍ଗୀ ପୋଲିସ । ଅନ୍ୟପଟରେ ଅଭିଯୁକ୍ତର ଏକ ସ୍କୁଟି ଗାଡ଼ିକୁ ପୀଡିତା କିଛି ଦିନ ଧରି ବ୍ୟବହାର କରୁଥିଲେ । ତେଣୁ ଅଭିଯୁକ୍ତ ଜଣକ ନିଜର ସ୍କୁଟି ଗାଡ଼ି ଆଣିବା ପାଇଁ ପିଡୀତଙ୍କ ଘରକୁ ଯାଇଥିବା ଅଭିଯୁକ୍ତ କାଳିଆ ସାମନ୍ତରାୟ କହିଛନ୍ତି ।

# ବେଆଇନ ବାଲି ଡିପୋ ଉପରେ ମିଳିତ ଚଢ଼ାଉ



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ତହସିଲ ଅଧୀନରେ ଥିବା ବିଭିନ୍ନ ବେଆଇନ ବାଲିଡିପୋ ଗୁଡିକରେ ଆଜି ମାଇନିଂ ବିଭାଗ, ମୋରଡା ତହସିଲ ପ୍ରଶାସନ ଏବଂ ମୋରଡା ପୋଲିସର ମିଳିତ ଚଡାଉ । ଏହି ଚଡାଉ ସମୟରେ ସମ୍ଭାବ୍ୟ ବିବାଦୀୟ ପରିସ୍ଥିତି ସୃଷ୍ଟିର ଆଶଙ୍କା ଥିବାର ଅନୁମାନ କରି ଏକ ପ୍ଲାଟୁନ ପୋଲିସ ଫୋର୍ସ ସାଙ୍ଗରେ ରଖିଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ଏହି ତହସିଲ ଅଧୀନ ଶିଳଦା-ପାଟପୁର, ବଡ଼ମୁଣ୍ଡାବଣି ଗ୍ରାମର ଛଅଟି ବାଲି ଡିପୋରେ ଚଢ଼ାଉ କରାଯାଇଛି । ତେବେ ଉକ୍ତ ବାଲି ଡିପୋରେ ମୋଟ ୨୧୯ସେ:ମି ବାଲି ଥିବା ବେଳେ ବାଲି ଡିପୋ ଗୁଡିକ ବେସରକାରୀ ଜାଗାରେ ଥିବାରୁ ବାଲି ଗୁଡିକ ଜବତ କରାଯାଇନାହିଁ । ମାତ୍ର ଗଚ୍ଛିତ ବାଲି ଥିବା ଜାଗା ବାବଦରେ ସବିଶେଷ ତଥ୍ୟ ଅଣାଯାଇଛି ଏବଂ ପରବର୍ତ୍ତୀ ସମୟରେ ଜାଗା ମାଲିକଙ୍କୁ ଏବାବଦରେ କାରଣଦର୍ଶାଅ ନୋଟିସ ଜାରି କରାଯାଇ ପରେ ଡିମାଣ୍ଡ ନୋଟିସ ସହ ଜୋରିମାନା କରାଯିବ ବୋଲି ସୂଚନା ଦେଇ କହିଛନ୍ତି ମାଇନିଂ ଅଫିସର ଦିଲୀପ କୁମାର ମାହାନା । ସେହିପରି ବଳଦିଆରେ ଥିବା ଏକ ବାଲି ଡିପୋରେ ଚଢ଼ାଉ କରାଯାଇଥିଲା ହେଲେ ପୂର୍ବରୁ ଫାଇନ କରାଯାଇଛି ବୋଲି କହିଥିଲେ ତହସିଲଦାର । ଆଜିର ଏହି ମିଳିତ ଚଢ଼ାଉରେ ମାଇନିଂ ଅଫିସର ମାହାନାଙ୍କ ସହିତ ମୋରଡା ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମୋରଡା ଥାନା ଅଧିକାରୀ ସତ୍ୟନାରାୟଣ ବଳ ଉପସ୍ଥିତ ଥିଲେ । ତେବେ ବିଭିନ୍ନ ସ୍ଥାନରେ ରାସ୍ତାନିର୍ମାଣ ପାଇଁ ବେଆଇନ ଭାବେ ବାଲି ଗଛିତ ଥିବା ଅଭିଯୋଗ ହେଉଥିବା ବେଳେ ମାଇନିଂ ବିଭାଗ ସେଠି ଚୁପ ରହିବାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା କରାଯାଉଥିବା ଜଣାପଡିଛି । ଅପରପକ୍ଷରେ ସୁବର୍ଣ୍ଣରେଖା କେନାଲ ନିର୍ମାଣ ପାଇଁ ମଧ୍ୟ ଠିକାଦାରମାନେ ବେଆଇନ ଭାବେ ହଜାର ହଜାର ଟ୍ରିପ ବାଲି ଗଚ୍ଛିତ ରଖୁଥିବା ସାଧାରଣରେ ଆଲୋଚନା ହେଉଥିବା ଲକ୍ଷ୍ୟ କରାଯାଉଛି । ଅନ୍ୟପଟେ କେବଳ ସଦର ଅଞ୍ଚଳରେ ଏ ଚଡାଉ ହେଉଥିବା ବେଳେ ଗାଁ ଗହଳିର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି ଗଚ୍ଛିତ ରଖି ଚତୁରତାର ସହ ଅଧିକ ଦାମରେ ବାହାରକୁ ଚାଲାଣ ହେଉଥିବା ଆଲୋଚନା ହେଉଥିବା ବେଳେ ଉକ୍ତ ବେଆଇନ ବାଲି ଡିପୋ ଗୁଡ଼ିକ ଉପରେ ଚଡାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କେବେ ବୋଲି ସାଧାରଣରେ ଆଲୋଚନା ହେଉଥିବା ଲକ୍ଷ୍ୟ କରାଯାଇଛି । ସେହିପରି ମୋରଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଦୈନିକ ଶହ ଶହ ଟ୍ରିପ ମୁରୁମ୍ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ତାଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ମତପ୍ରକାଶ ପାଉଛି ।

## ଅଟୋରିକ୍ସାକୁ ଧକ୍କାଦେଲା ବିଧାୟକଙ୍କ ଗାଡ଼ି

ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ବଡ଼ପୋଖରୀଆ ଛକରେ ଖଲିକୋଟ ବିଧାୟକଙ୍କ ଗାଡ଼ି ଦୁର୍ଘଟଣା । ଏକ ଅଟୋରିକ୍ସାକୁ ପଛପଟୁ ଧକ୍କା ଦେଲା ବିଧାୟକଙ୍କ ଗାଡ଼ି । ଖଲିକୋଟରୁ ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଖଲିକୋଟ ବିଧାୟକ ସାମାନ୍ୟ ଆହତ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ୧୬ନମ୍ବର ଜାତୀୟ ରାଜପଥର ବଡ଼ପୋଖରୀଆ ଛକ ନିକଟରେ ଏହି ଦୁର୍ଘଟଣା ହୋଇଛି । ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ସାମାନ୍ୟ ଆହତ ହୋଇଥିବା ବେଳେ ଅଟୋରିକ୍ସାରେ ଥିବା ୨ ଜଣ ବ୍ୟକ୍ତି ଆହତ ହୋଇଛନ୍ତି । ଆହତ ୨ ଜଣଙ୍କୁ ଟାଙ୍ଗୀ ମେଡିକାଲରେ ଚିକିତ୍ସିତ କରାଯାଇଛି । ଘଟଣା ସ୍ଥଳରେ ଜଙ୍କିଆ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ନେଇ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ସଚିବ ଶତ୍ରୁଘ୍ନ କର ସୋମବାର ଦିନିକିଆ ଢେଙ୍କାନାଳ ଜିଲ୍ଲା ଗସ୍ତରେ ଆସି ଭୋଟ ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଅଭିଯାନର ସମୀକ୍ଷା କରିଛନ୍ତି । ଶ୍ରୀ କର ଢେଙ୍କାନାଳ ସର୍କିଟ ହାଉସଠାରେ ଏ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଢେଙ୍କାନାଳ ଉପଜିଲ୍ଲାପାଳ ବିବୁଧ ଗଡନାୟକ, ଡେପୁଟି କଲେକ୍ଟର ବିନୀତା ଦାସ, ତହସିଲଦାର ଲିତୁସ୍ମିତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ପ୍ରମୁଖ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ସହାୟକ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଉପସ୍ଥିତ ରହି ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ବ୍ଲକ ଓ ବୁଥ୍ ସ୍ତରରେ ଅଗ୍ରାଧିକାର ଭିତିରେ ଉଚିତ ସମୟସୀମା ମଧ୍ୟରେ କିଭଳି କାର୍ଯ୍ୟ କରାଯିବ ପରାମର୍ଶ ଦେଇଥିଲେ । ସ୍ୱଚ୍ଛ ଓ ନିରପେକ୍ଷ ଭାବେ ମୃତ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ସହ କିଭଳି ୧୮ ବର୍ଷରୁ ଉର୍ଦ୍ଧ ଯୁବକ ଯୁବତୀ ଭୋଟର ତାଲିକାରେ ଯୋଡିବାକୁ କହିଥିଲେ । ତୃଟିମୁକ୍ତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ମୁକ୍ତ, ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ନିର୍ବାଚନ ଆୟୋଗ ପ୍ରତ୍ୟେକ ବର୍ଷ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଅଭିଯାନ କରିଥାନ୍ତି । ଏହି ଅଭିଯାନରେ ଭୋଟର୍ ତାଲିକାରେ ତ୍ରୁଟି ବିଚ୍ୟୁତି ସଂଶୋଧନ କରାଯିବା ସହ ନୂତନ ଭାବେ ୧୮ ବର୍ଷ ବୟସର ଯୁବକ ଯୁବତୀଙ୍କୁ ଭୋଟର ତାଲିକାରେ ପଞ୍ଜିକରଣ କରାଯାଉଛି ।

## ସ୍ତ୍ରୀ ସାମ୍ନାରେ କେନାଲରେ ବୁଡ଼ି ଗଲେ ସ୍ୱାମୀ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରେଙ୍ଗାଳି ବାମ ପାର୍ଶ୍ୱ କେନାଲର ଚୁଳିଆ ମୁଣ୍ଡାସାହି ନିକଟରେ କେନାଲରେ ପଡି ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣଙ୍କ କାମାକ୍ଷାନଗର ଥାନା କାଦବସନ୍ତ ଗାଁର ଠାକୁର ମୁର୍ମୁ । ଠାକୁର ସାଇକେଲ ଯୋଗେ ଲେମ୍ବୁପାଳ ଗାଁସ୍ଥିତ ଝିଅ ଘରୁ ଫେରୁଥିବା ବେଳେ କେନାଲ ଭିତରକୁ ଖସି ପଡ଼ିଥିଲେ । ତେବେ ସ୍ତ୍ରୀ ସାମ୍ନାରେ କେନାଲ ଭିତରକୁ ଖସି ପଡ଼ିଥିଲେ ଠାକୁର । କ୍ଷଣକ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ କେନାଲ ଭିତରୁ ଠାକୁରଙ୍କ ମୃତ ଦେହ ଉଦ୍ଧାର କରିଛନ୍ତି । ଏ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

# ପୋଷ୍ୟ ସନ୍ତାନ ସଚେତନତା ରଥ ଉଦ୍‌ଘାଟିତ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲାସ୍ତରୀୟ ପୋଷ୍ୟ ସନ୍ତାନ ସଚେତନତା ରଥକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦଘାଟନ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏହି ସଚେତନତା ରଥକୁ ଉଦଘାଟନ କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଏହି ରଥ ସଚେତନ କରାଇବ ବୋଲି କହିଥିଲେ । ଅନେକ ପିତୃମାତୃହୀନ ସନ୍ତାନ, ଅସହାୟ ଓ ଗରିବ ସନ୍ତାନ ଶିଶୁ ପରିଚର୍ଯ୍ୟା ଗୃହ ମାନଙ୍କରେ ରହୁଛନ୍ତି । ପ୍ରତ୍ୟେକଟି ଶିଶୁ ପିତାମାତାଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ଆବଶ୍ୟକ କରନ୍ତି । ଶିଶୁମାନଙ୍କୁ ଅସୁରକ୍ଷିତ ଭାବେ ବୁଦାମୂଳେ, ରାସ୍ତାକଡ, ଅପରିଷ୍କାର ସ୍ଥାନରେ ପରିତ୍ୟକ୍ତ ନକରି ସୁରକ୍ଷିତ ଭାବେ ଶିଶୁ ମଙ୍ଗଳ ସମିତି, ଝୁଲଣା ମାଧ୍ୟମରେ ହସ୍ତାନ୍ତର କରନ୍ତୁ । ଏହି ଶିଶୁ ମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରେଇବା ଏହି ସଚେତନତା ରଥର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ଶିଶୁ ମାନଙ୍କ ସୁରକ୍ଷା ଓ ସୁରକ୍ଷିତ ଭବିଷ୍ୟତ ପାଇଁ ଏହି ସଚେତନତା ରଥ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶିଶୁ ମଙ୍ଗଳ କମିଟି ସଦସ୍ୟ ରୁଦ୍ରସୁନ୍ଦର ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ ଅଧିକାରୀ, ବିଭିନ୍ନ ଶିଶୁ ଯତ୍ନକାରୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଏହି ସଚେତନତା ରଥ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳ ପରିକ୍ରମା କରି ସଚେତନତାର ବାର୍ତ୍ତା ଦେବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ ।

## ହିନ୍ଦୋଳରେ ଯୁଗ୍ମ ଜନଶୁଣାଣି ଶିବିର

ହିନ୍ଦୋଳ(ଭାସ୍କର ନ୍ୟୁଜ): ହିନ୍ଦୋଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣୀ ଶିବିରରେ ଆରକ୍ଷୀ ଅଧିକ୍ଷକ ଅନୁଭବ ସୋନ୍‌କର, ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ୍ କରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ୧୧୧ ଟି ଅଭିଯୋଗର ପତ୍ର ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୧୦୦ଟି ବ୍ୟକ୍ତିଗତ ଅଭିଯୋଗ ପତ୍ରର ଶୁଣାଣି କରାଯାଇଥିବା ବେଳେ ୨ଟି ଗ୍ରାମ୍ୟ ସମସ୍ୟା ସଂପର୍କରେ ଶୁଣାଣି କରାଯାଇଥିଲା ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ଝଞ୍ଜାବତି ନଦୀରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି । ଗାଧୋଇବାକୁ ଯାଇ ଜଣେ ଯୁବକ ମୃତ୍ୟୁବରଣ କରିଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛିକି ଅନଳ ମହାନନ୍ଦିଆ ନାମକ ଜଣେ ଯୁବକ ଝଞ୍ଜାବତୀ ନଦୀକୁ ଆଜି ଗାଧୋଇବାକୁ ଯାଇ ଘରକୁ ଫେରି ନଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଅସ୍ତବ୍ୟସ୍ତ ହୋଇ ତାଙ୍କୁ ଯୋଗାଯୋଗ କରିଥିଲେ ହେଲେ କୌଣସି ଖୋଜ ଖବର ନପାଇ ନଦୀ କୂଳକୁ ଯାଇ ସନ୍ଦେହରେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଦମକଳ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନଦୀ ଭିତରୁ ତାଙ୍କ ମୃତ ଦେହ ଉଦ୍ଧାର କରିଥିଲେ । ଫଳରେ ଘଟଣା ସ୍ଥଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଏନେଇ ନାରାୟଣ ପାଟଣା ଥାନାରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣା ପଡିଛି ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

ବାଲୁଗାଁ(ଭାସ୍କର ନ୍ୟୁଜ): ବାଲୁଗାଁ ଗୋପବନ୍ଧୁ ନଗର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପକ୍ଷରୁ ଆଜି ଶ୍ରୀ ଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ଅବସରରେ ବିଂଶତମ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପଭିତ୍ତିକ ସାହିତ୍ୟ, ଇତିହାସ, ଚିତ୍ରକଳା ତଥା ସର୍ଜନାତ୍ମକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ରମାକାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ଗୋଦାବରୀଶ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଚିଲିକା ବ୍ଲକର ସହ ଶିକ୍ଷାଧିକାରୀ ନୀଳାଦ୍ରି ଭୂଷଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପ୍ରଦୀପ କୁମାର ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ମୁଖ୍ୟ ବକ୍ତା ଶ୍ରୀ ଦାଶ ବିଭିନ୍ନ ମହାପୁରୁଷଙ୍କ ଦୃଷ୍ଟିରେ ଶିକ୍ଷାର ଉଦ୍ଦେଶ୍ୟ ସହିତ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀର ବୈଜ୍ଞାନିକ ମନୋବୃତ୍ତି ଓ ସର୍ଜନଶୀଳତାର ପରିସ୍ଫୁଟନ ନିମିତ୍ତ ବାର୍ଷିକ ପ୍ରଦର୍ଶନୀରେ ଅଧିକରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ।

## 'ଦୃଷ୍ଟିଭଙ୍ଗୀ ପରିବର୍ତ୍ତନଶୀଳ ହୋଇପାରେ' ଶୀର୍ଷକ ଆଲୋଚନାଚକ୍ର

ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟ ସେଣ୍ଟ୍ରାଲ ହଲ ଠାରେ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନଶୀଳ ହୋଇପାରେ କି ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଛି । ଆଲୋଚନାଚକ୍ରରେ ମହାବିଦ୍ୟାଳୟର କାର୍ଯ୍ୟକାରି ଅଧ୍ୟକ୍ଷା ଏଲିଜାବେଥ ଭଞ୍ଜ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ କହିଥିଲେ ଦୃଷ୍ଟିଭଙ୍ଗୀ ସର୍ବଦା ପରିବର୍ତ୍ତନଶୀଳ ହୋଇପାରି, ଏହା ବ୍ୟକ୍ତିର ମାନସିକ, ଶାରୀରିକ ତଥା ପାରିପାର୍ଶ୍ୱିକ ସ୍ଥିତି ଉପରେ ନିର୍ଭରଶୀଳ । ଯଦି ଆପଣଙ୍କ ପ୍ରତି କୁଭାବନା ପୋଷଣ କରିଥାଏ ତେବେ ପରବର୍ତ୍ତୀ ସମୟରେ ଆପଣଙ୍କ ବ୍ୟବହାର ତାକୁ ପରିବର୍ତ୍ତିତ କରିବାରେ ବିଶେଷ ସହାୟକ ହୋଇଥାଏ । ମୁଖ୍ୟବକ୍ତା ନୟାଗଡ଼ ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ.ହରିହର ମିଶ୍ର ଓ ସମ୍ମାନିତ ଅତିଥି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରାକ୍ତନ ପ୍ରଫେସର ସତ୍ୟନାରାୟଣ ରଥ ଦୃଷ୍ଟିଭଙ୍ଗୀକୁ ସର୍ବଦା ସୁମାର୍ଗରେ ପୋଷଣ କଲେ ତାହା ସମାଜରେ ମଙ୍ଗଳକାରୀ ହୋଇ ବୋଲି ମତପ୍ରକାଶ କରିଥିଲେ । ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଲକ୍ଷ୍ମୀପ୍ରଭା ମିଶ୍ର ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିବା ସହ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ । ସହ ଅଧ୍ୟାପିକା ସସ୍ମିତା ମହାନ୍ତି ଓ ଛାତ୍ରଛାତ୍ରୀ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଆୟୋଜିତ ବିଭିର୍ଣ୍ଣ ବର୍ଗ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ କଲେଜ ପକ୍ଷରୁ ବିଧାୟକ ଶ୍ରୀ ସାହୁ ପ୍ରମାଣପତ୍ର ସହ ଟ୍ରଫି ପୁରସ୍କୃତ କରିଥିଲେ । ଅଧ୍ୟାପକ ରଙ୍କନିଧି ମହାରଣା, ଡେମୋନେଷ୍ଟ୍ରେଟର ମାୟାଧର ବରାଡ, ଟୁନୁ ଖାଡଙ୍ଗା ଓ ଶଙ୍କର ସିଂହ ପ୍ରମୁଖ ପରିଚାଳନା କରିଥିଲେ । ଜାତୀୟ ସେବା ସଂସ୍ଥା କ୍ୟାଡେଟ ବିଧାୟକ ଶ୍ରୀ ସାହୁଙ୍କୁ ମହାବିଦ୍ୟାଳୟ ସଭା ପ୍ରକୋଷ୍ଠକୁ ପାଛୋଟି ଆଣିଥିଲେ । ଡେମୋନେଷ୍ଟ୍ରେଟର ବିଶ୍ୱମୋହନ ନରେନ୍ଦ୍ର ବାସ୍ତବ କ୍ଷେତ୍ରରେ ବ୍ୟବହାର ହିଁ ମଣିଷକୁ ସମାଜରେ ଚିହ୍ନିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ ଓ ଛାତ୍ରଛାତ୍ରୀ ନିଜ ବ୍ୟବହାରକୁ ମାର୍ଜିତ କରିବାକୁ ଆଶାପୋଷଣ କରି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସାମ୍ବାଦିକ ସମ୍ମିଳନୀ




ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ପାରଳା ସହରରରେ ଥିବା ଉତ୍କଳ ସାହିତ୍ୟ ସଭା ଗୃହ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧକ୍ଷତାରେ ସଭାପତି ଅଶ୍ୱିନୀ ପାଢ଼ି, ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା, ଓ ଉପ ସଭାପତି ଆଶାଲତା ପାଣିଗ୍ରାହି ପ୍ରମୁଖ ଉପସ୍ଥିତ ରହିଥିଲେ । ସେମାନଙ୍କ କହିବା ହେଲା ଯେ ପାରଳାଖେମୁଣ୍ଡିରେ ଏକର ପିଛା ସରକାରଙ୍କ ଧାର୍ଯ୍ୟ ଜମି ମୂଲ୍ୟାୟନ ଏକର ପିଛା ଏବେ ୬୧ କୋଟି ହୋଇଛି । ଫଳରେ ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, କଟକ, ରାଉରକେଲା ଓ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦ ଠାରୁ ମଧ୍ୟ ପାରଳାଖେମୁଣ୍ଡି ରେ ଏକର ଜମିର ମୂଲ୍ୟ ୪ ରୁ ୧୦ ଗୁଣା ଅଧିକ ବୃଦ୍ଧି ପାଇଛି । ଗରିବ ଓ ମଦ୍ୟବର୍ତ୍ତି ପରିବାର ମାନେ ଜମି କିଣିପାରିବେ ନାହିଁ । ଏହାକୁ ସଙ୍ଘ ଦୃଢର ବିରୋଧ କରୁଛି । ପ୍ରକାଶିତ ତଥ୍ୟ ଅନୁସାରେ ଓଡିଶାରେ ଜମି କିଣାବିକା ପାଇଁ ଷ୍ଟାମ୍ପ ଡ୍ୟୁଟି ଆଦାୟ ନିମନ୍ତେ କରାଯାଇଥିବା ବେଞ୍ଚମାକ୍ ଭେଲ୍ୟୁଏସ ନ ଓଡ଼ିଶା ର ସମସ୍ତ ସହର ଓ ନଗର କୁ ଲାଗୁ କରାଯାଇଛି । କିନ୍ତୁ ପାରଳାଖେମୁଣ୍ଡି ନିର୍ଦ୍ଧାରୀତ ମୂଲ୍ୟ ତୁଳନାରେ ସର୍ବାଧିକ ଅଟେ । ଉଦାହରଣ ସ୍ୱରୂପ ଭୁବନେଶ୍ୱର ସହରର ସତ୍ୟନଗର ଧାର୍ଯ୍ୟ କରାଯାଇଥିବା ଏକର ପିଛା ୧୭ କୋଟି ୬୦ ଲକ୍ଷ ଏହା କେବଳ ଭୁବନେଶ୍ୱର ଠାରୁ ବହୁଗୁଣ ରେ ଅଧିକ ନୁହେଁ, ଓଡ଼ିଶା ବାହାରେ ହାଇଦ୍ରାବାଦ ଠାରୁ ୪ ଗୁଣା ଅଧିକ । ଗଜପତି ଜିଲ୍ଲାରେ ୨୦୨୪-୨୦୨୬ ବର୍ଷ ପାଇଁ ସହରରେ ବେଞ୍ଚମାକ୍ ମୁଲ୍ୟାୟନ ଅତ୍ୟଧିକ ବଢେଇ ଦିଆଯାଇଛି । ଏହି ଭଳି ଭିତି ହିନୀ ଓ ଅଦୁରଦର୍ଶୀ ନିଷ୍ପତି ଫଳରେ କି ପାରଳା ସହଜରେ ଭୁମି କିଣିବା ଏବଂ ବିକିବା ଏକ ପ୍ରକାର ଅସମ୍ଭବ ହୋଇ ପଡ଼ିଲାଣି । ଗଣତନ୍ତ୍ରିକ ପଦ୍ଧତିରେ ମୂଲ୍ୟାୟନ କମିଟି ରେ ସ୍ଥାନୀୟ ପ୍ରତିନିଧୀତ୍ୱ ରହିବା ସାମ୍ବିଧାନିକ ଦାୟିତ୍ୱ । କିନ୍ତୁ ଉକ୍ତ ପ୍ରତିନିଧିଙ୍କର ଶାରୀରିକ ଅକ୍ଷମତା, ଅନୁପସ୍ଥିତର ଫାଇଦା ଉଠାଇ ଅଫିସର ରାଜ୍ ଚଳାଇଛନ୍ତି । ସରକାରଙ୍କ ନିର୍ଦ୍ଦେଶନାମା ଓ ନିୟମାବଳୀ ଏଥିପାଇଁ ଦାୟୀ ନା ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କ ଏଥିପାଇଁ ଦାୟୀ ତାର ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ କରିବାରେ ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି ।

# ଜେସିଆଇ ତାଳଚେର ଶାଖାର ୬୫ ସ୍ଥାପନା ଦିବସ ପାଳିତ

## ମହେଶ ଅଗ୍ରୱାଲ ନୂତନ ସଭାପତି



ତାଳଚେର(ଭାସ୍କର ନ୍ୟୁଜ): ଜୁନିଅର ଚାମ୍ବର ଇଣ୍ଟନେସନାଲ ତାଳଚେର ଶାଖାର ୬୫ ସ୍ଥାପନା ଦିବସ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ନୂତନ ସଭାପତି ଭାବେ ମହେଶ ଅଗ୍ରୱାଲ ଶପଥ ଗ୍ରହଣ କରିଥିଲେ । ବିଦାୟୀ ସଭାପତି କୁଶଳ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତାଳଚେର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାନସ ରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ବ୍ୟବସାୟୀ ସଂଘ (କେଟ)ର ଅନୁଗୋଳ ଜିଲ୍ଲା ଅଧ୍ୟକ୍ଷ କମଳ ଅଗ୍ରୱାଲ, ଜେସିଆଇ ଜୋନ ସଭାପତି ଅମନ୍ ଶୁକ୍ଲା,ପୂର୍ବତନ ଜୋନ ସଭାପତି ଆଶିଷ ଅଗ୍ରୱାଲ, ଉପଦେଷ୍ଟା ଡ. ରଶ୍ମି ରଂଜନ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସମାଜସେବା ଦିଗରେ ଜେସିଆଇ ପ୍ରମୁଖ ପ୍ରମୁଖ ଭୂମିକା କରିଥିବା କଥା ପ୍ରକାଶ କରିଥିଲେ । ଆଗାମୀ ଦିନରେ ସମାଜର ଅବହେଳିତ, ଦରିଦ୍ର ଓ ଅସହାୟ ବ୍ୟକ୍ତିଙ୍କ ପ୍ରତି ସହଯୋଗ ବଜାୟ ରଖିବାକୁ ଅତିଥିଗଣ ପରାମର୍ଶ ଦେଇଥିଲେ । ବିଦାୟୀ ସଭାପତି ବିବରଣୀ ପାଠ କରିବା ସହିତ ବିଗତ ବର୍ଷରେ ଜେସିଆଇର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପୂର୍ବତର୍ନ ଜୋନ ସଭାପତି ଆଶିଷ ଅଗ୍ରୱାଲ ନୂତନ ସଭାପତି ଓ କର୍ମକର୍ତାଙ୍କୁ ଶପଥ ପାଠ କରାଇବା ସହିତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଚଳିତ ବର୍ଷ ଜେସିଆଇ ପକ୍ଷରୁ ବୃକ୍ଷରୋପଣ, ପାନୀୟ ଜଳ ପ୍ରକଳ୍ପ, ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଟ୍ରେନିଂ, ସ୍ୱାସ୍ଥ୍ୟ ସେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିବା ନୂତନ ସଭାପତି ମହେଶ ଅଗ୍ରୱାଲ ସୂଚନା ଦେଇଥିଲେ । ନିର୍ଦ୍ଦେଶକ ପ୍ରଦୀପ ପାଲ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ତାଳଚେର ଶାଖାର ପୂର୍ବତନ ସଭାପତି ରାକେଶ ଗୁପ୍ତା, ବାସୁଦେବ ସାହୁ, ଦିପ୍ତୀରଞ୍ଜନ ବିଶ୍ୱାଳ, କୋଷାଧକ୍ଷ ଜିତେନ୍ଦ୍ର ଅଗ୍ରୱାଲ, ସରୋଜ ଗିରି, ଶୁଭ ଆଚାର୍ଯ୍ୟ, ହିତେଶ ଅଗ୍ରୱାଲ, ଲିପିକା ମିଶ୍ର, ସ୍ନେହ ଅଗ୍ରୱାଲ, ତୃପ୍ତିମୟୀ ସାହୁ, ରୋଟାରୀ କ୍ଲବର ସମ୍ପାଦକ ଡ. ସସ୍ମିତା ସାହୁ, ସମାଜସେବୀ ପ୍ରକାଶ ମହାରଣା, କ୍ଷୀରୋଦ ସାହୁ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ଅନ୍ନପୂର୍ଣ୍ଣା ମହିଳା ପରିବାର,ମାରୱାଡ଼ି ମହିଳା ସମିତିର କର୍ମକର୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



# ଆମ କଳାହାଣ୍ଡି



ମଙ୍ଗଳବାର, ୨୬ ନଭେମ୍ବର ୨୦୨୪
ଓଡ଼ିଶା ଭାସ୍କର, ଭୁବନେଶ୍ୱର



## ଦୁର୍ବୃତ୍ତଙ୍କ ଟାର୍ଗେଟ୍‌ରେ ଏବେ ମନ୍ଦିର

ଧର୍ମଗଡ଼, (ଭାସ୍କର ନ୍ୟୁଜ): ବେଶ୍ କିଛି ଦିନ ହେବ ଚୋରି ଡକାୟତି ବୃଦ୍ଧି ପାଇବାରେ ଲାଗିଛି । ଏବେ ଦୁର୍ବୃତ୍ତଙ୍କ ଆଖି ମନ୍ଦିର, ଦେବୀ ପୀଠ ଇତ୍ୟାଦିରେ ପଡ଼ିଛି । କିଛି ଦିନ ତଳେ କୁସୁମଖୁଣ୍ଟି, କୋକସରା, ଗୋଲାମୁଣ୍ଡା ମନ୍ଦିରରେ ଚୋରି ଘଟଣାରୁ ଅନୁମାନ କରାଯାଏ । ବଡ଼ ଆଶ୍ଚର୍ଯ୍ୟ ବିଷୟ ପୋଲିସ ଏଭଳି ଘଟଣାକୁ ଗୁରୁତ୍ୱ ଦେଉ ନଥିବା ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଦିନକୁ ଦିନ ଦୁର୍ବୃତ୍ତମାନେ ଅଞ୍ଚଳରେ କାୟାବିସ୍ତାର କରୁଥିବା ବେଳେ ପୋଲିସ ତତ୍ପରତା ଦେଖାଉ ନଥିବା ଆଲୋଚନା ହେଉଛି । ଏହି ଚୋରି କାରବାରରେ ସ୍ଥାନୀୟ କେତେକ ବ୍ୟକ୍ତିଙ୍କ ସହଯୋଗରେ ହେଉଥିବା ସନ୍ଦେହ କରାଯାଉଛି । ବିଭିନ୍ନ ଗ୍ରାମର ସାପ୍ତାହିକ ବଜାରମାନଙ୍କରେ ମୋବାଇଲ ଚୋରି, ପକେଟ ମାର୍ ସାଙ୍ଗକୁ ଗାଡ଼ିମୋଟର ଚୋରି ଇତ୍ୟାଦି ହେଉଥିଲେ ହିଁ ପୋଲିସ ତଦନ୍ତ କରିବା ଦୂରର କଥା, ଘଟଣାକୁ କାନରେ ପୂରାଉ ନଥିବା ଲୋକେ ଅଭିଯୋଗ ଉଠାଇଛନ୍ତି । ପୋଲିସର ନୀରବତା ଦୁର୍ବୃତ୍ତଙ୍କୁ ସାହାସ ଯୋଗାଇବାରେ ସହାୟତା ହେଉଥିବା ବୁଦ୍ଧିଜୀବୀଙ୍କ ମତ ପ୍ରକାଶ ପାଉଛି । ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ପୋଲିସ ତତ୍ପରତା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନିହାତି ଭାବେ ଚୋରି ଉଦ୍ୟମ ରୋକା ଯାଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଦୁର୍ବୃତ୍ତମାନେ ଏବେ ମନ୍ଦିର ପୀଠ ଆଦି ସ୍ଥାନକୁ ନଜର ପକେଇ ଥିବାବେଳେ ଲୋକଙ୍କ ଆସ୍ଥା ବିଶ୍ୱାସରେ ଘୋର ଆଘାତ ଲାଗିଛି । ଏଥିପ୍ରତି ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ ସମେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଶ୍ରୀସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଶ୍ରୀ ସତ୍ୟସାଇ ସେବା ସମିତି, ଭବାନୀପାଟଣା ପକ୍ଷରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୯୯ ତମ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରତ୍ୟୁଷରୁ ନଗର ସଂକୀର୍ତ୍ତନ ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା ଓ ପରେ ଏକ ଆଧାତ୍ମିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏହି ଉପଲକ୍ଷେ ବାବାଙ୍କ ଷୋଡଶ ଉପଚାରରେ ପୂଜା, ନାରାୟଣ ସେବା ଓ ପ୍ରସାଦ ସେବନ, ନାରାୟଣଙ୍କୁ ବସ୍ତ୍ରଦାନ, ସାମୂହିକ ପ୍ରଦୀପ ପ୍ରଦାନ, ବେଦ ଆବୃତ୍ତି, ଭଜନ ପରିବେଷଣ ଆଦି କାର୍ଯ୍ୟକ୍ରମ ସହ ଭଗବାନ ବାବାଙ୍କ ଝୁଲଣ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାବାଙ୍କ ଦିବ୍ୟ ସମ୍ଭାଷଣ ପରେ ଜନ୍ମଦିନର କେକ୍ କଟାଯିବା ସହ ପବିତ୍ର ଆରତୀ ସମ୍ପନ୍ନ ହୋଇଥିଲା । ଶ୍ରୀ ସତ୍ୟସାଇ ସେବା ସମିତିର ସଭାପତି ବେଣୁଧର କୁମାର, ତୁଳସୀରାମ ସାହୁ, ସୁବ୍ରତ ଖାଡଙ୍ଗାଙ୍କ ସହ ବାବାଙ୍କ ବହୁ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ନୂତନ ମଣ୍ଡି ଉଦ୍‌ଘାଟିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡୁମେରଗୁଡା ଏବଂ ମୂଷାପାଲି ଠାରେ ନୂତନ ଭାବେ ମଣ୍ଡି ଖୋଲି ଥିବାବେଳେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ଶୁଭ ଉଦ୍‌ଘାଟନ କରିଛନ୍ତି । ରବିବାର ପ୍ରଥମେ ଡୁମେରଗୁଡା ସ୍ଥିତ ମଣ୍ଡି ଉଦ୍‌ଘାଟନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡୁମେରଗୁଡା ସରପଞ୍ଚ ନଳିନୀ ପ୍ରଭା ବେହେରା, ପୂର୍ବତନ ସମିତିସଭ୍ୟ ଶ୍ୟାମଲାଲ ବେହେରା ମୁକୁନ୍ଦ ପଣ୍ଡା ଉପସ୍ଥିତ ଥିବାବେଳେ ଚିତ୍ତରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ । ଏହି ନୂତନ ଧାନ ମଣ୍ଡିରେ ଡୁମେରଗୁଡା, ବାଞ୍ଜିପଦର, କିରକାକାନି, କନ୍ଦାମାଳ, କେରମୁଣ୍ଡାର ଚାଷୀ ଧାନ ବିକ୍ରୟ କରିପାରିବା ବ୍ୟବସ୍ଥା ରହିଛି । ସେହିପରି ମୂଷାପାଲୀ ଠାରେ ମଧ୍ୟ ନୂତନ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି । ଉତ୍ସବରେ ଘନଶ୍ୟାମ ନାଏକ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସଭାପତିତ୍ୱରେ ଅକ୍ଷୟ କୁମାର ନାଏକ, ଧ୍ୱଳେଶ୍ୱର ଗୋପାଳ, ସମିତିସଭ୍ୟା ଅଞ୍ଜନା ଦୁର୍ଗା, ତୋଫାନ ନାଏକ, ଘୋନୁ ମାଝୀ ଘୋନୁ ପଣ୍ଡା, କହ୍ନେଇ ନାଏକ, ରାଧେଶ୍ୟାମ ଗୋପାଳ ଉପସ୍ଥିତ ଥିବାବେଳେ ଏହି ଧାନ ମଣ୍ଡିରେ ଖପରାମାଳ, ଗହନାମୁଣ୍ଡା ଏବଂ ମୂଷାପାଲୀ ଚାଷୀ ଧାନ ବିକ୍ରି କରିପାରିବା ବ୍ୟବସ୍ଥା ରହିଛି । ମଣ୍ଡି ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଅପରେଶ ସ୍ୱାଇଁ, ହରେକୃଷ୍ଣ ପଣ୍ଡା, ହିମାଂଶୁ ପଣ୍ଡା ପ୍ରମୁଖ ମଞ୍ଚାସିନ ରହିଥିଲେ । ସୂଚନାଯୋଗ୍ୟ, ଦୀର୍ଘଦିନରୁ ଉଭୟ ପଞ୍ଚାୟତବାସୀ ନୂତନ ଧାନମଣ୍ଡି ଖୋଲିବା ପାଇଁ ଦାବି କରିଆସୁଥିଲେ । ବିଧାୟକ ଶ୍ରୀ ପାଟ୍ଟଯୋଷୀଙ୍କ ପ୍ରଚେଷ୍ଟାରେ ନୂତନ ଭାବେ ମଣ୍ଡି ସ୍ଥାପନ ହୋଇଥିବା ଯୋଗୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଧର୍ମଗଡ଼ ବିଧାୟକଙ୍କୁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି ।

## ଠିପିବନ୍ଦ ବିଦେଶୀ ମଦ ଦୋକାନ ଏବେ ଓପନ ବାର୍

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରେ ଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚଢ଼ାଦରରେ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହେଉଛି । ଏଥିସହ ଖୁଲମଖୁଲା ବେଆଇନ ବିଦେଶୀ ମଦ ଚୋରାଚାଲାଣ ହେଉଥିବାରୁ ଦୋକାନ ମାଲିକ ଓ ଅବକାରୀ ବିଭାଗ ଅଧିକାରୀଙ୍କ ମଧ୍ୟରେ ଭିତିରିଆ ସମ୍ପର୍କ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଦୋକାନ ମାଲିକ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି ନକରି ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏମ୍‌ଆରପି ମୂଲ୍ୟରେ ହିଁ ମଦ ବିକ୍ରି କରାଯିବା କଥା । ଯଦି କୌଣସି ଦୋକାନୀ ଅଧିକ ଦାମରେ ମଦ ବିକ୍ରି କରୁଛନ୍ତି ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଏକ ବର୍ଷ ପାଇଁ ତାଙ୍କ ଲାଇସେନ୍ସ ବାତିଲ କରି ଦିଆଯିବ ବୋଲି ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି । ଅଥଚ ଦୋକାନୀ ଏହାକୁ ଖାତିର ନକରି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ସବୁବେଳେ ଅଭିଯୋଗ ହେଉଛି। ଅନ୍ୟପଟେ ଉକ୍ତ ଦୋକାନୀ ସରକାରୀ ନିୟମ ଅନୁସାରେ ଦୋକାନରେ ଦର ତାଲିକା ମଧ୍ୟ ଲଗାଇନାହାନ୍ତି । ଏଣୁ ଏହାର ତଦନ୍ତ ସହିତ ଲାଞ୍ଜିଗଡସ୍ଥିତ ବିଦେଶୀ ମଦ ଦୋକାନର ଲାଇସେନ୍ସ ରଦ୍ଦ କରିବାକୁ ଦାବି ହେଉଛି।

## ଜବାହାର ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଦିବସ ପାଳିତ



କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟଠାରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମାଝୀଗୁଡା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କୁ ଅଧ୍ୟୟନରେ ମନୋନିବେଶ ସହ ସେବାକାର୍ଯ୍ୟରେ ନିୟୋଜିତ ରହିବା ନିମନ୍ତେ ମାର୍ଗଦର୍ଶନ କରିବା ସାଙ୍ଗକୁ ଏନ୍‌ସିସି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକ ଚକ୍ରଧର ବେଶ୍ରା, ଜଗଦୀଶ ନାଏକ ଓ ପରେଶ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିବା ପରେ କ୍ୟାଡେଟ ମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଦେଶ ମାତୃକାର ସେବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ । ଏନ୍‌ସିସି ଏଏନ୍‌ଓ ଅମିତ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନ ତଥା ଉଦଯାପନୀ ଉତ୍ସବରେ ବିଜମରା ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ମାଝୀ ମୁଖ୍ୟ ଅତିଥି, ଶିକ୍ଷକ ସାମନ୍ତ କୁମାର ପାଟ୍ଟଯୋଷୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଉଦଯାପନି ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ଟଙ୍କଧର ଶବର ଓ ଦ୍ୱିତୀୟ ଅଧିବେଶନ ହେମନ୍ତ କୁମାର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବନୀତ ରାଣୀ ଦତ୍ତ, ସୀମା ରାଣୀ ସିଂ, ରଶ୍ମିତା ନିଆଲ ପ୍ରମୁଖ ମଞ୍ଚ ପରିଚାଳନା କରିଥିବାବେଳେ ସୀମାରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁନାଗଡ଼ରେ ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ ପାଳିତ



ଜୁନାଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ଠାରେ ସତ୍ୟସାଇ ସେବାଦଳ ଦ୍ୱାରା ଶ୍ରୀଶ୍ରୀ ସତ୍ୟସାଇ ବାବାଙ୍କ ୯୯ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସେବା ଦଳ ଦ୍ୱାରା ପ୍ରାତଃ ପାଞ୍ଚ ଘଣ୍ଟା ସମୟରୁ ୭ ଘଣ୍ଟା ପର୍ଯ୍ୟନ୍ତ ନଗର ସଂକୀର୍ତ୍ତନ, ସକାଳ ୭ ଘଣ୍ଟାରୁ ବେଦ ପାଠ, ଷୋଡ଼ଶ ଉପଚାର ପୂଜା, ନାମ ଜପ ଓ ସତ୍ୟ ସାଇ ବାବାଙ୍କ ରଥ ନଗର ପରିକ୍ରମା କରିଥିଲା । ମଧ୍ୟାହ୍ନ ୧୨ ଘଣ୍ଟା ସମୟରେ ବସ୍ତ୍ର ଦାନ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଜୁନାଗଡ଼ ତାଳବନ୍ଦ ପଡା ସ୍ଥିତ ସତ୍ୟ ସାଇ ମନ୍ଦିରରେ ସନ୍ଧ୍ୟା ୫ ଘଣ୍ଟା ସମୟରେ ଦ୍ୱୀପ ପ୍ରଜ୍ୱଳନ, ଭଜନ, ସାଇ ସନ୍ଦେଶ ଓ ବାଳ ବିକାଶ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ଦଳର ସଭ୍ୟ ଦୁର୍ଗା ପ୍ରସାଦ ନାଏକ, ନଗରପାଳ ହିମାଦ୍ରୀ ନାଏକ, ରଞ୍ଜନ କୁମାର ଜାଲ, ବିଜୟ ପୂଝାରି, ରାଜକିଶୋର ସାହୁ, ହୃଦାନନ୍ଦ ପୂଝାରୀ, କନଭେନର ଅଇରି ଗଞ୍ଜନ ଦଣ୍ଡସେନା, ପ୍ରକାଶ ଘଡେଇ, ମୁକେଶ ଭଣ୍ଡାରଗରିଆ, କନ୍ଦର୍ପ ଗୁରୁ, ବବୁ ସାହୁ, ସୁରେନ୍ଦ୍ର ଖିତି, ଅଞ୍ଜନ ଖିତି, ବଜରଙ୍ଗ ଅଗ୍ରୱାଲ, ଦିନେଶ ସିଂହଲ, ଭକ୍ତ ଭାଟି, ବଲାଜି ଯାଦବ, ବିଶେଶ୍ୱର ଭଣ୍ଡାରଘରିଆ । ଅନ୍ୟାନ୍ୟ ସେବାକାରୀ ଉପସ୍ଥିତ ଥିଲେ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ବ୍ରାହ୍ମଣୀଗୁଡା ସତ୍ୟସାଇ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ଭାବେ ସୁବାଷ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ, କର୍ତ୍ତା ଭାବେ ଦୁତିକୃଷ୍ଣ ପୂଝାରୀ ସପତ୍ନିକ ସାମିଲ ହୋଇଥିଲେ । ବସ୍ତ୍ର ବଣ୍ଟନ ସମୟରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ଛତ୍ରୀଆ, ପ୍ରହଲ୍ଲାଦ ଶର୍ମା, ଅକ୍ଷୟ ସାହୁ, ଅକ୍ଷ ନାଗ, କିଶୋର ମାଝୀ, ଭୋଳା ମାଲିକ, ମନ ମାଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ନିର୍ବାହ କରିଥିଲେ । ସାନ୍ଧ୍ୟ ଭଜନ ଓ ଆଳତୀ ସମୟରେ ଶତାଧିକ ପୁରୁଷ ମହିଳା ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ ।

## ଡମ ସମାଜ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବାଗପୁର ସୁଦ୍ଧାନନ୍ଦ ଆଶ୍ରମ ପଡିଆରେ ନର୍ଲା ବ୍ଲକ୍ ଡମ୍ ସମାଜ ତରଫରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାମ୍ ସ୍ୱାମୀ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନାଧିକାରୀ ବିରଜୁ ଛତ୍ରିଆ, ସମାଜସେବୀ ଲିଙ୍ଗରାଜ ଆଜାଦ, ଜିତେନ୍ଦ୍ର କର, ବୈଦ୍ୟନାଥ ବେହେରା, ପୂର୍ବତନ ସରପଞ୍ଚ ବରୁଣ ନାଏକ, ଦେବାନନ୍ଦ ନାଏକ, ଗୌରହରୀ ହରିଜନ, ମୋହନ ଦୁର୍ଗା , ଜୟସେନ୍ ନାଏକ୍ ପ୍ରମୁଖ ପ୍ରଥମେ ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକର ଓ ଗୌତମ ବୁଦ୍ଧଙ୍କ ଫୋଟୋ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିବା ସହିତ ଡମ୍ ସମାଜର ଦିବଂଗତ ମହାନୁଭବଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରି ମଞ୍ଚାସିନ ହୋଇ ମଞ୍ଚର ଶୋଭା ବର୍ଦ୍ଧନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶିର ନାଏକ୍ ମଞ୍ଚ ପରିଚାଳନା କରିଥିବା ବେଳେ ପରମେଶ୍ୱର ନାଏକ, ଦର୍ପଦଳନ ସେନାପତି, ଜୟସେନ୍ ନାଏକ, ଭରତ୍ ବାଗ୍, ଭୂପେନ୍ ନାଏକ, ରଘୁ ସୁନା, ପ୍ରଦୀପ୍ ଛତ୍ରିଆ,ସୁବାସ ଚନ୍ଦ୍ର ନାଗ୍ ସହଯୋଗ କରିଥିଲେ । ପ୍ରତ୍ୟେକ କ୍ଷେତ୍ରରେ ଶିଖର ସ୍ତରକୁ ପହଞ୍ଚିବାକୁ ହେଲେ ଉକ୍ତ ସମାଜର ଲୋକଙ୍କୁ ପ୍ରଥମେ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ସମ୍ବିଧାନ୍ ବିଷୟରେ ପ୍ରାଞ୍ଜଳ ଭାବେ ଅବଗତ କରାଇବା ଲକ୍ଷ୍ୟ ନେଇ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ନର୍ଲା ବ୍ଲକ୍ ସହିତ ଜିଲ୍ଲାର ବିଭିନ୍ନ ବ୍ଲକରୁ ପାଞ୍ଚ ଶହରୁ ଉର୍ଦ୍ଧ ଜାତି ପ୍ରେମୀ ଉପସ୍ଥିତ ଥିଲେ ।

## ମୂଷାପାଲି ଉପମଣ୍ଡିରେ ଭୂମିପୂଜନ

କୋକସରା, (ଭାସ୍କର ନ୍ୟୁଜ): କୋକସରା ବ୍ଲକ ଡହଗାଁ ପେକ୍ସ ଅଧୀନରେ ଥିବା ମୂଷାପାଲି ଠାରେ ରବିବାର ଉପମଣ୍ଡି ନିମନ୍ତେ ଭୂମିପୂଜନ ହୋଇଛି । ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରିଥିଲେ । ମୂଷାପାଲି, ଖପରାମାଲ, ଗହନମୁଣ୍ଡା ଅଞ୍ଚଳର ଚାଷୀ ବହୁ ଦିନର ଦାବି ପୂରଣ ହେବା ନେଇ ଖୁସିବ୍ୟକ୍ତ କରିଛନ୍ତି । ଏହି ଅବସରରେ ଗ୍ରାମର ଚାଷୀମାନଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଲେଖ ଚନ୍ଦ୍ର ଗୋପାଳ, ସଭାପତି ଘନଶ୍ୟାମ ନାଏକ, ଧବଳେଶ୍ୱର ଗୋପାଳ, ସମିତିସଭ୍ୟା ଅଞ୍ଜନା ଦୁର୍ଗା ପ୍ରମୁଖ ମଞ୍ଚାସିନ ହୋଇ ଚାଷୀମାନଙ୍କ ହିତ ସାଧନ ପାଇଁ ପ୍ରଶାସନ ପକ୍ଷରୁ ଉପମଣ୍ଡି ପାଇଁ ଅନୁମତି ଦେଇ ଥିବାରୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ ।

## ଧ୍ୱଜରାମ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ




କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଁଲି ଖେଳପଡ଼ିଆରେ ଚାଚା ନେହେରୁ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଧ୍ୱଜରାମ ସ୍ମାରକୀ ପଞ୍ଚ ଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ରବିବାର ଫାଇନାଲ ଖେଳ ସହ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ଟି ବ୍ରାହ୍ମଣୀଗୁଡା ଫୁଟବଲ୍ ଦଳ ଓ ହୀରାପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧/୦ ଗୋଲ୍ କରି ହୀରାପୁର ଦଳ ଟୁର୍ଣ୍ଣାମେଣ୍ଟରେ ବିଜେତା ହୋଇ ଚାମ୍ପିଅନ ହୋଇଛି । ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଅଲମ୍ପିକ୍ସ ଆସୋସିଏସନ୍‌ର ସଭାପତି ଜଗମୋହନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ରେଞ୍ଜ ଅଫିସର ଲକ୍ଷ୍ମଣ ଶବର ମୁଖ୍ୟବକ୍ତା, କୋକସରା ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଚକ୍ରଧର ସେଠୀ, ଅଜୟ କୁମାର ପଟ୍ଟନାୟକ, ଅବଦୁଲ କାଦର, ଗ୍ରାମ୍ୟ ସଭାପତି ତୁଳସୀ ରାମ ସାହୁ, ଅଖିଳ ଚନ୍ଦ୍ର ସାହୁ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ସ୍ୱର୍ଗତ ଧ୍ୱଜରାମ ସାହୁଙ୍କ ସୁପୁତ୍ର ଦେବୀ ପ୍ରସାଦ ସାହୁ, ରାମ ପ୍ରସାଦ ସାହୁ, ପ୍ରେମଲାଲ ସାହୁ, ଟିକେଶ୍ୱର ସାହୁ, ନାତି ବିବେକାନନ୍ଦ ସାହୁଙ୍କ ସମେତ ତାଙ୍କ ପରିବାର ଲୋକେ ପଡ଼ିଆରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଜୁନାଗଡ଼ ପିଇଟ ଭଗବାନ ଦଳପତି ଖେଳ ପରିଚାଳନା କରିଥିବାବେଳେ ଲାଇନ୍ସ ମ୍ୟାନ ଭାବରେ ବୁଲୁ ବେହେରୁକ, ହରେକୃଷ୍ଣ ଦଣ୍ଡସେନା ଓ ବଂଶୀଧର ଭଁଏଷାଲ ସହଯୋଗ କରିଥିଲେ । ମାନସ ରଞ୍ଜନ ସରାବୁ ଓ ସୁଧାଂଶୁ ନାଗ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟିର ସଭାପତି କୁଞ୍ଜବିହାରୀ ସାହୁ, ଉପସଭାପତି ଦୁଃଖନ୍ଦ୍ର ମାଝୀ, ସମ୍ପାଦକ କେଶବ ମାଝୀ, କୋଷାଧକ୍ଷ ଝାଡେଶ୍ୱର ମାଝୀ, ଯୁଧିଷ୍ଠିର ମାଝୀ, କୁଳମଣି ସାହୁ ପ୍ରେମଲାଲ ମାଝୀ, ଅଜୟ କୁମାର ମାଝୀ, ଜିମୁତ ବାହାନ ମାଝୀ, ବିଷ୍ଣୁ ପ୍ରସାଦ ମାଝୀ, ଯଦୁମଣି ଧ.ମାଝୀ, ବିରଞ୍ଚି ବାଗ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

## ଲାଞ୍ଜିଗଡ଼ ମୁଖ୍ୟରାସ୍ତାରେ ମଦଭାଟି



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ସରକାରଙ୍କୁ ଅଧିକ ପରିମାଣର ରାଜସ୍ୱ ମିଳୁଛି ବୋଲି ସରକାର ଦେଶୀ ମଦଭାଟିଗୁଡ଼ିକ ଖୋଲିବାକୁ ଅନୁମତି ଦେଇଛନ୍ତି । ତେବେ ସରକାର ଡାଳେ ଡାଳେ ଗଲେ ପତ୍ରେ ପତ୍ରେ ଯାଉଛନ୍ତି ଏହି ସ୍ୱିକୃତୀପ୍ରାପ୍ତ ମଦଭାଟିଗୁଡ଼ିକ ଓ ସେମାନଙ୍କ ମାଲିକ । ଏପରି ଭାବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ସିକେରକୁପାଠାରୁ କଦମ୍ବଗୁଡ଼ା ଭାୟା ନର୍ଲା ମୁଖ୍ୟରାସ୍ତାର ଲାଞ୍ଜିଗଡ଼ ରୋଡ଼ଠାରେ ଦୀର୍ଘ ଦିନରୁ ଆସ୍ଥାନ ଜମାଇଥିବା ଦେଶୀ ମଦଭାଟିକୁ ନେଇ ଅନେକ ଅଭିଯୋଗ ସାମ୍ନାକୁ ଆସିଛି । ମୁଖ୍ୟ ରାସ୍ତାକୁ ଲାଗିଥିବା ଏହି ଦେଶୀ ମଦଭାଟିରେ ସକାଳୁ ବିଳମ୍ବିତ ରାତିଯାଏଁ ମଦୁଆଙ୍କ ଭିଡ଼ ଲାଗି ରହିଥାଏ । ସେହିପରି ମୁଖ୍ୟ ରାସ୍ତାକୁ ଲାଗି ରହିଥିବା ଏହି ଭାଟିର ଚାରିଶହ ମିଟର ଦୂରରେ ଲାଞ୍ଜିଗଡ଼ରୋଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଥିବାବେଳେ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ବିଶେଷ କରି ଛାତ୍ରୀମାନେ ମଦୁଆମାନଙ୍କ ଦୌରାତ୍ମ୍ୟର ଶିକାର ହୋଇଥାନ୍ତି । ସେହିପରି ଲାଞ୍ଜିଗଡ଼ରୋଡ଼ ଅଞ୍ଚଳର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଏହି ରାସ୍ତା ଦେଇ ଶହଶହ ଯାନବାହନ ଓ ଲୋକେ ଯାତାୟାତ କରିଥାନ୍ତି । ତେବେ କାକଭଟା ଗାଁ ନାମରେ ତଥା ହରପ୍ରସାଦ ସାହୁ ନାମକ ବ୍ୟକ୍ତିଙ୍କ ନାମରେ ଲାଇସେନ୍ସ ହାତେଇଥିବା ଏହି ମଦଭାଟି ଲାଇସେନ୍ସ ପରିମାଣରୁ ଅଧିକ ମଦ ତିଆରି କରି ଗାଁ ଗାଁରେ କୁଚିଆ ନିଯୁକ୍ତି କରିଛି । ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ସମେତ ଆଖପାଖ କଦମ୍ବଗୁଡ଼ା, ଭୁର୍ଟିଗଡ଼, କମର୍ଦ୍ଧା, ଗୋବର୍ଦ୍ଧନପୁର ପଞ୍ଚାୟତର ଗାଁ ଗାଁରେ କୁଚିଆ ରଖି ଦେଶୀମଦର ପ୍ରସାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ଏହି ମଦଭାଟି । ନିୟମାନୁସାରେ, ନିଜ ଭାଟିରେ ମଦ ପ୍ରସ୍ତୁତି ସହିତ ସେଠାରେ ବିକ୍ରି କରିବା ବଦଳରେ ଗାଁ ଗାଁକୁ ମଦକୋଠୀ ଖୋଲାଯାଇଛି । ସେହିପରି ମଦ ତିଆରିରେ ଠିକ୍ ଭାଗମାପ ରଖୁନଥିବାରୁ ଏଠାରେ ମଦ ପିଉଥିବା ଲୋକେ ଅଭିଯୋଗ କରୁଥିବାବେଳେ ଏଠାରେ ପ୍ରସ୍ତୁତ ମଦ ପାଉଚଗୁଡିକରେ ନା ପ୍ରସ୍ତୁତି ତାରିଖ, ନା ରହିଛି ଏକ୍ସପାଏରୀ ତାରିଖ । ଯାହା ନିମ୍ନମାନର ଓ ନକଲି ମଦର ପ୍ରସାର ସନ୍ଦେହ ସୃଷ୍ଟି କରୁଥିବାବେଳେ ଗ୍ରାହକମାନେ ବିଭିନ୍ନ ରୋଗରେ ପଡ଼ି ହଇରାଣ ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ମୁଖ୍ୟ ରାସ୍ତାକୁ ଲାଗିଥିବା ଏହି ମଦଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବାରମ୍ବାର ଦାବି ହେଉଥିଲେ ହେଁ ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଆଖିବୁଜି ଦେଇଛନ୍ତି । ଏହି ଭାଟି ଅଧୀନରେ ମଧୁପୁର ଓ କମର୍ଦ୍ଧାଠାରେ ଦୁଇଗୋଟି ବ୍ରାଞ୍ଚ ରହିଥିବାବେଳେ କମର୍ଦ୍ଧା ବ୍ରାଞ୍ଚ ଜନବସତି ମଧ୍ୟରେ ଥିବାରୁ ସବୁବେଳେ ଜନ ଅଶାନ୍ତି ଲାଗି ରହିଥାଏ। ସେହିପରି ଚମ୍ପାଦେଇପୁର, ମୁଷାନାଳ ଓ ଲାଞ୍ଜିଗଡ଼ଠାରେ ଥିବା ଦେଶୀମଦ ଭାଟିଗୁଡ଼ିକୁ ନେଇ ମଧ୍ୟ ସମାନ ଧରଣର ଅଭିଯୋଗ ରହିଛି । ତେବେ ଅବକାରୀ ବିଭାଗର ଅବହେଳା ଓ ନିରବତା ଯୋଗୁଁ ଲାଇସେନ୍ସ ଆଳରେ ଏଇ ମଦଭାଟିଗୁଡ଼ିକ ଗାଁ ଗାଁରେ ଦେଶୀମଦର ପ୍ରସାର କରୁଛନ୍ତି । ଏଣୁ ଅବକାରୀ ବିଭାଗ ଯଦି ଏହି ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ଓ ବ୍ରାଞ୍ଚଗୁଡ଼ିକରେ ଚାଲିଥିବା ବେଆଇନ କାରବାର ଉପରେ ଅଙ୍କୁଶ ନଲଗାଇଲେ ଆଗାମୀ ଦିନରେ ମୁଖ୍ୟ ରାସ୍ତା ଉପରେ ଥିବା ଲାଞ୍ଜିଗଡ଼ରୋଡ଼ ମଦଭାଟି ସମେତ ଅନ୍ୟ ଭାଟିଗୁଡ଼ିକ ଘେରାଉ କରିବାକୁ ବିଭିନ୍ନ ମହିଳା ସଂଗଠନ ଓ ସାମାଜିକ ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି।

## ରାଶିଫଳ

ମଙ୍ଗଳବାର, ୨୬ ନଭେମ୍ବର ୨୦୨୪



**ମେଷ:** ଗଣେଶଙ୍କ ଆଶୀର୍ବାଦ ସହିତ ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ଉତ୍ସାହ ଦେଖାଯିବ । ଆପଣ ଶରୀର ଏବଂ ମନରେ ସତେଜତା ଅନୁଭବ କରିବେ । ପାରିବାରିକ ପରିବେଶ ଖୁସି ହେବ । ମା'ଙ୍କ ପକ୍ଷରୁ ଲାଭ ମିଳିବ।



**ବୃଷ:** କ୍ରୋଧ ଏବଂ ନିରାଶାର ଭାବନା ଆପଣଙ୍କ ମନରେ ପ୍ରାଧାନ୍ୟ ଦେବ । ଘର– ପରିବାରର ଚିନ୍ତା ସହିତ, ଖର୍ଚ୍ଚ କ୍ଷେତ୍ରରେ ମଧ୍ୟ ଆଜି ଚିନ୍ତିତ ହେବେ । ଆପଣ କାହା ସହିତ ମତଭେଦ ଏବଂ ଝଗଡା ସୃଷ୍ଟି ହେବ।



**ମିଥୁନ:** ପରିବାରରେ ସୁଖ ଏବଂ ଆନନ୍ଦର ପରିବେଶ ରହିବ । ଚାକିରିରେ ଆପଣ ଲାଭର ଖବର ପାଇବେ । ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ । ଆୟ ବୃଦ୍ଧି ହେବାର ସମ୍ଭାବନା ଦେଖାଦେଇଛି ।



**କର୍କଟ:** ଘରର ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦେବେ। ନୂତନ ଘରୋଇ ଜିନିଷ କିଣିବାର ସମ୍ଭାବନା ଅଛି। ବ୍ୟବସାୟୀ ଏବଂ ଚାକିରିଆମାନେ ଲାଭ ଏବଂ ପଦୋନ୍ନତି ଆଶା କରିପାରନ୍ତି। ପାରିବାରିକ ସୁଖ ଏବଂ ଶାନ୍ତି ରହିବ। ସରକାରୀ ସୁବିଧା ଉପଲବ୍ଧ ହେବ।



**ସିଂହ:** ଆଜି ପ୍ରକୃତିର କ୍ରୋଧ ହେତୁ ଆପଣ କାମ କରିବାକୁ ମନ ଦେବ ନାହିଁ । ବିତର୍କରେ ଏହାର ଗୁରୁତ୍ୱ ହେତୁ ଅନ୍ୟମାନଙ୍କର ଅସନ୍ତୋଷର ସମ୍ମୁଖୀନ ହେବାକୁ ପଡିବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ । ଧାର୍ମିକ ଯାତ୍ରା ହେବାର ସମ୍ଭାବନା ରହିଛି।



**କନ୍ୟା:** ଆଜି ନୂତନ କାର୍ଯ୍ୟ ଗ୍ରହଣ କରିବା ଲାଭଦାୟକ ନୁହେଁ। ବିଦେଶୀ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟକୁ ଖରାପ କରିବାର ସମ୍ଭାବନା ରହିଛି । କ୍ରୋଧକୁ ନିୟନ୍ତ୍ରଣରେ ରଖିବା ପାଇଁ ନୀରବତାର ଅସ୍ତ୍ର ଅଧିକ ପ୍ରଭାବଶାଳୀ ପ୍ରମାଣିତ ହେବ । ଟଙ୍କା ଖର୍ଚ୍ଚ ଅଧିକ ହେବ।



**ତୁଳା:** ଆପଣ ସାଧାରଣ ଜୀବନରେ ଗୁରୁତ୍ୱ ହାସଲ କରିବେ। ଯଶ ଏବଂ ଖ୍ୟାତି ବୃଦ୍ଧି ପାଇବ । ଅଂଶୀଦାରଙ୍କ ସହିତ ଲାଭ ବିଷୟରେ ଆଲୋଚନା ହେବ । ସୁନ୍ଦର ପୋଷାକ କିମ୍ବା ପୋଷାକ ପାଇଁ ସପିଂ କରିବେ । ଗଣେଶଙ୍କ ଆଶୀର୍ବାଦ ଆପଣଙ୍କ ସହିତ ଅଛି।



**ବିଛା:** ଆଜି ଆପଣ ଅନିଶ୍ଚିତତା ଏବଂ ସୁଖ ସହିତ ଘରେ ସମୟ ବିତାଇବେ । ଶାରୀରିକ ଏବଂ ମାନସିକ ସୁଖ କାମ କରିବାରେ ଉତ୍ସାହ ଯୋଗାଇବ । ଅଫିସରେ କର୍ମଚାରୀଙ୍କ ସାହାଯ୍ୟରେ, ଆପଣ ଅନେକ କାର୍ଯ୍ୟ ସମାପ୍ତ କରିପାରିବେ। ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସମାପ୍ତ ହେବ। ଲକ୍ଷ୍ମୀ ଦେବୀଙ୍କ କୃପାରୁ ଆପଣଙ୍କର ଉପଯୁକ୍ତ ଖର୍ଚ୍ଚ ହେବ। ଚିନ୍ତାରୁ ମୁକ୍ତି ପାଇବେ।



**ଧନୁ :** ଆଜି ଯାତ୍ରା ସ୍ଥଗିତ ରଖିବାକୁ ପରାମର୍ଶ । କାର୍ଯ୍ୟ ବିଫଳତା ହତାଶା ସୃଷ୍ଟି କରିବ ଏବଂ ଆପଣଙ୍କୁ କ୍ରୋଧିତ କରିବ । କିନ୍ତୁ କ୍ରୋଧକୁ ନିୟନ୍ତ୍ରଣରେ ରଖିପାରିଲେ କୌଣସି ଖରାପ କରିବ ନାହିଁ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେବ। ବିତର୍କ କିମ୍ବା ଆଲୋଚନା ହେତୁ ସମସ୍ୟା ଉପୁଜିବ।



**ମକର:** ଆଜି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ଚେତାବନୀ ଦିଆଯାଇଛି । ପାରିବାରିକ ସମସ୍ୟା ଆପଣଙ୍କ ମନକୁ ବିଚଳିତ କରିବ । ମାତାର ସ୍ୱାସ୍ଥ୍ୟ ଚିନ୍ତାର କାରଣ ହୋଇପାରେ । ସାଧାରଣ ଜୀବନରେ ଅଜ୍ଞତା କିମ୍ବା ଅସାଧୁତା ଆପଣଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବ ।



**କୁମ୍ଭ:** ଆଜି ଆପଣଙ୍କର ମନ ଅତ୍ୟନ୍ତ ଆରାମ ପାଇବ । ଶାରୀରିକ ସୁସ୍ଥତା ଆପଣଙ୍କ ଉତ୍ସାହକୁ ବଢାଇବ । ପଡ଼ୋଶୀ ଏବଂ ଭାଇଭଉଣୀଙ୍କ ସହ ଅଧିକ ସମନ୍ୱୟ ରହିବ। ଘରେ ବନ୍ଧୁ ଏବଂ ପ୍ରିୟଜନଙ୍କ ଆଗମନ ଆନନ୍ଦଦାୟକ ହେବ। ସ୍ଥାନାନ୍ତରଣର ଏକ ସମ୍ଭାବନା ଅଛି।



**ମୀନ:** ଆପଣଙ୍କ ଖର୍ଚ୍ଚ ବ୍ୟତୀତ କ୍ରୋଧ ଏବଂ ଜିଭକୁ ସଂଯମ କରନ୍ତୁ । କାହା ସହିତ ଝଗଡ଼ା ହେବାର ସମ୍ଭାବନା ଅଛି । ଆର୍ଥିକ ବିଷୟ କିମ୍ବା କାରବାରରେ ସାବଧାନ ରୁହନ୍ତୁ । ନକାରାତ୍ମକ ଚିନ୍ତାଧାରା ମନରେ ପ୍ରାଧାନ୍ୟ ବିସ୍ତାର କରିବ । ଖାଇବା ପିଇବାରେ ଅସାବଧାନତା ସ୍ୱାସ୍ଥ୍ୟର ଖରାପ ହେବାର ସମ୍ଭାବନା ଅଛି ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯